ଧରିତ୍ରୀ 50 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ (୮+୮=୧୬ ପୃଷ୍ଠା) | Bhubaneswar, Monday, May 13/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 168 | ମୂଲ୍ୟ ₹୭/-




**Format C-1**

**(For Candidate to publish in Newspapers, TV)**

# Declaration about Criminal Cases

**(As per the Judgment dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)**

Name and address of Candidate: **Rabinarayan Naik, At/P.O.: Khandokata, P.S.: Kuchinda, Dist.: Sambalpur**

Name of Political Party: **Bharatiya Janata Party**

(Independent Candidates should write "Independent" here)

Name of Election: General Election 2024

*Name of Constituency: 15 - Kuchinda (ST)

I **Rabinarayan Naik** (Name of Candidate), a candidates for the above mentioned election, declare for public information the following details about my criminal antecedents:

| (A) Pending Criminal Cases | | | | |
|---|---|---|---|---|
| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
| | | | | |

| (B) Details about cases of conviction for criminal offences | | | |
|---|---|---|---|
| Sl. No. | Name of Court & Date(s) of Order(s) | Description of Offence(s) & Punishment Imposed | Maximum Punishment Imposed |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**TABLE - APPENDIX - I**

| | | | | | |
|---|---|---|---|---|---|
| (a) | FIR No. with name and address of Police Station concerned | FIR No. 67 of 2023, Town P.S.: Sambalpur, Dist.: Sambalpur | Rest Cases given in separate Additional Sheets attached herewith and all pages (To be treated as appendix) (I) to (XVII) | Not Applicable | Not Applicable |
| (b) | Case No., with Name of the Court | G.R. Case No. 398 of 2023 in the Court of S.D.J.M., Sambalpur | Not Applicable | Not Applicable | Not Applicable |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 353, 323, 354, 294, 500, 341,506 I.P.C. | Not Applicable | Not Applicable | Not Applicable |
| (d) | Brief Description of Offence | Force to deter section 353 IPC- assaults or criminal public servant from discharge of his duty.<br>Section 294 I.P.C. :- obscene acts and songs.<br>Section 323 IPC: punishment for voluntarily causing hurt.<br>Section 506 IPC: punishment for criminal intimidation.<br>Section-341 IPC: wrongfully restraining any person.<br>Section 354 IPC: assault or criminal force to women with intent to outrage her modesty.<br>Section 500 IPC: punishment for defamation. | Not Applicable | Not Applicable | Not Applicable |
| (e) | Whether charges have been framed (mention Yes or No) | No | NIL | NIL | NIL |
| (f) | If answer against (e) above is Yes, then give the date on which charges were framed | Not Applicable | Not Applicable | Not Applicable | Not Applicable |
| (g) | Whether any Appeal /Application for revision has been filed against the proceedings (Mention Yes or No) | No | No | No | No |

**APPENDIX - II**

| | | |
|---|---|---|
| (a) | FIR No. with name and address of Police Station concered | RPF Post - Jharsuguda Case No. 146/2022 Dt.30.03.2022, At/P.O.: Jharsuguda, Dist.: Jharsuguda |
| (b) | Case No. with Name of the Court | 2(C) C.C. Case No. 5/2022 In the Court of Smt. I.A. Mishra, J.M.F.C., Sambalpur, (M.P./M.L.A.) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 145, 146, 147, 174(a) of Railways Act. |
| (d) | Brief Description of Offence | Section - 145 - Creating Nuisance on Railway Premises due to Drunkeness, use of indecent or abusive language, interference with any amenities provided by the Railways so as to affect the comfortable travel of any passenger.<br>Section - 146 - If any person wilfully obstructs or prevents any Railway servants in the discharge of duties.<br>Section - 147 - If any person enters upon or into any part of a Railway without Lawful authority, or having lawfully entered upon or into such part misues such property or refuses to leave.<br>Section - 174 (a) - Squatting or Picketing or during any Railroko agitation or Bandh. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

**APPENDIX - III**

| | | |
|---|---|---|
| (a) | FIR No. with name and address of Police Station concered | FIR No. 287 of 2021, Town P.S.: Sambalpur, Dist.: Sambalpur |
| (b) | Case No. with Name of the Court | G.R. Case No. 2595 of 2021 In the Court of S.D.J.M., Sambalpur |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 143, 145, 149, 269, 264, 151, 154, I.P.C. and Sec. 51 disaster management act and sec. 03 epidemic Disease Act. |
| (d) | Brief Description of Offence | Section - 143 I.P.C. - Being Member of an Unlawful Assembly<br>Section - 145 I.P.C. - Joining or continuing in Unlawful Assembly, knowing it has been commanded to disperse<br>Section - 269 I.P.C. - Negligent act likely to spread infection of any disease.<br>Section - 149 I.P.C. - If an offence be committed by an Unlawful Assembly every other Member of such Assembly shall be guilty of the offence.<br>Section - 264 I.P.C. - Fraudulent use of false instrument for weighing.<br>Section - 151 I.P.C. - Knowingly joining or continuing in Assembly of five or more person after it has been commanded to disperse.<br>Section - 154 I.P.C. - Owner or ocupier of land on which an Unlawful Assembly is held.<br>Sec. 51 Disaster Management - Punishment for obstruction.<br>Sec. 03 Epidemic Disease Act - Committing an Act of violence against a health care service personnel. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

**APPENDIX - IV**

| | | |
|---|---|---|
| (a) | FIR No. with name and address of Police Station concered | FIR No. 202 of 2021, P.S. Kuchinda, At/P.O.: Kuchinda, Dist.: Sambalpur |
| (b) | Case No. with Name of the Court | G.R. Case No. 616 of 2021 In the Court of S.D.J.M., Kuchinda |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 147, 342, 353, 447, 294, 506, 186, 199 I.P.C. |
| (d) | Brief Description of Offence | Section 186 I.P.C. - Obstructing Public Servant in discharge of Public function.<br>Section 353 IPC - Assaults or Criminal force to deter Public Servant from discharge of his duty.<br>Section 294 IPC - Obscene Songs<br>Section 147 IPC - Punishment for Rioting<br>Section 342 IPC - Punishment for wrongful confinement.<br>Section 447 IPC - Punishment for Criminal trespass<br>Section 506 IPC - Punishment for Criminal Intimidation.<br>Section 199 IPC - False statement made in declaration which is by Law receivable as evidance. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

**APPENDIX - V**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. 29 of 2021, Town PS.: Sambalpur, Dist.: Sambalpur |
| (b) | Case No. with Name of the Court | G.R. Case No. 244 of 2021 In the Court of S.D.J.M., Sambalpur |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 143, 336, 353, 269, 270 I.P.C. and Sec. 56 Disaster Management Act and Sec. 03 Epidemic Disease Act. |
| (d) | Brief Description of Offence | Section 353 IPC - Assaults or Criminal force to deter Public Servant from discharge of his Duty.<br>Section 143 IPC - Being Member of an Unlawful Assembly<br>Section 269 IPC - Negligent Act likely to spread infection of any disease.<br>Section 270 IPC - Negligent Act likely to spread infection of disease dangerous to life.<br>Section 336 IPC - Act endangering life or Personal safety of others.<br>Sec. 56 Disaster Management: Failure of Officer in duty or his connivance at the contravention of the provisions of this Act.<br>Sec. 03 Epidemic disease Act - Committing an Act of Violence Against a Health Care Service personnel. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

**APPENDIX - VI**

| | | |
|---|---|---|
| (a) | FIR No. with name and address of Police Station concered | Jamankira P.S. Case No. 15/2021 Dt.13.02.2021, At/P.O.: Jamankira, Dist.: Sambalpur |
| (b) | Case No. with Name of the Court | G.R. Case No. 75/2021 In the Court of Smt. I.A. Mishra, J.M.F.C. Sambalpur, (M.P./M.L.A.) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 143, 341, 283, 186, 149 IPC |
| (d) | Brief Description of Offence | Section - 143 IPC - being Member of an Unlawful Assembly.<br>Section - 149 IPC - If an offence be committed by an Unlawful Assembly every other Member of such Assembly shall be guilty of the offence.<br>Section - 283 IPC - Causing danger, obstruction or injury in any public way or line of navigations.<br>Section - 341 IPC - Wrongfully restraining any person<br>Section - 186 IPC - Obstructing Public servent incharge of Public Function. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

**APPENDIX - VII**

| | | |
|---|---|---|
| (a) | FIR No. with name and address of Police Station concered | Jamankira P.S. Case No. 03/2021, At/P.o.: Jamankira, Dist.: Sambalpur |
| (b) | Case No. with Name of the Court | G.R. Case No. 16/2021 In the Court of Smt. I.A. Mishra, J.M.F.C., Sambalpur, (M.P./M.L.A.) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 143, 341, 283, 186, 149 I.P.C. |
| (d) | Brief Description of Offence | Section - 143 IPC - Being member of an Unlawful Assembly<br>Section - 149 IPC - If an offence be committed by an Unlawful Assembly every other Member of such Assembly shall be guilty of the offence.<br>Section - 283 IPC - Causing danger, Obstruction or Injury in any public way or line of Navigations.<br>Section - 341 IPC - Wrongfully restraining any person<br>Section - 186 IPC - Obstructing Public Servant incharge of Public Function. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

**APPENDIX - VIII**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. 509 of 2020, Town P.S. - Sambalpur, Dist.: Sambalpur |
| (b) | Case No. with Name of the Court | G.R. Case No. 4698 of 2020 In the Court of S.D.J.M., Sambalpur |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 353, 269, 270, 149 I.P.C. |
| (d) | Brief Description of Offence | Section 353 IPC - Assaults or Criminal force to deter Public Servant from discharge of his Duty.<br>Section 149 IPC - If an offence be committed by an Unlawful Assembly every other Member of such Assembly shall be guilty of the offence.<br>Section 269 IPC - Negligent Act likely to spread infection of any disease.<br>Section 270 IPC - Negligent Act likely to spread infection of disease dangerous to life. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

**APPENDIX - IX**

| | | |
|---|---|---|
| (a) | FIR No. with name and address of Police Station concered | R.P.F. Post - Jharsuguda Case No. 229/2020 Dt.17.12.2020, At/P.O.: Jharsuguda, Dist.: Jharsuguda |
| (b) | Case No. with Name of the Court | 2(C) C.C. Case No. 1/2020 In the Court of Smt. I.A. Mishra, J.M.F.C., Sambalpur, (M.P./M.L.A.) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 146, 147 and 174(a) of Railways Act. |
| (d) | Brief Description of Offence | Section - 146 of Rly. Act. - If any person wilfully obstructs or prevents any Railway servants in the discharge of duties.<br>Section - 147 of Rly. Act. - If any person enters upon or into any part of a Railway without Lawful authority, or having lawfully entered upon or into such part misues such property or refuses to leave.<br>Section - 174 (a) of Rly. Act. - Squatting or Picketing or during any Railroko agitation or Bandh. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/Application for revision has been filed against the proceedings (Mention Yes or No) | No |

**APPENDIX - X**

| | | |
|---|---|---|
| (a) | FIR No. with name and address of Police Station concered | R.P.F. Post - Rourkela Case No. C4/24/18, Dt.07.01.18, P.S. RPF/Post/Rourkela, At/P.O.: Rourkela, Dist.: Sundargarh |
| (b) | Case No. with Name of the Court | 2(C) C.C. Case No. 1 of 2018 In the Court of Mrs. I.A. Mishra, J.M.F.C. Sambalpur (MP/MLA) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 174(a) Railways Act. |
| (d) | Brief Description of Offence | U/s - 174 (a) Railways Act. - Squatting or Picketing or during any Railroko agitation or Bandh. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

**APPENDIX - XI**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. 121 of 2015, P.S.- Kuchinda, At/P.O.: Kuchinda, Dist.: Sambalpur |
| (b) | Case No. with Name of the Court | G.R. Case No. 353 of 2015 In the Court of S.D.J.M., Kuchinda |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 353, 294, 506 I.P.C. |
| (d) | Brief Description of Offence | Section 353 IPC - Assaults or Criminal force to deter Public Servant from discharge of his Duty.<br>Section 294 IPC - Obscene Songs<br>Section 506 IPC - Criminal Intimidation |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/Application for revision has been filed against the proceedings (Mention Yes or No) | No |

**APPENDIX - XII**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. 6, Dt.09.01.14, P.S. Govindpur, At/P.O. Govindpur, Dist.: Sambalpur |
| (b) | Case No. with Name of the Court | G.R. Case No. 22 of 2014 In the Court of Smt. I.A. Mishra, J.M.F.C., Sambalpur (MP/MLA) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 143, 341, 283, 186, 506 & 149 I.P.C. |
| (d) | Brief Description of Offence | Section - 143 IPC - Being member of an Unlawful Assembly<br>Section - 149 IPC - If an offence be committed by an Unlawful Assembly every other Member of such Assembly shall be guilty of the offence.<br>Section - 186 IPC - Obstructing Public Servant incharge of Public Function.<br>Section 506 IPC - Criminal Intimidation<br>Section - 283 IPC - Causing Danger, Obstruction or Injury in any Public way or Line of Navigations.<br>Section - 341 IPC - Wrongfully Restraining any person |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/Application for revision has been filed against the proceedings (Mention Yes or No) | No |

**APPENDIX - XIII**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. 144, Dt.13.08.13 of P.S.- Kuchinda, At/P.O.: Kuchinda, Dist.: Sambalpur |
| (b) | Case No. with Name of the Court | G.R. Case No. 364 of 2013 In the Court of Smt. I.A. Mishra, J.M.F.C., Sambalpur (MP/MLA) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 143, 341, 283 & 149 I.P.C. |
| (d) | Brief Description of Offence | Section - 143 IPC - Being member of an Unlawful Assembly<br>Section - 149 IPC - If an offence be committed by an Unlawful Assembly every other Member of such Assembly shall be guilty of the offence.<br>Section - 283 IPC - Causing Danger, Obstruction or Injury in any Public way or Line of Navigations.<br>Section - 341 IPC - Wrongfully Restraining any person |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/Application for revision has been filed against the proceedings (Mention Yes or No) | No |

**APPENDIX - XIV**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. 40, Dt.22.04.2013 of P.S.: Mahulpali, At/P.O.: Mahulpali, Dist.: Sambalpur |
| (b) | Case No. with Name of the Court | G.R. Case No. 170 of 2013 In the Court of Smt. I.A. Mishra, J.M.F.C., Sambalpur (MP/MLA) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 143, 283 and 149 I.P.C. |
| (d) | Brief Description of Offence | Section - 143 IPC - Being member of an Unlawful Assembly<br>Section - 149 IPC - If an offence be committed by an Unlawful Assembly every other Member of such Assembly shall be guilty of the offence.<br>Section - 283 IPC - Causing Danger, Obstruction or Injury in any Public way or Line of Navigations. |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/Application for revision has been filed against the proceedings (Mention Yes or No) | No |

**APPENDIX - XV**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. 45 Dt.18.03.2011 of P.S.: Kuchinda, At/P.O.: Kuchinda, Dist.: Sambalpur |
| (b) | Case No. with Name of the Court | G.R. Case No. 110 of 2011 In the Court of Smt. I.A. Mishra, J.M.F.C., Sambalpur (MP/MLA) |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 143, 448, 427, 149 I.P.C. r/w Section 3 of P.D.P.P. Act. |
| (d) | Brief Description of Offence | Section - 143 IPC - Being member of an Unlawful Assembly<br>Section - 448 IPC - House Trespass<br>Section - 427 IPC - Mischief and Thereby causing damage to the amount of 50 (Fifty) Rupees or upwards.<br>Section - 149 IPC - If an offence be committed by an Unlawful Assembly every other Member of such Assembly shall be guilty of the offence.<br>Section 3 of P.D.P.P. Act - Mischief causing damage to Public Property |
| (e) | Whether charges have been framed (mention Yes or No) | Yes |
| (f) | If answer against(e) above is Yes then give the date on which charges were framed | Charge has been framed On Dt.15.09.2012 |
| (g) | Whether any Appeal/Application for revision has been filed against the proceedings (Mention Yes or No) | No |

**APPENDIX - XVI**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. RPF Post/Jharsuguda Case No. C4/PT/-1/37 of 2011 Dt.23.01.2011 PS-RPF/Post, Jharsuguda, At/P.O.: Jharsuguda, Dist.: Jharsuguda |
| (b) | Case No. with Name of the Court | 2(C) CC Case No. 1 of 2011 In the Court of Smt. I.A. Mishra, J.M.F.C. Sambalpur (M.P./M.L.A.) |
| (c) | Section(s) of concerned Acts/Codes involved (give No. of the Section, e.g. Section... of IPC, etc.) | U/s. 174(a) Railways Act. |
| (d) | Brief Description of Offence | Section - 174 (a) of Railways Act. - Squatting or Picketing or during any Railroko agitation or Bandh. |
| (e) | Whether charges have been framed (mention Yes or No) | Yes |
| (f) | If answer against(e) above is Yes then give the date on which charges were framed | Charge framed on Dt.10.04.2014 |
| (g) | Whether any Appeal/Application for revision has been filed against the proceedings (Mention Yes or No) | No |

**APPENDIX - XVII**

| | | |
|---|---|---|
| (a) | FIR No. with name and address of Police Station concered | F.I.R. No. 25 Dt. 16.2.2007 of P.S.: Kuchinda, At/P.O.: Kuchinda, Dist.: Sambalpur |
| (b) | Case No. with Name of the Court | G.R. Case No. 57 of 2007 In the Court of S.D.J.M., Kuchinda |
| (c) | Section(s) of concerned Acts/ Codes involved (give No. of the Section, e.g. Section... of IPC, etc.) | U/s. 341, 294, 323, 506, 34 I.P.C. |
| (d) | Brief Description of Offence | Section - 341 IPC - Wrongfully Restraining any person<br>Section - 294 IPC - Obscene Acts and Songs<br>Section - 323 IPC - Punishment for Voluntarily causing hurt.<br>Section - 506 IPC - Punishment for Criminal intimidation<br>Section - 34 IPC - Acts done by several persons in furtherance of common intention |
| (e) | Whether charges have been framed (mention Yes or No) | No |
| (f) | If answer against(e) above is Yes then give the date on which charges were framed | Not Applicable |
| (g) | Whether any Appeal/ Application for revision has been filed against the proceedings (Mention Yes or No) | No |

# ସୁବର୍ଣ୍ଣପୁର ବସ୍‌ଷ୍ଟାଣ୍ଡ ନିର୍ମାଣ ବିଳମ୍ବିତ

ସୋନପୁର,୧୨।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ପୁରୁଣା ବସଷ୍ଟାଣ୍ଡଠାରେ ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ପକ୍ଷରୁ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅଗଷ୍ଟ ୨୩ରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲାବାସୀଙ୍କ ଏହା ଦୀର୍ଘ ବର୍ଷର ସ୍ୱପ୍ନ। ତେବେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଛି। ଭିତ୍ତିପ୍ରସ୍ତର ସ୍ଥାପନର ୮ ମାସ ବିତି ଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନି। ନୂଆ ବସ୍‌ଷ୍ଟାଣ୍ଡଟି ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ ଓ ପୁରୁଣା ଟାଉନ ହଲ ପରିସରରେ ନିର୍ମାଣ ହେବ। ଏଥିପାଇଁ ଜିଲା ପ୍ରଶାସନ ଉକ୍ତ ଜମିକୁ ଓଏସ୍‌ଆର୍‌ଟିସି ନାମରେ ଆବଣ୍ଟିତ କରିଛି। ଜମିରୁ ଷ୍ଟଲ, ପୁରୁଣା ଟାଉନ ହଲ, ଭୀମଭୋଇ କଳାମଣ୍ଡପ ଓ ପୁରୁଣା ଯାତ୍ରୀ ବିଶ୍ରାମଗାରଙ୍କୁ ଭଙ୍ଗାଯାଇଛି। ସର୍ବନିମ୍ନ ମୌଳିକ ସୁବିଧା ନଥିବା ଏହି ବସ୍‌ଷ୍ଟାଣ୍ଡରେ ଏବେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିବା ସମୟରେ ଖରା ବର୍ଷାରେ ଅସୁବିଧା ଭୋଗୁଛନ୍ତି। ୪୨ ଡିଗ୍ରୀ ତାପମାତ୍ରାରେ ଛାଇ ପାଇବା ପାଇଁ ଯାତ୍ରୀମାନେ ପିଲାଛୁଆଙ୍କୁ ଧରି ଦୋକାନରେ ଆଶ୍ରୟ ନେଉଛନ୍ତି। ଏହି ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବରୁ ୨ଥର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପରବର୍ତ୍ତୀ ସମୟରେ ଇଟା ଖଣ୍ଡେ ବି ଯୋଡା ଗଲାନି। ତେଣୁ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବା ପର୍ଯ୍ୟନ୍ତ ଜିଲାର ସଚେତନ ନାଗରିକ ଆଶା ଆଶଙ୍କାରେ ରହିଛନ୍ତି। କାମ ଶିଘ୍ର ଆରମ୍ଭ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ନୂତନ ବସ୍‌ଷ୍ଟାଣ୍ଡ ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀ ଷ୍ଟାଡିୟମ ପ୍ରାଚୀର ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ୧୩୧ଟି ଦୋକାନ ଘର(ଷ୍ଟଲ), ଯାତ୍ରୀ ବିଶ୍ରାମଗାର, ପୁରୁଣା ଟାଉନ ହଲ, ଭୀମଭୋଇ କଳାମଣ୍ଡପ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବାର ଯୋଜନା ରହିଛି। ଜମିରୁ ଉଚ୍ଛେଦ ବିଳମ୍ବ ହେବାରୁ ଟେଣ୍ଡର ଆହ୍ୱାନ ବିଳମ୍ବିତ ହୋଇଥିଲା। ପରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ(ଓବିସିସି) ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନର ବହୁ ବିଳମ୍ବରେ ୨୯ କୋଟି ୨୮ ଲକ୍ଷ ୨ ହଜାର ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି।



ବସଷ୍ଟାଣ୍ଡ ପରିସରରେ ତାତି ଯୋଗୁଁ ଯାତ୍ରୀମାନେ ହଇରାଣ ହେଉଛନ୍ତି।

## ଖରା, ବର୍ଷାରେ ହୀନସ୍ତା ହେଉଛନ୍ତି ଯାତ୍ରୀ

ଭୁବନେଶ୍ୱର ଓବିସିସି ସିଜିଏମ୍‌ଙ୍କ ପକ୍ଷରୁ ଏହି ଟେଣ୍ଡର ଆହ୍ୱାନ କରାଯାଇଛି। ନିର୍ବାଚନ ଆଚରଣ ବିଧି ହଟିଲା ପରେ ଏହି ଟେଣ୍ଡର ଖୋଲାଯିବ ଓ ନିର୍ମାଣ କାମ ଆରମ୍ଭ ହେବ ବୋଲି କୁହାଯାଉଛି। ସେହିପରି ୧୫ ମାସ ମଧ୍ୟରେ ଏହି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରହିଛି। ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ବିଭିନ୍ନ ସୁବିଧା ଉପଲବ୍ଧ ଥିବା ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଏହା ମଧ୍ୟରେ ହୋଟେଲ, ଦୋକାନ ଗୃହ, ସହ ବସ୍ ଓ କାର ପାର୍କିଂ ପାଇଁ ସୁବିଧା ରହିବ। ଯାତ୍ରୀ ଏବଂ ବସ୍ କର୍ମଚାରୀମାନଙ୍କ ଆଶ୍ରୟ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା ହେବ। ଗତ ମାସ ଓବିସିସିର ଏମ୍‌ଡି ଇଂ.ଜୟକୃଷ୍ଣ ଦାସଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ ଟିମ୍ ପ୍ରକଳ୍ପ ନିର୍ମାଣ ହେବାକୁ ଥିବା ସ୍ଥାନ ପରିଦର୍ଶନ କରିଥିଲେ। ଜମିର ମାପଚୁପ କରିଥିଲେ। ଏହା ଜଣାପଡିବା ପରେ ବସଷ୍ଟାଣ୍ଡ ନିର୍ମାଣ ହେବା ନେଇ ସହରବାସୀଙ୍କ ମଧ୍ୟରେ ପୁଣି ଆଶାସଞ୍ଚାର ହୋଇଛି।

# ସ୍ଲୋଗାନରେ ଗରିବଙ୍କ ଦୁଃଖ ଯାଉନାହିଁ: ସମରେନ୍ଦ୍ର


ଦେଓଗାଁ ବ୍ଲକରେ ନିର୍ବାଚନୀ ପ୍ରଚାର ବେଳେ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର,୧୨।୫ (ବୀରେନ୍ଦ୍ର କୁମାର ଝାଙ୍କର)

ଆପଣମାନେ ଖୁସି ତ ସ୍ଲୋଗାନରେ ଗରିବଙ୍କ ଦୁଃଖ ଯାଉନାହିଁ। ଛାତ୍ରଙ୍କୁ ଶିକ୍ଷକ ମିଳୁନାହିଁ। ଯୁବକଙ୍କୁ ରୋଜଗାର ମିଳୁନାହିଁ। ହସପିଟାଲକୁ ଡାକ୍ତର ମିଳୁନାହିଁ ବରଂ ଏଭଳି କହି ଆମ ଅଞ୍ଚଳର ଲୋକଙ୍କୁ ତାଚ୍ଛଲ୍ୟ କରାଯାଉଛି। ଦୀର୍ଘ ୨୪ ବର୍ଷର ଶାସନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅଞ୍ଚଳର ଛାତ୍ର, ଯୁବକ, କୃଷକ, ଶ୍ରମିକ ଏବଂ ମହିଳାଙ୍କ ଆର୍ଥିକ ବିକାଶ କରିବା ପରିବର୍ତ୍ତେ ଲଲିପପ୍ ଭଳି କିଛି ଯୋଜନା ମାଧ୍ୟମରେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଚେଷ୍ଟା କରୁଛନ୍ତି । ଯଦି ଶିକ୍ଷା ଓ ରୋଜଗାର କ୍ଷେତ୍ରରେ କିଛି କାମ କରିଥାନ୍ତେ ତେବେ ଆମ ସହରର ଯୁବକ ଆଜି ଗୁଜୁରାଟ, ତେଲେଙ୍ଗାନା, ତାମିଲନାଡୁ ଭଳି ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରୁ ନ ଥାନ୍ତେ। ଗତ ୨୪ ବର୍ଷ ଶାସନ କାଳରେ ଆମ ପରିଚୟ ହେଉଛି ଦାଦନ। ତେଣୁ ଆଗାମୀ ୨୦ ତାରିଖରେ ବିଜେଡି ନେତାଙ୍କୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ରବିବାର ଦେଓଗାଁ ବ୍ଲକର ହାତୀସରା, ଦେଓଗାଁ ଏବଂ ଜରାସିଂହା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଜନ ଆଶୀର୍ବାଦ ସଭାରେ କହିଥିଲେ। ସେ ତାଙ୍କ ବକ୍ତବ୍ୟରେ ଗତ ୧୦ ବର୍ଷରେ ବିଧାୟକଙ୍କ ଦ୍ୱାରା ଉପରଝର ଓ ରାମଚନ୍ଦ୍ରପୁରରେ ମହିଳା କଲେଜ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଓଗାଁ ଡାକ୍ତରଖାନାର ଉନ୍ନତୀକରଣ, ଗମନାଗମନ ପାଇଁ ଉନ୍ନତମାନର ରାସ୍ତା ଓ ପର୍ଯ୍ୟଟନ କ୍ଷେତ୍ର ଭୀମଡୁଙ୍ଗୁରିରେ ଅନେକ ବିକାଶ କରାଯାଇ ଦେଓଗାଁର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଯାଇପାରିଛି ବୋଲି କହିଥିଲେ। ଏଣୁ ଏହି ପ୍ରକ୍ରିୟାକୁ ଜାରି ରଖିବା ପାଇଁ ଉଭୟ କଂଗ୍ରେସ ଦଳର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ସରକାରକୁ ଆସିଲେ କେଉଁ ସବୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବ ସୂଚନା ଦେଇଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ସୋନପୁର,୧୨।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଉଦୟନଗର ଅଞ୍ଚଳର ତ୍ରିବିକ୍ରମ ମିଶ୍ର(୭୦)ଙ୍କ ପରଲୋକ ହୋଇଯାଇଛି। ଶନିବାର ରାତି ୧ଟା ସମୟରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି। କିଛି ବର୍ଷ ଧରି ସେ କିଡନି ରୋଗରେ ଆକ୍ରାନ୍ତ ଥିଲେ। ସୋନପୁର ତହସିଲରେ ସ୍ୱର୍ଗତ ମିଶ୍ର ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ସେ ଜଣେ ଧର୍ମପରାୟଣ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ରିଜର୍ଭ ପୋଲିସ କଲୋନି ଓ ଉଦୟ ନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରବିବାର ସକାଳେ ରାମେଶ୍ୱର ଶ୍ମଶାନ ଘାଟରେ ମିଶ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଅଧ୍ୟାପକ ରଞ୍ଜିତ ମିଶ୍ର ମୁଖାଗ୍ନି ଦେଇଥିଲେ। ସାନ ପୁଅ ପୋଲିସ ଏଏସଆଇ ସାଜିତ ମିଶ୍ର, ପରିବାରବର୍ଗ ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ପାଣି ପାଇଁ ହନ୍ତସନ୍ତ ବଘାରପାଲି ଗ୍ରାମବାସୀ

ବୌଦ୍ଧ,୧୨।୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦେଇ ମହାନଦୀ , ବାଘ, ତେଲନଦୀ ଓ ସାଲୁଙ୍କି ନଦୀ ପ୍ରବାହିତ ହେଉଛି। ଜିଲାରେ ପର୍ଯ୍ୟାପ୍ତ ପରିମାଣର ଜଳସମ୍ପଦ ରହିଥିବା ବେଳେ ନଦୀକୂଳିଆ ଗାଁଗୁଡିକର ଲୋକେ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଜିଲା ସଦର ମହକମାଠାରୁ ମାତ୍ର ୨ କିମି ଦୂର ଓ ମହାନଦୀ କୂଳରେ ଅବସ୍ଥିତ ବଘାରପାଲି ଗାଁ । ଗ୍ରାମରେ ୩ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ମହାନଦୀ କୂଳରେ ଥାଇ ମଧ୍ୟ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ବଘାରପାଲି ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛା ଯାଇଥିଲେ ମଧ୍ୟ ଏହା କାର୍ଯ୍ୟରେ ଲାଗି ପାରୁନାହିଁ। ଏପଟେ ପ୍ରବଳ ଖରା ଯୋଗୁ ପିଇବା ପାଣି ମୁନ୍ଦେ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଏହି ଗ୍ରାମକୁ ଜଳ ଯୋଗାଣ ପାଇଁ ବଙ୍କାପଡା ଗ୍ରାମ ନିକଟରେ ୪୦ ହଜାର ବିଶିଷ୍ଟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ବଡବଙ୍କାପଡା ଓ ସାନବଙ୍କାପଡା ଗ୍ରାମବାସୀ ପାଣି ପାଉଥିବା ବେଳେ ବଘାରପାଲି ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପଟେ ମହାନଦୀ ଶୁଖିଲା ପଡିଥିବାରୁ ଗ୍ରାମବାସୀଙ୍କୁ ପାଣି ପାଇଁ ପ୍ରାୟ ଏକ କିଲୋମିଟର ଦୂର ମହାନଦୀକୁ ଯିବାକୁ ପଡୁଛି । ଆଉ କିଏ କାହା ବାଡିରେ ଥିବା କୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବାଉଁଶୁଣୀରେ ବିଜେଡି ମହିଳା ସମାବେଶ


ସମାବେଶରେ ମହିଳାଙ୍କ ଗହଣରେ କନ୍ଧମାଳ ବିଧାୟକ ପ୍ରାର୍ଥୀ ମହୀଧର ରଣା।

ବାଉଁଶୁଣୀ,୧୨।୫(ଦେବାଶିଷ ନେପାକ)

ଆଗାମୀ ୨୦ ତାରିଖରେ ବୌଦ୍ଧ ଜିଲାରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ପ୍ରଚାର ସରଗରମ ହେବାରେ ଲାଗିଛି। ରବିବାର ବୌଦ୍ଧ ଜିଲା ବିଜୁ ଜନତା ଦଳ କନ୍ଧମାଳ ନିର୍ବାଚନମଣ୍ଡଳୀ ପକ୍ଷରୁ ସ୍ଥାନୀୟ ବାଉଁଶୁଣୀ ଆମ୍ବତୋଟାଠାରେ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିଲେ। କନ୍ଧମାଳ ବିଧାୟକ ପ୍ରାର୍ଥୀ ମହୀଧର ରଣାଙ୍କ ତତ୍ତ୍ୱାବଧାନରେ ଏହି ସମାବେଶ ହୋଇଥିଲା। ସମାବେଶରେ ଭୁବନେଶ୍ୱରରୁ ଆସିଥିବା ପର୍ଯ୍ୟବେକ୍ଷକ ଅଂଶୁ ତ୍ରିପାଠୀ, ପ୍ରିୟଦର୍ଶିନୀ ମହାପାତ୍ର, ସିନେ ତାରକା ସୋଫିଆ ଆଲାମ, ତାଳେସରଡା ସରପଞ୍ଚ ସସ୍ମିତା ପାଣ୍ଡେ,ଖଲିଆପାଲି ସରପଞ୍ଚ ସଂଯୁକ୍ତା ମେହେର ମଞ୍ଚାସୀନ ରହି କନ୍ଧମାଳ ବିଧାୟକ ପ୍ରାର୍ଥୀ ରଣା ଓ ଲୋକସଭା ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ମହିଳାମାନଙ୍କୁ ଅନୁରୋଧ କରିଥିଲେ। ଅପରାହ୍ନ ୪ଟାରେ ଉକ୍ତ ସଭାମଞ୍ଚରେ ବିଜେଡି ଛାତ୍ର ସମାବେଶ ଅନୁଷ୍ଠିତ ହୋଇଥିଲା।

# ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ହେବ କଡ଼ା ଟକ୍କର

ବୌଦ୍ଧ,୧୨।୫(ଅଜିତ କୁମାର ବାରିକ)

## ବୌଦ୍ଧରେ ରାଜନୀତି ସରଗରମ

ଆସନ୍ତା ୨୦ ତାରିଖରେ ବୌଦ୍ଧରେ ଭୋଟ ଗ୍ରହଣ ହେବାର ଥିବା ବେଳେ ଏବେ ଜିଲାରେ ରାଜନୀତି ପୁରା ସରଗରମ ହୋଇପଡିଛି। ବୌଦ୍ଧ ନିର୍ବାଚନମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଥିବା ବେଳେ ଇଣ୍ଡିଆନ ସିଟିଜେନ ପାର୍ଟି ଓ ଦୁଇ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ସର୍ବମୋଟ ୬ ଜଣ ପ୍ରାର୍ଥୀ ମଇଦାନରେ ଥିବା ବେଳେ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ କଡ ଟକ୍କର ହେବାକୁ ଯାଉଛି। ଭୋଟ ଗ୍ରହଣକୁ ଆଉ ମାତ୍ର ୭ ଦିନ ଥିବା ବେଳେ ପ୍ରଚାର ପାଇଁ ନେତା ଏବେ ଗାଁମୁହାଁ। ବୌଦ୍ଧ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ବରିଷ୍ଠ ନେତା ନବ କୁମାର ମିଶ୍ର ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିର ବରିଷ୍ଠ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଭାଜପାର ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ତଥା ଯୁବ ନେତା ସରୋଜ କୁମାର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ଏଥର ତିନି ପ୍ରମୁଖ ରାଜନୈତିକ ଦଳ ବିଭିନ୍ନ ପ୍ରସଙ୍ଗ ନେଇ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ମିଶ୍ର ଜିଲାରେ ଯେଉଁ ଧରଣର ବିକାଶ ହେବା କଥା ହୋଇ ନ ଥିବା ଅଭିଯୋଗ କରିବା ସହ କଂଗ୍ରେସକୁ ଭୋଟ ଦେବାକୁ ନିବେଦନ କରୁଛନ୍ତି। ଏପଟେ ଦୀର୍ଘ ୨୪ବର୍ଷ ହେଲା ବୌଦ୍ଧ ନିର୍ବାଚନମଣ୍ଡଳୀରୁ ଲଗାତାର ଭାବରେ ବିଜୟୀ ହୋଇ ଆସିଥିବା ମନ୍ତ୍ରୀ ଅମାତ ବୌଦ୍ଧକୁ ପୌର ପରିଷଦର ମାନ୍ୟତା ,ପୁରୁଣାକଟକକୁ ଏନଏସି ମାନ୍ୟତା ଓ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ନେଇ ଗାଁ ଗାଁ ଯାଇ ପ୍ରଚାର କରିବା ସହ ଭୋଟ ଦେବାକୁ ନିବେଦନ କରୁଛନ୍ତି। ଭାଜପା ପ୍ରାର୍ଥୀ ପ୍ରଧାନ ମଧ୍ୟ କେନ୍ଦ୍ର ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ଗାଁ ଗାଁ ବୁଲି ପ୍ରଚାର ଚଳାଇଛନ୍ତି । ନିର୍ବାଚନ ବୈତରଣୀ ପାର ହେବା ପାଇଁ ସେ ପୁରା ଦମ୍‌ରେ ଲାଗି ପଡିଥିବା ବେଳେ ଭୋଟରଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି।

# ଟ୍ରକ ଚାପାରେ ଜଣେ ମୃତ

ଟିଟିଲାଗଡ଼,୧୨।୫(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡର ପୁରୁଣା ବ୍ୟାଙ୍କ ଛକ ନିକଟରେ ରବିବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଟିଟିଡୁଙ୍ଗରିର ସ୍ୱର୍ଗତ ଚମାରୁ ସାହୁଙ୍କ ପୁଅ କୈଳାସ ସାହୁ (୫୫। ସୂଚନା ମୁତାବକ, କୈଳାସ ଟିଟିଲାଗଡ଼ ସହରର ଭାଟିପଡା ପଟରୁ ସାଇକେଲରେ ଆସୁଥିବା ବେଳେ ପୁରୁଣା ବ୍ୟାଙ୍କ ଛକ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଡିଜେଲ ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି ।

# କୃଷକ ଦିବସ ପାଳିତ

ବଘିଆପଡା,୧୨।୫(ଶ୍ରୀକାନ୍ତ ସାହୁ)

ଅକ୍ଷୟ ତୃତୀୟା ଅବସରରେ ବୌଦ୍ଧ ପାଲଝାରଠାରେ ଶୁକ୍ରବାର ଦିନ କୃଷକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ଅଖିମୁଠି ଅନୁକୂଳ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧିକାରୀମାନେ ଯୋଗଦେଇ ଅକ୍ଷୟ ତୃତୀୟା ଦିବସର ପୌରାଣିକ ଓ ସାମାଜିକ ମୂଲ୍ୟବୋଧ ଉପରେ ଆଲୋଚନା କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତପନ କୁମାର ଦାସ, ଆଳୁ ପିଆଜ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ଅରୁଣ କୁମାର ପାଣ୍ଡେ ଓ କୃଷି କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ସପ୍ତଦ୍ୱୀପା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଅମରପାଲି,୧୨।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଜଗନ୍ନାଥପାଲି ରେ ସପ୍ତଦ୍ୱୀପା ସାହିତ୍ୟ ସଂସଦର ୧୧୫ତମ ଭ୍ରାମ୍ୟମାଣ ସରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସଦର ସ୍ଥାୟୀ ସଭାପତି ଦିତୀକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମତ୍‌ରେ ବରିଷ୍ଠ କବି ଯୋଗୀନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କବି ଯୁଗଳ କିଶୋର ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ କବି ଅଙ୍କୁର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କବି ଡ଼କ୍ଟର ଅନିରୁଦ୍ଧ କୁରକୁରିଆ, କବୟିତ୍ରୀ ସନ୍ତୋଷିନୀ ନାୟକ, ତନ୍ମୟବାଳା ମିଶ୍ର, ବଳରାମ ଦାସ, ତ୍ରିପୁରାରି ମହାକୁର, ପ୍ରହଲ୍ଲାଦ ନାଏକ, କିଶୋର ହୋତା, ସତ୍ୟ ଚାନ୍ଦ, ଧର୍ମ କୁମାର ଶତପଥି, ସୁବ୍ରତ କୁମାର ପଣ୍ଡା, ରାଧେଶ୍ୟାମ ମିଶ୍ର, ଶୁଭେନ୍ଦୁ ମେହେର, ଯୁଧିଷ୍ଠିର ଖମାରୀ, ଆନନ୍ଦ ପଧାନ, ପୁରୁଷୋତ୍ତମ ମହାକୁର, ଦିଲ୍ଲୀପ ତ୍ରିପାଠୀ, କାହ୍ନୁ ଚରଣ ନାୟକ, ହୃଷୀକେଶ ଦାସ, ଦ୍ୱିତିକୃଷ୍ଣ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ଲକ୍ଷ୍ମୀ ନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଣ୍ଟାବାଞ୍ଜିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି: ପାଣ୍ଡିଆନ

କଣ୍ଟାବାଞ୍ଜି/ମୁରିବାହାଲ,୧୨।୫
(ଗୁରୁଦୟାଲ ହଂସ/ଶ୍ରୀବସ୍ତ ବେହେରା)

- ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର
- ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ପ୍ରଥମ ନିର୍ବାଚନୀ ସଭା



ଗଁରେଇ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ, ପୂର୍ବତନ ବିଧାୟକ ଆୟୁବ ଖାନ, ବିଜେଡି ନେତା ଗିରିରାଜ ସିଂ ମାଝି, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ଓ ଅନ୍ୟମାନେ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରବିବାର ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ପ୍ରଥମ ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ଅବସରରେ ନବୀନ ବଙ୍ଗୋମୁଣ୍ଡା ବ୍ଲକର ଦୁଆରଶିନୀ ଠାକୁରାଣୀ ପୀଠ ସିନ୍ଧେକେଲା ଏବଂ ମୁରିବାହାଲ ବ୍ଲକର ଗଁରେଇ ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ପ୍ରଥମେ ସିନ୍ଧେକେଲା ଓ ପରେ ନୂଆପଡ଼ାଠାରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାନ୍‌ଙ୍କ ସଭାପତିତ୍ୱରେ ମୁରିବାହାଲ ବ୍ଲକର ନୂଆପଡାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ନବୀନ ଯୋଗଦେଇ ପ୍ରଥମେ ଜୟ ଜଗନ୍ନାଥ କହି ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଏସ୍‌କେୱାଇ କାର୍ଡ ଭଲ, କି କାଳିଆ ଯୋଜନା ଭଲ, କି ମମତା ଯୋଜନା ଭଲ, କି ଲକ୍ଷ୍ମୀ ବସ୍ ଯୋଜନା ଭଲ, ଏପରି ସମସ୍ତ ଯୋଜନାରେ ଆପଣମାନେ ଖୁସି ତ ବୋଲି କହିଥିଲେ। ଏହି ଅବସରରେ ଶଙ୍ଖ ଚିହ୍ନ ଭଲ କି ବୋଲି କହିବା ବେଳେ ଉପସ୍ଥିତ ଜନସାଧାରଣ କରତାଳି ଦେଇଥିଲେ। ମୁଖ୍ୟମନ୍ତ୍ରୀ ବିଜେଡି ସରକାର ଗଠନ ହେଲେ ରାଜ୍ୟର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୧୦୦ ୟୁନିଟଯାଏ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଉଭୟ ଲୋକ ସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ସେ କହିଥିଲେ। ସଭାରେ ଯୋଗ ଦେଇଥିବା ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ନିଜ ବକ୍ତବ୍ୟରେ କଣ୍ଟାବାଞ୍ଜିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି ବୋଲି କହିଥିଲେ। ସଭା ପ୍ରାରମ୍ଭରୁ ଉପସ୍ଥିତ ଜନସାଧାରଣଙ୍କୁ ଆପଣମାନେ କେନ୍ତା ଅଛନ୍, କଣ୍ଟାବାଞ୍ଜିକୁ ରୂପାନ୍ତରିତ କରିବା, ବିକାଶ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରିଥିଲେ। ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ତାଙ୍କ ଅଭିଭାଷଣରେ ଜଣେ ଆଦିବାସୀ ନେତାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଆଦିବାସୀମାନଙ୍କ ଗର୍ବ ଓ ଗୌରବ ବୋଲି କହିଥିଲେ। ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ସଭାରେ ଅନ୍ୟତମ ମଞ୍ଚାସୀନ ଅତିଥି ତୁରେକେଲା ବ୍ଲକର ବରିଷ୍ଠ ବିଜେଡି ନେତା ତଥା ଅବସରପ୍ରାପ୍ତ ବ୍ଲକ କମାଣ୍ଡୋ ଗିରିରାଜ ସିଂ ମାଝି କହିଲେ ୨୫ ବର୍ଷର ଶାସନରେ ସାଢ଼େ ଚାରି କୋଟି ଜନତା ବିଭିନ୍ନ ଯୋଜନାରେ ଉପକୃତ ହୋଇଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ନିଜେ ଚେଷ୍ଟିତ ବୋଲି କହି ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ମଞ୍ଚାସୀନ ମୁରିବାହାଲ ବ୍ଲକର ବିଜେଡି ସଭାପତି ଧନଞ୍ଜୟ ମହାନନ୍ଦ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଥିବାରୁ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଏକ ନୂତନ ବିକାଶ ଧାରାରେ ସାମିଲ ହେବ ବୋଲି କହିଥିଲେ। ପୂର୍ବତନ ବିଧାୟକ ଆୟୁବ ଖାନ ମୁଖ୍ୟମନ୍ତ୍ରୀ ବିଧାୟକ ପ୍ରାର୍ଥୀ ହୋଇଥିବାରୁ ଅଞ୍ଚଳର ବିକାଶ ହେବ ବୋଲି କହିଥିଲେ। ସଭାରେ ଜିଲା ସଂପାଦକ ଫିରୋଜ ଖାନ ମଞ୍ଚାସୀନ ଥିବା ବେଳେ ମୁରିବାହାଲ ବ୍ଲକ ଚେୟାରମ୍ୟାନ ହରିବନ୍ଧୁ ମେହେର ଧନ୍ୟବାଦ ଦେଇଥିଲେ।

ପ୍ରାରମ୍ଭରେ ବିଶ୍ୱମୋହନ, ସାଗରିକା ମିଶ୍ର, ଅମ୍ବିକା ମିଶ୍ର, ଦୀପକ, ସୂର୍ଯ୍ୟମୟୀଙ୍କ ଭକ୍ତି ସଙ୍ଗୀତ ଜନସାଧାରଣଙ୍କୁ ବହୁ ସମୟ ଧରି ବାନ୍ଧି ରଖିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ବାଦ୍ୟ ବଜାଯାଇ ସ୍ୱାଗତ କରାଯାଇଥିଲା। ଏହି ସଭାରେ ନିର୍ବାଚନମଣ୍ଡଳୀର ସହ ସଂଯୋଜକ ଦୁର୍ଗାପ୍ରସାଦ ସାମନ୍ତରାୟ, ବଲାଙ୍ଗୀର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝି ସହଯୋଗ କରିଥିଲେ। ସେହିପରି ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି, କାର୍ତ୍ତିକ ପାଣ୍ଡିଆନ୍, ପୂର୍ବତନ ବିଧାୟକ ପ୍ରାର୍ଥୀ ଅଜୟ ଦାଶ, ବିଜେଡି ଆଇନ ସେଲ ସଭାପତି ପ୍ରଫୁଲ୍ଲ ନାୟକ, ରାଜ୍ୟ ସଂପାଦକ ଉଦ୍ଧବ ବେହେରା ମଞ୍ଚାସୀନ ଥିଲେ। ଉଭୟ ମୁରିବାହାଲ ଏବଂ ବଙ୍ଗୋମୁଣ୍ଡା ନିର୍ବାଚନୀ ସଭାରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ୫୫ ବୁଥରେ ମତଦାନ ସାବ୍ୟସ୍ତ କରିବେ ୪୫୦୨୬ ଭୋଟର

**କର୍ଲାମୁଣ୍ଡା, ୧୨।୫(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ସୋମବାର ମତଦାନ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି। ତେବେ ଏହି ବ୍ଲକର ୧୨ଟି ପଞ୍ଚାୟତରେ ମୋଟ ୪୫୦୨୪ ଭୋଟରଙ୍କ ମଧ୍ୟରେ ପୁରୁଷ ୨୨୮୬୩, ମହିଳା ୨୨୧୬୧ ତଥା ଟ୍ରାନ୍ସଜେଣ୍ଡର ୦୨ ଭୋଟରଙ୍କ ପାଇଁ ୫୫ଟି ମତଦାନ କେନ୍ଦ୍ର ରହିଛି। ସେହିପରି ବ୍ଲକ ସଦର ଡୁକେରମାଲ, କର୍ଲାମୁଣ୍ଡା (ବସ୍ତି) ଓ ବ୍ରାହ୍ମନୀମୁଣ୍ଡା ଠାରେ ସଖୀ ମତଦାନ କେନ୍ଦ୍ର ରହିଥିବାବେଳେ ଝାରମୁଣ୍ଡା, ସାନ ରେଙ୍ଗାଲି, ସିଆଳପଲା,କେନ୍ଦୁମୁଣ୍ଡି, ଖଲିଆପାଲି ୧ ନମ୍ବର ଓ ୨ ନମ୍ବର, ରେଗଡା ୧ ନମ୍ବର ଓ ୨ ନମ୍ବର ମୋଟ ୮ଟି ମୋଡେଲ ବୁଥ ରହିଥିବା ସୂଚନା ମିଳିଛି।



କର୍ଲାମୁଣ୍ଡା ବ୍ଲକରେ ସଖୀ ମତଦାନ କେନ୍ଦ୍ର।

# କଳାହାଣ୍ଡି ଜିଲାରେ ଭୋଟ ଆଜି


କଳାହାଣ୍ଡି ଜିଲାରେ ପୋଲିଂ କର୍ମଚାରୀମାନେ ଭୋଟ ଗ୍ରହଣର ସାମଗ୍ରୀ ନେଇ ବୁଥ୍ ଅଭିମୁଖେ ଯାଉଛନ୍ତି।

- ୫ ବିଧାନସଭା, ୧ ଲୋକ ସଭା ଆସନ ପାଇଁ ଭୋଟଗ୍ରହଣ
- ୧୧ ଲକ୍ଷ ୯୯ ହଜାର ୩୦୮ ଭୋଟର ମତଦାନ କରିବେ

**ଭବାନୀପାଟଣା, ୧୨।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ଭବାନୀପାଟଣା, ଜୁନାଗଡ, ଧର୍ମଗଡ, ନର୍ଲା, ଲାଞ୍ଜିଗଡ ୫ଟି ବିଧାନସଭା ଆସନ, ନୂଆପଡ଼ା ଜିଲାର ନୂଆପଡ଼ା, ଅଡ଼ିଆଳ ବିଧାନସଭା ଆସନ ଓ କଳାହାଣ୍ଡି ଲୋକସଭା ଆସନ ପାଇଁ ସୋମବାର ଭୋଟଗ୍ରହଣ ହେବ। ସକାଳ ୭ଟାରୁ ଅପରାହ୍ଣ ୫ଟା ଯାଏଁ ଏହି ଭୋଟ ଗ୍ରହଣ ହେବ। ଏହାକୁ ନେଇ ନେତା ଓ ଜନତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଭୋଟଗ୍ରହଣକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କଳାହାଣ୍ଡି ଜିଲାର ୧୪୧୨ଟି ବୁଥ୍‌କୁ ଭୋଟ ଗ୍ରହଣର ସମସ୍ତ ଉପକରଣ ନେଇ ପୋଲିଂ ପାର୍ଟି ପହଞ୍ଚିଛନ୍ତି। ସେହିପରି ମାଓବାଦୀ ପ୍ରବଣ ବ୍ଲକରେ ପୋଲିଂ ଅଫିସରଙ୍କୁ ଯଥେଷ୍ଟ ସୁରକ୍ଷା ଯୋଗାଇ ଦିଆଯାଇଛି। ଜିଲାର ୧୩ଟି ବ୍ଲକରେ ୧୪୧୨ଟି ଭୋଟ କେନ୍ଦ୍ର କରାଯାଇଥିବାବେଳେ ସେଥିମଧ୍ୟରୁ ୧୪୦ଟି ସମ୍ବେଦନଶୀଳ, ମାଓବାଦୀପ୍ରବଣ ଅଞ୍ଚଳ ରହିଛି। ଏସବୁ ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା କଡାକଡି କରାଯାଇଛି। ସେହିପରି ଏଥର ଜିଲାରେ ମହିଳାଙ୍କ ପାଇଁ ୧୩୫ଟି ସଖୀ ଭୋଟ କେନ୍ଦ୍ର କରାଯାଇଛି। ଏହାକୁ ମହିଳା ପୋଲିଂ ଅଧିକାରୀମାନେ ପରିଚାଳନା କରିବେ। ନୂଆଭୋଟର ଯୁବକଙ୍କ ପାଇଁ ୨୫ଟି କେନ୍ଦ୍ର କରାଯାଇଥିବାବେଳେ ଦିବ୍ୟାଙ୍ଗ ଭୋଟର ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସହାୟତା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବା ସହିତ ହ୍ୱିଲ ଚେୟାଲ ସହ ଯାତାୟାତ ପାଇଁ ମାଗଣା ଯାନ ବ୍ୟବସ୍ଥା କରାଯାଇଛି। କଳାହାଣ୍ଡି ଜିଲାରେ ଏଥର ୧୧ଲକ୍ଷ ୯୯ହଜାର ୩୦୮ ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ଏଥିରେ ୬୦ଲକ୍ଷ ୧୨ହଜାର ୬୬ପୁରୁଷ ଓ ୫୯ଲକ୍ଷ ୭୯ହଜାର ୭୩ ମହିଳା ରହିଛନ୍ତି। ସେହିପରି ୨୭୧ଜଣ ଶହେ ବର୍ଷରୁ ଉର୍ଦ୍ଧ୍ୱ ବୟସର ଭୋଟର, ୧୭ହଜାର ୩୧୬ ଜଣ ଦିବ୍ୟାଙ୍ଗ ଭୋଟର ଓ ୩୪ହଜାର ୬୫୮ଜଣ ନୂଆ ଭୋଟର ରହିଥିବା ଜଣାପଡିଛି। ଭୋଟ ପରିଚାଳନା ପାଇଁ ଜିଲାରେ ୫ଟି ବିଧାନସଭା କ୍ଷେତ୍ରରେ ୨୦୪ଜଣ ମାଇକ୍ରୋ ଅବଜାରଭର୍‌,୧୦୯ଜଣ ଭିଡିଓ ଗ୍ରାଫର ସମେତ ପ୍ରତ୍ୟେକ ବୁଥରେ ଜଣେ ଲେଖାଏଁ ପ୍ରିଜାଇଡିଂ ଅଫିସର, ୫ଜଣ ପୋଲିଂ ଅଫିସର, ଜଣେ ପୋଲିସ କର୍ମଚାରୀ ଏପରି ୭ଜଣ କର୍ମଚାରୀ ନିୟୋଜିତ ରହୁଛନ୍ତି।

## ଆଲମରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ


ଆଲମ ଗ୍ରାମର ଧରଣୀପଡାରେ ଷୋହଳ ପ୍ରହର ନାମଯଜ୍ଞରେ ପୂଜାର୍ଚ୍ଚନା କରାଯାଉଛି।

**ପଲମ, ୧୨।୫(ଭିକାରି ଗଉଡ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଟକର୍ଲା ପଞ୍ଚାୟତ ଆଲମ ଗ୍ରାମର ଧରଣୀପଡାଠାରେ ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ୯ ତାରିଖ ଗ୍ରାମବାସୀଙ୍କ ଦ୍ୱାରା ଗଙ୍ଗାବରଣ, କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ୧୦ତାରିଖରେ ନାମଯଜ୍ଞ ଆରମ୍ଭ ହୋଇ ୧୨ତାରିଖ ରବିବାର ନାମସଂକୀର୍ତ୍ତନ ସମାପନ ସହ ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଯଜ୍ଞକାର୍ଯ୍ୟରେ ୧୨ଟି ସଂକୀର୍ତ୍ତନ ଦଳ ଯୋଗଦାନ କରି ହରିନାମ ଗାନ କରିଥିଲେ। କର୍ତ୍ତା ଭାବରେ ପ୍ରହଲ୍ଲାଦ ସାହୁ ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ସାହୁ ରହି ପୂଜାର୍ଚ୍ଚନା କରିଥିଲେ। ସପ୍ତଋଷି ଭାବରେ ବିଚିତ୍ର ସାହୁ, ହିମାଦ୍ରୀ ସାହୁ, କୁଳଧର ସାହୁ, ଉମାଶଙ୍କର ସାହୁ, ଭୀମ ସାହୁ, ଈଶ୍ୱର ଭୋଇ, ଚକ୍ରପାଣି ସାହୁ ରହି ପୂଜାର୍ଚ୍ଚନା କରିଥିଲେ। ପୂଜା କାର୍ଯ୍ୟକ୍ରମରେ ପୂଜକ ଭାବରେ ଧିରେନ୍ଦ୍ର ରଥ ରହିଥିବାବେଳେ ଜପକ ଭାବରେ ଗଜିନ୍ଦ୍ର ରଥ ରହି ପୂଜାର୍ଚ୍ଚନା କରିଥିଲେ। ଭଗବାନଙ୍କ ଭୋଗ ରାନ୍ଧିବା କାର୍ଯ୍ୟରେ ସୁଧିର ରଥ, ଅରବିନ୍ଦ ରଥ, ରାଧେଶ୍ୟାମ ତ୍ରିପାଠୀ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। କମିଟିର ସଦସ୍ୟ ଭୂପିନ ସାହୁ, ଲକ୍ଷ୍ମଣ ସାହୁ, ଇନ୍ଦ୍ର ସାହୁ, ପ୍ରତାପ ସାହୁ, ଦେବେନ୍ଦ୍ର ସାହୁ, ତିଲେଶ୍ୱର ଗଉଡ, ନିଲାମ ସାହୁ, ଗୌର ସାହୁ ପ୍ରମୁଖ ଯୋଗଦାନ କରି ପ୍ରଭୁଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଷୋହଳ ପ୍ରହର ନାମଯଜ୍ଞରେ ଗ୍ରାମବାସୀ ତଥା ଆଖପାଖ ଗ୍ରାମର ଅନେକ ଭକ୍ତ ହରିନାମ ଶ୍ରବଣ କରିବା ସହିତ ପ୍ରଭୁକୃପା ଲାଭ କରିଥିଲେ।

## ଗାଁକୁ ଛାଡ଼ିଲେନି ଗାଡ଼ି: ଫେରିଗଲେ ପୋଲିଂ କର୍ମଚାରୀ


ଗ୍ରାମବାସୀ ସମବେତ ହୋଇ ପୋଲିଂ କର୍ମଚାରୀଙ୍କୁ ଗାଁକୁ ପ୍ରବେଶ କରାଇ ଦେଉନାହାନ୍ତି।

**ଭବାନୀପାଟଣା, ୧୨।୫ (ଉତ୍ତମ କୁମାର ଦାଶ)**

### ଭୋଟ ବର୍ଜନ ଜିଦରେ ଦୁଣ୍ଡା ଗ୍ରାମବାସୀ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦୁନ୍ଦେଲମାଲ ପଞ୍ଚାୟତର ଦୁଣ୍ଡା ଗ୍ରାମବାସୀ ରାସ୍ତା ଓ ପାନୀୟ ଜଳ ଦାବି ନେଇ ଚଳିତ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେମାନେ ପୂର୍ବରୁ ଜିଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ସୋମବାର ନିର୍ବାଚନ ଥିବାରୁ ପୋଲିଂ କର୍ମଚାରୀ ରବିବାର ଦୁଣ୍ଡା ଗ୍ରାମକୁ ଯାଉଥିବାବେଳେ ଗ୍ରାମବାସୀ ସେମାନଙ୍କ ଗାଡିକୁ ଭିତରକୁ ନ ଛାଡିବା ସହ ଗାଡି ଆଗରେ ବିକ୍ଷୋଭ କରିଥିଲେ। ଫଳରେ ବାଧ ହୋଇ ପୋଲିଂ କର୍ମଚାରୀ ସେଠାରୁ ଫେରିଯାଇଥିବା ଜଣାପଡିଛି। ଗତ ୭ ତାରିଖ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ହୋମଭୋଟିଂ ପାଇଁ ଗାଁକୁ ଯାଇଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଗାଁରେ ପୁରାଇ ଦେଇ ନ ଥିଲେ । ଫଳରେ ନିରାଶ ହୋଇ ନିର୍ବାଚନ ପାଇଁ ନିଯୁକ୍ତ କର୍ମଚାରୀମାନେ ଫେରି ଆସିଥିଲେ। ଦୁର୍ଗମ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ଗାଁ ହେଉଛି ଦୁଣ୍ଡା ଗାଁ। ଏହି ଗ୍ରାମରେ ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଜୁଳି, ମୋବାଇଲ ନେଟୱାର୍କ ଭଳି ମୌଳିକ ସୁବିଧାରୁ ସେମାନେ ବଞ୍ଚିତ ରହିଛନ୍ତି। ଏହି ସବୁ ସମସ୍ୟାର ସମାଧାନ ନ ହେଉଥିବାରୁ ଗତ ପଞ୍ଚାୟତ ନିର୍ବାଚନ ମଧ୍ୟ ବର୍ଜନ କରିଥିଲେ ଗ୍ରାମବାସୀ। ଏହାପରେ ବି ପ୍ରଶାସନର ଦୃଷ୍ଟି ନ ପଡିବାରୁ ଚଳିତ ସାଧାରଣ ନିର୍ବାଚନ ମଧ୍ୟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଗ୍ରାମବାସୀ। ଦୁଣ୍ଡାରେ ପ୍ରାୟ ୪ଶହ ଜଣ ଭୋଟର ରହିଥିବା ଜଣାପଡିଛି।

## ବିଜେଡିରେ ଯୋଗଦାନ କଲେ ଭାଜପା କର୍ମୀ

**ଖଡ଼ିଆଳ, ୧୨।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଗ୍ରାମର ଭାଜପା କର୍ମୀ ଖଡ଼ିଆଳ ବ୍ଲକ ଅଧକ୍ଷାଙ୍କ ବାସଭବନରେ ଶନିବାର ବିଜେଡିରେ ଯୋଗଦାନ କରିଥିଲେ। ପଞ୍ଚୁଶ୍ୱର ଚଳାନ, ଅଜିତ ରାଉତ, ଧର୍ମରାଜ ଚଳାନ, ଅଜିତ ରାଉତରାୟ, ଖଡ଼ିଆଳ ବ୍ଲକ ଧଙ୍କସର ଗ୍ରାମର ପ୍ରବୀଣ ଗହୀର ପ୍ରମୁଖ ବିଜେଡିରେ ଯୋଗଦାନ କରିଥିଲେ। ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗଦାନ କରିଥିବା କର୍ମୀମାନଙ୍କୁ ଉତ୍ତରୀୟ ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଯୋଗଦାନ କରିଥିବା କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଜନହିତକର କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିବା ପ୍ରକାଶ କରିଥିଲେ।

## ରିଷିଡ଼ା ଚନ୍ଦନଯାତ୍ରା: ବାଘ, ମଲ୍ଲ ବଧ ନାଟକ ମଞ୍ଚସ୍ଥ


ଚନ୍ଦନଯାତ୍ରାରେ ନାଟକ ବାଘ, ମଲ୍ଲ ବଧର ଦୃଶ୍ୟ।

**ରିଷିଡା, ୧୨।୫(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା କନ୍ଧପଡ଼ା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ବିରାଟ ପର୍ବ ଚାଲିଛି। ତୃତୀୟ ରଜନୀରେ ଚନ୍ଦନଯାତ୍ରା ନାଟକ ରବିବାର ବାଘ ଓ ମଲ୍ଲ ବଧ ମଞ୍ଚସ୍ଥ ହୋଇଥିଲା। ଏଠାରେ ଅକ୍ଷୟ ତୃତୀୟାଠାରୁ ସାତ ଦିନ ବ୍ୟାପୀ ମହାଭାରତ ପୁରାଣରୁ ସଂଗୃହିତ ବିରାଟ ପର୍ବ ନାଟକ ବିଭିନ୍ନ ରାତ୍ରରେ ସାତ ଦିନ ମଞ୍ଚସ୍ଥ ହେବ। ଏଥିରେ ବିରାଟ ରାଜା ଭୋଳାରାମ ଭୋଇ, ଯୁଧିଷ୍ଠିର ସଞ୍ଜୟ ଧରୁଆ, ଭୀମ କୈଳାସ କୁମୁରା, ଡଗର ନେପାଳ ମାଝି, ମନ୍ତ୍ରୀ ତେଜରାଜ ଦଣ୍ଡସେନା, ନେହାର ଭୋଇ, ମଲ୍ଲ ନିତ୍ୟାନନ୍ଦ ଦଣ୍ଡସେନା, ଶବର ଭୂମିକାରେ ମହେନ୍ଦ୍ର ପ୍ରଧାନୀ, ବାଘ ଭୂମିକାରେ ଶିବ ଭୋଇ, ଟେନିସ କୁମୁରା, ସମ୍ପାଦକ ତରୁଣ ରଣା, କର୍ତ୍ତା ଭାବରେ ଉର୍ମିଳା ଦଣ୍ଡସେନା, ଦିଲୀପ ଦଣ୍ଡସେନା, ପୁରାଣ ପଣ୍ଡା ଦାୟିତ୍ୱରେ ପଙ୍କଜ ଭୋଇଙ୍କ ସମେତ ଅନେକ କଳାକାର ସହଯୋଗ କରୁଛନ୍ତି।



ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ରବିବାର ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ଲୋକସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀମାନେ।

## ପୋଲିଂ ପାର୍ଟିକୁ ସ୍ୱାଗତ କଲେ ଗାଁ ଲୋକେ

**ନୂଆପଡ଼ା,୧୨।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ କୁକୁରାମୁଣ୍ଡି ଗାଁରେ ରବିବାର ପୋଲିଂ ପାର୍ଟି ପହଞ୍ଚିଲା ପରେ ଗାଁ ଲୋକେ ସ୍ୱାଗତ କରିଛନ୍ତି। ସୋମବାର ସାଧାରଣ ନିର୍ବାଚନ ପ୍ରଥମ ପର୍ଯ୍ୟାୟ ଭୋଟ ହେବ। ଭୋଟର ନିଜର ଗଣତନ୍ତ୍ର ଅଧିକାର ସାବ୍ୟସ୍ତ କରିବା ପାଇଁ ଯାଉଛନ୍ତି। ପୋଲିଂ ପାର୍ଟି ଗାଁକୁ ପହଞ୍ଚିଲା ପରେ ଲଖନା ପଞ୍ଚାୟତ କୁକୁରାମୁଣ୍ଡି ଗାଁ ୱାର୍ଡ ନମ୍ବର ୧ର ଲୋକେ ଫୁଲମାଳ ଦେଇ ସ୍ୱାଗତ କରି ପ୍ରାଥମିକ ବିଦ୍ୟାଳୟକୁ ନେଉଥିବା ଦେଖିବାକୁ ମିଳିଥିଲା।


କୋମନା ବ୍ଲକ କୁକୁରାମୁଣ୍ଡି ଗାଁରେ ପୋଲିଂ ପାର୍ଟିକୁ ଫୁଲମାଳ ଦେଇ ସ୍ୱାଗତ କରାଯାଉଛି।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**କୋମନା, ୧୨।୫(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ପଞ୍ଚାୟତର କାଳିମାଟି ଗ୍ରାମରେ ଗତ ଶୁକ୍ରବାର ସକାଳେ ଆରମ୍ଭ ହୋଇ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ରବିବାର ସକାଳେ ସମାପନ ହୋଇ ପୂର୍ଣ୍ଣାହୁତି ହୋଇଯାଇଛି। ଏଥିରେ ୭ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଆମରସିଂ ମାଝୀ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଧନପତି ପଣ୍ଡା, ନୀଳମୋହନ ପାଢ଼ୀ ଓ ଆଲୋକ ଅଗସ୍ତି ପୂଜା ଦାୟିତ୍ୱ ତୁଲାଇ ଥିଲେ। ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଯଜ୍ଞ ସଫଳ ହୋଇଥିଲା। ଯଜ୍ଞ ହୋଇଥିବାରୁ ଲୋକଙ୍କ ମନରେ ବେଶ ଆନନ୍ଦଉଲ୍ଲାସ ଦେଖିବାକୁ ମିଳିଥିଲା।


ଷୋହଳ ପ୍ରହର ନାମଯଜ୍ଞର ଉଦ୍‌ଯାପନୀରେ ଶ୍ରଦ୍ଧାଳୁ।

## ସୋନିଆ ଗାନ୍ଧୀଙ୍କ ମିତଣୀ ସୋନିଆ ପଟେଲଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା,୧୨।୫ (ମକାରୁ ବେମାଲ)**

ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଶାଖାତରା ୱାର୍ଡ ନଂ. ୧ରେ ବାସ କରୁଥିବା ସୋନିଆ ଗାନ୍ଧୀଙ୍କ ମିତଣୀ (ମିତ୍ର) ସୋନିଆ ପଟେଲଙ୍କୁ ଜାତୀୟ କଂଗ୍ରେସର ନୂଆପଡ଼ା ବିଧାୟକ ପ୍ରାର୍ଥୀ ଶରତ ପଟ୍ଟନାୟକ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରାପ୍ତସୂଚନା ଅନୁସାରେ ଅବିଭକ୍ତ କଳାହାଣ୍ଡି ଜିଲା ରହିଥିବା ସମୟରେ କୌଣସି ବିକାଶ ହୋଇ ନ ଥିଲା। ଲୋକଙ୍କୁ କୌଣସି କାମଧନ୍ଦା ମିଳୁ ନ ଥିଲା। ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିଲା। ଅନାହାର ମୃତ୍ୟୁ, ପିଲା ବିକ୍ରିର ଜିଲା ବୋଲି କୁହାଯାଉଥିଲା। ଏସବୁକୁ ଦୃଷ୍ଟିରେ ରଖି ତତ୍କାଳୀନ କଂଗ୍ରେସ ନେତା ରାଜୀବ ଗାନ୍ଧୀ ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ପଠାଇ ଅଞ୍ଚଳର ଚାଲିଚଳଣୀ, ଖାଦ୍ୟପେୟ, ସ୍ୱାସ୍ଥ୍ୟ, ଗମନାଗମନ ଉପରେ ସର୍ଭେ କରିଥିଲେ। ସେହି ଅଧିକାରୀମାନେ ଶାଖାତରା ଗାଁରେ ରହି ଅଞ୍ଚଳର ସର୍ଭେ କରି ରିପୋର୍ଟ ପଠାଇଥିଲେ। ରିପୋର୍ଟ ଅନୁସାରେ ୧୯୮୬ ମସିହା ମାର୍ଚ୍ଚରେ ରାଜୀବ ଗାନ୍ଧୀ ଓ ସୋନିଆ ଗାନ୍ଧୀ ଆକାଶ ମାର୍ଗରେ ଆସି ଖରିଆର ରୋଡସ୍ଥିତ ଗୋତମା ଉଡାଜାହାଜ ପଡିଆରେ ଅବତରଣ କରି ସଡକ ପଥରେ ଶାଖାତରା ଗାଁକୁ ଆସି ଏକ ସଭା କରିଥିଲେ। ସଭା ସରିଲା ପରେ ରାଜୀବ ଓ ସୋନିଆ ଘରକୁ ଘର ବୁଲି ଦେଖିଥିଲେ। ସେହି ସମୟରେ ନିଜ ଦୁଇ ବର୍ଷର ଝିଅ ମୋନିକାଙ୍କୁ ଧରି ଘର ମୁହଁ ପାଖରେ ବସିଥିଲେ ସୋନିଆ ପଟେଲ। ସୋନିଆ ଗାନ୍ଧୀ ପଚାରି ଥିଲେ, ସଭାକୁ ଗଲ ନାହିଁ କାହିଁକି। ମୋର ଝିଅର ଆଖି ଆସୁଥିବାରୁ ସଭାକୁ ଯାଇପାରିଲି ନାହିଁ ବୋଲି କହିବାରୁ ନାମ କଣ ବୋଲି ପଚାରିଥିଲେ। ସୋନିଆ ପଟେଲ ବୋଲି କହିବାରୁ ମୋ ନାମ ମଧ୍ୟ ସୋନିଆ, ଦୁଇ ଜଣ ମିତହୋଇ ଯିବା ବୋଲି କହିଥିଲେ ସୋନିଆ ଗାନ୍ଧି। ସେଠାରେ ଉପସ୍ଥିତ ଥିବା ଲୋକଙ୍କ ସମ୍ମୁଖରେ ଫୁଲମାଳ ଦେଇ ଦୁଇ ଜଣ ମିତ ହୋଇଥିଲେ। ସେହିବର୍ଷ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଉଦ୍‌ଘାଟନ କରିଗଲେ। ପତୋରା ଡ୍ୟାମ ହେଲା ପରେ ଅଞ୍ଚଳର କିଛି ବିକାଶ ହୋଇଛି। ସୋନିଆ ଗାନ୍ଧିଙ୍କ ମିତ ହୋଇ ମଧ୍ୟ ସୋନିଆ ପଟେଲ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ୩ ଝିଅ ମୋନିକା (୪୦), ଦୀପା (୩୮), ଜାନକି (୩୬) ଓ ଜଣେ ପୁଅ ଲଭ (୩୧)ଙ୍କୁ ଧରି ଦିନ ମଜୁରିଆ ଭାବରେ କାମ କରି ଚଳୁଛନ୍ତି। ଏହି ବିଷୟରେ ଗାଁର କୂଳଦୀପ ସୁରଜ କହିବାରୁ ଶରତ ପଟ୍ଟନାୟକ ପୁଷ୍ପମାଲ୍ୟ ଓ ନୂତନବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।


ସୋନିଆ ପଟେଲଙ୍କୁ ଶରତ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ

ବଡ଼ଗାଁ,୧୨।୫(ଅଶୋକ କକଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଜରଙ୍ଗଲୋଇ ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀ, ଶାଶୁ ଓ ନଣନ୍ଦଙ୍କ ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବଡ଼ଗାଁ ଥାନା ଏସଆଇ ଶ୍ୟାମଲାଲ ଓରାମ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛନ୍ତି। ସୂଚନା ଅନୁଯାୟୀ, ମୁଣ୍ଡାଗାଁର ରଶ୍ମିତା ପ୍ରଧାନ ୨୦୨୧ ମାର୍ଚ୍ଚରେ ଜରଙ୍ଗଲୋଇ ଗ୍ରାମର ଚିତ୍ରସେନ ପ୍ରଧାନଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସ୍ୱାମୀ, ଶାଶୁ ଓ ନଣନ୍ଦ ତାଙ୍କୁ ନିର୍ଯ୍ୟାତନା ଦେଉଥିବା ସେ ବଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ।

### ଭାଜପାରେ ବିଜେଡି ନେତ୍ରୀନେତାଙ୍କ ଯୋଗଦାନ

ଦେବଗଡ଼,୧୨।୫
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବିଜେଡି ଉପ ସଭାପତି ମଦନ ମୋହନ ପ୍ରଧାନ ଏବଂ ତାଙ୍କ ସହଧର୍ମୀଣି ତଥା ବାରକୋଟ ବ୍ଲକ କାଦୋପଡା ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ରେଣୁବାଳା ପ୍ରଧାନ ଓ ଯୁବ ବିଜେଡି କର୍ମୀ ପଙ୍କଜ ସାହୁ ରବିବାର ଭାଜପାରେ ଯୋଗଦେଇଥିବା ଜଣାପଡିଛି। ସେମାନେ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଭଜପାରେ ଯୋଗଦାନ କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସେମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ।







ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୂଭୂଷଣ ମିଶ୍ର ଓ ଅନ୍ୟ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ରାଉରକେଲା ଗସ୍ତ

ରାଉରକେଲା,୧୨।୫(ସଙ୍ଗୀତା ଜେନା)

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁ ଧଳ ରବିବାର ରାଉରକେଲା ଗସ୍ତରେ ଆସିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଗସ୍ତରେ ଅତିରିକ୍ତ ନିର୍ବାଚନ ଅଧିକାରୀ ଡା. ଏନ୍ ତିରୁମଲ୍ଲା ନାୟକ ଓ ଶତ୍ରୁଘ୍ନ କର ଯୋଗଦେଇଥିଲେ। ନିର୍ବାଚନକୁ ମୁକ୍ତ, ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବାକୁ ଅଧିକାରୀଙ୍କୁ କୁହାଯାଇଥିଲା। ଚଳିତ ବର୍ଷ ଅଧିକ ସଂଖ୍ୟାରେ ମତଦାନ କରିବାକୁ ସଚେତନ ମୂଳକ କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ନିର୍ବାଚନ ଅଧିକାରୀ। ସୁନ୍ଦରଗଡ଼ ଜିଲାର ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ହର୍ଷଦ ପରାଗ ଗାଭାଲି, ଡିଆଇଜିପି ବ୍ରିଜେଶ ରାୟ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ପ୍ରମୁଖ ଆଇନ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀ ମଦ ଚୋରା ଚାଲାଣ, ଭୋଟରଙ୍କୁ ଟଙ୍କା ବଣ୍ଟନ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପୋଲିଂ ବୁଥରେ ବିଦ୍ୟୁତିକରଣ, ଫ୍ୟାନ, ଲାଇଟ୍, ପାନୀୟ ଜଳ ବ୍ୟବସ୍ଥା, ଖରାରୁ ରକ୍ଷା ପାଇବା ପାଇଁ ସେଡ୍, ହୁଇଲଚେୟାର, ବିଏଲ୍ଓ ହେଲ୍ପ ଡେସ୍କ ଆଦିର ପ୍ରସ୍ତୁତି ସୁନିଶ୍ଚିତ କରିବାପାଇଁ କହିଥିଲେ। ବୈଠକ ପରେ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିର୍ବାଚନୀ ପ୍ରସ୍ତୁତି ବ୍ୟବସ୍ଥା ବୁଲି ଦେଖିଥିଲେ ନିର୍ବାଚନ ଅଧିକାରୀ। ଉକ୍ତ ବୈଠକରେ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ ସମେତ ଆୟକର, ବନବିଭାଗ, ଅବକାରୀ ବିଭାଗ, ରାଉରକେଲା ଏସ୍‌ସଟି, ଏଫ୍‌ଏସଟି ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ପରିମଳ ବ୍ୟବସ୍ଥା ନେଇ ସଚେତନତା ଆବଶ୍ୟକ

ଝାରସୁଗୁଡ଼ା,୧୨।୫(ସଞ୍ଜୟ ମାଲି)

ସାଧାରଣରେ ସମସ୍ତେ ଭାବନ୍ତି ଯେ ସହରରେ ବାସ କରୁଥିବା ଲୋକ ସ୍ୱଚ୍ଛ ଓ ପରିମଳ ପ୍ରତି ସଚେତନତା ଥିବେ। ଏଣେତେଣେ ଅଳିଆ ଆର୍ବଜନା ପକାଇବାରୁ ନିବୃତ ରହୁଥିବେ। ସାଧଣତଃ ଗ୍ରାମାଞ୍ଚଳରେ ରହୁଥିବା ଲୋକ ଓ ସହରରେ ରହୁଥିବା ଲୋକଙ୍କ ମଧ୍ୟରେ ଏକ ଭିନ୍ନ ଚଳଣି ରହିଥାଏ। ସହରରେ ରହୁଥିବା ଲୋକ ଜ୍ଞାନି ଗୁଣି ହୋଇଥିବେ ସେମାନଙ୍କ ଭିତରେ ସଚେତନା ଥିବ। ପରିବେଶକୁ ସୁସ୍ଥ ରଖୁଥିବେ। ସୁସ୍ଥ ବାତାବରଣରେ ସେମାନେ ରହୁଥିବେ। ଆବର୍ଜନା କଥା କହିଲେ ପ୍ରଥମେ ସମସ୍ତଙ୍କ ମନରେ ଆସେ ଯଦି ଅପରିଷ୍କାର, ଅସ୍ୱାସ୍ଥ୍ୟକର ପରିବେଶ ବା ଅଳିଆ ଆବର୍ଜନା କଥା ଉଠେ। ତାହା ସାଧାରଣତଃ କିଛି ବସ୍ତି ଅଞ୍ଚଳକୁ ବୁଝିଥାଉ। କିନ୍ତୁ ପ୍ରକୃତ ସହର କଥା କିଛି ଭିନ୍ନ। ଝାରସୁଗୁଡାର ପୁରୁଣା ବସଷ୍ଟାଣ୍ଡ ପାଖ ଓଭବ୍ରିଜ୍, ଜିଲା ବିଜେଡି ଅଫିସ ପଛପଟ, ବୁରୋମାଲ, ମଙ୍ଗଳ ବଜାର ପରି ଅନେକ ସ୍ଥାନ ଅଛି ଯେଉଁଠି ଅଳିଆ ଆବର୍ଜନାର ପାହାଡ ଯୋଗୁ ସାଧାରଣ ଲୋକେ ଚଳପ୍ରଚଳ କରିବା କଷ୍ଟକର ହୋଇପଡିଛି। ଝାରସୁଗୁଡା ପୌର ପରିଷଦ ପକ୍ଷରୁ ପ୍ରତ୍ୟେକ ଦିନ ସକାଳୁ ଅଳିଆ ବୁହା ଗାଡ଼ି ସ୍ୱଚ୍ଛତାର ବାର୍ତ୍ତା ନେଇ ସମସ୍ତଙ୍କ ଦୁଆର ମୁହରେ ଛିଡା ହୋଇ ଅଳିଆ ନେଉଛି। ହେଲେ ଲୋକଙ୍କ ରଗ୍ନ ମାନସିକତା ଯୋଗୁ ଅଳିଆ ସଫେଇ ଗାଡ଼ିରେ ନ ପକାଇ ଏଣେତେଣେ ସ୍ଥାନରେ ପକାଉଛନ୍ତି। ଫଳରେ ପରିବେଶ ଦୂଷିତ ହେବା ସହ ବୁଲା ଜୀବଜନ୍ତୁଙ୍କ ପାଇଁ ମାରାତ୍ମକ ସାଜିଛି। ଖାଦ୍ୟ ଅନ୍ୱେଷଣରେ ବୁଲିଥିବା ଜୀବଜନ୍ତୁ ଅଳିଆ ଗଦାରୁ ଖାଦ୍ୟ ଖୋଜିବା ବେଳେ ଅଜାଣତରେ ପ୍ଲାଷ୍ଟିକ ଖାଇ ରୋଗରେ ପଡୁଥିବା ଦେଖିବାକୁ ମିଳୁଛି। ସେହି ରାସ୍ତା ଦେଇ ଅଫିସ ବା ଅନ୍ୟାନ୍ୟ କାମରେ ଯାଉଥିବା ଲୋକଙ୍କ ନାକ ଦୁର୍ଗନ୍ଧରେ ଫାଟିଯାଉଛି। କିନ୍ତୁ ବିଡମ୍ବନାର କଥା ଏହା ସମସ୍ତଙ୍କ ଦୃଷ୍ଟି ଗୋଚର ହେଉଥିଲେ ମଧ ସମସ୍ତେ ନିରବ ଦ୍ରଷ୍ଟା ସାଜି ନାକରେ କପଡା ଦେଇ ଚାଲି ଯାଆନ୍ତି। ଏହି ଅବର୍ଜନାର କଥା ଯେତେବେଳେ ସାଧାରଣ ଲୋକଙ୍କ ଭିତରେ ଆଲୋଚନା ହୁଏ ସେମାନେ କୁହନ୍ତି, କାହାକୁ କହିବା ଶୁଣିବ କିଏ। ବୁଦ୍ଧୀଜୀବୀଙ୍କ ଅନୁସାରେ ପରିମଳ ବ୍ୟବସ୍ଥା ନେଇ ଝାରସୁଗୁଡା ଜନସାଧାରଣଙ୍କୁ ନିଜେ ସଚେତନ ହେବାକୁ ପଡିବ।

# ମଧ୍ୟପୁର ଗ୍ରାମରେ କଂଗ୍ରେସର ନିର୍ବାଚନ ପ୍ରଚାର

ଦେବଗଡ଼,୧୨।୫
(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ମଧ୍ୟପୁର ଗ୍ରାମପଞ୍ଚାୟତ ସଦର ମହକୁମାରେ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଦଳୀୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ତଥା କଂଗ୍ରେସ ବିଧାନସଭା ପ୍ରାର୍ଥୀ ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଭାବଗ୍ରାହୀ ସାହୁ, ଆକାଶ କୁମାର ଦାଶ, ବିନୟ କୁମାର ଦେବତା, ଅଲେଖ ନାଏକ, ରମେଶ ପାତ୍ର, ଦେବେନ୍ଦ୍ର ଗଡନାୟକ ଓ ସୁଶାନ୍ତ ଉଦାବରଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉକ୍ତ ଗ୍ରାମର ବିଭିନ୍ନ ସାହି ଓ ଗଳି ପରିକ୍ରମା କରି ଗ୍ରାମବାସୀମାନଙ୍କୁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତ ଗ୍ୟାରେଣ୍ଟି କାର୍ଡ ଓ ଲିଫ୍ଲେଟ ପ୍ରଦାନ କରିବା ସହ ଦଳର ବିଧାନ ସଭା ପ୍ରାର୍ଥୀ ହେମ୍ବ୍ରମ ଓ ଲୋକ ସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ।

# ଖୁଣ୍ଟଗାଁରେ ଭାଜପାର ସମାବେଶ




ସମାବେଶରେ ଏମପି ପ୍ରାର୍ଥୀ ଜୁଏଲ ଓରାମଙ୍କ ସହ ଅନ୍ୟମାନେ।

ଲହୁଣୀପଡା,୧୨।୫(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟଗାଁଠାରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଭାଜପା ସମର୍ଥକ ଓ କର୍ମୀ ଯୋଗଦେଇଥିଲେ। ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ବଣାଇଁ ତଥା ଖୁଣ୍ଟଗାଁ ଅଞ୍ଚଳର ଲୋକେ ମୁଖ୍ୟତଃ କୃଷି ଉପରେ ନିର୍ଭର କରି ପରିବାର ପୋଷଣ କରୁଥିବା ବେଳେ ଓଡ଼ିଶାରେ ମୋଦୀ ସରକାର ଆସିଲେ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ରେ ମିଳିବ। ଯାହାକି କୃଷକଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଓରାମ କହିଥିଲେ। ବଣାଇଁ ଭାଜପା ବିଧାୟକ ପ୍ରାର୍ଥୀନୀ ସେବତୀ ନାଏକ ସମାବେଶରେ ଯୋଗଦେଇ ମହିଳାଙ୍କ ସହ ସେ ସବୁବେଳେ ଅଛନ୍ତି ଓ ଆଗକୁ ରହିବେ ବୋଲି ମଧ ମତ ବ୍ୟକ୍ତ କରିଥିଲେ। ସମାବେଶରେ ଖୁଣ୍ଟଗାଁ ମଣ୍ଡଳର ସମସ୍ତ ପଦାଧିକାରୀଙ୍କ ସମେତ ଶକ୍ତି କେନ୍ଦ୍ର ଓ ବୁଥର ସଭାପତି ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦଳର ଜିଲା ସଭାପତି ମନୋଜ ପ୍ରଧାନ,ବରିଷ୍ଠ ନେତା ରମେଶ ଅଗ୍ରୱାଲ, ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ, ହେମନ୍ତ କୁମାର ସାହୁ, ଜିଲା ଉପ ସଭାପତି ଦିବ୍ୟ ମଞ୍ଜରୀ ଶେଖର ଦେଓ, ଜିଲା ସମ୍ପାଦକ ବାଗୁନ ଗାଗରାଇ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କୁମାର ସ୍ୱାଇଁ, ସୁନ୍ଦରଗଡ଼ ସରପଞ୍ଚ ସଂଘ ସଭାପତି ଉଗ୍ରସେନ କିଷାନ, ଖୁଣ୍ଟଗାଁ ମଣ୍ଡଳ ସଭାପତି ଗଙ୍ଗାଧର ମାହାନ୍ତ, ମହୁଲପଦା ସରପଞ୍ଚ ସୌଭାଗ୍ୟ ନାଏକ, ଖୁଣ୍ଟଗାଁ ମଣ୍ଡଳ ପ୍ରଭାରୀ ଦୁଃଖିଶ୍ୟାମ ନନ୍ଦ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏମଡି ମୋଇମ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ, ଜିଲା ଜନଜାତି ମୋର୍ଚ୍ଚା ଉପ ସଭାନେତ୍ରୀ ଯମୁନା ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବୀ ରାଜେଶ କୁମାର ଦାସ ଭାଜପାରେ ସାମିଲ ହୋଇଥିଲେ। ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ ତଥା ଜିଲା ସଭାପତି ମନୋଜ ପ୍ରଧାନ ଦାସଙ୍କୁ ଦଳୀୟ ଉତ୍ତରୀୟ ଓ ବ୍ୟାଚ ଦେଇ ଦଳକୁ ସ୍ୱାଗତ କରିଥିଲେ।

# ଦକ୍ଷିଣ ରାଉରକେଲାରେ ପୋଲିସର ଫ୍ଲାଗମାର୍ଚ୍ଚ

ରାଉରକେଲା,୧୨।୫
(ସଙ୍ଗୀତା ଜେନା)

ନିର୍ବାଚନ ସୁପରିଚାଳନା ପାଇଁ ରବିବାର ସନ୍ଧ୍ୟାରେ ଦକ୍ଷିଣ ରାଉରକେଲାର ଫର୍ଟିଲାଇଜର, ବାଲିଯୋଡ଼ି ଓ ଅନ୍ୟ ପଞ୍ଚାୟତ ଗୁଡିକରେ ଟାଙ୍ଗରପାଲି ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଥାନାଧିକାରୀ ରାମେଶ୍ୱର ସିଂହ, ଏଏସ୍‌ଆଇ ଚିନ୍ମୟ ବଳ ସମେତ ୨ ପ୍ଲାଟୁନଫୋର୍ସ ଏହି ଫ୍ଲାଗମାର୍ଚ୍ଚ କରିଥିଲେ। ସ୍ଥାନୀୟ ଲୋକଙ୍କୁ ନିର୍ଭୟରେ ମତଦାନ କରିବାକୁ ପରାମର୍ଶ ଦିଆଯାଇଥିଲା।



ପୋଲିସମାନେ ଫ୍ଲାଗମାର୍ଚ୍ଚ କରୁଛନ୍ତି।

# ବିଜେଡିରେ ଯୋଗଦେଲେ ବହୁ ନେତା

ଦେବଗଡ଼,୧୨।୫
(ଶଶାଙ୍କ ଶେଖର ଝାଙ୍କର)

ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଦେବଗଡ ଜିଲା ଗସ୍ତରେ ଆସି ଜିଲାର ୩ଟି ଯାକ ବ୍ଲକର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର ଓ ବୁଥ କମିଟି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ଏହି ଅବସରରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ପୂର୍ବତନ ସଭାପତି ସୁରୁ ପାତ୍ର, ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମ ପଞ୍ଚାୟତ ସରପଞ୍ଚ ଆମାର୍ସନ ହେମ୍ବ୍ରମ, ବରିଷ୍ଠ ଭାଜପା ନେତା ରୁନା ପାଣ୍ଡା, ଦେବରାଜ ପ୍ରଧାନ, ଦିଲୀପ କୁମାର ପ୍ରଧାନ, ବନ୍ଧୁରାମ ନାୟକ ଓ ବାରକୋଟ ବ୍ଲକ ଡଁରା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ହରିହର ସାହୁ ପ୍ରମୁଖ ନିଜର ବହୁ ସମର୍ଥକମାନଙ୍କ ସହିତ ବିଜେଡିରେ ଯୋଗଦେଇଥିଲେ। ଲୋକ ସଭା ପ୍ରାର୍ଥୀ ଦାସ ବିଜେଡି ବିଧାନସଭା ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଦଳର ଅନ୍ୟାନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ଆନୁଷ୍ଠିକ ଭାବେ ସ୍ୱାଗତ କରିଥିଲେ।

# କର୍ଲାରେ କୁସୁମଙ୍କ ନିର୍ବାଚନୀ ସଭା

ସୁନ୍ଦରଗଡ଼,୧୨।୫
(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସଦର ବ୍ଲକ କର୍ଲା ପଞ୍ଚାୟତରେ ରବିବାର ଭାଜପା ପ୍ରାର୍ଥୀନୀ କୁସୁମ ଟେଟେ ବିଭିନ୍ନ ଗ୍ରାମରେ ନିର୍ବାଚନୀ ସଭାରେ ଭାଗ ନେଇଥିଲେ। ସୁନ୍ଦରଗଡ଼ର ପ୍ରଗତି ପାଇଁ ଭାଜପା ଓ ଡବଲ ଇଞ୍ଜିନ ସରକାର ଦରକାର ବୋଲି ସେ କହିଥିଲେ। ସିକିପାନୀ, କର୍ଲା, ତେନ୍ତୁଳିପଡା, ରାବଣଡ଼ିହି, ଖେରିଆକାନି, ଅଉଁଲାଜୋର ଗ୍ରାମରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବରିଷ୍ଠ ଭାଜପା ନେତା ଅଶୋକ ସାଏ, ପରୀକ୍ଷିତ ସାହୁ, ଯୁବନେତା ଆଶିଷ ପଟେଲ, ରାଜକୁମାର କିଷାନ ପ୍ରମୁଖ ଯୋଗଦେଇଥିଲେ।



ସମର୍ଥକଙ୍କ ସହ ବିଧାୟିକା ପ୍ରାର୍ଥୀ କୁସୁମ ଟେଟେ ନିର୍ବାଚନୀ ପ୍ରଚାର କରୁଛନ୍ତି।

# ଭିନ୍ନକ୍ଷମ, ବରିଷ୍ଠ ନାଗରିକଙ୍କ ଭୋଟ ସମ୍ପର୍କରେ ସମୀକ୍ଷା

ଦେବଗଡ଼,୧୨।୫
(ଶଶାଙ୍କ ଶେଖର ଝାଙ୍କର)

ଆସନ୍ତା ମେ ୨୫ ତାରିଖରେ ଦେବଗଡ଼ ଜିଲାରେ ମତଦାନ ହେବ। ଏହା ପୂର୍ବରୁ ଭିନ୍ନକ୍ଷମ ଓ ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ଭୋଟ ସମ୍ପର୍କରେ ରବିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପ ଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ ଓ ବିଭିନ୍ନ ଦଳୀୟ କର୍ମୀମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନକୁ ସ୍ୱଚ୍ଛତା, ନିରପେକ୍ଷ, ଅବାଧ, ଶୃଙ୍ଖଳିତ ତଥା ସୁସଙ୍ଗଠିତ ଭାବେ ସମ୍ପାଦନ କରିବାକୁ ଜିଲା ପ୍ରଶାସନ ଅଧିକ ଗୁରୁତ୍ୱ ଦେଉଛି। ଏ ନେଇ ବିଭିନ୍ନ ପୋଲିଂ ପାର୍ଟି ଓ ବିଏଲଙ୍କୁ ନିୟୋଜିତ କରାଯାଇଛି। ଆସନ୍ତା ମେ ୨୫ରେ ହେବାକୁ ଥିବା ନିର୍ବାଚନ ପରିପ୍ରେକ୍ଷୀରେ ଭିନ୍ନକ୍ଷମ ମତଦାତା ପାଇଁ ଖୁସି ଖବର ଜିଲା ପ୍ରଶାସନ ଶୁଣାଇଛି। ଜିଲାରେ ୪୭୧ଜଣ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ଚିହ୍ନଟ କରାଯାଇଛି। ଆସନ୍ତା ୧୪।୫।୨୦୨୪ରୁ ତା ୧୭।୫।୨୦୨୪ ପୋଲିଂ ପାର୍ଟି ଓ ବିଏଲ ଓ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କ ପାଖକୁ ଯାଇ ବାଲାଟ ପେପର୍ ଜରିଆରେ ଭୋଟ ସଂଗ୍ରହ କରିବେ ବୋଲି ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସାହୁ ଦଳୀୟ କର୍ମୀମାନଙ୍କୁ ଜଣାଇଛନ୍ତି। ବୈଠକରେ ତହସିଲଦାର କର୍ଣ୍ଣ ମଲ୍ଲିକ, ସହକାରୀ ଜିଲାପାଳ ଶ୍ରୁଶ୍ରୀ ରେଖା ମହନ୍ତ, ଭାରତୀୟ ଜନତା ପାର୍ଟିର ପ୍ରତିନିଧି ଦିବ୍ୟ ଶଙ୍କର ଖୁଣ୍ଟିଆ, ଜାତୀୟ କଂଗ୍ରେସ ପାର୍ଟିର ପ୍ରତିନିଧି ସିଦ୍ଧେଶ୍ୱର ଗୁରୁ, ପିବିଆଇ ପାର୍ଟିର ପ୍ରତିନିଧି ଦୋଳାକର ଭୋଇ, ସ୍ୱାଧୀନ ପାର୍ଟିର ପ୍ରତିନିଧି ଶ୍ରୀମନ୍ତ ସାହୁ, ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥି।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ | Bhubaneswar, Monday, May 13/2024



# ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ: ନବୀନ

**ବଲାଙ୍ଗୀର, ୧୨।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ବିଜୁ ଜନତା ଦଳ ସରକାର ବିଜୁଳି ମାଗଣାରେ ଦେବ। ଆସନ୍ତା ଜୁଲାଇ ମାସରୁ ବିଜୁଳି ବିଲ୍ ଆସିବ ନାହିଁ। ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ରବିବାର ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଉଦ୍‌ବୋଧନ ସମୟରେ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ମମତା ସ୍କିମ୍, ପୁରୀ ଧାମ୍, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ, ଛାତ୍ର ବୃତ୍ତି, କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନା ଭଲ କି ବୋଲି ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ପ୍ରଶ୍ନର ଉତ୍ତରକୁ ଉପସ୍ଥିତ ଜନସାଧାରଣ, କର୍ମୀ ଓ ସମର୍ଥକ ଉତ୍ସାହର ସହ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳ ନେତା ମିଛ କଥା କହୁଛନ୍ତି ଓ ଭାଜପାର ନେତାମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜୁ ଜନତା ଦଳ ମାଗଣାରେ ବିଜୁଳି ଦେବ, ଆପଣମାନେ ଖୁସି ତ ବୋଲି ମୁଖ୍ୟମନ୍ତ୍ରୀ ଚିରାଚରିତ ଢଙ୍ଗରେ ପଚାରିଛନ୍ତି।

ସଭାରେ ସେ ବିଜେଡିର ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଏବଂ ୭ ବିଧାନସଭା ଆସନର ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସଭାରେ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ବଲାଙ୍ଗୀର ଜିଲାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ଏଠାରେ ସେ ନୂଆ ଇତିହାସ ସୃଷ୍ଟି କରିବେ। ସଭାରେ ସେ ପ୍ରଧାନମନ୍ତ୍ରୀ ଓ ଅନ୍ୟ ଭାଜପା ନେତାମାନଙ୍କ ନିର୍ବାଚନୀ ବକ୍ତବ୍ୟକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଭାଜପା ମାଗଣାରେ ବିଜୁଳି ଦେବ ବୋଲି କହୁଛି। ୫୦ ହଜାର ଟଙ୍କା ଦେଲେ ସେମାନେ ସୋଲାର ପ୍ୟାନେଲ ଦେବେ। ସୂର୍ଯ୍ୟକିରଣରୁ ବିଜୁଳି ଯୋଗାଇବେ। ଏଭଳି କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁନ ୯ରେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଲେ ବିଜୁଳି ବିଲ୍ ରଦ୍ଦ ହେବ। ଓଡ଼ିଶାର ୯୦ ପ୍ରତିଶତ ପରିବାରକୁ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ ବୋଲି କହି ଆପଣଙ୍କୁ ଦିନରେ ଲଣ୍ଠନ ଦେଖାଇବା ସରକାର ଦରକାର ନା' ଲୋକଙ୍କ ପାଇଁ କାମ କରୁଥିବା ନବୀନବାବୁଙ୍କ ସରକାର ଦରକାର ବୋଲି ସେ ଲୋକଙ୍କୁ ପ୍ରଶ୍ନ କରିଛନ୍ତି। ଆୟୁଷ୍ମାନ ଭାରତ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବିଷୟରେ ସେ ତୁଳନାତ୍ମକ ବିବରଣୀ ଦେଇ ବିଜୁ ସ୍ୱାସ୍ଥ୍ୟ କାର୍ଡ ବହୁ ଗୁଣରେ ଭଲ ବୋଲି କହିଛନ୍ତି। ଭାଜପା କ୍ଷମତାକୁ ଆସିଲେ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ୩୧ ଶହ ଟଙ୍କା ହେବ ବୋଲି କହୁଛନ୍ତି। ୧୦ ବର୍ଷ ହେଲା ଭାଜପା କ୍ଷମତାରେ ଅଛି। ଏବେ ନିର୍ବାଚନର ୧୦ ଦିନ ପୂର୍ବରୁ ଏଭଳି ଘୋଷଣା କରୁଛି। ପୂର୍ବରୁ କେଉଁଠି ଶୋଇଥିଲେ ବୋଲି ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ଚାଷୀମାନେ ଦିଲ୍ଲୀ ଯାଇ ଆନ୍ଦୋଳନ କରିଥିଲେ, ସେତେବେଳେ ତାଙ୍କ କଥା କାହିଁକି ଶୁଣିଲେନି। ଭାଜପା ହାରିବା ଭୟରେ ଏବଂ ତାଙ୍କର ଶୋଇପଡ଼ିଥିବା ନେତାଙ୍କୁ ଉଠାଇବାକୁ ଯାଇ ଏଭଳି ବୁଷ୍ଟର ଡୋଜ୍ ଦେଇଛନ୍ତି। ତେବେ ଓଡ଼ିଶାବାସୀ ସବୁ ଜାଣିଛନ୍ତି ଓ ଆସନ୍ତା ୨୦ ତାରିଖରେ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

ସଭାରେ ବିଜେଡିର ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ବଲାଙ୍ଗୀର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ, ଟିଟିଲାଗଡ ବିଧାୟକ ପ୍ରାର୍ଥୀ ଟୁକୁନି ସାହୁ, ପାଟଣାଗଡ଼ ବିଧାୟକ ପ୍ରାର୍ଥୀ ସରୋଜ ମେହେର, ଲୋଇସିଂହା ବିଧାୟକ ପ୍ରାର୍ଥୀ ନୀହାର ରଞ୍ଜନ ବେହେରା, ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ବକ୍ତବ୍ୟ ଦେଇଛନ୍ତି। ସଭା ପ୍ରାରମ୍ଭରେ ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପୌରାଧ୍ୟକ୍ଷା ଲିକା ସାହୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସଭା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ପ୍ରାର୍ଥୀ ହୋଇଥିବା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ସିନ୍ଧେକେଲା ଓ ଗଁରେଇଠାରେ ରବିବାର ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଭୋଟ୍ ଦେବାକୁ ନିବେଦନ କରିଛନ୍ତି।

### ବଲାଙ୍ଗୀରରେ ନବୀନବାବୁ ନୂଆ ଇତିହାସ ସୃଷ୍ଟି କରିବେ: ପାଣ୍ଡିଆନ



ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ଚାଇନାକୁ ତଡ଼ିବୁ, ମାଗଣା ବିଜୁଳି ଦେବୁ

**ନୂଆଦିଲ୍ଲୀ,୧୨।୫**

କେନ୍ଦ୍ରରେ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ସରକାର ଗଠନ କଲେ ଆମେ ଭାରତକୁ ଚାଇନାର ଦଖଲରୁ ମୁକ୍ତ କରିବୁ ଏବଂ ଦେଶବାସୀଙ୍କୁ ୨୪ ଘଣ୍ଟିଆ ମାଗଣା ବିଜୁଳି ଦେବୁ ବୋଲି ରବିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି। ତିହାର ଜେଲରୁ ଅନ୍ତରୀଣ ଜାମିନ୍‌ରେ ବାହାରିବା ପରେ ପ୍ରଥମ ଥର ପାଇଁ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କେଜ୍‌ରିୱାଲ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରାଯିବାକୁ ଥିବା ୧୦ଟି ଗ୍ୟାରେଣ୍ଟି ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶକୁ ଆମେ ୧୦ ଗ୍ୟାରେଣ୍ଟି ଦେଉଛୁ। ଏହି ଗ୍ୟାରେଣ୍ଟି ନୂଆ ଭାରତର ଭିଜନ୍; ଯାହାକି ଯୁବ, ମହିଳା, ଧନୀ, ଗରିବ, କୃଷକ ଓ ବ୍ୟବସାୟୀ ସମସ୍ତଙ୍କ ଜୀବନକୁ ବଦଳାଇଦେବ। ଏହା କେଜ୍‌ରିୱାଲଙ୍କ ଗ୍ୟାରେଣ୍ଟି। ମୁଁ ଗ୍ୟାରେଣ୍ଟି ଦେଉଛି ଯେ, ଏହି ସମସ୍ତ ଗ୍ୟାରେଣ୍ଟି ପୂରଣ କରି ଭାରତର ଦିଶା ଓ ଦଶା ବଦଳାଇବୁ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ କହିଛନ୍ତି।

ଭାରତର ଅର୍ଦ୍ଧାଧିକ ଲୋକ ସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇସାରିଥିବାବେଳେ ସୋମବାର ଚତୁର୍ଥ ପର୍ଯ୍ୟାୟରେ ୯୬ ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଏହାର ଦିନକ ପୂର୍ବରୁ ଇଣ୍ଡିଆ ବ୍ଲକ୍‌ର ଅନ୍ୟତମ ପ୍ରମୁଖ ନେତା କେଜ୍‌ରିୱାଲ ପ୍ରେସ୍ କନ୍‌ଫରେନ୍ସ ଡାକି ମୋଦିଙ୍କ ଗ୍ୟାରେଣ୍ଟି ଓ ତାଙ୍କ ଗ୍ୟାରେଣ୍ଟି ମଧ୍ୟରେ ତୁଳନାତ୍ମକ ଚିତ୍ର ଆଙ୍କି ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କହିଛନ୍ତି, ଭାଜପା ନିଜ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛି। ତାଙ୍କ ଗ୍ୟାରେଣ୍ଟିଗୁଡ଼ିକର ପ୍ରମାଣିତ ଟ୍ରାକ୍‌ରେକର୍ଡ ରହିଛି। ତେଣୁ ଜନତାଙ୍କୁ 'କେଜ୍‌ରିୱାଲଙ୍କ ଗ୍ୟାରେଣ୍ଟି' ଏବଂ 'ମୋଦିଙ୍କ ଗ୍ୟାରେଣ୍ଟି' ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିବ ବୋଲି କେଜ୍‌ରିୱାଲ କହିଛନ୍ତି।

କେଜ୍‌ରିୱାଲଙ୍କ ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ ସବୁଠୁ ଆକର୍ଷଣୀୟ ହେଉଛି ସମସ୍ତଙ୍କୁ ମାଗଣା ବିଜୁଳି ପ୍ରଦାନ। ବିଶେଷକରି ସମାଜର ଆର୍ଥିକ ପଛୁଆ ବର୍ଗ ଯେପରି ଉପକୃତ ହେବେ ସେଥିଲାଗି ଏଥିରେ ଉଦ୍ୟମ କରାଯାଇଛି। ଦିଲ୍ଲୀ ମଡେଲରେ ଦେଶବ୍ୟାପୀ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଦେଶର ୨ ଲକ୍ଷ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିଛି। ଆମ ଦେଶ ଚାହିଦାଠାରୁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିପାରିବ। ଦିଲ୍ଲୀ ଓ ପଞ୍ଜାବରେ ଆମେ ଏହା କରିସାରିଛୁ। ଦେଶରେ ମଧ୍ୟ ଏହାକୁ ଲାଗୁ କରିବୁ। ସମସ୍ତ ଗରିବଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଯୋଗାଇଦେବୁ। ଏଥିପାଇଁ ଆବଶ୍ୟକ ୧.୨୫ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯିବ।

କେଜ୍‌ରିୱାଲଙ୍କ ଦ୍ୱିତୀୟ ଗ୍ୟାରେଣ୍ଟି ହେଉଛି, ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାରେ ଉନ୍ନତି ଆଣିବା। ଏଥିପାଇଁ ୫ ଲକ୍ଷ କୋଟି ଟଙ୍କା ଆବଶ୍ୟକ। ସେଥିରୁ କେନ୍ଦ୍ର ଓ ରାଜ୍ୟ ସରକାର ୨.୫ ଲକ୍ଷ କୋଟି ଟଙ୍କା ଲେଖାଏ ବହନ କରିବେ। ଏହାଦ୍ୱାରା ଘରୋଇ ସ୍କୁଲ ତୁଳନାରେ ସରକାରୀ ସ୍କୁଲରେ ଉନ୍ନତ ଶିକ୍ଷାଦାନ ସମ୍ଭବ ହୋଇପାରିବ। ସେହିପରି ସରକାରୀ ହସ୍ପିଟାଲଗୁଡ଼ିକର ଆଧୁନିକୀକରଣ କରି ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଉନ୍ନତ କରାଯିବ। ଏହା ହେଉଛି ଆମର ତୃତୀୟ ଗ୍ୟାରେଣ୍ଟି। ସମସ୍ତ ଗ୍ରାମରେ ମୋହଲ୍ଲା କ୍ଲିନିକ୍ ଖୋଲାଯିବ। ଜିଲା ହସ୍ପିଟାଲଗୁଡ଼ିକୁ ମଲ୍ଟି-ସ୍ପେସାଲିଟି ହସ୍ପିଟାଲରେ ପରିବର୍ତ୍ତିତ କରାଯିବ। ଦେଶରେ ଜନ୍ମିତ ପ୍ରତ୍ୟେକ ବ୍ୟକ୍ତି ମାଗଣାରେ ଚିକିତ୍ସା ପାଇବେ। ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି କେଜ୍‌ରିୱାଲ କହିଛନ୍ତି।

ଅନ୍ୟ ଗ୍ୟାରେଣ୍ଟିଗୁଡ଼ିକ ମଧ୍ୟରେ ଭାରତୀୟ ଭୂଖଣ୍ଡକୁ ଚାଇନା ଦଖଲରୁ ମୁକ୍ତ କରିବା, ଅଗ୍ନିବୀର ଯୋଜନାକୁ ବନ୍ଦ କରିବା, କୃଷକଙ୍କୁ ସ୍ୱାମୀନାଥନ୍ କମିଶନ ରିପୋର୍ଟ ଅନୁସାରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଏବଂ ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ଭଳି ପ୍ରସ୍ତାବ ରହିଛି। କେଜ୍‌ରିୱାଲ କହିଛନ୍ତି, 'ନେଶନ୍ ଫାଷ୍ଟ' ହେଉଛି ଆମର ଚତୁର୍ଥ ଗ୍ୟାରେଣ୍ଟି। ଚାଇନା ଆମ ଭୂମିକୁ ମାଡ଼ିବସିଛି। କିନ୍ତୁ ଆମ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରୁଛନ୍ତି। ଆମ ସେନାର ବିପୁଳ ଶକ୍ତି ରହିଛି। ଚାଇନା ଦଖଲରେ ଥିବା ସବୁ ଭୂମିକୁ ମୁକ୍ତ କରିବୁ। ଚାଇନାକୁ ତଡ଼ିବୁ। ଏଥିପାଇଁ ପ୍ରଥମେ କୂଟନୈତିକ ସ୍ତରରେ ଉଦ୍ୟମ କରିବୁ। ଅନ୍ୟପଟେ ସେନାକୁ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ। ଅଗ୍ନିବୀର ଭଳି ଯୋଜନା ଦେଶପାଇଁ କ୍ଷତିକାରକ। ଯୁବପିଢ଼ି ମଧ୍ୟ ଏଥିରେ ଅସୁବିଧାରେ ପଡୁଛନ୍ତି। ଅଗ୍ନିବୀର ସ୍କିମକୁ ପ୍ରତ୍ୟାହାର କରିବୁ ବୋଲି କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି।

### କେଜ୍‌ରିୱାଲଙ୍କ ୧୦ ଗ୍ୟାରେଣ୍ଟି




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ 'କେଜ୍‌ରିୱାଲଙ୍କ ୧୦ ଗ୍ୟାରେଣ୍ଟି' ଉନ୍ମୋଚନ କରୁଛନ୍ତି।

# ଦିଲ୍ଲୀ ଏୟାରପୋର୍ଟ, ୭ ହସ୍ପିଟାଲକୁ ଉଡ଼ାଇଦେବାକୁ ଧମକ

**ନୂଆଦିଲ୍ଲୀ, ୧୨।୫**

ଦିଲ୍ଲୀରେ ସ୍କୁଲ ପରେ ଏବେ ୭ ହସ୍ପିଟାଲ ଓ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟକୁ ବୋମାରେ ଉଡ଼େଇଦେବାକୁ ଇ-ମେଲ ଧମକ ମିଳିଛି। ବୁରାରୀ ସରକାରୀ ଚିକିତ୍ସାଳୟ, ସଞ୍ଜୟ ଗାନ୍ଧୀ ହସ୍ପିଟାଲ, ଗୁରୁ ତେଗ୍ ବାହାଦୁର ହସ୍ପିଟାଲ, ବାରା ହିନ୍ଦୁ ରାଓ ହସ୍ପିଟାଲ, ଜନକପୁରୀ ସୁପର ସ୍ପେଶିଆଲିଟି ହସ୍ପିଟାଲ, ଦୀନ ଦୟାଲ ଉପାଧ୍ୟାୟ ଏବଂ ଦାବ୍ରି ସ୍ଥିତ ଦାଦା ଦେବ ହସ୍ପିଟାଲକୁ ରବିବାର ଅପରାହ୍ନରେ ଏହି ଧମକପୂର୍ଣ୍ଣ ଇମେଲ୍ ଆସିଥିବା ଦିଲ୍ଲୀ ଅଗ୍ନିଶମ ବାହିନୀ ସ୍ପଷ୍ଟ କରିଛି। ସେହିପରି ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ରବିବାର ସନ୍ଧ୍ୟାରେ ଧମକଭରା ଇ-ମେଲ ଆସିଥିବା ଦିଲ୍ଲୀ ପୋଲିସ ସୂଚନା ଦେଇଛି। ଧମକ ମିଳିଥିବା ସମସ୍ତ ହସ୍ପିଟାଲ ଓ ଇନ୍ଦିରା ଗାନ୍ଧୀ ଏୟାରପୋର୍ଟରେ ବୋମା ନିରୋଧୀ ଦଳ ଓ ଅଗ୍ନିଶମ ବାହିନୀ ସହ ଦିଲ୍ଲୀ ପୋଲିସର ଏକ ଟିମ୍ ପହଞ୍ଚି ସର୍ଚ୍ଚ ଅପରେଶନ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି। ଯାଞ୍ଚରେ କୌଣସି ସନ୍ଦିଗ୍ଧ ଉପକରଣ ମିଳି ନ ଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ୧ରେ ଦିଲ୍ଲୀର ୧୫୦ ସ୍କୁଲକୁ ବୋମାରେ ଉଡ଼େଇ ଦେବାକୁ ଧମକ ଆସିଥିଲା। ରୁଷିଆର ଇ-ମେଲ ସେବାକୁ ବ୍ୟବହାର କରାଯାଇ ଜନସାଧାରଣଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଏହି ଇ-ମେଲ ଧମକ ପଠାଯାଇଥିବା ପୋଲିସ କହିଥିଲା।

# ୧୫ରେ ରାହୁଲ, ୨୦ରେ ମୋଦି ଆସିବେ

### ବଲାଙ୍ଗୀରରେ ରାହୁଲଙ୍କ ବାଇକ୍ ରାଲି, ପୁରୀରେ ରୋଡ୍ ଶୋ' କରିବେ ମୋଦି



**ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)**

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ନେତାମାନଙ୍କ ଘନଘନ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଦେଖିବାକୁ ମିଳୁଛି। ଏହା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଥର ଓଡ଼ିଶା ଗସ୍ତରେ ଆସି ନିର୍ବାଚନ ପ୍ରଚାର କରି ଫେରିଥିବା ବେଳେ ଆସନ୍ତା ୨୦ ତାରିଖରେ ପୁଣିଥରେ ଆସିବେ ବୋଲି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ମୋଦି ଆସନ୍ତା ୨୦ରେ ଆଉଥରେ ଓଡ଼ିଶା ଆସି ପୁରୀରେ ରୋଡ୍ ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଦିନ ସେ କଟକ ଏବଂ ଅନୁଗୋଳ ଠାରେ ଏକ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ନିକଟରେ ଓଡ଼ିଶା ଆସିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ପୁଣିଥରେ ରାଜ୍ୟ ଗସ୍ତରେ ଆସୁଥିବା ଜଣାପଡ଼ିଛି। ସେ ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଆସିବେ। ସେଠାରେ ସେ କଂଗ୍ରେସର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବେ। ରାହୁଲ ବାଇକ ରାଲି ସହ ଜନସଭାରେ ଲୋକଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ରାହୁଲ ଗାନ୍ଧୀଙ୍କ ଗସ୍ତକୁ ନେଇ ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ରାହୁଲ ଗାନ୍ଧୀ ଏହା ପୂର୍ବରୁ ଏପ୍ରିଲ ୨୮ରେ ସାଲେପୁର ଆସି କଂଗ୍ରେସ ପାଇଁ ପ୍ରଚାର କରିବା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସେ ତୀବ୍ର ସମାଲୋଚନା କରିଥିଲେ।

ସୂଚନାଯୋଗ୍ୟ ଯେ, ଆସନ୍ତା ୧୫ରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଓଡ଼ିଶା ଆସୁଛନ୍ତି। ଶାହା ଏହି ଗସ୍ତ କାଳରେ ରାଉରକେଲା, କଣ୍ଟାବାଞ୍ଜି ଏବଂ ସୋରଡାରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଆସନ୍ତା ୧୭ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶା ଗସ୍ତରେ ଆସିବେ। ସେ ସୁନ୍ଦରଗଡ଼, ହିଞ୍ଜିଳି ଏବଂ ପଦ୍ମପୁରଠାରେ ଆୟୋଜିତ ଏକ ସଭାରେ ଯୋଗଦେବେ। 'ବିକଶିତ ଭାରତ ବିକଶିତ ଓଡ଼ିଶା' ନିର୍ମାଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭିମୁଖ୍ୟ ସ୍ପଷ୍ଟ। ଓଡ଼ିଶା ଚାହୁଁଛି ଦୁଇଥର ପଦ୍ମ, ଦୁଇ ଗୁଣା ବିକାଶ। ୨୦୨୪ ସାଧାରଣ ନିର୍ବାଚନ ଓଡ଼ିଶା ପାଇଁ ପରିବର୍ତ୍ତନର ନିର୍ବାଚନ ହେବ । ଓଡ଼ିଶାରେ ହେବ ବିଜେପିର ସରକାର ଓ କେନ୍ଦ୍ରରେ ପୁଣି ଥରେ ହେବ ମୋଦି ସରକାର। ନିର୍ବାଚନ ପ୍ରଚାର ପାଇଁ ଆସନ୍ତା ୧୪ ତାରିଖରେ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଓଡ଼ିଶା ଆସୁଛନ୍ତି।

# ପ୍ୟାକିଂ ଖାଦ୍ୟର ଲେବୁଲ ବିଭ୍ରାନ୍ତ କରିପାରେ: ଆଇସିଏମ୍ଆର୍

**ନୂଆଦିଲ୍ଲୀ,୧୨।୫(ପି.ଟି.)**

ବଜାରରେ ଉପଲବ୍ଧ ହେଉଥିବା ପ୍ୟାକିଂ ଖାଦ୍ୟସାମଗ୍ରୀଗୁଡ଼ିକରେ ଲାଗିଥିବା ଲେବୁଲ୍‌ର ଦାବି ବିଭ୍ରାନ୍ତିକର ହୋଇପାରେ। ଦେଶର ଶୀର୍ଷ ସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଏନେଇ ସତର୍କ କରାଇଛି। ସ୍ୱାସ୍ଥ୍ୟକର ଖାଦ୍ୟ ଚୟନ ସମୟରେ ଗ୍ରାହକମାନେ ସେଥିରେ ଥିବା ଲେବୁଲର ତଥ୍ୟକୁ ଭଲଭାବେ ପଢ଼ିବା ଓ ଯାଞ୍ଚ କରିବା ଆବଶ୍ୟକ ବୋଲି ଆଇସିଏମ୍ଆର କହିଛି। ଶର୍କରାମୁକ୍ତ ଖାଦ୍ୟ ଭାବେ ବିକ୍ରି ହେଉଥିବା ସାମଗ୍ରୀଗୁଡ଼ିକରେ ପ୍ରଚୁର ଫ୍ୟାଟ୍ ଥାଇପାରେ। ସେହିପରି ପ୍ୟାକିଂ ହୋଇଥିବା ଫ୍ରୁଟ୍ ଜୁସ୍‌ରେ ମାତ୍ର ୧୦% ଫଳରସ ଥାଇପାରେ ବୋଲି ସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ସୂଚନା ଦେଇଛି।

ଭାରତର ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍ଏସ୍ଏସ୍ଏଆଇ) କଠୋର ନିୟମ ରଖିଥିଲେ ମଧ୍ୟ ଏହାର ଗୁରୁତର ଉଲ୍ଲଂଘନ ହେଉଥିବା ଦେଖାଯାଇଛି। ତେଣୁ ଖାଦ୍ୟସାମଗ୍ରୀ ପ୍ୟାକେଟ୍ ଉପରେ ଲାଗିଥିବା ଲେବୁଲ୍ ବିଭ୍ରାନ୍ତ କରିପାରେ ବୋଲି ଏହାର ଗାଇଡ୍‌ଲାଇନରେ କୁହାଯାଇଛି। ଆଇସିଏମ୍ଆର ଅଧୀନରେ ଥିବା ହାଇଦ୍ରାବାଦର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ (ଏନ୍ଆଇଏନ୍) ଗତ ବୁଧବାର ଏହି ଗାଇଡ୍‌ଲାଇନ ଜାରି କରିଥିଲା। ଯଦି ଖାଦ୍ୟସାମଗ୍ରୀରେ ରଙ୍ଗ ଏବଂ ସୁଗନ୍ଧ ମିଶାଯାଇ ନ ଥାଏ କିମ୍ବା ସର୍ବନିମ୍ନ ପ୍ରକ୍ରିୟାକରଣ ଦେଇ ପ୍ରସ୍ତୁତ କରାଯାଇଥାଏ, ତେବେ ତାହାକୁ 'ପ୍ରାକୃତିକ' କୁହାଯାଇପାରିବ ବୋଲି ଏନ୍ଆଇଏନ୍ କହିଛି। ବଜାରରେ ପ୍ରକୃତ ଫ୍ରୁଟ୍ ଜୁସ୍ ବୋଲି ଦାବି କରାଯାଉଥିବା ସାମଗ୍ରୀରେ ଚିନି ଓ ଅନ୍ୟାନ୍ୟ ଉପାଦାନ ପର୍ଯ୍ୟାପ୍ତ ପରିମାଣରେ ମିଶାଯାଉଥିବାବେଳେ ଫଳରସ ମାତ୍ର ୧୦% ରହୁଛି। ସେହିପରି 'ସମ୍ପୂର୍ଣ୍ଣ ଶସ୍ୟରୁ ପ୍ରସ୍ତୁତ' ଲେଖାଥିବା ପ୍ୟାକେଟର ଖାଦ୍ୟ ସାମଗ୍ରୀ ୩ ଥର ବା ତା'ଠାରୁ ଅଧିକ ପ୍ରକ୍ରିୟାକୃତ ହୋଇଛି କି ନାହିଁ, ତାହା କହିହେବ ନାହିଁ। ଖାଦ୍ୟସାମଗ୍ରୀ ଲେବୁଲରେ 'ଜୈବିକ' ଲେଖାଥିଲେ, ଏହା ସାଧାରଣତଃ ସମସ୍ତ କୃତ୍ରିମ ସଂରକ୍ଷକ, ସୁଗନ୍ଧ ଏବଂ ରଙ୍ଗରୁ ମୁକ୍ତ ହୋଇଥିବା ବିଶ୍ୱାସ କରାଯାଇଥାଏ। ଏହା କୀଟନାଶକ ଓ ରାସାୟନିକ ସାରରୁ ମୁକ୍ତ ବୋଲି ବିବେଚନା କରାଯାଇଥାଏ। ଉପରୋକ୍ତ ଦୁଇଟି ସର୍ତ୍ତ ପୂରଣ କରୁଥିଲେ ଲେବୁଲ ଉପରେ ୧୦୦ ପ୍ରତିଶତ ଜୈବିକ ଲେଖାଯିବା ସହ ଏଫ୍ଏସ୍ଏସ୍ଏଆଇ ଦ୍ୱାରା ସ୍ୱୀକୃତ 'ଜୈବିକ ଭାରତ' ଲୋଗୋ ରହିବ। ମଧୁମେହରେ ପୀଡ଼ିତ ଲୋକେ ସୁଗାର-ଫ୍ରି ଏବଂ କମ୍ କ୍ୟାଲୋରିଯୁକ୍ତ ଖାଦ୍ୟସାମଗ୍ରୀ ଖୋଜୁଛନ୍ତି। ତେବେ ବଜାରରେ ସୁଗାର-ଫ୍ରି ଦାବି କରାଯାଉଥିବା ଖାଦ୍ୟସାମଗ୍ରୀରେ ଫ୍ୟାଟ୍ସ, ରିଫାଇନ୍ ହୋଇଥିବା ଶସ୍ୟ, ଗୁପ୍ତ ଶର୍କରା ପ୍ରଚୁର ପରିମାଣରେ ରହିଥାଇପାରେ। ଏଗୁଡ଼ିକ ଉଚ୍ଚ ଗ୍ଲିସେମିକ୍ ଓ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ବୋଲି ଏନ୍ଆଇଏନ୍ କହିଛି।







## ସଂକ୍ଷେପରେ

### ନିଜ୍ଜର ହତ୍ୟା ମାମଲାରେ ୪ର୍ଥ ଭାରତୀୟ ଗିରଫ

**ୱାଶିଂଟନ/ଓଟାୱା,୧୨।୫(ପି.ଟି.):** ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ହରଦୀପ ସିଂ ନିଜ୍ଜର ହତ୍ୟା ମାମଲାରେ କାନାଡା କର୍ତ୍ତୃପକ୍ଷ ଚତୁର୍ଥ ଭାରତୀୟଙ୍କୁ ଗିରଫ କରିଛନ୍ତି। ସୁରିର ବ୍ରମ୍ପଟନ୍‌ରେ ରହୁଥିବା ଅମନଦୀପ ସିଂ(୨୨)ଙ୍କ ନାଁରେ ହତ୍ୟା ଏବଂ ହତ୍ୟା ଷଡ଼ଯନ୍ତ୍ର ମାମଲା ରୁଜୁ ହୋଇଛି। ପୂର୍ବରୁ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ସେ ପିଲ୍ ରିଜିଅନାଲ ପୋଲିସ ହାଜତରେ ରହିଥିଲେ। ଏହି ମାମଲାରେ କାନାଡା ପୋଲିସ ସପ୍ତାହେ ପୂର୍ବରୁ ୩ ଜଣ ଭାରତୀୟଙ୍କୁ ଗିରଫ କରିଥିଲା। କାନାଡାର ବ୍ରିଟିଶ କଲମ୍ବିଆ ଅନ୍ତର୍ଗତ ସୁରିସ୍ଥିତ ଏକ ଗୁରୁଦ୍ୱାରା ବାହାରେ ଗତବର୍ଷ ଜୁନ୍ ୧୮ରେ ଖଲିସ୍ତାନୀ ନେତା ନିଜ୍ଜରଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଭାରତର ସମ୍ପୃକ୍ତି ଥିବା ଓଟାୱାର ଅଭିଯୋଗ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖାଦେଇଛି। କାନାଡା ତଦନ୍ତକାରୀ ସଂସ୍ଥାର କହିବା ଅନୁଯାୟୀ ଅମନଦୀପ ଅସ୍ଥାୟୀ ଭିଜା ବଳରେ କାନାଡା ଆସି ହିଂସାତ୍ମକ ଅପରାଧରେ ସମ୍ପୃକ୍ତ ଥିଲେ। ୪ ଜଣ ହିଟ୍‌ମେନ୍ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହ ସମ୍ପୃକ୍ତ ଥିବା ସେମାନେ ସନ୍ଦେହ କରୁଛନ୍ତି।

### ୩୪ କୋଟି ଜବତ ମାମଲା: ଝାଡ଼ଖଣ୍ଡ ମନ୍ତ୍ରୀ ଆଲମଗିରଙ୍କୁ ଇଡି ସମନ

**ରାଞ୍ଚି,୧୨।୫:** ଝାଡ଼ଖଣ୍ଡର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଆଲମଗିର ଆଲମଙ୍କ ବ୍ୟକ୍ତିଗତ ସଚିବଙ୍କ ସହାୟକ ଘରୁ ଗତ ସପ୍ତାହରେ ୩୪ କୋଟି ଟଙ୍କା ଜବତ ହୋଇଥିଲା। ଏହି ମାମଲାରେ ସଚିବ ସଞ୍ଜୀବ ଲାଲ୍ ଏବଂ ତାଙ୍କ ଘରୋଇ ସହାୟକ ଜେହାଙ୍ଗୀରଙ୍କୁ ଗିରଫ କରାଯାଇଥିବାବେଳେ



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନ୍ତ୍ରୀ ଆଲମଗିରଙ୍କୁ ନୋଟିସ କରିଛି। ତାଙ୍କୁ ମଙ୍ଗଳବାର ଇଡି କାର୍ଯ୍ୟାଳୟରେ ହାଜର ହେବା ଲାଗି କୁହାଯାଇଛି। ଜବତ ଟଙ୍କା ସହ କୌଣସି ସମ୍ପର୍କ ନ ଥିବା ମନ୍ତ୍ରୀ କହି ଆସୁଛନ୍ତି। ତେବେ ଜେହାଙ୍ଗୀରଙ୍କ ସହ ମନ୍ତ୍ରୀଙ୍କର କୌଣସି ସମ୍ପର୍କ ଥିଲା କି ନାହିଁ, ତାହା ଜାଣିବା ପାଇଁ ଇଡି ସମନ କରିଛି। ମନିଲଣ୍ଡରିଂ ମାମଲାରେ ଗ୍ରାମାଞ୍ଚଳ ବିକାଶ ବିଭାଗର ବହୁ ଅଫିସର ସମ୍ପୃକ୍ତ ଥିବା ଇଡି ପୂର୍ବରୁ କହିଥିଲା।

### ଦୁର୍ଘଟଣାରେ କନ୍ନଡ଼ ଅଭିନେତ୍ରୀ ପବିତ୍ରା ଜୟରାମଙ୍କ ମୃତ୍ୟୁ

**ଅମରାବତୀ, ୧୨।୫:** ଏକ ସଡ଼କ ଦୁର୍ଘଟଣାରେ କନ୍ନଡ଼ ଅଭିନେତ୍ରୀ ପବିତ୍ରା ଜୟରାମ(୩୫)ଙ୍କର ରବିବାର ମୃତ୍ୟୁ ଘଟିଛି। ଆନ୍ଧ୍ରପ୍ରଦେଶର ମେହବୁବାନଗର ନିକଟସ୍ଥ ଏକ ହାଇ-ୱେରେ ପବିତ୍ରା ଯାଉଥିବା କାର୍‌ଟି ଏକ ବସ ସହ ଧକ୍କା ହୋଇଥିଲା। କାରରେ ଥିବା ଅନ୍ୟ ୨



ପରିବାର ସଦସ୍ୟ ଓ ଡ୍ରାଇଭର ଗୁରୁତର ହୋଇଛନ୍ତି। ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ବହୁ ବିଶିଷ୍ଟ କଳାକାର ଓ ପବିତ୍ରାଙ୍କ ବହୁ ପ୍ରଶଂସକ ଶୋକ ପ୍ରକାଶ କରିଛନ୍ତି। ପବିତ୍ରା 'ଜୋକାଲି' ସିରିଏଲରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତେଲୁଗୁ ସିରିଏଲ 'ତ୍ରିନୟନି'ର ତିଲୋତ୍ତମା ଚରିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା।

# ସନ୍ଦେଶଖାଳି: ଦିଦି, ମୋଦି ବାକ୍‌ଯୁଦ୍ଧ



ପଶ୍ଚିମବଙ୍ଗର ହାଓଡାରେ ଭାଜପାର ଏକ ସଭାକୁ ସମ୍ବୋଧିତ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। (ଫଟୋ: ଏଏନ୍ଆଇ)



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଫାଇଲ ଫଟୋ।

**ପଶ୍ଚିମବଙ୍ଗର ସନ୍ଦେଶଖାଳି ହିଂସାକୁ ନେଇ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଭୋଟ ବ୍ୟାଙ୍କ ରାଜନୀତି କରୁଛି। ଏହାର ଗୁଣ୍ଡାମାନେ ଅପରାଧୀଙ୍କୁ ସୁରକ୍ଷା ଦେବାକୁ ଯାଇ ସନ୍ଦେଶଖାଳିର ପୀଡ଼ିତା ମହିଳାମାନଙ୍କୁ ଧମକ ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ମିଛ କହିଚାଲିଛନ୍ତି। ରାଜ୍ୟପାଳଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିବା ପରେ ମଧ୍ୟ ମୋଦି ତାଙ୍କୁ ଇସ୍ତଫା ଦେବାକୁ କହୁନାହାନ୍ତି ବୋଲି ଟିଏମ୍‌ସି ସୁପ୍ରିମୋ ମମତା ସମାଲୋଚନା କରିଛନ୍ତି। ଲୋକ ସଭା ନିର୍ବାଚନରେ ସନ୍ଦେଶଖାଳି ଅନ୍ୟ ପ୍ରସଙ୍ଗଗୁଡ଼ିକୁ ପଛରେ ପକାଇ ବଡ଼ ରାଜନୈତିକ ମୁଦ୍ଦା ପାଲଟିଯାଇଛି।**

**କୋଲକାତା/ନୂଆଦିଲ୍ଲୀ,୧୨।୫**

ପଶ୍ଚିମବଙ୍ଗର ୪୨ ଲୋକ ସଭା ଆସନ ପାଇଁ ସମସ୍ତ ୭ଟିଯାକ ପର୍ଯ୍ୟାୟରେ ନିର୍ବାଚନ ହେଉଛି। ପୂର୍ବରୁ ୩ ପର୍ଯ୍ୟାୟରେ ୧୦ଟି ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇସାରିଥିବାବେଳେ ସୋମବାର ଚତୁର୍ଥ ପର୍ଯ୍ୟାୟରେ ୮ ଆସନରେ ଭୋଟ ଗ୍ରହଣ କରାଯିବ। ଏହାର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ମମତାଙ୍କ ଗଡ଼କୁ ଯାଇ ରାଜନୈତିକ ଉଷ୍ମତା ବଢ଼ାଇଦେଇଛନ୍ତି। ହାଓଡାର ଭାଜପା ପ୍ରାର୍ଥୀ ରଥିନ୍ ଚକ୍ରବର୍ତ୍ତୀଙ୍କ ପାଇଁ ପ୍ରଚାର ବେଳେ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଟିଏମ୍‌ସି ନିଜ ଗୁଣ୍ଡାମାନଙ୍କୁ ସୁରକ୍ଷା ଦେଉଛି। ଏଥିପାଇଁ ସନ୍ଦେଶଖାଳିର ଅପରାଧୀମାନଙ୍କୁ ସୁରକ୍ଷା ଦେଇ ପୀଡ଼ିତାମାନଙ୍କୁ ଧମକ ଦେଉଛି। ମୋଦି ଉତ୍ତର ୨୪ ପ୍ରଗଣାର ଏକ ରାଲିରେ ଆହୁରି କହିଛନ୍ତି, ଦିଦିଙ୍କ ଶାସନରେ ହିନ୍ଦୁମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ପାଲଟିଯାଇଛନ୍ତି। ମୋଦି ଥିବା ଯାଏ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ପଶ୍ଚିମବଙ୍ଗରେ ଲାଗୁ କରାଇବାରେ କେହି ଅଟକାଇପାରିବେ ନାହିଁ। ସନ୍ଦେଶଖାଳିର ମା' ଭଉଣୀଙ୍କ ସହ ଟିଏମ୍‌ସିର ଆଚରଣକୁ ଆମେ ଦେଖିଛେ। ଜମିହଡ଼ପ ଓ ଦଳିତ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ମାମଲାର ମୁଖ୍ୟ ଅଭିଯୁକ୍ତ ଶାହଜାହାନ୍ ଶେଖ୍‌ଙ୍କ ପାଇଁ ଏବେ ଟିଏମ୍‌ସି ଏହି ମହିଳାମାନଙ୍କୁ ଧମକାଉଛି। ସନ୍ଦେଶଖାଳିର ମହିଳାମାନଙ୍କଠାରୁ

> **ଅପରାଧୀଙ୍କୁ ସୁରକ୍ଷା ଦେବା ପାଇଁ ମହିଳାଙ୍କୁ ଧମକାଉଛନ୍ତି ଟିଏମ୍‌ସି ଗୁଣ୍ଡା: ପ୍ରଧାନମନ୍ତ୍ରୀ**

> **ମୋଦି ମିଛ କହିଚାଲିଛନ୍ତି, ରାଜ୍ୟପାଳଙ୍କୁ ଇସ୍ତଫା ମାଗୁନାହାନ୍ତି: ମମତା**

ଟିଏମ୍‌ସି ନେତାମାନେ ସାଦା କାଗଜରେ ଦସ୍ତଖତ କରାଉଥିବା ବେଳର କେତେକ ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଉଠିଥିବା ବିବାଦକୁ ନେଇ ମୋଦି ଏପରି କହିଛନ୍ତି। ମୋଦି ହୁଗୁଳିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି କହିଛନ୍ତି, ଏଥର ଶେହଜାଦାଙ୍କ ବୟସଠାରୁ କଂଗ୍ରେସ କମ୍ ଆସନ ପାଇବ। ଦୁର୍ନୀତି ହେଉଛି କଂଗ୍ରେସ, ଟିଏମ୍‌ସି ଏବଂ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ଦଳଗୁଡ଼ିକର ଚରିତ୍ର।

୨୪ ପ୍ରଗଣା ଜିଲା ଆମଡଙ୍ଗାରେ ମମତା କହିଛନ୍ତି, ସନ୍ଦେଶଖାଳିକୁ ନେଇ ଭାଜପାର ଷଡ଼ଯନ୍ତ୍ର ପଦାକୁ ଆସିବା ପରେ ମୋଦି ଲଜ୍ଜିତ ହେବା କଥା। କିନ୍ତୁ ସେ ସନ୍ଦେଶଖାଳି ଉପରେ ମିଛ କହିଚାଲିଛନ୍ତି। ରାଜ୍ୟପାଳ ଆନନ୍ଦ ବୋଷଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିଥିଲେ ମଧ୍ୟ ତାଙ୍କୁ ମୋଦି ଇସ୍ତଫା ଦେବାକୁ କାହିଁକି ପରାମର୍ଶ ଦେଉନାହାନ୍ତି। ଶାହାଜାହାନ୍ ଶେଖଙ୍କ ବିରୋଧରେ ବିକ୍ଷୋଭ କରିବା ଲାଗି ୭୦ ମହିଳାଙ୍କୁ ୨,୦୦୦ ଟଙ୍କା ଲେଖାଏ ଦିଆଯାଇଛି ବୋଲି ଜଣେ ଭାଜପା ନେତା କହୁଥିବା ବେଳର ଭିଡିଓ ଭାଇରାଲ ହେବାକୁ ନେଇ ମମତା ଏପରି ଜବାବ ଦେଇଛନ୍ତି। ଇତିମଧ୍ୟରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଏବଂ ଭାଜପାର ପିୟାଲି ଦାସ ରାଜନୈତିକ ସ୍ୱାର୍ଥ ପାଇଁ ମହିଳାମାନଙ୍କୁ ଶୋଷଣ କରିଥିବା ଅଭିଯୋଗ ଆଣି ଟିଏମ୍‌ସି ରବିବାର ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି।

### ଆଜି ୯୬ ଆସନରେ ଭୋଟ

**ନୂଆଦିଲ୍ଲୀ,୧୨।୫(ପି.ଟି.):** ଲୋକ ସଭା ନର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ସୋମବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକ ସଭା ଆସନରେ ଭୋଟ ନିଆଯିବ। ଓଡ଼ିଶାର ୪ ଲୋକ ସଭା ଆସନ ସମେତ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନରେ ସୋମବାର ମତଦାନ ହେବାକୁ ଥିବାବେଳେ ଆନ୍ଧ୍ରପ୍ରଦେଶର ସମସ୍ତ ଲୋକ ସଭା ଓ ୧୭୫ ବିଧାନସଭା ଆସନ ପାଇଁ ଭୋଟିଂ ହେବ। ଚତୁର୍ଥ ପର୍ଯ୍ୟାୟରେ ମୋଟ ୧,୭୧୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲାବେଳେ ୧୭.୭୦ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ଭୋଟର ୧.୯୨ ଲକ୍ଷ ପୋଲିଂ ଷ୍ଟେଶନରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ନିର୍ବାଚନ ପରିଚାଳନା ପାଇଁ ୧୯ ଲକ୍ଷରୁ ଅଧିକ ପୋଲିଂ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ନିତ୍ୟାନନ୍ଦ ରାୟ, ରାଓସାହେବ ଡାନ୍‌ଭେ, କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଟିଏମ୍‌ସିରୁ ପୂର୍ବତନ କ୍ରିକେଟର ୟୁସୁଫ୍ ପଠାନ, ଭାଜପା ନେତ୍ରୀ ପଙ୍କଜା ମୁଣ୍ଡେ, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ଏବଂ ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ୱାଇ.ଏସ୍. ଶର୍ମିଳା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରା ଟେନି, ଟିଏମ୍‌ସିର ମହୁଆ ମୋଇତ୍ର, ଅଭିନେତାରୁ ରାଜନେତା ଶତ୍ରୁଘ୍ନ ସିହ୍ନା, ଭାଜପା ନେତା ଦିଲୀପ ଘୋଷ ପ୍ରମୁଖଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି। ପୂର୍ବ ୩ ପର୍ଯ୍ୟାୟରେ ୨୮୩ ଲୋକ ସଭା ଆସନରେ ମତଦାନ ଶେଷ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶର ସମସ୍ତ ୨୫ ଏବଂ ତେଲଙ୍ଗାନାର ସମସ୍ତ ୧୭ ଆସନରେ ମତଦାନ ହେବାକୁ ଯାଉଥିବାବେଳେ ଉତ୍ତରପ୍ରଦେଶର ୧୩, ବିହାରର ୫, ଓଡ଼ିଶା ଓ ଝାଡ଼ଖଣ୍ଡର ୪ଟି ଲେଖାଏ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ଟି ଲେଖାଏ, ମହାରାଷ୍ଟ୍ରର ୧୧ଟି ଏବଂ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ଭୋଟଗ୍ରହଣ କରାଯିବ।

## ଇସ୍ରାଏଲ୍‌କୁ ଇରାନର ଆଣବିକ ଆକ୍ରମଣ ଧମକ

**ତେହେରାନ,୧୨।୫**

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଇରାନର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୟିଦ କମଲ ଖାରାଜି ଇସ୍ରାଏଲ୍‌କୁ ଆଣବିକ ବୋମାରେ ଆକ୍ରମଣ ଧମକ ଦେଇଛନ୍ତି। ଏବେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମନେଇଙ୍କ ଉପଦେଷ୍ଟା ଥିବା ଖାରାଜି କହିଛନ୍ତି, ଇସ୍ରାଏଲ୍ ପଟୁ ଇରାନ ପ୍ରତି ବିପଦ ଦେଖାଦେଲେ ଏହା ଆଣବିକ ନୀତିରେ ପରିବର୍ତ୍ତନ କରିବାକୁ ବାଧ୍ୟ ହେବ। ଆଣବିକ ବୋମା ପ୍ରସ୍ତୁତ କରିବାରୁ କୌଣସି ନିଷ୍ପତ୍ତି



ଆୟାତୋଲ୍ଲା ଅଲି ଖାମନେଇ

ଆମେ ନେଇନାହୁଁ। ତେବେ ଇରାନର ସ୍ଥିତି ପ୍ରତି ଯଦି ବିପଦ ଦେଖାଦିଏ, ତେବେ ଆମ ସାମରିକ ସିଦ୍ଧାନ୍ତରେ ପରିବର୍ତ୍ତନ କରିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ବୋଲି ଖାରାଜି କହିଛନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲରେ ସିରିଆ ରାଜଧାନୀ ଡମାସ୍କସ୍‌ରେ ଥିବା ଇରାନ ଦୂତାବାସ ଉପରେ ଇସ୍ରାଏଲ୍‌ର ବୋମାମାଡ଼ର ଜବାବରେ ତେହେରାନ ଇସ୍ରାଏଲୀ ଅଞ୍ଚଳକୁ ଟାର୍ଗେଟ କରି ଡ୍ରୋନ୍ ଓ ମିଶାଇଲ୍ ମାଡ଼ କରିଥିଲା। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଥିଲା। ଅଣୁଅସ୍ତ୍ରର ବିକାଶ ନ କରିବାକୁ ଖାମନେଇ ପୂର୍ବରୁ ଫତୱା ଜାରି କରିଥିବା ସତ୍ତ୍ୱେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ବାହ୍ୟ ଚାପ ପଡ଼ିଲେ ଇରାନ ଏହାର ଆଣବିକ ସ୍ଥିତିର ପୁନଃଆକଳନ କରିପାରିବ ବୋଲି ୨୦୨୧ରେ ତତ୍କାଳୀନ ଗୋଇନ୍ଦା ମନ୍ତ୍ରୀ ସୂଚନା ଦେଇଥିଲେ।

## ଖାର୍ଗେଙ୍କ ହେଲିକପ୍ଟର ଯାଞ୍ଚ ହେଲା

**ନୂଆଦିଲ୍ଲୀ,୧୨।୫**

ବିହାରର ସମସ୍ତିପୁରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ହେଲିକପ୍ଟରକୁ ଯାଞ୍ଚ କରାଯାଇଛି। ଭାଜପା ଓ ଏହାର ସହଯୋଗୀ ଦଳର ନେତାଙ୍କୁ ଅବାଧ ବିଚରଣ ଅନୁମତି ମିଳୁଥିବାବେଳେ ବିରୋଧୀ ନେତାଙ୍କୁ ଟାର୍ଗେଟ କରାଯାଉଥିବା କଂଗ୍ରେସ କହିଛି। ପୂର୍ବରୁ ରାହୁଲ ଗାନ୍ଧୀଙ୍କ ହେଲିକପ୍ଟରକୁ ଯାଞ୍ଚ କରାଯାଇଥିଲା। ବିରୋଧୀଙ୍କ ପ୍ରତି ଇସିଙ୍କ ଦୁର୍ଭାବନାପୂର୍ଣ୍ଣ ଆଚରଣ ଗଣତନ୍ତ୍ରର ହତ୍ୟା ବୋଲି କଂଗ୍ରେସ ନେତା ରାଜେଶ ରାଠୋର ଏକ୍ସ'ରେ ଲେଖିଛନ୍ତି।

## ମୋଦି ଦେଶର ସବୁ ସମ୍ପତ୍ତି ୪/୫ ଜଣ ଧନୀଙ୍କୁ ଦେଇଛନ୍ତି: ପ୍ରିୟଙ୍କା

**ରାଏବରେଲି,୧୨।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମସ୍ତ ସମ୍ପତ୍ତିକୁ ୪/୫ ଜଣ ଧନୀବ୍ୟକ୍ତିଙ୍କୁ ଦେଇଥିବା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରବିବାର କହିଛନ୍ତି। ରାଏବରେଲିରେ ନିଜ ଭାଇ ତଥା କଂଗ୍ରେସ ପ୍ରାର୍ଥୀ ରାହୁଲ ଗାନ୍ଧୀଙ୍କ ସମର୍ଥନରେ ଏକ ରାଲିକୁ ସମ୍ବୋଧିତ କରି ପ୍ରିୟଙ୍କା କହିଥିଲେ, ମୋଦି ୧୦ ବର୍ଷ ହେଲା ବାରାଣସୀର ଏମ୍‌ପି ଅଛନ୍ତି। ସେ ଦିନେ ହେଲେ ଏହି ନିର୍ବାଚନ ମଣ୍ଡଳୀର କୌଣସି ଗାଁକୁ ଯାଇ ନାହାନ୍ତି କି ଚାଷୀମାନଙ୍କୁ ସେମାନଙ୍କ ଭଲମନ୍ଦ ପଚାରି ନାହାନ୍ତି। ଘରୋଇକରଣ ମନ୍ଦ ନୁହେଁ କିନ୍ତୁ ମୋଦି ଘରୋଇକରଣ ନାଁରେ ରାଷ୍ଟ୍ରର ସମସ୍ତ ସମ୍ପତ୍ତିକୁ ୪ରୁ ୫ ଜଣ ଧନୀ ବ୍ୟକ୍ତିଙ୍କ ହାତରେ ଟେକିଦେବା ଠିକ୍ ନୁହେଁ ବୋଲି ପ୍ରିୟଙ୍କା କହିଛନ୍ତି। ଏବେ ଦେଶର କୋଇଲା, ବିଜୁଳି, ବନ୍ଦର ଓ ଏୟାରପୋର୍ଟଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ବନ୍ଧୁମାନଙ୍କ ହାତରେ ରହିଥିବା କଂଗ୍ରେସ ନେତ୍ରୀ ଅଭିଯୋଗ କରିଛନ୍ତି।

## ସୋନିଆ ଏମ୍‌ପି ପାଣ୍ଠିର ୭୦% ସଂଖ୍ୟାଲଘୁଙ୍କ ପାଇଁ ଖର୍ଚ୍ଚ କରିଛନ୍ତି: ଶାହା

**ପ୍ରତାପଗଡ଼,୧୨।୫**

ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ତାଙ୍କ ସାଂସଦ ପାଣ୍ଠିର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁଙ୍କ ପାଇଁ ଖର୍ଚ୍ଚ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରବିବାର ଅଭିଯୋଗ କରିଛନ୍ତି। ଗାନ୍ଧୀ ପରିବାର ମିଛ କହିବାରେ ଧୁରନ୍ଧର ବୋଲି ଶାହା ରାଏବରେଲିରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରି କହିଛନ୍ତି। ପ୍ରତାପଗଡ଼ରେ ଅନ୍ୟ ଏକ ରାଲିରେ ସେ କହିଥିଲେ, ପାକିସ୍ତାନର ପରମାଣୁ ବୋମାକୁ ରାହୁଲ ଡରୁଥାଇ ପାରନ୍ତି, କିନ୍ତୁ ଭାଜପା ଡରେନାହିଁ। ପାକ୍ ଅଧିକୃତ କଶ୍ମୀର ଭାରତର ଓ ଆମେ ଏହାକୁ ହାସଲ କରିବୁ ବୋଲି ଶାହା କଂଗ୍ରେସ ନେତା ମଣିଶଙ୍କର ଆୟାରଙ୍କ ପାକିସ୍ତାନୀ ବୋମା ମନ୍ତବ୍ୟର ସମାଲୋଚନା କରି କହିଥିଲେ।

## ୨୦୨୫ ସୁଦ୍ଧା ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥା ହେବ ଭାରତ

**ନୂଆଦିଲ୍ଲୀ,୧୨।୫**

ଭାରତ ୨୦୨୫ ସୁଦ୍ଧା ଜାପାନକୁ ଟପି ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବ ବୋଲି ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ ପୂର୍ବାନୁମାନ କରିଛନ୍ତି। ଭାରତର ଜି-୨୦ ଶେର୍ପା ଥିବା ଅମିତାଭ ବିଭିନ୍ନ ସକାରାତ୍ମକ ମାକ୍ରୋ ଅର୍ଥନୀତି ସୂଚକାଙ୍କ ଆଧାରରେ ଏହା କହିଛନ୍ତି। ବିଶ୍ୱ ଅର୍ଥନୀତିରେ ଆମେରିକା, ଚାଇନା, ଜର୍ମାନୀ ଓ ଜାପାନ ପରେ ଭାରତ ଏବେ ପଞ୍ଚମ ସ୍ଥାନରେ ରହିଛି। ୨୦୨୨ରେ ଏହା ବ୍ରିଟେନ୍ ଅର୍ଥନୀତିକୁ ପଛରେ ପକାଇଥିଲା।

୧୦ ବର୍ଷ ପୂର୍ବେ ଭାରତର ଜିଡିପି ୧୧ତମ ସ୍ଥାନରେ ରହିଥିଲା। ଏବେ ଦେଶର ଜିଡିପି ୩.୭ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ୨୦୧୩ରେ ଭାରତ ୫ ଦୁର୍ବଳ ଅର୍ଥବ୍ୟବସ୍ଥା ମଧ୍ୟରେ ଥିଲାବେଳେ ୨୦୨୪ରେ ଏହା ଶୀର୍ଷ ୫ ଅର୍ଥନୀତି ମଧ୍ୟରେ ସ୍ଥାନ ପାଇଛି। ରେକର୍ଡ ପରିମାଣର ଜିଏସ୍‌ଟି ସଂଗ୍ରହ, ଗତ ୩ଟି ତ୍ରୈମାସିକରେ ୮ ପ୍ରତିଶତରୁ ଅଧିକ ଜିଡିପି ଅଭିବୃଦ୍ଧି, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାରରୁ ଏହି ସଫଳତା ମିଳିପାରିଛି। ଏହା ବ୍ୟତୀତ ଇସ୍ପାତ, ସିମେଣ୍ଟ, ଗାଡ଼ି ଉତ୍ପାଦନ ସେକ୍ଟରରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସହ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚରରେ ଭାରତ ବିଶ୍ୱରେ ନେତୃତ୍ୱ ସ୍ଥାନରେ ରହିଛି। ଭାରତରେ ଇ-କାରବାର ୧୩୪ ବିଲିୟନରେ ପହଞ୍ଚିଛି, ଯାହାକି ସମଗ୍ର ବିଶ୍ୱର ଡିଜିଟାଲ ପେମେଣ୍ଟର ୪୬ ପ୍ରତିଶତ। ସେହିପରି ଭାରତର ବାର୍ଷିକ ମୁଦ୍ରାସ୍ଫୀତି ୨୦୦୩-୦୪ରୁ ୨୦୧୩-୧୪ ମଧ୍ୟରେ ୮.୨ ପ୍ରତିଶତ ଥିବାବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଏହା ୫ ପ୍ରତିଶତକୁ ହ୍ରାସ ପାଇଛି, ଯାହା ଭାରତର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଥିବା ଅମିତାଭ କହିଛନ୍ତି।

**ଫୁରସତ୍**

## ପାକିସ୍ତାନରେ ହୃଦୟ ଜିଣୁଛି ଭାରତୀୟ ଫୁଡ୍ ଷ୍ଟଲ୍

**କରାଚୀ**

ଭାରତରେ ଅନେକ ପ୍ରକାରର ଖାଦ୍ୟ ମିଳିଥାଏ। ଲୋକମାନେ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଅନେକ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ଭାରତରେ ଏପରି ଅନେକ ଫୁଡ୍ ଷ୍ଟଲ୍ ରହିଛି, ଯେଉଁଠାରେ ବିଭିନ୍ନ ଦେଶର ଅନେକ ପ୍ରସିଦ୍ଧ ଖାଦ୍ୟ ଉପଲବ୍ଧ ରହିଥାଏ, ଯାହାର ମଜା ଭାରତୀୟମାନେ ନେଇଥାନ୍ତି। ଅନ୍ୟପକ୍ଷରେ ପାକିସ୍ତାନରେ ମଧ୍ୟ ଏକ ଭାରତୀୟ ଫୁଡ୍ ଷ୍ଟଲ୍ ବେଶ୍ ପ୍ରସିଦ୍ଧିଲାଭ କରିଛି। ଏହି ଫୁଡ୍ ଷ୍ଟଲ୍‌ରେ ମିଳୁଥିବା ଭାରତୀୟ ଖାଦ୍ୟକୁ ସ୍ଥାନୀୟ ଲୋକେ ବେଶ୍ ପସନ୍ଦ କରୁଥିବା ଜଣାପଡ଼ିଛି।



ପାକିସ୍ତାନର କରାଚୀ ସହରର କ୍ୟାଣ୍ଟନ୍‌ମେଣ୍ଟ ରେଳ ଷ୍ଟେଶନ ନିକଟରେ ଏକ ଫୁଡ୍ ଷ୍ଟଲ୍ ରହିଛି, ଯାହା ଏକ ହିନ୍ଦୁ ପରିବାର ଦ୍ୱାରା ପରିଚାଳିତ ହେଉଛି। ପରିବାରର ଅନ୍ୟ ସଦସ୍ୟଙ୍କ ସହାୟତାରେ କବିତା ନାମ୍ନୀ ଜଣେ ମହିଳାଙ୍କ ଦ୍ୱାରା ଲଗାଯାଉଥିବା ଏହି ଫୁଡ୍ ଷ୍ଟଲ୍‌ର ନାମ ହେଉଛି 'କବିତା ଦିଦି କା ଇଣ୍ଡିଆନ ଖାନା'। ଏହି ଫୁଡ୍ ଷ୍ଟଲ୍ ସାରା କରାଚୀରେ ପ୍ରସିଦ୍ଧିଲାଭ କରିଥିବାବେଳେ ଏଥିରେ ଉଭୟ ଭାରତୀୟ ଶାକାହାରୀ ଏବଂ ଅଣ ଶାକାହାରୀ ଖାଦ୍ୟ ଉପଲବ୍ଧ ରହିଥାଏ। ନିକଟରେ କରାମତ୍ ଖାନ୍ ନାମକ ଜଣେ ପାକିସ୍ତାନୀ ଫୁଡ୍ ବ୍ଲଗର୍ ସୋସିଆଲ ମିଡିଆରେ ଏହି ଭାରତୀୟ ଫୁଡ୍ ଷ୍ଟଲ୍‌ର ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ କବିତାଙ୍କ ଫୁଡ୍ ଷ୍ଟଲ୍ ପରିଦର୍ଶନ କରିବା ସହ ନିଜ ଅଭିଜ୍ଞତା ବଖାଣିଛନ୍ତି। ଏହି ଷ୍ଟଲ୍‌ରେ ଉଭୟ ହିନ୍ଦୁ ଏବଂ ମୁସଲମାନମାନେ ମିଳିମିଶି ଭାରତୀୟ ଖାଦ୍ୟର ମଜା ନେଉଥିବା କରାମତ୍ କହିଛନ୍ତି। ଏହି ଫୁଡ୍ ଷ୍ଟଲ୍‌ର ପ୍ରତ୍ୟେକ ଖାଦ୍ୟ ବେଶ୍ ସ୍ୱାଦିଷ୍ଟ ହୋଇଥିବାରୁ ଏଥିରେ ଗ୍ରାହକଙ୍କର ଭିଡ଼ ପରିଲକ୍ଷିତ ହେଉଥିବା ସେ କହିଛନ୍ତି। ତେବେ କରାଚୀର ଲୋକମାନେ ବିଶେଷ ଭାବରେ ଭାରତୀୟ ଖାଦ୍ୟ, 'ପାଓ ଭାଜି', 'ବଡା ପାଓ' ଏବଂ 'ଡାଲ୍ ସମୋସା' ପସନ୍ଦ କରୁଥିବା କରାମତ୍ କହିଛନ୍ତି। ତେବେ କରାମତ୍‌ଙ୍କ ଏହି ଭିଡିଓରେ କବିତା କହିଛନ୍ତି, ମୁମ୍ବାଇ ପରି 'ବଡାପାଓ'କୁ କରାଚୀର ଲୋକମାନେ ମଧ୍ୟ ବେଶ୍ ପସନ୍ଦ କରିବା ଆରମ୍ଭ କରିଛନ୍ତି। ଏହି ଭିଡିଓ ଏବେ ଇନ୍‌ଷ୍ଟାଗ୍ରାମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ୟୁଜର୍ସ ମାନେ ଭିଡିଓକୁ ପସନ୍ଦ କରିବା ସହ କବିତାଙ୍କୁ ସମର୍ଥନ କରିବା ପାଇଁ କରାଚୀ ସହରର ଜନସାଧାରଣଙ୍କୁ ଅପିଲ କରିଛନ୍ତି।

## ହେଡ୍‌କ୍ୱାର୍ଟର୍ସରେ ପିଲାଙ୍କୁ ଛାଡ଼ି ସୀମାରେ ମହିଳା ଯବାନ

**ଜୈସଲମେର:** ରାଜସ୍ଥାନର ଜୈସଲମେରସ୍ଥିତ ଭାରତ-ପାକିସ୍ଥାନ ସୀମାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ଅନେକ ମହିଳା ଯବାନ ଭାରତକୁ ସୁରକ୍ଷା ଯୋଗାଉଛନ୍ତି। ୪୫ ଡିଗ୍ରୀ ତାତିରେ ସେମାନେ ଦେଶର ସୀମାକୁ ଜଗି ରହୁଛନ୍ତି। ଦେଶ ସୁରକ୍ଷା ପାଇଁ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଏହି ମହିଳା ଯବାନମାନଙ୍କ ମଧ୍ୟରୁ କେତେଜଣ ଡ୍ୟୁଟି ହେତୁ ନିଜ ପିଲାଙ୍କୁ ମୁଖ୍ୟାଳୟରେ ଛାଡ଼ି ଆସିବାକୁ ବାଧ୍ୟ ହେଉଛନ୍ତି। ସମ୍ପ୍ରତି ମହିଳା ସଶକ୍ତୀକରଣ ପାଇଁ ବିଏସ୍‌ଏଫ୍ ମହିଳା ଯବାନଙ୍କୁ ସୀମା ସୁରକ୍ଷା ଦାୟିତ୍ୱ ନ୍ୟସ୍ତ କରିବାରେ ଲାଗିଛି। ଜୈସାଲମେରସ୍ଥିତ ଶାହଗଡ଼ ବୁଲ୍‌ଜ ଅଞ୍ଚଳର ଦ୍ୱିତୀୟ ସୀମା ଆଉଟ୍‌ପୋଷ୍ଟ ଦାୟିତ୍ୱରେ ସମ୍ପୂର୍ଣ୍ଣ ଭାବେ ମହିଳା



ଯବାନଙ୍କୁ ବିଏସ୍‌ଏଫ୍ ନିୟୋଜିତ କରିଛି। ସେନାରେ ଲିଙ୍ଗଗତ ସମାନତା ଦିଗରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିବେଚନା କରାଯାଉଛି। ରବିବାର ମାତୃ ଦିବସ ଅବସରରେ ବିଏସ୍‌ଏଫ୍ ରାଜସ୍ଥାନ ସୀମାର ଇନ୍ସପେକ୍ଟର ଜେନେରାଲ ମକନ୍ଦର ଦେଉସ୍କର ଏହି ଅଞ୍ଚଳ ପରଦର୍ଶନବେଳେ ମହିଳା ଯବାନଙ୍କ ସହ ଆଲୋଚନା କରି ସେମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ବିଲୁପ୍ତି ପଥେ କାଳବୈଶାଖୀ



ନିକୁଞ୍ଜ ବିହାରୀ ସାହୁ

"କାଳବୈଶାଖୀ ଏକ ସ୍ଥାନୀୟ ବାୟୁପ୍ରବାହ ଏବଂ ଏକ ଝଡ଼, ଯାହା ସାଧାରଣତଃ ଖରାଦିନେ କିଛି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଯଥା ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ପ୍ରବାହିତ ହୋଇଥାଏ। ଏହା ଆମ ଓଡ଼ିଶାରେ ସାଧାରଣତଃ ବୈଶାଖ ମାସରେ ପ୍ରବାହିତ ହେଉଥିବାରୁ ଏହାକୁ 'କାଳବୈଶାଖୀ' ବୋଲି କୁହାଯାଏ। ଏହିସବୁ ଅଞ୍ଚଳ ଏପ୍ରିଲରୁ ଆରମ୍ଭ କରି ଜୁନ୍ ମାସର ପ୍ରାରମ୍ଭ ପର୍ଯ୍ୟନ୍ତ କାଳବୈଶାଖୀର କରାଳ ପରିଧି ମଧରେ ଥାଏ। ଏହା ବିହାର ଓ ଝାଡ଼ଖଣ୍ଡ ରାଜ୍ୟ ମଧରେ ଥିବା ଛୋଟନାଗପୁର ମାଳଭୂମି ଅଞ୍ଚଳରୁ ଉତ୍ପତ୍ତି ହୋଇଥାଏ, ଯାହା ସମୟକ୍ରମେ ଶକ୍ତିଶାଳୀ ହୋଇ ଉତ୍ତରପୂର୍ବ ଦିଗରେ ଗତିକରି ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ଆଡ଼କୁ ଅଗ୍ରସର ହୋଇଥାଏ।"

ଖରାଦିନର ଏକ ଉତ୍ତପ୍ତ ଅପରାହ୍ନ। ଧୁ ଧୁ ମୁଣ୍ଡଫଟା ଖରା, ପ୍ରବଳ ଗରମ, ଗୁଳୁଗୁଳି ଓ ଝାଞ୍ଜି ପବନରେ ଅତିଷ୍ଠ ସାଧାରଣ ଜନଜୀବନ। ପିଲାମାନେ ଯାଇଥାନ୍ତି ଆମ୍ବତୋଟାକୁ ଆମ୍ବ ଖାଇବାକୁ। ହଠାତ୍ ପବନ ସୁ ସୁ ବହିବାକୁ ଆରମ୍ଭ କରେ। ଚାରିଆଡ଼ ଧୂଳି ଉଡ଼ାଇ ମାଡ଼ିଆସେ ଧୂମାଳ ଓ ପ୍ରଚଣ୍ଡ କଳାହାଣ୍ଡିଆ ମେଘ। ଚାହୁଁ ଚାହୁଁ ପାଗ ସମ୍ପୂର୍ଣ୍ଣ ବଦଳିଯାଏ। ପ୍ରଚଣ୍ଡ ଘଡ଼ଘଡ଼ି ଓ ବିଜୁଳି ସହିତ ପ୍ରବଳ ବର୍ଷା ବର୍ଷିବାକୁ ଲାଗେ। କୁଆପଥର ବି ପଡ଼ିଥାଏ। ପିଲାମାନେ ଭୟରେ ଆମ୍ବତୋଟାରୁ ଘରକୁ ଦୌଡ଼ିବାକୁ ଲାଗନ୍ତି। ଗଛ ଡାଳସବୁ ମଡ଼ମଡ଼ ହୋଇ ଭାଙ୍ଗି ପଡ଼େ। କିଛି ସମୟ ପରେ ବର୍ଷା ସମ୍ପୂର୍ଣ୍ଣ ଛାଡ଼ିଯାଏ, ପବନ ବି ଥମିଯାଏ ଓ ପାଗ ପୁଣି ସାଧାରଣ ଅବସ୍ଥାକୁ ଫେରିଆସେ। ଏହା ହିଁ ଆମ ଗାଁ ଗହଳିରେ ଅଦିନିଆ ଝଡ଼, ଯାହା ସାଧାରଣତଃ 'କାଳବୈଶାଖୀ' ନାମରେ ପରିଚିତ। ପବନ ଛାଡ଼ିଯିବା ପରେ ଲୋକମାନେ ଆମ୍ବତୋଟାକୁ ଯାଇ ଝଡ଼ିପଡ଼ିଥିବା ଆମ୍ବ ତୋଳିବାର ଦୃଶ୍ୟର ସ୍ମୃତି ଏବେ ବି ଆମ ଗାଁ ଗହଳିରେ ଉଜ୍ଜୀବିତ।



**କାଳବୈଶାଖୀର କାୟା :** କାଳବୈଶାଖୀ ଏକ ସ୍ଥାନୀୟ ବାୟୁପ୍ରବାହ ଏବଂ ଏକ ଝଡ଼, ଯାହା ସାଧାରଣତଃ ଝରାଦିନେ କିଛି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଯଥା ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ପ୍ରବାହିତ ହୋଇଥାଏ। ଏହା ଆମ ଓଡ଼ିଶାରେ ସାଧାରଣତଃ ବୈଶାଖ ମାସରେ ପ୍ରବାହିତ ହେଉଥିବାରୁ ଏହାକୁ 'କାଳବୈଶାଖୀ' ବୋଲି କୁହାଯାଏ। ଏହିସବୁ ଅଞ୍ଚଳ ଏପ୍ରିଲ ମାସରୁ ଆରମ୍ଭ କରି ଜୁନ୍ ମାସର ପ୍ରାରମ୍ଭ ପର୍ଯ୍ୟନ୍ତ କାଳବୈଶାଖୀର କରାଳ ପରିଧି ମଧରେ ଥାଏ। ଏହା ବିହାର ଓ ଝାଡ଼ଖଣ୍ଡ ରାଜ୍ୟ ମଧରେ ଥିବା ଛୋଟନାଗପୁର ମାଳଭୂମି ଅଞ୍ଚଳରୁ ଉତ୍ପତ୍ତି ହୋଇଥାଏ, ଯାହା ସମୟକ୍ରମେ ଶକ୍ତିଶାଳୀ ହୋଇ ଉତ୍ତରପୂର୍ବ ଦିଗରେ ଗତି କରି ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ଦିଗରେ ଅଗ୍ରସର ହୋଇଥାଏ। ଝଡ଼ରେ ପବନର ବେଗ ସାଧାରଣତଃ ୫୦ ରୁ ୬୦ କି.ମି. ହୋଇଥିଲାବେଳେ ବେଳେବେଳେ ଏହା ବୃଦ୍ଧି ପାଇ ଘଣ୍ଟା ପ୍ରତି ୧୦୦ କି.ମି. ପର୍ଯ୍ୟନ୍ତ ଦୂରନ୍ତ ବେଗରେ ପ୍ରବାହିତ ହୋଇଥାଏ। ପ୍ରବଳ ବୃଷ୍ଟିପାତ ସହିତ କୁଆପଥର ବି ପଡ଼ିଥାଏ। ଏହା ମଧ ମାତ୍ର ଝଡ଼ର ଏପରି ପ୍ରଳୟଙ୍କରୀ ରୂପ ସତ୍ତ୍ୱେ ଏହା ପାଗ ଥଣ୍ଡା ରଖି ପରିବେଶର ତାପମାତ୍ରା ହ୍ରାସ କରିବାରେ ସହାୟକ ହୋଇଥାଏ, ଯାହାଦ୍ୱାରା ଖରାଦିନର ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ। କାଳବୈଶାଖୀର ବୃଷ୍ଟିପାତ ଧାନ, ଝୋଟ ଭଳି ଖରିଫ ଫସଲ ନିମନ୍ତେ ବେଶ୍ ଲାଭକାରୀ ପ୍ରମାଣିତ ହୋଇଥାଏ। ଅବଶ୍ୟ କୁଆପଥର ମାଡ଼ରେ କିଛି ଫସଲ ହାନି ମଧ ଘଟିଥାଏ। ଏହା ମଧ ଶୁଖିଲା ମାଟିକୁ ଆର୍ଦ୍ର ରଖେ ଯାହା କୃଷିକାର୍ଯ୍ୟରେ ସହାୟକ ହୋଇଥାଏ। ଆହୁରି ମଧ, ବାୟୁରେ ଉଡୁଥିବା ଧୂଳିକଣାସବୁ ବର୍ଷାରେ ତଳେ ପଡ଼ିଯିବାରୁ ଆକାଶ ନିର୍ମଳ ଓ ସ୍ୱଚ୍ଛ ଦିଶିଥାଏ। ଝଡ଼ର ପବନରେ ବାୟୁରେ ଉଡୁଥିବା ଫସଲର ଅନିଷ୍ଟକାରୀ କୀଟପତଙ୍ଗ ସବୁ ମଧ ମରିଯାଇଥାନ୍ତି।

ବାଂଲାଦେଶରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ।

**କ୍ଷୟକ୍ଷତି ଓ ଉପକାର :** କାଳବୈଶାଖୀର ପ୍ରଭାବରେ ଧନଜୀବନର ଅନେକ କ୍ଷୟକ୍ଷତି ଘଟିଥାଏ। ପବନରେ ଗାଁ ଗହଳିର ପୁରୁଣା ଚାଳଘର ସବୁର ଛପର ଉଡ଼ିଯାଏ ତଥା ବାଡ଼ିବଗିଚାର ବୁଢ଼ା ଗଛ ସବୁ ଭାଙ୍ଗି ପଡ଼ନ୍ତି। ଏହି ସମୟର ଏକ ପ୍ରାକୃତିକ ବିପ୍ୱାତ ହେଉଛି ବଜ୍ରପାତ। କାଳବୈଶାଖୀର ଅନ୍ତୁଡ଼ିଶାଳ କଳାହାଣ୍ଡିଆ ବାଦଲର ସ୍ୱଳ୍ପ ଉଚ୍ଚତା ହେତୁ ଏଥିରୁ ବଜ୍ରପାତ ସୃଷ୍ଟି ହୋଇ ଭୂପୃଷ୍ଠରେ ପଡ଼ି ଧନଜୀବନ ହାନି ଘଟାଇବା ଏକ ସାଧାରଣ ଘଟଣା। ସୁତରାଂ କାଳବୈଶାଖୀ ପ୍ରଭାବରେ ବଜ୍ରପାତ କିମ୍ବା ଗଛ, ଘର ଭାଙ୍ଗି ପଡ଼ିବା ହେତୁ ଜୀବନହାନି ଘଟିବାର ଆଶଙ୍କା ରହିଥାଏ।

**କିପରି ସୃଷ୍ଟି ହୁଏ :** ଗ୍ରୀଷ୍ମଦିନର ପ୍ରଚଣ୍ଡ ତାପମାତ୍ରାରେ ଉତ୍ତର ଓ ମଧ ଭାରତର ବାୟୁ ଗରମ ହୋଇ କ୍ରମାଗତ ଉପରକୁ ଉଠୁଥାଏ। ବିଶେଷକରି, ପାହାଡ଼ିଆ ମାଳଭୂମି ଅଞ୍ଚଳ ଅତ୍ୟଧିକ ଉତ୍ତପ୍ତ ହୋଇଥିବାରୁ ସେଠାରେ ଏହି ପ୍ରଭାବ ତୀବ୍ରତର ହୋଇଥାଏ। ଫଳରେ ସେଠାକାର କିଛି କିଛି ସ୍ଥାନରେ ବାୟୁସ୍ତରରେ ଏକ ଲଘୁଚାପ ବଳୟ ସୃଷ୍ଟି ହୁଏ। ଏହି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଚତୁର୍ଦ୍ଦିଗରୁ ପବନ ଲଘୁଚାପର କେନ୍ଦ୍ର ଆଡ଼କୁ ପ୍ରବାହିତ ହୁଏ, ଯାହା ଘୂରିଘୂରି ଏକ ଖଣ୍ଡିଆଭୂତର ଭଉଁରିର ରୂପ ନିଏ। ନିମ୍ନସ୍ତରର ଉଷ୍ମ ଆର୍ଦ୍ର ଜଳୀୟବାଷ୍ପ ଭରା ବାୟୁ ଏହି ଭଉଁରିରେ ଘୂରି ଘୂରି ଉପରକୁ ଉଠିବା ଦ୍ୱାରା ନିମ୍ନ ବାୟୁସ୍ତରରେ ଏକ ଉର୍ଦ୍ଧ୍ୱମୁଖୀ ସ୍ରୋତ କାର୍ଯ୍ୟକାରୀ ହୁଏ। ଏହା ସମୟକ୍ରମେ ଉର୍ଦ୍ଧ୍ୱ ବାୟୁମଣ୍ଡଳରେ ଥିବା ଶୀତଳ ଶୁଷ୍କ ବାୟୁସ୍ତର ସହିତ ମିଳିତ ହେବା ଦ୍ୱାରା ଉପରର ବାୟୁ ଦ୍ରୁତଗତିରେ ତଳ ଦିଗରେ ଅପସାରିତ ହୁଏ। ଏହି ଦୁଇ ବିପରୀତ ଉର୍ଦ୍ଧ୍ୱ ଓ ନିମ୍ନମୁଖୀ ବାୟୁସ୍ରୋତ ମିଶିଯାଇ ବାୟୁସ୍ତରରେ ଏକ ବିଶୃଙ୍ଖଳା ସୃଷ୍ଟି କରେ, ଯାହାଫଳରେ ବାୟୁସ୍ତର ମଧ୍ୟରେ ଏକ ପରିଚଳନ ସ୍ରୋତ କାର୍ଯ୍ୟକାରୀ ହୁଏ। ଏହି ପରିଚଳନ ସ୍ରୋତ ଜରିଆରେ ନିମ୍ନ ବାୟୁମଣ୍ଡଳର ଜଳୀୟବାଷ୍ପ ଭରା ବାୟୁ ଉର୍ଦ୍ଧ୍ୱକୁ ଦ୍ରୁତ ସ୍ଥାନାନ୍ତରିତ ହୁଏ ; ଏହା ପୁଣି ଶୀତଳ ହୁଏ ଏବଂ ଜମାଟ ବାନ୍ଧି କଳାହାଣ୍ଡିଆ ମେଘର ବାଦଲ ସୃଷ୍ଟି କରେ। ଏହା ସମୟକ୍ରମେ ଘଡ଼ଘଡ଼ି ଓ ବିଜୁଳି ସହିତ ବର୍ଷା ବର୍ଷିବାକୁ ଲାଗେ। ଏହିପରି ଭାବରେ ଏକ କାଳବୈଶାଖୀ ସୃଷ୍ଟି ହୁଏ। (କ୍ରମଶଃ...)

-ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ ପ୍ରଦେଶ
ମୋ : ୮୯୧୭୬୩୭୯୭୪

## ବୁଦ୍ଧିମତ୍ତା ବଢ଼ାଇବାର ସହଜ ଉପାୟ



ବୁଦ୍ଧିମତ୍ତା ବଢ଼ାଇବାର ଏକ ସହଜ ଉପାୟ ନିକଟରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଖୋଜିପାଇଛନ୍ତି। ଏ ବିଷୟରେ ସର୍ଭେ କରିବା ସମୟରେ ସେମାନେ ଏଭଳି କେତେଜଣ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ, ଯେଉଁମାନେ ଏଭଳି ଉପାୟକୁ ନିୟମିତ ଅନୁସରଣ କରି ନିଜ ବୁଦ୍ଧିମତ୍ତାକୁ କେତେକାଂଶରେ ବଢ଼ାଇବାରେ ସକ୍ଷମ ହୋଇଥିଲେ। ଏହି ବ୍ୟକ୍ତିମାନେ ନିୟମିତ କିଛି ସମୟ ଏକୁଟିଆ ବସୁଥିଲେ। ଶାନ୍ତ ପରିବେଶରେ ଏକୁଟିଆ ବସିଲେ ଜଣେ ବ୍ୟକ୍ତିଙ୍କର ବୁଦ୍ଧିମତ୍ତାର ବିକାଶ ଘଟିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ କୌଣସି ଏକ ଶାନ୍ତ ସ୍ଥାନରେ ଏକୁଟିଆ ବସୁଥିଲେ ଅଯଥା ବିଷୟରେ ଚିନ୍ତା ନ କରି ନିଜ ମାନସିକତାକୁ ଶାନ୍ତ ରଖନ୍ତୁ। ଏହାଫଳରେ ଜଣେ ବ୍ୟକ୍ତି ମନରେ ନୂଆ ନୂଆ ସକାରାତ୍ମକ ଜିନିଷ ସୃଷ୍ଟି ହୋଇଥାଏ ବୋଲି ଏହି ରିପୋର୍ଟରୁ ଜଣାପଡିଛି।

## ବଦଳାନ୍ତୁ ଏଭଳି ଅଭ୍ୟାସ



ଖାଦ୍ୟ ଖାଇସାରିବା ପରେ ଆମେ କେତେକ ଜିନିଷ ପ୍ରତି ନଜର ଦେବା ନିହାତି ଜରୁରୀ। ସବୁବେଳେ ସୁଷମ ତଥା ସୁପାଚ୍ୟ ଖାଦ୍ୟ ଖାଇବା ଦରକାର। ଖାଇବାର ଠିକ୍ ପରେ ପରେ କେତେକ ଖାଦ୍ୟ ଖାଇବା ଆଦୌ ଠିକ୍ ନୁହେଁ। ପ୍ରଥମ କଥା ହେଲା ଭୋଜନ ଶେଷ ହେବା ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲ୍ଡଡ୍ରିଙ୍କ୍ସ, ନିଶାଦ୍ରବ୍ୟଠାରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇଥାଏ। କେବଳ ସେତିକି ନୁହେଁ, ଏଥିଯୋଗୁଁ ପେଟରେ ଏସିଡିଟି ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ଖାଇବାର ଠିକ୍ ପରେ ପରେ ଗାଧୋଇବା ଆଦୌ ଠିକ୍ ନୁହେଁ। ଏଭଳି ଅଭ୍ୟାସ ବଳଦାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଶରୀରରେ ରକ୍ତ ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତକାରକ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଖାଇବା ପରେ କିମ୍ବା ପୂର୍ବରୁ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ। ଏହା ଖାଇଥିବା ଖାଦ୍ୟକୁ ସହଜରେ ହଜମ କରିଥାଏ। ଖାଇବା ପରେ ପରେ କିଛି ବ୍ୟକ୍ତି ସାଙ୍ଗେ ସାଙ୍ଗେ ଶୋଇ ପଡ଼ନ୍ତି। କିନ୍ତୁ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ତେଣୁ ରାତ୍ରଭୋଜନ ପରେ କିଛି ସମୟ ଚଲାବୁଲା କରନ୍ତୁ। ସବୁବେଳେ ଖାଇବାର ଏକ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ।

## ସକାରାତ୍ମକ ରହିବ ଚିନ୍ତାଧାରା



ବର୍ତ୍ତମାନେ ଆମେ ଏକ ପ୍ରକାର ବ୍ୟସ୍ତବହୁଳ ଜୀବନ ଯାପନ କରୁଛେ। ଏହାଭିତରେ ଆମକୁ ଅନେକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡୁଛି। ତଥାପି ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ଜିନିଷ ଆଢୁଆଳରେ ରହିଯାଉଛି। ଆମେ ଚାହିଁଲେ ମଧ ସେଥିପ୍ରତି ଦୃଷ୍ଟି ଦେଇପାରୁନେ। ଜୀବନକୁ ସରଳ ଏବଂ ସୁସ୍ଥ ରଖିବା ପଛରେ ଆମର ଚିନ୍ତାଧାରା ସକାରାତ୍ମକ ରହିବା ନିହାତି ଦରକାର। ଏଥିପାଇଁ ଏକ ସହଜ ଉପାୟ ରହିଛି। ତାହା କ'ଣ ଜାଣନ୍ତି? ଯଦି ଜଣେ ନିଜ ମନ ପସନ୍ଦର ବହି ପଢ଼ନ୍ତି ତେବେ ସେ ନିଜ ଚିନ୍ତାଧାରାକୁ ସକାରାତ୍ମକ ରଖିପାରିବେ। ବହି ପଢ଼ିବା ଦ୍ୱାରା ମନ ଅନ୍ୟ ଏକ ପରିବେଶରେ ଘୂରିବୁଲେ। ଏହାଦ୍ୱାରା ଏଣୁତେଣୁ ଚିନ୍ତା ମୁଣ୍ଡକୁ ଆସେନା। ତେବେ ଏହି ବହିଗୁଡିକ ନିଜ ମନ ପସନ୍ଦର ହୋଇଥିବା ଦରକାର। ଏହାବ୍ୟତୀତ ଆଉ ଏକ ଉପାୟ ମଧ ହାତପାଆନ୍ତାରେ ରହିଛି। ଅବସର ସମୟରେ ମନ ପସନ୍ଦର ଗୀତ ଶୁଣିଲେ ତାହାର ସୁପ୍ରଭାବ ଚିନ୍ତାଧାରା ଉପରେ ପଡିଥାଏ। ମନରେ ଯଦି ନକାରାତ୍ମକ ଭାବ ବାରମ୍ବାର ସୃଷ୍ଟି ହେଉଛି ତେବେ ସେଥିରୁ ନିଜକୁ ଯେତେ ସମ୍ଭବ ମୁକୁଳାଇବାକୁ ଚେଷ୍ଟା କରନ୍ତୁ।

## କ୍ରୋଧକୁ ନିୟନ୍ତ୍ରଣ କରିବ ଡିଭାଇସ୍

କେତେଜଣ ବ୍ୟକ୍ତି କଥା କଥାରେ ରାଗି ଯାଇଥାଆନ୍ତି। ଅଧିକାଂଶ ସମୟ ରାଗିଲେ ଏହାଦ୍ୱାରା ହାର୍ଟ ଆଟାକ୍ ଏପରିକି ବ୍ଲଡ୍‌ପ୍ରେସର ବା ରକ୍ତଚାପ ଅସନ୍ତୁଳିତ ରହିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ କ୍ରୋଧକୁ ନିୟନ୍ତ୍ରଣ କରିବା ଲାଗି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ସବୁବେଳେ ରାଗୁଥିବା ବ୍ୟକ୍ତି ଏହାକୁ ବାହୁରେ ବାନ୍ଧିଲେ ତାହା ରାଗକୁ କେତେକାଂଶରେ ନିୟନ୍ତ୍ରଣ କରିଥାଏ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏହାକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରି ସେଥିରୁ ସଫଳତା ପାଇଛନ୍ତି।



## ସ୍ୱା ସ୍ଥ୍ୟ ସୂ ଚ ନା

►ସବୁବେଳେ କଦାପି ସୁଗାର କ୍ୟାଲୋରିଯୁକ୍ତ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ। କାରଣ ଏହା ଶରୀରରେ ଚର୍ବି ଅଂଶ ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ।

►ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ।



►ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ, ଯୋଗ, ପ୍ରାଣାୟାମ, ବ୍ୟାୟାମ ଆଦି କରି କମାଇପାରିବେ। ଡାକ୍ତରଙ୍କ ସହ ବି ପ୍ରତି ମାସରେ ପରାମର୍ଶ କରନ୍ତୁ।

►ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟ କିରଣରେ ଠିଆ ହୁଅନ୍ତୁ। କାରଣ ଏହା ହେଉଛି ଆମ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ।

►ସବୁବେଳେ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। ଏହାଦ୍ୱାରା ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି।

►ଯେ କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। କାମ କଲା ବେଳେ ମଝିରେ ମଝିରେ ବିରତି ନିଅନ୍ତୁ। ଫଳରେ ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।

# ଯନ୍ତ୍ରଣାର ଉତ୍ସ ଭାରିକୋଜ୍ ଭେନ୍



ଡ. ମାନସ ରଞ୍ଜନ ଶତପଥୀ

ଯନ୍ତ୍ରଣା ଭରା ଅବସ୍ଥାରେ ଭାରିକୋଜ୍ ଭେନ୍‌କୁ ଠାବ କରାଯାଇଥାଏ। ଏହି ଭେନ୍ ପ୍ରାୟତଃ ସମସ୍ତଙ୍କ ପାଖେ ଦେଖାଯାଇ ନ ଥାଏ। ଏପରି ଭେନ୍ ସାଧାରଣ ଭେନ୍ ଭାବେ ଚର୍ମ ନିକଟରେ ଥାଏ ଅଧିକନ୍ତୁ ବାହ୍ୟ ପାର୍ଶ୍ୱକୁ ରହି ଫୁଲିବା ଦ୍ୱାରା ଭାରିକୋଜ୍ ଆଖ୍ୟା ଦିଆଯାଇଅଛି। ଏପରି ଭେନ୍‌ଗୁଡ଼ିକ ମୋଟା ଏବଂ ପ୍ରସସ୍ଥ ହୋଇ ସାଧାରଣତଃ ଗୋଡ଼, ପୁରୁଷ ଅଣ୍ଡକୋଷ କିମ୍ବା ମଳ ଦ୍ୱାରରେ ଦୃଷ୍ଟିଗୋଚର ହୁଅନ୍ତି। ଭାରିକୋଜ୍ ଭେନ୍ ସମସ୍ତଙ୍କ ପାଇଁ ଏକ ସମସ୍ୟା ହୋଇ ଉଭା ହୋଇ ନ ଥାଏ, ହେଲେ ମନୁଷ୍ୟ ଗୋଡ଼ରେ, ମୁହଁରେ ଏକ ପ୍ରକାର ବୁଢ଼ିଆଣୀ ଜାଲ କିମ୍ବା ଦଉଡ଼ି ଗୁଚ୍ଛ ସଦୃଶ ଆକାର ନେଇ ବେଳେବେଳେ ଅବିରତ ଯନ୍ତ୍ରଣା ସହିତ ବେଆରମ ଓ ଅନ୍ୟାନ୍ୟ ଶାରୀରିକ ସମସ୍ୟା ସୃଷ୍ଟି କରନ୍ତି।

ସରଳ ଭାବେ ବୁଝିବାକୁ ହେଲେ ମନୁଷ୍ୟ ଶରୀରରେ ଆର୍ଟେରି(ଧମନୀ) ଓ ଭେନ୍(ଶିରା) ରକ୍ତ ସଞ୍ଚାଳନ କରିଥାନ୍ତି। ଧମନୀ ବିଶୁଦ୍ଧ ରକ୍ତ ହୃତ୍‌ପିଣ୍ଡରୁ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ବହନ କରିବା ଦାୟିତ୍ୱ ନେଇଥିବା ବେଳେ ଭେନ୍ ଦ୍ୱାରା ଦୂଷିତ ରକ୍ତ ଭିନ୍ନ ଭିନ୍ନ ସ୍ଥାନରୁ ହୃତ୍‌ପିଣ୍ଡକୁ ପୁନଃ ପ୍ରକ୍ରିୟାକରଣ ଉଦ୍ଦେଶ୍ୟରେ ଫେରାଇ ଆଣିଥାନ୍ତି। କିନ୍ତୁ ଗୋଡ଼ରେ ଥିବା ଭେନ୍‌ଗୁଡ଼ିକ ରକ୍ତ ଫେରାଇ ଆଣିବା ସମୟରେ ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଦିଗରେ କାମ କରିଥାନ୍ତି, ଯଦ୍ଦ୍ୱାରା ସର୍ବଦା ଚାପଗ୍ରସ୍ତ ରହିଥାନ୍ତି। ରକ୍ତ ଉର୍ଦ୍ଧ୍ୱଗାମୀ ହେବା ବେଳେ ତଳ ଗୋଡ଼ର ମାଂସପେଶୀଗୁଡ଼ିକ ନିଜକୁ ଅଧିକ ଶକ୍ତ ଓ ଦୃଢ଼ କରି ଚିପି ଧରନ୍ତି, ଯାହା ଭେନ୍‌ଗୁଡ଼ିକ ପାଇଁ ପମ୍ପ ଭାବେ କାମକରେ ଏବଂ ରକ୍ତ ଚାପଗ୍ରସ୍ତ ଅବସ୍ଥାରେ ହୃତ୍‌ପିଣ୍ଡକୁ ଅଗ୍ରସର ହେବାକୁ ଲାଗେ। ଏ ପ୍ରକ୍ରିୟାରେ ଭେନ୍ ପ୍ରାଚୀର ଓ ଭାଲ୍‌ବର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରକ୍ତ ଉପରକୁ ଗତି କରିବାକ୍ଷଣି ଭେନ୍‌ରେ ଥିବା ଅତି କ୍ଷୁଦ୍ର ଭାଲ୍‌ବ ସମୂହ ଖୋଲିବାକୁ ଲାଗିଥାନ୍ତି। ରକ୍ତ ପ୍ରବାହିତ ହୋଇ ସାରିବାକ୍ଷଣି ଏହା ସ୍ୱୟଂକ୍ରିୟ ଭାବେ ତୁରନ୍ତ ବନ୍ଦ ହୋଇଯାଏ। ଏପରି ନିୟୋଜିତ ଭାଲ୍‌ବ ଠିକ କାର୍ଯ୍ୟ ସମ୍ପାଦନା ଦ୍ୱାରା ରକ୍ତ କଣିକା ପୁନଃ ତଳକୁ ଖସିବାକୁ ସାମର୍ଥ୍ୟ ହୋଇପାରନ୍ତି ନାହିଁ, ଫଳରେ ରକ୍ତ କ୍ରମେ ଅଗ୍ରସର ହୋଇ ହୃତ୍‌ପିଣ୍ଡକୁ ଅନାୟାସରେ ପହଞ୍ଚିଯାଏ। କିନ୍ତୁ, ଏହି ସମୟରେ ଯଦି ଭାଲ୍‌ବଗୁଡ଼ିକର ଅବସ୍ଥା ଦୁର୍ବଳ କିମ୍ବା କ୍ଷତିଗ୍ରସ୍ତ ଥାଏ, ତେବେ ରକ୍ତ ଉପରକୁ ନ ଯାଇ ତଳକୁ ଖସି ଗୋଡ଼ରେ ଥିବା ଭେନ୍‌ମାନଙ୍କରେ ଗଚ୍ଛିତ ହୋଇଥାଆନ୍ତି। ଏହା ଦ୍ୱାରା ଗୋଡ଼ରେ ଥିବା ଭେନ୍‌ଗୁଡ଼ିକ ଫୁଲି, ବିସ୍ତାରିତ ଓ କୁଞ୍ଚ କୁଞ୍ଚ ହେବାରେ ଲାଗନ୍ତି ଏବଂ ଭାରିକୋଜ୍ ଭେନ୍ ଉତ୍ପତ୍ତି ହେବା ସହ ନାନାଦି ଶାରୀରିକ ସମସ୍ୟା ସୃଷ୍ଟି କରାନ୍ତି।

ପାରିବାରିକ ଇତିହାସ ଏବଂ ମେଦ ବହୁଳତା ହେବା ଏହାର ଦୁଇ ପ୍ରମୁଖ କାରଣ ହୋଇପାରେ। ଅଧିକ ମୋଟା ହେବା ଦ୍ୱାରା ଭେନ୍‌ଗୁଡ଼ିକ ଅଧିକ ଚାପପ୍ରସ୍ତ ହୋଇ ସମସ୍ୟା ସୃଷ୍ଟି କରନ୍ତି। ମହିଳାମାନେ ଅଧିକ ଏପରି ସମସ୍ୟାରେ ଘାଣ୍ଟି ହୁଅନ୍ତି। ଅଧିକ ସମୟ ଛିଡ଼ାହେବା କିମ୍ବା ବସି ରହି କୌଣସି କାର୍ଯ୍ୟ କରିବା ମଧ ଅନ୍ୟ ଏକ କାରଣ ହୋଇପାରେ। ଏପରି ହେବା ଦ୍ୱାରା ରକ୍ତ ପ୍ରବାହ ଆଘାତପ୍ରାପ୍ତ ହୁଏ। ଫଳରେ ବିଶେଷ ଅଡୁଆ ଅବସ୍ଥା ସର୍ବଦା ହୁଏ ନାହିଁ କିନ୍ତୁ କଷ୍ଟଦାୟକ ଅଲସରଗୁଡ଼ିଏ ପାଦର ଚର୍ମରେ ଗଣ୍ଠି ପାର୍ଶ୍ୱବର୍ତ୍ତୀ ସ୍ଥାନରେ ହୋଇପାରେ। ଅଲସର ହେବା ପୂର୍ବରୁ ଚର୍ମର ନିର୍ଦ୍ଦିଷ୍ଟ ସ୍ଥାନରେ ବିବର୍ଣ୍ଣ ହୋଇ ଏକ ଦାଗ ସୃଷ୍ଟି ହୁଏ। ସମୟେ ସମୟେ ଗୋଡ଼ର ଭିତର ପାର୍ଶ୍ୱରେ ଭେନ୍ ବଡ଼ ଆକାର ଧାରଣ କରି ଯନ୍ତ୍ରଣା ହେବା ସହ ଗୋଡ଼ ଫୁଲିଯାଏ। ଏପରି ଅବସ୍ଥା ଲାଗି ରହିଲେ ହୁଏତ ରକ୍ତ ଜମାଟ କାରଣ ହୋଇପାରେ। ଭେନଗୁଡ଼ିକ ଅତ୍ୟଧିକ ଫୁଲିବା ଦ୍ୱାରା ଚାପଗ୍ରସ୍ତ ହୋଇ ଫାଟି ରକ୍ତସ୍ରାବ ମଧ କରିଥାଏ। ବହୁ ସମୟ ଧରି ଭାରିକୋଜ୍ ଭେନ ଗୋଡ଼କୁ କଷ୍ଟ ଦେବା ସହ ଫୁଲେଇ ଦେଇଥାଏ। ଯାହାଦ୍ୱାରା ରୋଗୀ ଅଶାନ୍ତି ମଧକୁ ଠେଲି ହୋଇଯାଏ।



ଭାରିକୋଜ ଭେନ ଯଦିଓ କେତେକଙ୍କ ପାଇଁ କଷ୍ଟଦାୟକ ନୁହେଁ କିନ୍ତୁ ଅନ୍ୟମାନେ ଯନ୍ତ୍ରଣା ଅନୁଭବ କରନ୍ତି। ଏଥିପାଇଁ ନିୟମିତ ଭେଷଜ ଚିକିତ୍ସା ସହିତ କିପରି ନିୟମିତ ଅବିଶ୍ରାନ୍ତ ରକ୍ତ ପ୍ରବାହ ଜାରି ରହିପାରିବ ଏବଂ ମାଂସପେଶୀ ସୁସ୍ଥ ରହିବ, ସେଥିପାଇଁ ସତର୍କ ରହିବା ଆବଶ୍ୟକ। ଏହା ସହିତ ଉଚ୍ଚ ହିଲ୍‌ଯୁକ୍ତ ଚପଲ ପରିଧାନ, ଅତ୍ୟଧିକ ଚିପା ମୋଜା ପରିଧାନ ନ କରିବା ଉପାଦେୟ ସାବ୍ୟସ୍ତ ହୋଇପାରେ। ନିୟମିତ ବ୍ୟାୟାମ ସହିତ ତନ୍ତୁଯୁକ୍ତ ଖାଦ୍ୟ ସେବନ, କମ୍ ଲୁଣ ଯୁକ୍ତ ଭୋଜନ ଉପରେ ଧ୍ୟାନ ଦେବା ଦରକାର। ଏକ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ ବସିବା କିମ୍ବା ଶୋଇବା ସମୟରେ ଗୋଡ଼କୁ ଉପରକୁ ଟେକି ରଖିଲେ ହୁଏତ ଭାରିକୋଜ୍ ଭଳି ସମସ୍ୟାରୁ ମୁକ୍ତି ମିଳିପାରେ।

-ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ: ୯୪୩୭୪୭୯୦୪୫

# କଣ୍ଟାବାଞ୍ଜିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି: ପାଣ୍ଡିଆନ

**କଣ୍ଟାବାଞ୍ଜି/ମୁରିବାହାଲ,୧୨।୫ (ଗୁରୁଦୟାଲ ହଂସ/ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରବିବାର ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ପ୍ରଥମ ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ଅବସରରେ ନବୀନ ବଙ୍ଗୋମୁଣ୍ଡା ବ୍ଲକର ଦୁଆରଶିନୀ ଠାକୁରାଣୀ ପୀଠ ସିନ୍ଧେକେଲା ଏବଂ ମୁରିବାହାଲ ବ୍ଲକର ଗଁରେଇ ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ପ୍ରଥମେ ସିନ୍ଧେକେଲା ଓ ପରେ ନୂଆପଡ଼ାଠାରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାନ୍‌ଙ୍କ ସଭାପତିତ୍ୱରେ ମୁରିବାହାଲ ବ୍ଲକର ନୂଆପଡାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ନବୀନ ଯୋଗଦେଇ ପ୍ରଥମେ ଜୟ ଜଗନ୍ନାଥ କହି ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଏସ୍‌କେୱାଇ କାର୍ଡ ଭଲ, କି କାଳିଆ ଯୋଜନା ଭଲ, କି ମମତା ଯୋଜନା ଭଲ, କି ଲକ୍ଷ୍ମୀ ବସ୍ ଯୋଜନା ଭଲ, ଏପରି ସମସ୍ତ ଯୋଜନାରେ ଆପଣମାନେ ଖୁସି ତ ବୋଲି କହିଥିଲେ। ଏହି ଅବସରରେ ଶଙ୍ଖ ଚିହ୍ନ ଭଲ କି ବୋଲି କହିବା ବେଳେ ଉପସ୍ଥିତ ଜନସାଧାରଣ କରତାଳି ଦେଇଥିଲେ। ମୁଖ୍ୟମନ୍ତ୍ରୀ ବିଜେଡି ସରକାର ଗଠନ ହେଲେ ରାଜ୍ୟର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୧୦୦ ୟୁନିଟଯାଏ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଉଭୟ ଲୋକ ସଭା ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ସେ କହିଥିଲେ। ସଭାରେ ଯୋଗ ଦେଇଥିବା ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ନିଜ ବକ୍ତବ୍ୟରେ କଣ୍ଟାବାଞ୍ଜିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି ବୋଲି କହିଥିଲେ। ସଭା ପ୍ରାରମ୍ଭରୁ ଉପସ୍ଥିତ ଜନସାଧାରଣଙ୍କୁ ଆପଣମାନେ କେନ୍ତା ଅଛନ୍, କଣ୍ଟାବାଞ୍ଜିକୁ ରୂପାନ୍ତରିତ କରିବା, ବିକାଶ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରିଥିଲେ। ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ତାଙ୍କ ଅଭିଭାଷଣରେ ଜଣେ ଆଦିବାସୀ ନେତାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଆଦିବାସୀମାନଙ୍କ ଗର୍ବ ଓ ଗୌରବ ବୋଲି କହିଥିଲେ। ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ସଭାରେ ଅନ୍ୟତମ ମଞ୍ଚାସୀନ ଅତିଥି ତୁରେକେଲା ବ୍ଲକର ବରିଷ୍ଠ ବିଜେଡି ନେତା ତଥା ଅବସରପ୍ରାପ୍ତ ବ୍ଲାକ କମାଣ୍ଡୋ ଗିରିରାଜ ସିଂ ମାଝି କହିଲେ ୨୫ ବର୍ଷର ଶାସନରେ ସାଢ଼େ ଚାରି କୋଟି ଜନତା ବିଭିନ୍ନ ଯୋଜନାରେ ଉପକୃତ ହୋଇଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ନିଜେ ଚେଷ୍ଟିତ ବୋଲି କହି ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ମଞ୍ଚାସୀନ ମୁରିବାହାଲ ବ୍ଲକର ବିଜେଡି ସଭାପତି ଧନଞ୍ଜୟ ମହାନନ୍ଦ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଥିବାରୁ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଏକ ନୂତନ ବିକାଶ ଧାରାରେ ସାମିଲ ହେବ ବୋଲି କହିଥିଲେ। ପୂର୍ବତନ ବିଧାୟକ ଆୟୁବ ଖାନ ମୁଖ୍ୟମନ୍ତ୍ରୀ ବିଧାୟକ ପ୍ରାର୍ଥୀ ହୋଇଥିବାରୁ ଅଞ୍ଚଳର ବିକାଶ ହେବ ବୋଲି କହିଥିଲେ। ସଭାରେ ଜିଲା ସଂପାଦକ ଫିରୋଜ ଖାନ ମଞ୍ଚାସୀନ ଥିବା ବେଳେ ମୁରିବାହାଲ ବ୍ଲକ ଚେୟାରମ୍ୟାନ ହରିବନ୍ଧୁ ମେହେର ଧନ୍ୟବାଦ ଦେଇଥିଲେ।

ପ୍ରାରମ୍ଭରେ ବିଶ୍ୱମୋହନ, ସାଗରିକା ମିଶ୍ର, ଅମ୍ବିକା ମିଶ୍ର, ଦୀପକ, ସୂର୍ଯ୍ୟମୟୀଙ୍କ ଭକ୍ତି ସଙ୍ଗୀତ ଜନସାଧାରଣଙ୍କୁ ବହୁ ସମୟ ଧରି ବାନ୍ଧି ରଖିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ବାଦ୍ୟ ବଜାଯାଇ ସ୍ୱାଗତ କରାଯାଇଥିଲା। ଏହି ସଭାରେ ନିର୍ବାଚନମଣ୍ଡଳୀର ସହ ସଂଯୋଜକ ଦୁର୍ଗାପ୍ରସାଦ ସାମନ୍ତରାୟ, ବଲାଙ୍ଗୀର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝି ସହଯୋଗ କରିଥିଲେ। ସେହିପରି ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି, କାର୍ତ୍ତିକ ପାଣ୍ଡିଆନ୍, ପୂର୍ବତନ ବିଧାୟକ ପ୍ରାର୍ଥୀ ଅଜୟ ଦାଶ, ବିଜେଡି ଆଇନ ସେଲ ସଭାପତି ପ୍ରଫୁଲ୍ଲ ନାୟକ, ରାଜ୍ୟ ସଂପାଦକ ଉଦ୍ଧବ ବେହେରା ମଞ୍ଚାସୀନ ଥିଲେ। ଉଭୟ ମୁରିବାହାଲ ଏବଂ ବଙ୍ଗୋମୁଣ୍ଡା ନିର୍ବାଚନୀ ସଭାରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଗଁରେଇ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ, ପୂର୍ବତନ ବିଧାୟକ ଆୟୁବ ଖାନ, ବିଜେଡି ନେତା ଗିରିରାଜ ସିଂ ମାଝି, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ଓ ଅନ୍ୟମାନେ।

**■ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର**
**■ ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ପ୍ରଥମ ନିର୍ବାଚନୀ ସଭା**

# ଅପହୃତ ନାବାଳିକା ରାୟପୁରରୁ ଉଦ୍ଧାର: ଅଭିଯୁକ୍ତ ଗିରଫ

**ଲୋଇସିଂହା,୧୨।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଅଞ୍ଚଳର ଅପହୃତ ଜଣେ ନାବାଳିକାଙ୍କୁ ରାୟପୁରର ଏକ ଭଡା ଘରୁ ଆଗଲପୁର ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ଆଗଲପୁର ଅଞ୍ଚଳର କାହ୍ନା ସାହୁ(୨୩)ଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି । ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଏହାପରେ ଅଭିଯୁକ୍ତ କାହ୍ନାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଇପିସି ଦଫା ୩୬୩/୩୭୬(୨)(ଏନ) ଏଣ୍ଡ ୬ ପୋକ୍‌ସୋ ଆକ୍ଟରେ ନଂ୭୦/୨୪ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତ ଏପ୍ରିଲ ୮ ତାରିଖରେ ଅଭିଯୁକ୍ତ କାହ୍ନା ସଂପୃକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଆଗଲପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇ ରାୟପୁରର ଏକ ଭଡା ଘରେ ରଖିଥିବା ଆଗଲପୁର ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଭାରପ୍ରାପ୍ତ ଥାନା ଅଧିକାରୀ ଭୋଇଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ରାୟପୁରରେ ଚଢାଉ କରି ଅପହୃତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ପୁଅକୁ ମିଳୁନି ଛୁଟି

**ଦାଦନ ଶ୍ରମିକର ଦୁଃଖ**

**ଲାଠୋର,୧୨।୫(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ପିପଲବାହାଲ ଗ୍ରାମର ଦାଦନ ଶ୍ରମିକ କାଶୀନାଥ ଘିବେଲା ତାମିଲନାଡୁ ରାଜ୍ୟକୁ ପରିବାରବର୍ଗ ସହ ଦାଦନ ଖଟି ଯାଇଥିବା ବେଳେ ବାପାଙ୍କ ଶୁଦ୍ଧିକ୍ରିୟାରେ ଘରକୁ ଆସିବା ପାଇଁ ମାଲିକ ତାଙ୍କ ପରିବାରବର୍ଗଙ୍କୁ ଛାଡୁ ନ ଥିବା ନେଇ ସେ ଅଭିଯୋଗ କରିଛନ୍ତି। ଗତ ଜାନୁୟାରୀ ମାସରେ ଖପ୍ରାଖୋଲ ଥାନା କପସିପାଲି ଗ୍ରାମର ଜଣେ ଦଲାଲଙ୍କ ଜରିଆରେ କାଶୀନାଥ ସାଙ୍ଗରେ ନିଜ ବାପା ଅଲେଖ ଘିବେଲା(୫୬) ମାଆ ଦୂର(୫୦), ସ୍ତ୍ରୀ ପୁତୁନା(୩୦) ଝିଅ ବର୍ଷା(୧୨),ପାୟଲ(୫) ଏବଂ ପୁଅ ଶୁଭମ(୯)ଙ୍କୁ ନେଇ ତାମିଲନାଡର ବେଙ୍ଗଲ ଥାନା ଅଧୀନ ଆଲମପକାମଠାରେ ଥିବା ଜଣେ ଇଟା ଭାଟି ମାଲିକଙ୍କ ପାଖକୁ ଇଟା ଗଢ଼ିବା ପାଇଁ ଯାଇଥିଲେ। ସେଠାରେ ମାଲିକ ଦିନରାତି ସେମାନଙ୍କୁ ଖଟାଉଥିଲେ। ପ୍ରତିବାଦ କଲେ ଗାଳି ଗୁଲଜ କରିବା ସହ ମାଡ଼ ମାରୁଥିଲେ। ଅତ୍ୟଧିକ କାମ ଯୋଗୁ ଅଲେଖଙ୍କ ଦେହ ଖରାପ ହେବାରୁ ଅଲେଖଙ୍କୁ ଏବଂ ଦୂରଙ୍କୁ ମାଲିକ ଛୁଟି ଦେଇ ପିପଲବାହାଲସ୍ଥିତ ତାଙ୍କ ଘରକୁ ପଠାଇ ଥିଲେ ମଧ୍ୟ ଅନ୍ୟମାନଙ୍କୁ ଛାଡ଼ି ନ ଥିଲେ। ଘରେ ପହଞ୍ଚି ଅଲେଖଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତାଙ୍କ ସ୍ତ୍ରୀ ନୂଆପଡ଼ା ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏକମାତ୍ର ପୁଅ କାଶୀନାଥ ବାପାଙ୍କ ଶେଷ ଦର୍ଶନ ମଧ୍ୟ କରିପାରି ନ ଥିଲେ। ବାପାଙ୍କ ଶୁଦ୍ଧି କ୍ରିୟା କରିବା ପାଇଁ ଘରକୁ ଛାଡିବାକୁ ସେ ମାଲିକଙ୍କୁ ଅନୁରୋଧ କରିଥିଲେ ମଧ୍ୟ ମାଲିକ ତାଙ୍କ ପରିବାରବର୍ଗଙ୍କୁ ଛୁଟି ଦେଉନାହାନ୍ତି। ଆଉ ୨ ମାସ କାମ କଲା ପରେ ଛଡ଼ାଯିବ ବୋଲି କହୁଛନ୍ତି। ଘରେ କାଶୀନାଥଙ୍କ ମା’ ଦୂର ଏକା କେଉଁଠୁ ଅର୍ଥ ଯୋଗାଡ କରି ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କରିବେ ସେ ଚିନ୍ତାରେ ଘାରି ହେଉଛନ୍ତି। ଏପରି ସ୍ଥିତିରେ ରହିଥିବା ଅସହାୟ ଦୂର ତାଙ୍କ ପୁଅ, ବୋହୂ, ନାତୁଣୀ ନାତିଙ୍କୁ ପ୍ରଶାସନ ସେଠାରୁ ଛୁଟି କରାଇବାର ବ୍ୟବସ୍ଥା କରି ଘରେ ପହଁଞ୍ଚାଇବାକୁ ଆକୁଳ ନିବେଦନ କରିଛନ୍ତି। ଅନ୍ୟଥା ସେ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କରି ପାରିବେ ନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି। ଏହି ପରିବାରକୁ ସୁରକ୍ଷିତ ଭାବେ ତାମିଲନାଡୁରୁ ଆଣିବା ସହ ଯାହା ସବୁ ସରକାରୀ ସହାୟତା ରହିଛି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସ୍ଲୋଗାନରେ ଗରିବଙ୍କ ଦୁଃଖ ଯାଉନାହିଁ: ସମରେନ୍ଦ୍ର

**ବଲାଙ୍ଗୀର,୧୨।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ଆପଣମାନେ ଖୁସି ତ ସ୍ଲୋଗାନରେ ଗରିବଙ୍କ ଦୁଃଖ ଯାଉନାହିଁ। ଛାତ୍ରଙ୍କୁ ଶିକ୍ଷକ ମିଳୁନାହିଁ। ଯୁବକଙ୍କୁ ରୋଜଗାର ମିଳୁନାହିଁ। ହସପିଟାଲକୁ ଡାକ୍ତର ମିଳୁନାହିଁ ବରଂ ଏଭଳି କହି ଆମ ଅଞ୍ଚଳର ଲୋକଙ୍କୁ ତାଚ୍ଛଲ୍ୟ କରାଯାଉଛି। ଦୀର୍ଘ ୨୪ ବର୍ଷର ଶାସନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅଞ୍ଚଳର ଛାତ୍ର, ଯୁବକ, କୃଷକ, ଶ୍ରମିକ ଏବଂ ମହିଳାଙ୍କ ଆର୍ଥିକ ବିକାଶ କରିବା ପରିବର୍ତ୍ତେ ଲଲିପପ୍ ଭଳି କିଛି ଯୋଜନା ମାଧ୍ୟମରେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଚେଷ୍ଟା କରୁଛନ୍ତି । ଯଦି ଶିକ୍ଷା ଓ ରୋଜଗାର କ୍ଷେତ୍ରରେ କିଛି କାମ କରିଥାନ୍ତେ ତେବେ ଆମ ସହରର ଯୁବକ ଆଜି ଗୁଜୁରାଟ, ତେଲେଙ୍ଗାନା, ତାମିଲନାଡୁ ଭଳି ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରୁ ନ ଥାନ୍ତେ। ଗତ ୨୪ ବର୍ଷ ଶାସନ କାଳରେ ଆମ ପରିଚୟ ହେଉଛି ଦାଦନ। ତେଣୁ ଆଗାମୀ ୨୦ ତାରିଖରେ ବିଜେଡି ନେତାଙ୍କୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ରବିବାର ଦେଓଗାଁ ବ୍ଲକର ହାତୀସରା, ଦେଓଗାଁ ଏବଂ ଜରାସିଂହା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଜନ ଆଶୀର୍ବାଦ ସଭାରେ କହିଥିଲେ। ସେ ତାଙ୍କ ବକ୍ତବ୍ୟରେ ଗତ ୧୦ ବର୍ଷରେ ବିଧାୟକଙ୍କ ଦ୍ୱାରା ଉପରଝର ଓ ରାମଚନ୍ଦ୍ରପୁରରେ ମହିଳା କଲେଜ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଓଗାଁ ଡାକ୍ତରଖାନାର ଉନ୍ନତୀକରଣ, ଗମନାଗମନ ପାଇଁ ଉନ୍ନତମାନର ରାସ୍ତା ଓ ପର୍ଯ୍ୟଟନ କ୍ଷେତ୍ର ଭୀମଡୁଙ୍ଗୁରିରେ ଅନେକ ବିକାଶ କରାଯାଇ ଦେଓଗାଁର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଯାଇପାରିଛି ବୋଲି କହିଥିଲେ। ଏଣୁ ଏହି ପ୍ରକ୍ରିୟାକୁ ଜାରି ରଖିବା ପାଇଁ ଉଭୟ କଂଗ୍ରେସ ଦଳର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ସରକାରକୁ ଆସିଲେ କେଉଁ ସବୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବ ସୂଚନା ଦେଇଥିଲେ।


ଦେଓଗାଁ ବ୍ଲକରେ ନିର୍ବାଚନୀ ପ୍ରଚାର ବେଳେ କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି।

# ଟ୍ରକ ଚାପାରେ ଜଣେ ମୃତ

**ଟିଟିଲାଗଡ଼,୧୨।୫(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡର ପୁରୁଣା ବ୍ୟାଙ୍କ ଛକ ନିକଟରେ ରବିବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଟିଟିଡୁଙ୍ଗରିର ସ୍ୱର୍ଗତ ଚମାରୁ ସାହୁଙ୍କ ପୁଅ କୈଳାସ ସାହୁ (୫୫। ସୂଚନା ମୁତାବକ, କୈଳାସ ଟିଟିଲାଗଡ଼ ସହରର ଭାଟିପଡା ପଟରୁ ସାଇକେଲରେ ଆସୁଥିବା ବେଳେ ପୁରୁଣା ବ୍ୟାଙ୍କ ଛକ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଡିଜେଲ ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି ।

# ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତର ଏପାଖ ସେପାଖ

## ବିରୋଧୀଙ୍କ ଉପରେ ବର୍ଷିଲେ କଲିକେଶ

**ବଲାଙ୍ଗୀର,୧୨।୫(ବୀରେନ୍ଦ୍ର କୁମାର ଝାଙ୍କର)**

ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଗସ୍ତରେ ଆସି ପୃଥକ ପୃଥକ ସ୍ଥାନରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ପ୍ରଚାର କରିଛନ୍ତି। ଏହି ଅବସରରେ ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆଠାରେ ଆୟୋଜିତ ସଭାରେ ବଲାଙ୍ଗୀର ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ବକ୍ତବ୍ୟ ଦେବା ବେଳେ ବିରୋଧୀ ଦଳ ଓ ବିଶେଷକରି ସ୍ଥାନୀୟ ବିଧାୟକଙ୍କ ଉପରେ କଡା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଗତ ୧୦ ବର୍ଷ ହେଲା ବଲାଙ୍ଗୀରର ବିକାଶ ଠିକ୍ ଭାବେ ହେଉନାହିଁ ବୋଲି କହିବା ସହ ନିଜେ ଏମ୍‌ପି ଓ ତାଙ୍କ ବାପା ଅନଙ୍ଗ ଉଦୟ ସିଂଦେଓ ବିଧାୟକ ଥିଲା ବେଳେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ସୂଚନା ଦେଇଥିଲେ। ସେ କହିଥିଲେ ଯେ, ବଲାଙ୍ଗୀରରେ ମେଡିକାଲ କଲେଜ, ଲୋୟର ସୁକ୍‌ତେଲ ପ୍ରକଳ୍ପ, ଖୋର୍ଦ୍ଧା–ବଲାଙ୍ଗୀର ରେଳ ପ୍ରକଳ୍ପ କାମ ବଲାଙ୍ଗୀର ପଟରୁ ଆରମ୍ଭ ହୋଇଥିଲା। ଏହାସହିତ ଜାତୀୟ ରାଜପଥ ବାଇପାସ୍ ଏବଂ ପୂର୍ତ୍ତ ବିଭାଗ ବାଇପାସ୍ କାମ ଆରମ୍ଭ ହୋଇଥିଲା। ନୂଆ ବସଷ୍ଟାଣ୍ଡ ହୋଇଛି। ଆମ ପରିବାର ବଲାଙ୍ଗୀରରେ ସେବାମୂଳକ କାମ କରିଆସିଛି। ପରିବାରରେ କେହି ବଲାଙ୍ଗୀରରେ ଠିକା, ବାଲିଘାଟ, କ୍ରଶର, ଟ୍ରକ୍, ବସ କରିନାହାନ୍ତି। ଯେଭଳି ଭାବେ ରାଜନୈତିକ ପୃଷ୍ଠପୋଷକତାରେ ବଲାଙ୍ଗୀରରେ ଗୁଣ୍ଡାଗର୍ଦ୍ଦି କରାଯାଉଛି, ଆପଣମାନଙ୍କ ସମର୍ଥନ ଓ ସହଯୋଗ ରହିଲେ ଏହାକୁ ବନ୍ଦ କରି ଦିଆଯିବ ବୋଲି ସେ କହିଥିଲେ। ସଭାରେ ବଲାଙ୍ଗୀରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବାକୁ କଲିକେଶ ସଂକଳ୍ପ ନେଇଥିଲେ। ଆଗକୁ ୧୬ ଗୋଟି ଜଳାଶୟ କାମ, ପ୍ରତ୍ୟେକ ୱାର୍ଡରେ ପାର୍କ କରାଯିବ। ବଲାଙ୍ଗୀରର ଯେଉଁମାନେ ଯୋଗ୍ୟ ହିତାଧିକାରୀ ଥିବେ ସେଭଳି ୮ ହଜାର ଲୋକଙ୍କୁ ଜାଗା ମିଶନ ଜରିଆରେ ପଟ୍ଟା ଦିଆଯିବ ବୋଲି କଲିକେଶ କହି ଲୋକଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କୁ ବଲାଙ୍ଗୀରରେ ଏକ ମହିଳା ଥାନା କରିବାକୁ ଅନୁରୋଧ କରିଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଲାଙ୍ଗୀର ନିର୍ବାଚନୀ ସଭାରେ ସମର୍ଥକଙ୍କ ଭିଡ।

## ମହିଳାଙ୍କ ସମ୍ମାନ, ସଂରକ୍ଷଣ କଥା କହିଲେ ଟୁକୁନୀ

ବଲାଙ୍ଗୀର ସଭାରେ ଟିଟିଲାଗଡ ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁ ବିଜୁ ବାବୁ ଏବଂ ନବୀନ ପଟ୍ଟନାୟକଙ୍କ ମହିଳାଙ୍କ ପ୍ରତି ଥିବା ସମ୍ମାନ ଓ ସଂରକ୍ଷଣ କଥା ଉଠାଇଥିଲେ। ମହିଳାମାନେ ଯେଉଁଦିନ ଆଗକୁ ବଢ଼ିବେ ସେହିଦିନ ଓଡିଶା ଆଗକୁ ବଢ଼ିବ ବୋଲି ଲକ୍ଷ୍ୟ ରଖି ବିଜୁ ବାବୁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ଆଜି ମୁଖ୍ୟମନ୍ତ୍ରୀ ୨୦୦୦ ମସିହାରୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରୁଛନ୍ତି ବୋଲି କହିଥିଲେ। ଯାହା ଯୋଜନା କରିଛନ୍ତି ସବୁ ଯୋଜନାରେ ମହିଳା ମାନଙ୍କୁ ସାମିଲ କରି ଆଗକୁ ବଢ଼ାଇଛନ୍ତି ବୋଲି କହିଥିଲେ। ଆଜିର ମହିଳା ରୋଷେଇଶାଳାରୁ ସ୍ୱାବଲମ୍ବୀ ହୋଇପାରିଛି ବୋଲି କହିଥିଲେ। ସେ କେନ୍ଦ୍ରମନ୍ତ୍ରୀଙ୍କ କଟାକ୍ଷକୁ ସମାଲୋଚନା କରି ମହିଳାମାନଙ୍କୁ କିଭଳି ମୁଖ୍ୟମନ୍ତ୍ରୀ ଶୂନ ପ୍ରତିଶତ ସୁଧରେ ୧୦ ଲକ୍ଷ ଟଙ୍କାର ଋଣ ଯୋଗାଇ ଦେଇଛନ୍ତି କହିଥିଲେ।

## ଆଦିବାସୀ ପୁଅକୁ ବିଶ୍ୱାସ କଲେ

ବଲାଙ୍ଗୀର ଲୋକସଭାର ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଆଜିର ସଭାରେ ତାଙ୍କୁ ପ୍ରାର୍ଥୀ କରି ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ପିଲା ଉପରେ ବିଶ୍ୱାସ ଓ ଆସ୍ଥା ରଖିଛନ୍ତି ବୋଲି କହିଥିଲେ। ନବୀନ ବାବୁଙ୍କ ନିର୍ମଳ ଶାସନ ଓ ଭାବମୂର୍ତ୍ତିକୁ ଲୋକେ ପସନ୍ଦ କରିଛନ୍ତି ବୋଲି କହିଥିଲେ। ଯେଭଳି ଭାବେ ଗତ ୨୪ ବର୍ଷରେ ବିକାଶ କରିଚାଲିଛନ୍ତି ଆଉ କେହି କରିନାହାନ୍ତି କହି ଲୋୟର ସୁକ୍‌ତେଲ ପ୍ରକଳ୍ପ, ମେଡିକାଲ କଲେଜ ପ୍ରତିଷ୍ଠା କଥା କହିଥିଲେ।

## ସବୁ ବର୍ଗର ଲୋକଙ୍କ ବିକାଶ ହୋଇଛି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ସବୁବର୍ଗର ଲୋକଙ୍କ ବିକାଶ ଓ ଉନ୍ନତି ସାଧିତ ହୋଇଛି ବୋଲି ପାଟଣାଗଡ ବିଧାୟକ ପ୍ରାର୍ଥୀ ସରୋଜ ମେହେର କହିଥିଲେ। ଏପରି କି ମା’ ମାନେ ଘରୁ ବାହାରି ସ୍ୱାବଲମ୍ବୀ ହୋଇଛନ୍ତି ବୋଲି କହିଥିଲେ।


**Format C-1**

(for candidate to publish in Newspapers, TV)

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **NARASINGHA MINZ, AT/PO- LAING, PS- RAJGANGPUR, DIST- SUNDARGARH, PIN- 770034**

Name of political party: **BHARATIYA JANATA PARTY**

(Independent candidates should write "Independent" here)

Name of Election: **ASSEMBLY ELECTION 2024 (ODISHA)**

*Name of Constituency: **13-RAJGANGPUR (ST) AC**

I **NARASINGHA MINZ** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Special Judge Vigilance Court Sundargarh | VGR-10/2019 Arising out of Sambalpur Vigilance Ps Case No. 33 of 2019 | Pending Awaiting for Charge Sheet | U/s 13(2) read with Sec. 13(1) (a) of the P.C act and Sec. 409/34 IPC. (1) A public servant is said to commit the offence of criminal misconduct,-(a) if he dishonestly or fraudulently misappropriates or otherwise converts for his own use any property entrusted to him or any property under his control as a public servant or allows any other person so to do; or(b)if he intentionally (2)Any public servant who commits criminal misconduct shall be punishable with imprisonment for a term which shall be not less than one year but which may extend to seven years and shall also be liable to fine. Punishment under Section 409 IPC. As per Section 409 of the IPC, if public servants, bankers, merchants, factors, attorneys, or agents commit a criminal breach of trust, they are punishable with the following: Life imprisonment, or. Imprisonment of up to 10 years along with a fine. "34. Acts done by several persons in furtherance of common intention. - Where two or more persons, with a common intention to commit a criminal act, do any acts in furtherance of such common intention, each of them is liable for the criminal act done as if it were done by him alone." 1. |

(B) Details about cases of conviction for criminal offences

| Sl. No. | Name of Court & date(s) of order(s) | Description of office (s) & punishment imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Format C-1**

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate - **Saroj Kumar Pradhan**

**At -Krushnapali, PO - Tileswar, PS - Purunakatak, Dist- Boudh**

Name of political party. - **Bharatiya Janata Party**

(Independent candidates should write "Independent" here)

Name of the Constituency - **86 - Boudh**

I, **Saroj Kumar Pradhan** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section (s) of Acts concerned and brief description of offence (s) |
|---|---|---|---|---|
| 1 | S.D.J.M Boudh | C.T. 813/2019 | For evidence | U/S 279,337,338 IPC |
| 2 | S.D.J.M Boudh | C.T. 452/ 2019 | For evidence | U/S 147, 452, 294, 353, 506/34 IPC |
| 3 | S.D.J.M Boudh | C.T. 450/2018 | For evidence | U/S 143, 341, 353, 283, 186, 149 IPC |
| 4 | S.D.J.M Boudh | C.T. 257/2018 | For evidence | U/S 143, 427, 149 IPC |
| 5 | S.D.J.M Boudh | C.T. 581/2019 | For evidence | U/S 143, 341, 288, 149 IPC |

(B) Details about cases of conviction for criminal offences

| Sl. No. | Name of Court & e(s) of order(s) | Description of office (s) & punishment Imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

In the case of election to Council of States or election to Legistive Council by MLAs, mention the election concerned in place of name of constituency.

**(Debendranath Guru)**
**Election Agent of Sj. Saroj Kumar Pradhan**
**86, Boudh Assembly Constituency**



ରବିବାର ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଜନସଭାରେ ଦଳୀୟ ପ୍ରାର୍ଥୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ବିରୋଧୀ ଦଳ ନେତା ମିଛ କହୁଛନ୍ତି: ନବୀନ

**ବରଗଡ଼,୧୨।୫(ପ୍ରେମାନନ୍ଦ ଖମାରୀ)**

- ନବୀନଙ୍କଠାରୁ ଅଧିକ ପାଣ୍ଡିଆନ ବର୍ଷିଲେ
- ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣି ଟାର୍ଗେଟ୍ କଲେ
- ଫୋକସ୍‌ରେ ମାଗଣା ବିଦ୍ୟୁତ୍ ଯୋଗାଣ

ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ମମତା ଯୋଜନା, ଲକ୍ଷ୍ମୀ ବସ୍ ସେବା, ୫-ଟି ରୂପାନ୍ତରଣ, ଛାତ୍ରବୃତ୍ତି, କାଳିଆ ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା, ଚାଉଳ କାର୍ଡ, ପୁରୀ କାମ, ନବୀନ ପଟ୍ଟନାୟକ ଭଲ କି ଏବଂ ଆମ ସରକାର ବିଜୁଳି ମାଗଣା ଦେବ ଏବଂ ଜୁଲାଇ ମାସରୁ ବିଦ୍ୟୁତ୍ ବିଲ ଆଉ ଘରକୁ ଆସିବ ନାହିଁ, ଏଥିରେ ଖୁସି ତ ବୋଲି ରବିବାର ବରଗଡ଼ ଗସ୍ତରେ ଆସି ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଜନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଲୋକଙ୍କୁ ପଚାରିଥିଲେ। ଉପସ୍ଥିତ ଜନତା ଉପରୋକ୍ତ ପ୍ରଶ୍ନର ଉତ୍ତରରେ ହଁ କହିବା ପରେ ବିରୋଧୀ ଦଳ ନେତାମାନେ ମିଛ କହୁଛନ୍ତି ଏବଂ ଭାଜପା କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି ନବୀନ କହିଥିଲେ।

ସେହିପରି ସଭାରେ ଉପସ୍ଥିତ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ନବୀନଙ୍କ ତୁଳନାରେ ଭାଜପାକୁ ଅଧିକ ଟାର୍ଗେଟ୍ କରିଥିଲେ। ନବୀନଙ୍କ ଭାଷଣ ୨ମିନିଟ୍ ୪୫ ସେକେଣ୍ଡରେ ସରିଥିବାବେଳେ ପାଣ୍ଡିଆନ ୧୦ ମିନିଟ୍ ୩୮ସେକେଣ୍ଡ ଧରି ବିରୋଧୀ ଭାଜପା ଉପରେ ବର୍ଷିଥିଲେ। ସେ କହିଥିଲେ, ଏ ଅଞ୍ଚଳର ପରିଚୟ ହେଉଛି ସମ୍ବଲପୁରୀ ତଥା କୋଶଲୀ ଭାଷା। ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ୫ଥର କେନ୍ଦ୍ରକୁ ଲେଖି ସାରିଲେଣି। ମାତ୍ର କେନ୍ଦ୍ର ସେ ଦିଗରେ କିଛି ପଦକ୍ଷେପ ନେଇନାହିଁ। ସେହିପରି ରାଜ୍ୟର ଜୀବନରେଖା କୁହାଯାଉଥିବା ମହାନଦୀ ପାଣିରେ କେନ୍ଦ୍ରର ଭାଜପା ସରକାରଙ୍କ ଭୂମିକା ଉପରେ କହିଥିଲେ। ଯେତେବେଳେ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ବେଆଇନ ବ୍ୟାରେଜ ନିର୍ମାଣ କଲେ, ସେତେବେଳେ କେନ୍ଦ୍ର ଏବଂ ଛତିଶଗଡ଼ରେ ଭାଜପା ନେତୃତ୍ୱାଧୀନ ସରକାର ଥିଲା। କେନ୍ଦ୍ର ସରକାରଙ୍କ ଅଧୀନରେ ରହିଥିବା ସେଣ୍ଟ୍ରାଲ ୱାଟର କମିଶନ(ସିଡବ୍ଲୁସି) ସେଭଳି ବେଆଇନ ବ୍ୟାରେଜ ନିର୍ମାଣ ବନ୍ଦ କରିବା କଥା । କିନ୍ତୁ ତାହା ହେଲା ନାହିଁ। ସେହିପରି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇଙ୍ଗିତ କରି ପାଣ୍ଡିଆନ କହିଥିଲେ, ସେତେବେଳେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଆଖିବୁଜି ଦେଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ସୁପ୍ରିମକୋର୍ଟ ଯିବା ପରେ ଟ୍ରିବ୍ୟୁନାଲ ଗଠନ ହେଲା ଏବଂ ବ୍ୟାରେଜ ନିର୍ମାଣ ବନ୍ଦ ହେଲା ବୋଲି ପାଣ୍ଡିଆନ ସଭାରେ କହିଥିଲେ। ସେହିପରି ଭାଜପା ରାଜ୍ୟରେ ଶାସନକୁ ଆସିଲେ ଧାନ ଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିବା ପ୍ରସଙ୍ଗକୁ ପାଣ୍ଡିଆନ ସମାଲୋଚନା କରିଥିଲେ। କେନ୍ଦ୍ରରେ ୧୦ବର୍ଷ ହେଲା ଭାଜପା ନେତୃତ୍ୱାଧୀନ ସରକାର ରହିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବୃଦ୍ଧି କରିବା କେନ୍ଦ୍ରର ଦାୟିତ୍ୱ। କିନ୍ତୁ ୧୦ବର୍ଷରେ କ୍ଷମତାରେ ଥିବା ସତ୍ତ୍ୱେ ଧାନର ଏମ୍ଏସ୍‌ପି ବୃଦ୍ଧି କରି ନ ଥିବା ମୋଦି ସରକାର ଏବେ ମତଦାନର ୯ ଦିନ ଆଗରୁ ରାଜ୍ୟର ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାର ପ୍ରତିଶ୍ରୁତି ଭୁଆଁ ବୁଲାଇବା ଛଡ଼ା ଅନ୍ୟକିଛି ନୁହେଁ ବୋଲି ପାଣ୍ଡିଆନ କହିଥିଲେ। ଏହା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ପୁଣି ଇଙ୍ଗିତ କରି ପାଣ୍ଡିଆନ କହିଥିଲେ, କେନ୍ଦ୍ରମନ୍ତ୍ରୀ ଓଡ଼ିଆ ଅସ୍ମିତାର ଅନେକ କଥା କହୁଛନ୍ତି, କିନ୍ତୁ ଏ ମାଟିର ବରପୁତ୍ର କବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ଏବଂ ସ୍ମୃତି ନେଇ ସେ କ'ଣ କରିଛନ୍ତି ବୋଲି ପାଣ୍ଡିଆନ ପ୍ରଶ୍ନ କରିଥିଲେ। ଏହା ସହିତ ଉପନିର୍ବାଚନ ସମୟରେ ବରଗଡ଼ କ୍ୟାନ୍‌ସର ହସ୍‌ପିଟାଲ, ବିଜେପୁର ନିର୍ବାଚନମଣ୍ଡଳୀ ଏବଂ ପଦ୍ମପୁର ନିର୍ବାଚନମଣ୍ଡଳୀରେ ରେଳ ଚଳାଚଳ ନେଇ ଭାଜପା ଦେଇଥିବା ପ୍ରତିଶ୍ରୁତି ମିଥ୍ୟା ସାବ୍ୟସ୍ତ ହୋଇ ସାରିଛି। ନିର୍ବାଚନବେଳେ ଭାଜପା ନେତା ବଡ଼ବଡ଼ କଥା କୁହନ୍ତି, କିନ୍ତୁ ନିର୍ବାଚନ ପରେ ସେମାନେ ଆଉ ଦେଖାଦିଅନ୍ତି ନାହିଁ ବୋଲି ପାଣ୍ଡିଆନ କହିଥିଲେ। ସେହିପରି ଭାଜପାର ସୋଲାର ପାନେଲାରେ ମାଗଣା ବିଦ୍ୟୁତ ବ୍ୟବସ୍ଥାକୁ ସେ ସମାଲୋଚନା କରିଥିଲେ। ଏଥିପାଇଁ ପୂର୍ବରୁ ୪୦ରୁ ୫୦ହଜାର ଟଙ୍କା ଲୋକଙ୍କୁ ଦେବାକୁ ପଡ଼ିବ। ଏଥିରୁ ଭାଜପା ଦିନରେ ଲୋକଙ୍କୁ ଲଣ୍ଠନ ଦେଖାଉଛି ବୋଲି କହିଥିଲେ। ମାତ୍ର ଜୁନ ୯ତାରିଖ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ମାଗଣା ବିଦ୍ୟୁତ୍ ବିଲ ଉପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଦସ୍ତଖତ ରହିବ ବୋଲି ସେ କହିଥିଲେ। ଏହା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇଙ୍ଗିତ କରି ସେ ମିଶନ ଶକ୍ତିକୁ ବନ୍ଦ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ପାଣ୍ଡିଆନ କହିଥିଲେ।

ସଭାରେ ଉପସ୍ଥିତ ରହି ବିଜେଡିର ବରଗଡ଼ ବିଧାନସଭା ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ କହିଥିଲେ, ଧାନ ଦରବୃଦ୍ଧି ନେଇ ଭାଜପା ଲୋକଙ୍କୁ ଭୁଆଁ ବୁଲାଉଛି। ଏହା ଭାଜପାର ଏକ ଚାଲ୍। ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଧାନଦର ୨ଗୁଣା କରିବାକୁ ଭାଜପା ନେତୃତ୍ୱାଧୀନ ସରକାର ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା ପୂରଣ କରି ପାରି ନ ଥିବାବେଳେ ମତଦାନର ୯ ଦିନ ପୂର୍ବରୁ ଧାନଦର ବୃଦ୍ଧି ନେଇ ମିଛ ପ୍ରତିଶ୍ରୁତି ହାସ୍ୟାସ୍ପଦ ବୋଲି ଆଚାର୍ଯ୍ୟ କହିଥିଲେ। ଅନ୍ୟପଟେ ଆଗାମୀ ୧୦ବର୍ଷ ଯୁବକଙ୍କ ବର୍ଷ ହେବ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀ ୧ ଲକ୍ଷ କୋଟି ଟଙ୍କାର ବଜେଟ୍ କରିଛନ୍ତି। ଫଳରେ ଷଷ୍ଠଥର ପାଇଁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ ଜନତାଙ୍କୁ ସେ ନିବେଦନ କରିଥିଲେ। ଅନୁରୂପ ଭାବେ ଦଳର ବରଗଡ଼ ଲୋକ ସଭା ପ୍ରାର୍ଥିନୀ ପରିଣିତା ମିଶ୍ର, ବ୍ରଜରାଜନଗର ବିଧାନସଭା ପ୍ରାର୍ଥିନୀ ଅଳକା ମହାନ୍ତି, ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀ ଦୀପାଳି ଦାଶ, ଅତାବିରା ବିଧାନସଭା ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ, ଭଟଲି ବିଧାନସଭା ପ୍ରାର୍ଥୀ ସୁଶାନ୍ତ ସିଂ, ବିଜେପୁର ବିଧାନସଭା ପ୍ରାର୍ଥିନୀ ରୀତା ସାହୁ, ପଦ୍ମପୁର ବିଧାନସଭା ପ୍ରାର୍ଥିନୀ ବର୍ଷା ସିଂ ବରିହା ଉଦ୍‌ବୋଧନ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ସ୍ୱାଗତ ଭାଷଣ ଦେଇଥିବାବେଳେ ଡା. ସୁଶିଲ ଶର୍ମା ବିଜେଡିରେ ଯୋଗଦାନ କରିଥିଲେ। ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ଣ ୪ଟା ୧୫ମିନିଟରେ ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲେ ଏବଂ ଅପରାହ୍ଣ ୫ଟା ୩୮ମିନିଟରେ ବରଗଡ଼ ଛାଡ଼ି ହେଲିକପ୍ଟର ଯୋଗେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ।



ସଭାରେ ଉପସ୍ଥିତ ଜନତା ।

## ବିଜେଡିରେ ଯୋଗଦାନ କଲେ ଭାଜପା କର୍ମୀ

**ଖଡ଼ିଆଳ, ୧୨।୫**
**(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଗ୍ରାମର ଭାଜପା କର୍ମୀ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷାଙ୍କ ବାସଭବନରେ ଶନିବାର ବିଜେଡିରେ ଯୋଗଦାନ କରିଥିଲେ। ପଞ୍ଚୁଶ୍ୱର ଚଳାନ, ଅଜିତ ରାଉତ, ଧର୍ମରାଜ ଚଳାନ, ଅଜିତ ରାଉତରାୟ, ଖଡ଼ିଆଳ ବ୍ଲକ ଧଙ୍କସର ଗ୍ରାମର ପ୍ରବୀଣ ଗହୀର ପ୍ରମୁଖ ବିଜେଡିରେ ଯୋଗଦାନ କରିଥିଲେ। ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗଦାନ କରିଥିବା କର୍ମୀମାନଙ୍କୁ ଉତ୍ତରୀୟ ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଯୋଗଦାନ କରିଥିବା କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଜନହିତକର କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିବା ପ୍ରକାଶ କରିଥିଲେ।

## କୋକସରାର ୧୦୨ ବୁଥରେ ପହଞ୍ଚିଲେ ପୋଲିଂ କର୍ମଚାରୀ

**କୋକସରା,୧୨।୫**
**(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକର ୨୨ ପଞ୍ଚାୟତର ୧୦୨ ମତଦାନ କେନ୍ଦ୍ରକୁ ରବିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ପୋଲିଂ କର୍ମଚାରୀ ପହଞ୍ଚିଥିବା ଜଣାପଡିଛି। କୋକସରା ବ୍ଲକରେ ୯୧ ହଜାର ୩୭୬ ମତଦାତା ନିଜର ମତଦାନ କରିବେ। ବ୍ଲକ ପ୍ରଶାସନ ପକ୍ଷରୁ ୧୪ଟି ସେକ୍ଟର ଅଧିକାରୀଙ୍କୁ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣର ସମସ୍ତ ବ୍ୟବସ୍ଥା ପାଇଁ ଦାୟିତ୍ୱ ପ୍ରଶାସନ ପକ୍ଷରୁ ଦିଆଯାଇଛି। କୋକସରା ବ୍ଲକରେ ୨ଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର କୁଟ୍ରୁ ଓ ବିରିମୁହାଣ ସହ ୭ଟି ଆଦର୍ଶ ମତଦାନ କେନ୍ଦ୍ର ଟେମରା, ଗୋତମୁଣ୍ଡା, ସାନ ପୋଡ଼ା ଘଣ୍ଟିଗୁଡା, ଭାଲିଆଜୋର, ଟିକିଲି, ଲଡୁଗାଁ, ୪ଟି ସଖୀ ମତଦାନ କେନ୍ଦ୍ର କୋକସରା ଓ ଆମପାଣି, ଯୁବା ମତଦାନ କେନ୍ଦ୍ର ଲଡୁଗାଁଠାରେ କରାଯାଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ପୋଲିସ ଫୋର୍ସ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି

**ପାଇକମାଳ,୧୨।୫(ବଡ ଶତପଥୀ)**



ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ।

ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ସୋଡା ଗ୍ରାମରେ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ରବିବାର ପୂର୍ଣ୍ଣାହୁତି ହୋଇଛି। ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଏହି ନାମଯଜ୍ଞରେ ଏକ ସଚେତନତା ବାର୍ତ୍ତା ଦେଖିବାକୁ ମିଳିଛି। ଜଙ୍ଗଲ ଥିବା ଗଛ ନ କାଟି ବାଉଁଶ ଦ୍ୱାରା ଯଜ୍ଞମଣ୍ଡଳୀ ନିର୍ମାଣ କରାଯାଇଥିଲା। ଯାହାକି ଆଜି ସମାଜରେ ପରିବେଶ ସୁରକ୍ଷା ପାଇଁ ଗଛ ହିଁ ଜୀବନର ଆବଶ୍ୟକତା ବାର୍ତ୍ତା ବହନ କରୁଥିଲା। ଦିଲୀପ ବେହେରା, ଦେବାର୍ଚ୍ଚନ ସାହୁ, କିଶୋର ରଣା, ବିଶି ରଣା, ଟଙ୍କଧର ପ୍ରଧାନ, ବୈକୁଣ୍ଠ ପ୍ରଧାନ, ଶ୍ୟାମ ରଣା ପ୍ରମୁଖ ଗ୍ରାମବାସୀଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ଅଖଣ୍ଡ ଶୋହଳ ପ୍ରହର ନାମଯଜ୍ଞରେ ଅଞ୍ଚଳର ସୋଡ଼ା, ବୈତାଲଭଟ୍ଟା, ମୁନେକେଲ, ଗୌଡ଼ମାଲ, ଖରମୁଣ୍ଡା, ଲିଙ୍ଗମାର୍ଣ୍ଣି, ବ୍ରାହ୍ମଣି ଆଦିଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନରେ ସହଭାଗିତା କରିଥିଲେ। ଯଜ୍ଞକର୍ତ୍ତା ଭାବେ ମହେନ୍ଦ୍ର ପ୍ରଧାନ ଓ କଳ୍ପନା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ହୃଷୀକେଶ ଦେବତା ଓ ସାଥୀଙ୍କ ସହ ପଞ୍ଚାନନ ବିଶିଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ପରେ ବୈଠକି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୃପାସିନ୍ଧୁ ପ୍ରଧାନ ସଂଯୋଜନା କରିଥିଲେ। ଏହି ସମୟରେ ବିଶିଷ୍ଟ ବ୍ୟକ୍ତି ଓ ସମସ୍ତ ସଂକୀର୍ତ୍ତନ ଦଳଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ଗ୍ରାମବାସୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରକୃତି ବନ୍ଧୁ ଧିରେନ ମହାନ୍ତି ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯୋଧନ ପୁଟା, କୃଷକ ସଙ୍ଗଠନ ନେତା ଲିଙ୍ଗରାଜ ପ୍ରଧାନ, ଟଙ୍କଧର ସାହୁ, ଗୋବର୍ଦ୍ଧନ ଭୋଇ, ଭୋଜରାଜ ସିଂ ବରିହା, ବାଲ୍ମୀକି ନାୟକ ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ।

# ଗ୍ରୀଷ୍ମପ୍ରବାହରେ ରୋଜଗାର ମାଧ୍ୟମ ସାଜିଛି ଆଖୁ, ପଣା

**ପଦ୍ମପୁର,୧୨।୫(ପ୍ରଦୀପ୍ତ ଦାଶ)**

ନିର୍ବାଚନ ତାତି ସହିତ ଗ୍ରୀଷ୍ମ ତାତି ପଦ୍ମପୁର ସହରରେ ବେଶ ଅନୁଭୂତ ହେଉଛି। ଏହି ଗ୍ରୀଷ୍ମ ପ୍ରକୋପରୁ ନିସ୍ତାର ପାଇବା ପାଇଁ ଲୋକେ ଓଦା ଗାମୁଛା, ଜଳଛତ୍ର ସହିତ ରାସ୍ତା କଡରେ ଥିବା ଆଖୁ ସରବତ, ତରଭୁଜ ଉପରେ ଭରସା କରୁଛନ୍ତି। ଏହା ଉପରେ ନିର୍ଭର କରି ଲୋକେ ଦୁଇ ପଇସା ରୋଜଗାର କରୁଛନ୍ତି। ପଦ୍ମପୁର ସହରର ବିଭିନ୍ନ ଛକ ସ୍ଥାନଗୁଡ଼ିକରେ ଏହି ଆଖୁ ରସ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ରାସ୍ତାରେ ଗଲାବେଳେ ଗାଡି ଚାଳକ, ପଥିକ ଏହାରି ଉପରେ ନିର୍ଭର କରୁଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଏହି ଆଖୁ ରସ ପିଇବା ଦ୍ୱାରା ଅଂଶୁଘାତ ରକ୍ଷା ମିଳିବା ସହିତ ଶରୀର ଥଣ୍ଡା ରହି ପେଟ ସଫା ରହେ ବୋଲି କହିଥାନ୍ତି। ବାହାରୁ ଆସୁଥିବା ଏହି ଆଖୁ ରସ ବିକାଳୀ ମଧ୍ୟ ବେଶ ଦୁଇପଇସା ରୋଜଗାର କରିଥାନ୍ତି।



ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ଯାତ୍ରୀ ଆଖୁ ସରବତ ପିଉଛନ୍ତି।


**Format C-1**

(for candidate to publish in Newspapers, TV)

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **NARASINGHA MINZ, AT/PO- LAING, PS- RAJGANGPUR, DIST- SUNDARGARH, PIN- 770034**

Name of political party: **BHARATIYA JANATA PARTY**

(Independent candidates should write "Independent" here)

Name of Election: **ASSEMBLY ELECTION 2024 (ODISHA)**

*Name of Constituency: **13-RAJGANGPUR (ST) AC**

I **NARASINGHA MINZ** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Special Judge Vigilance Court Sundargarh | VGR-10/2019 Arising out of Sambalpur Vigilance Ps Case No. 33 of 2019 | Pending Awaiting for Charge Sheet | U/s 13(2) read with Sec. 13(1) (a) of the P.C act and Sec. 409/34 IPC. (1) A public servant is said to commit the offence of criminal misconduct,-(a) if he dishonestly or fraudulently misappropriates or otherwise converts for his own use any property entrusted to him or any property under his control as a public servant or allows any other person so to do; or(b)if he intentionally (2)Any public servant who commits criminal misconduct shall be punishable with imprisonment for a term which shall be not less than one year but which may extend to seven years and shall also be liable to fine. Punishment under Section 409 IPC. As per Section 409 of the IPC, if public servants, bankers, merchants, factors, attorneys, or agents commit a criminal breach of trust, they are punishable with the following: Life imprisonment, or. Imprisonment of up to 10 years along with a fine. "34. Acts done by several persons in furtherance of common intention. - Where two or more persons, with a common intention to commit a criminal act, do any acts in furtherance of such common intention, each of them is liable for the criminal act done as if it were done by him alone." 1. |

(B) Details about cases of conviction for criminal offences

| Sl. No. | Name of Court & date(s) of order(s) | Description of office (s) & punishment imposed | Maximum Punishment Imposed | |
|---|---|---|---|---|
| 1 | NIL | NIL | NIL | |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Format C-1**

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate - **Saroj Kumar Pradhan**

**At -Krushnapali, PO - Tileswar, PS - Purunakatak, Dist- Boudh**

Name of political party. - **Bharatiya Janata Party**

(Independent candidates should write "Independent" here)

Name of the Constituency - **86 - Boudh**

I, **Saroj Kumar Pradhan** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section (s) of Acts concerned and brief description of offence (s) |
|---|---|---|---|---|
| 1 | S.D.J.M Boudh | C.T. 813/2019 | For evidence | U/S 279,337,338 IPC |
| 2 | S.D.J.M Boudh | C.T. 452/ 2019 | For evidence | U/S 147, 452, 294, 353, 506/34 IPC |
| 3 | S.D.J.M Boudh | C.T. 450/2018 | For evidence | U/S 143, 341, 353, 283, 186, 149 IPC |
| 4 | S.D.J.M Boudh | C.T. 257/2018 | For evidence | U/S 143, 427, 149 IPC |
| 5 | S.D.J.M Boudh | C.T. 581/2019 | For evidence | U/S 143, 341, 288, 149 IPC |

(B) Details about cases of conviction for criminal offences

| Sl. No. | Name of Court & e(s) of order(s) | Description of office (s) & punishment Imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

In the case of election to Council of States or election to Legistive Council by MLAs, mention the election concerned in place of name of constituency.

**(Debendranath Guru)**
**Election Agent of Sj. Saroj Kumar Pradhan**
**86, Boudh Assembly Constituency**

## ସଂକ୍ଷେପରେ

### ୧୫ରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ, ଶାହା

ରାଉରକେଲା,୧୨।୫, (ଦିନେଶ ମିଶ୍ର/ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ୧୫ରେ ରାଉରକେଲା ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ଉକ୍ତ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆସିବାର କାର୍ଯ୍ୟକ୍ରମ ରହିଛି। ସହରକୁ ଉଭୟ ଦଳର ହାଇଭୋଲଟେଜ୍ ନେତାମାନେ ଆସଥିବାରୁ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଶାହାଙ୍କ ଗସ୍ତକୁ ନେଇ ଭାଜପା ପକ୍ଷରୁ ବୈଠକ ହୋଇସାରିଥିବାବେଳେ ନବୀନଙ୍କ ଗସ୍ତକୁ ନେଇ ବିଜେଡି ଦଳ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### ସେବା କ୍ଷେତ୍ରରେ ନର୍ସଙ୍କ ଅବଦାନ ଅତୁଳନୀୟ

ରାଉରକେଲା,୧୨।୫(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ପରିସରରେ ନର୍ସ ଡେ' ପାଳିତ ହୋଇଯାଇଛି। ସେବା କ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆରଜିଏଚ୍‌ର ନିର୍ଦ୍ଦେଶକ ଡ. ଗଣେଶ ପ୍ରସାଦ ଦାସ ଅତିଥିଭାବେ ଯୋଗଦେଇ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଡ.ପଣ୍ଡିତ ସାହୁ, ସମୀର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନର୍ସମାନେ କିଭଳି ଆଗକୁ ସଚେତନ ହୋଇ ସେବାକ୍ଷେତ୍ରରେ ନିଜକୁ ନିୟୋଜିତ କରି ନିଜ କାର୍ଯ୍ୟକୁ ଠିକଭାବେ ସମ୍ପାଦନ କରିବେ ସେନେଇ ବିଭିନ୍ନ ନର୍ସ ମତପୋଷଣ କରିଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ବିଭିନ୍ନ ନର୍ସଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଡାକ୍ତରଖାନାର ସମସ୍ତ କର୍ମକର୍ତ୍ତା ଓ ନର୍ସମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କୋଏଲନଦୀରେ ବୁଡ଼ି ଯୁବକ ମୃତ

ରାଉରକେଲା/ବନ୍ଧମୁଣ୍ଡା, ୧୨।୫(ସଙ୍ଗୀତା ଜେନା/ସୁବ୍ରତ ଦେ)

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ କୋଏଲନଦୀ ଜମସେରା ଘାଟରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଝାଡଖଣ୍ଡ ସିମଡ଼େଗା ଜିଲାର ହାବିଲ୍ ଡୁଙ୍ଗଡଙ୍ଗ(୪୫)। ପୋଲିସ ମୃତଦେହ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ରଖିଛି। ଏ ନେଇ ମାମଲା ନଂ. ୧୩/୨୪ ରୁଜୁ ହୋଇଛି। ଥାନାଧିକାରୀ ଅଶୋକ ଦାସଙ୍କ ସୂଚନା ଅନୁଯାୟୀ, ସକାଳେ କିଛି ସ୍ଥାନୀୟ ଲୋକ କୋଏଲନଦୀ ଜମସେରା ଘାଟରେ ମୃତଦେହ ପାଣିରେ ଭାସୁଥିବା ଦେଖି ଖବର ଦେଇଥିଲେ। ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପରେ ମୃତଦେହର ପକେଟରୁ ଆଧାରକାର୍ଡ଼ ଓ ଭୋଟର ପରିଚୟ ପତ୍ର ବାହାରି ଥିଲା। ମୃତକ ସିମଡେଗା ସୋନମେଞ୍ଜରା ଗ୍ରାମର ବୋଲି ଜଣାପଡିଥିଲା। ସୋମବାର ନିର୍ବାଚନ ଥିବାରୁ ସେ ଶନିବାର ରାତି ୩ଟାରେ ଝାଡଖଣ୍ଡ ଗୁଆ ମାଇନ୍ସରୁ ବାହାରି ଗ୍ରାମ ଅଭିମୁଖେ ଯାଉଥିଲେ। ତେବେ ସେ ଟ୍ରେନରେ ଯାଉଥିବା ବେଳେ କିଭଳି ପରିସ୍ଥିତିରେ କୋଏଲନଦୀ ପର୍ଯ୍ୟନ୍ତ ଆସି ମୃତ୍ୟୁମୁଖରେ ପଡ଼ିଲେ, ପରିବାର ଲୋକେ ଆସିଲେ ଜଣାପଡିବ। ଏନେଇ ପୋଲିସ ଅଧିକ ତଦନ୍ତ କରୁଛି।

# ଶୌଚାଳୟରେ ତାଲା, ଆସୁନି ପାଣି

ରାଉରକେଲା,୧୨।୫,(ଦିନେଶ ମିଶ୍ର)

### ରେଲୱେ ସାଇଡିଂ ଓ ରେଳଧାରଣା ସାଜିଛି ଶୌଚାଳୟ




ବସ୍ତିବାସୀଙ୍କ ସୁବିଧା ପାଇଁ ନିର୍ମାଣ ହେଲା ଶୌଚାଳୟ। ହେଲେ ଶୌଚାଳୟକୁ ପାଣି ଆସୁ ନ ଥିବାରୁ ତାହା ବର୍ତ୍ତମାନ ତାଲା ପଡିଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନୀ ସ୍ଥିତ ମାଲଗୋଦାମ ବସ୍ତିରେ ଦେଖିବାକୁ ମିଳିଛି। ଏହି ବସ୍ତିରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ବସ୍ତିବାସୀ ଶୌଚ ହେବାପାଇଁ ଆରଏମ୍‌ସି ପକ୍ଷରୁ ୨୦୧୯ରେ ଶୌଚାଳୟ ନିର୍ମାଣ କରାଯାଇଥିଲା। ମାତ୍ର କରୋନା ମହାମାରୀ ପରଠାରୁ ଆରଏମ୍‌ସି ପ୍ରଶାସନ ଶୌଚାଳୟର ରକ୍ଷଣବେକ୍ଷଣ କରିବାକୁ ଭୁଲି ଯାଇଥିଲା। ବସ୍ତିବାସୀ ବାଧ ହୋଇ କିଛି ଦିନ ଶୌଚାଳୟକୁ ନିଜେ ରକ୍ଷଣବେକ୍ଷଣ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଧୀରେ ଧୀରେ ଏହି ଶୌଚାଳୟଟି ବସ୍ତିବାସୀଙ୍କ ବ୍ୟବହାରରେ ନ ଆସିବାରୁ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମିଲା। ଶୌଚାଳୟ ଭିତରେ ଲାଗିଥିବା ପାଣି ଟ୍ରାପ ଗୁଡିକୁ ସ୍ଥାନୀୟ ଅଞ୍ଚଳର କିଛି ଦୁର୍ବୃତ୍ତ ଚୋରି କରି ନେଇଗଲେ। ପାଣି ଆସୁ ନ ଥିବାରୁ ଉକ୍ତ ଶୌଚାଳୟଟିକୁ ସଫେଇ କରିବାରେ ସ୍ଥାନୀୟ ବସ୍ତିବାସୀ ଅକ୍ଷମ ହୋଇ ପଡିଥିଲେ। ଏନେଇ ବସ୍ତିବାସୀ ବାରମ୍ବାର ଆରଏମ୍‌ସି ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଧହୋଇ ବସ୍ତିବାସୀମାନେ ପାଖରେ ଥିବା ରେଳ ଲାଇନ ନଚେତ ରେଲୱେ ସାଇଡିଂରେ ଶୌଚ ହେଉଛନ୍ତି। ବିଶେଷ କରି ବୃଦ୍ଧ ମହିଳା ଓ ଶିଶୁମାନେ ଶୌଚହେବା ପାଇଁ ଅସୁବିଧା ଭୋଗୁଛନ୍ତି। ଏଭଳି ପରିସ୍ଥିତିରେ ବସ୍ତିବାସୀମାନେ ଉକ୍ତ ଶୌଚାଳୟକୁ ତାଲା ପକାଇ ଦେଇଥିଲେ। ବର୍ତ୍ତମାନ ଶୌଚାଳୟ ବ୍ୟବହାରରେ ଆସୁ ନ ଥିବାରୁ ସ୍ଥାନୀୟ ଲୋକେ ଏଠାରେ ବିଭିନ୍ନ ଅଳିଆ ଆବର୍ଜନା ପକାଇଥିବା ଅଭିଯୋଗ ହୋଇଛି। ଶୌଚାଳୟର ପୁନଃ ମରାମତି କରିବାକୁ ବସ୍ତିବାସୀ ଦାବି କରିଛନ୍ତି। ଏନେଇ ଆରଏମ୍‌ସି ଉପଆୟୁକ୍ତ ଅନିତା ନାୟକଙ୍କୁ ପଚାରିବାରୁ, ମାଲଗୋଦାମ ବସ୍ତି ଅଞ୍ଚଳରେ ଥିବା ଶୌଚାଳୟ ବିଷୟରେ ଆମ ପାଖରେ କୌଣସି ଖବର ନାହିଁ। ଶୌଚାଳୟର ବର୍ତ୍ତମାନ ଅବସ୍ଥା କ'ଣ ରହିଛି ତାହାକୁ ୨ ସପ୍ତାହ ମଧ୍ୟରେ ଅନୁଧ୍ୟାନ କରିବା ପରେ ଖୁବ୍ ଶୀଘ୍ର ମରାମତି କରିବୁ ବୋଲି ନାୟକ ମତ ପ୍ରକାଶ କରିଥିଲେ।

## ସ୍ୱସ୍ତି ସାହିତ୍ୟ ସଂସଦର ସାହିତ୍ୟ ସଭା




ସଭାରେ ଉପସ୍ଥିତ ଅତିଥିମାନେ।

ରାଉରକେଲା,୧୨।୫(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ଅଡିଟୋରିୟମ୍ କକ୍ଷରେ ସ୍ୱସ୍ତି ସାହିତ୍ୟ ସଂସଦ ଓ ଗୋପବନ୍ଧୁ ପାଠାଗାର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ସଭା ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ କବିତା ମହାପାତ୍ର ଏହି ସଭାରେ 'ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ନାରୀର ସ୍ୱାତନ୍ତ୍ରତା ସମ୍ପର୍କରେ ଆଲୋଚନା କରିଥିଲେ। ଗାଳ୍ପିକ ସଞ୍ଜୀବ ଭୋଇ ଗଳ୍ପପାଠ କରିଥିବାବେଳେ କବି ମଞ୍ଜୁଳା ରଥ, ରଶ୍ମୀବାଳା ରାଉତରାୟ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଜ୍ୟୋତ୍ସ୍ନାରାଣୀ ପାତ୍ର, ରଶ୍ମି ସାହୁ, ନିରୁପମା ପତି ପ୍ରମୁଖ କବିତା ପାଠ କରିଥିଲେ। ଗଳ୍ପ ଓ କବିତା ଉପରେ ସାହିତ୍ୟିକା ଶର୍ମିଷ୍ଠା କବି ଶତପଥୀ ସମୀକ୍ଷା କରିଥିଲେ। ସମ୍ପାଦିକା କବି ଅଙ୍ଗୁରବାଳା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ ରାଉରକେଲା ସହରର ବହୁ ସାହିତ୍ୟିକ ଓ କବି ଉପସ୍ଥିତ ରହି ସାମ୍ବିଧାନିକ ବିଧି ବ୍ୟବସ୍ଥା ଉପରେ ବିଭିନ୍ନ ମତ ପ୍ରକାଶ କରିବା ସହ ସମାଜରେ ସାହିତ୍ୟର ଭୂମିକାର ମହତ୍ତ୍ୱ ଉପରେ ମତ ପ୍ରକାଶ କରିଥିଲେ। ଏହି ସଭାରେ ସାହିତ୍ୟିକ ଶଙ୍କର ପ୍ରସାଦ ତ୍ରିପାଠୀ, ରାଜକୁମାର ମହାନ୍ତି, ରାଜୀବ ପାଣି, ନୃସିଂହ ଚରଣ ବିଶ୍ୱାଳ, ରାଧାମୋହନ ନାୟକ, ଭଗବାନ ପରିଡା, ସୁଶାନ୍ତ ପାଣି, ହରିହର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ୱସ୍ତିର ଉପଦେଷ୍ଟା ଗୋପିନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସୀମାନ୍ତରେ ଜୀବନ୍ତ ଆଇଇଡି ଠାବ

ରାଉରକେଲା, ୧୨।୫(ସଙ୍ଗୀତା ଜେନା)

ମୁଫସିଲ ଥାନା ଅନ୍ତର୍ଗତ ଯୋଯୋହାତୁ ଓ ହେସାବାନ୍ଧ ମଧ୍ୟବର୍ତ୍ତୀ ଜଙ୍ଗଲରେ ୫ କେଜିର ଜୀବନ୍ତ ଆଇଡି ରବିବାର ଠାବ ହୋଇଛି। ଘଟଣା ସ୍ଥଳରେ ବମ୍ ନିରୋଧକ ସ୍କ୍ୱାର୍ଡ ପହଞ୍ଚି ଉକ୍ତ ଆଇଇଡିକୁ ନଷ୍ଟ କରିଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ଶୁକ୍ରବାର ସୀମାନ୍ତ ଗୋଇଲକେରା ଥାନାର କୁଇଡ଼ା, ମାସଦିରୀ, ମେରାଲଗଢ଼, ହାଥୀବୁରୁ, ତିଲାୟବେଡ଼ା, କଟମ୍ବା, ବାୟହାତୁ ତଥା ଟୋଂଟୋ ଥାନାର ହୁସିପି, ରାଜବାସା, ତୁମ୍ବାହାକା, ରେଗଡ଼ା, ପୋଟାତୋରବା, ଗୋବୁରୁ, ଲୁଇୟା, ଆଦିରେ କୁମ୍ବିଂ ଅପରେସନ କରାଯାଇଥିଲା।



ଯୋଯୋହାତୁ ଜଙ୍ଗଲରେ ଠାବ ହୋଇଥିବା ଜୀବନ୍ତ ଆଇଇଡି।

# ଆର୍‌ଏସ୍‌ପିର ଠିକା ଶ୍ରମିକ ପୁରସ୍କୃତ



ପୁରସ୍କୃତ ହୋଇଥିବା ଠିକା ଶ୍ରମିକ ଓ ଅନ୍ୟମାନେ।

ରାଉରକେଲା,୧୨।୫,(ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି)ର ପ୍ଲେଟ ମିଲ କନଫେରେନ୍ସ ହଲରେ ଠିକା ଶ୍ରମିକ ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରଏସ୍‌ପିର ପ୍ଲେଟମିଲ ବିଭାଗର ସିଜିଏମ ଏଡୁଆ ଓରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ଠିକା ସଂସ୍ଥାର ୧୧ ଜଣ ଠିକା ଶ୍ରମିକଙ୍କୁ ଏହି ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭାଗର ବିଭିନ୍ନ ସେକ୍ସସନ ପ୍ରତିନିଧି କାର୍ମିକ ସିଏଲସି ପ୍ରତିନିଧି ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଠିକା ଶ୍ରମିକମାନଙ୍କୁ ଓରାମ ଅଭିନନ୍ଦନ ଜଣାଇବା ସହ କାରଖାନାର କାର୍ଯ୍ୟଦକ୍ଷତାକୁ ବଜାଇ ରଖିବା ପାଇଁ ପ୍ରତିବଦ୍ଧତା ସହିତ କାର୍ଯ୍ୟ ଜାରି ରଖିବାକୁ ଅନୁପ୍ରେରିତ କରିଥିଲେ। ପ୍ଲେଟ ମିଲ ବିଭାଗର ଡିଜିଏମ ଏସ.କେ ନାହାକ, କାର୍ମିକ ବିଭାଗର ବରିଷ୍ଠ ଅଧିକାରୀ ସଙ୍ଗୀତା ସିନ୍ଧୁର ମିଳିତ ଭାବେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଠିକା ଶ୍ରମିକମାନଙ୍କୁ ୟୁପିଏସ୍ ଓ କୁଲିଙ୍ଗ ବେଡର ରୋଲର ଟେବୁଲ ଡ୍ରାଇଭ, ଏମସିସିବି ଦ୍ୱାରା ଫ୍ଲୁଜ୍ ପ୍ରତିରୋପଣ, ଭେଣ୍ଟିଲେଟର ମୋଟର ବଦଳାଇବା ଭଳି ବିଭିନ୍ନ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା।

# କଳ୍ପତରୁ ଆଶ୍ରମରେ ଶ୍ରୀମଦ୍ ଭାଗବତ ପାରାୟଣ

ରାଉରକେଲା,୧୨।୫,(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ କଳ୍ପତରୁ ଆଶ୍ରମ ପରିସରରେ ଶ୍ରୀମଦ୍ ଭାଗବତ ପାରାୟଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବାବାଜୀ ଶ୍ୟାମନନ୍ଦ ଦାସ ଉପସ୍ଥିତ ରହି ଭାଗବତ ଉପସ୍ଥାପନା କରିଥିଲେ। ସମାଜକୁ ସନ୍ତୁଳିତ କରିବାକୁ ହେଲେ ଭାଗବତ ପଠନ ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ପର୍ଶୁରାମ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ପରେ ସାମୂହିକ ହରିନାମ ସଙ୍କୀର୍ତ୍ତନ ଜପ କରି ସଭା ଭଙ୍ଗ ହୋଇଥିଲା। କାର୍ଯ୍ୟକ୍ରମକୁ କଳ୍ପତରୁ ଆଶ୍ରମର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ବାଚନୀ ପ୍ରଚାର କରି ଭୋଟ ଭିକ୍ଷା କରୁଛନ୍ତି ଦିଲୀପ

ରାଉରକେଲା,୧୨।୫ (ବିପ୍ଳବ ରଞ୍ଜନ ଦାଶ)



ଦିଲୀପ ପ୍ରଦୂଷିତ ନଳକୂପ ପାଣି ତଦାରଖ କରୁଛନ୍ତି।

ନିର୍ବାଚନକୁ ଆଉ ମାତ୍ର ୭ଦିନ ବାକି ରହିଲା। ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା,ବିଜେଡି ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିଜ ନିଜର କର୍ମୀ ଓ ସମର୍ଥକଙ୍କ ସହ ଯୋରସୋର ନିର୍ବାଚନ ପ୍ରଚାର କରୁଛନ୍ତି। ରାଉରକେଲା ଓ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ସମସ୍ତ ରାଜନୈତିକ ନେତା ଏବେ ଜନତା ମୁହାଁ। ଉଭୟ ନିର୍ବାଚନ ମଣ୍ଡଳୀର ରାଜନୈତିକ ବିଶେଷଜ୍ଞଙ୍କ କହିବା ଅନୁସାରେ, ରାଉରକେଲା ବିଧାନସଭା କ୍ଷେତ୍ରରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଛି। ଅନ୍ୟପଟେ ଦିଲୀପ ନିଜର ପ୍ରଚାରରେ ରାଉରକେଲାର ବିକାଶ ମୂଳକ ପ୍ରସଙ୍ଗ ମୁଦ୍ଦା କରି ଜନମତ ଆସ୍ଥା ଗୋଟାଇ ଚାଲିଛନ୍ତି। ଶନିବାର ଦିଲୀପ ସ୍ଥାନୀୟ ହକି ଭିଲେଜରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ। ପାନପୋଷ ଖାଡିଆଟୋଲା ଓ ଡୁଙ୍ଗୁରୀଟୋଲା ବସ୍ତି ଅଞ୍ଚଳକୁ ନିର୍ବାଚନୀ ପ୍ରଚାର ପାଇଁ ପଦଯାତ୍ରା କରି ସ୍ଥାନୀୟ ଅଞ୍ଚଳର ଲୋକଙ୍କ ନିକଟରୁ ଉକ୍ଟ ପାନୀୟ ସମସ୍ୟା ନେଇ ଅବଗତ ହୋଇଥିଲେ। ଉପରୋକ୍ତ ଅଞ୍ଚଳରେ ୨୦୦ଲୋକ ବସବାସ କରୁଥିବା ବେଳେ ନଳକୂପ ନ ଥିବାରୁ ଦିଲୀପ କ୍ଷୋଭ ପ୍ରକାଶ କରିବା ସହ ପ୍ରତିକାର ପ୍ରତିଶ୍ରୁତୀ ଦେଇଥିଲେ। ଏଥିସହ ନଦୀଘାଟ ଅନୁନ୍ନତ ରହିବା ଯୋଗୁ ଛଟପୂଜା ସମୟରେ ହେଉଥିବା ସମସ୍ୟା ବିଷୟରେ ଲୋକଙ୍କ ଠୁ ଅବଗତ ହୋଇ ରେଲୱେ କଲୋନୀ ଅଟୋଷ୍ଟାଣ୍ଡରେ ଏକ ବିଶାଳ ସମାବେଶରେ ସାମିଲ ହୋଇଥିଲେ। ପରେ ଛେଣ୍ଡ ସ୍ଥିତ ଏମ ବ୍ଲକରେ ଦହିବରା ଏକ୍ସପ୍ରେସ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହଭଳି ରବିବାର ଦିଲୀପ ରୁଡିଟୋଲା, ଛେଣ୍ଡ କଲୋନୀ, କଣ୍ଟାଝାର, ଜଗଦା, ଝିରପାଣି, ମୁଣ୍ଡା ବସ୍ତି, ବିଦ୍ୟୁତ୍ କଲୋନୀ, ବାଲୁଘାଟ, ଉଦିତନଗର, ଗଙ୍ଗାଧରପାଲି, ସତସଙ୍ଗ ବିହାର, ନୟାବଜାର ପ୍ରମୁଖ ଅଞ୍ଚଳରେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଭାବ ବିନିମୟ କରିଥିଲେ। ସେହିପରି ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ ମଧ୍ୟ ନିଜ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରକାଶ ଥାଉକି, ୨୦୧୯ ନିର୍ବାଚନରେ ବିଜେଡିର ଭୋଟ ହାର ୪୭.୨୯ ଥିବା ବେଳେ ଭାଜପାର ଭୋଟହାର ୩୯.୩୭ ଥିଲା।

**Format C-1**

(for candidate to publish in Newspapers, TV)

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)
Name and address of candidate: **NARASINGHA MINZ, AT/PO- LAING, PS- RAJGANGPUR, DIST- SUNDARGARH, PIN- 770034**
Name of political party: **BHARATIYA JANATA PARTY**
(Independent candidates should write "Independent" here)
Name of Election: **ASSEMBLY ELECTION 2024 (ODISHA)**
*Name of Constituency: **13-RAJGANGPUR (ST) AC**
I **NARASINGHA MINZ** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Special Judge Vigilance Court Sundargarh | VGR-10/2019 Arising out of Sambalpur Vigilance Ps Case No. 33 of 2019 | Pending Awaiting for Charge Sheet | U/s 13(2) read with Sec. 13(1) (a) of the P.C act and Sec. 409/34 IPC. (1) A public servant is said to commit the offence of criminal misconduct,-(a) if he dishonestly or fraudulently misappropriates or otherwise converts for his own use any property entrusted to him or any property under his control as a public servant or allows any other person so to do; or(b)if he intentionally (2)Any public servant who commits criminal misconduct shall be punishable with imprisonment for a term which shall be not less than one year but which may extend to seven years and shall also be liable to fine. Punishment under Section 409 IPC. As per Section 409 of the IPC, if public servants, bankers, merchants, factors, attorneys, or agents commit a criminal breach of trust, they are punishable with the following: Life imprisonment, or. Imprisonment of up to 10 years along with a fine. "34. Acts done by several persons in furtherance of common intention. - Where two or more persons, with a common intention to commit a criminal act, do any acts in furtherance of such common intention, each of them is liable for the criminal act done as if it were done by him alone." 1. |

(B) Details about cases of conviction for criminal offences

| Sl. No. | Name of Court & date(s) of order(s) | Description of office (s) & punishment imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

# ସରକାରୀ ପ୍ରୋତ୍ସାହନକୁ ଅପେକ୍ଷା

### ଦୁର୍ଘଟଣାରେ ହାତ ହରାଇଥିଲେ ଭାଗ୍ୟଲତା

ରାଉରକେଲା,୧୨।୫ (ସଙ୍ଗୀତା ଜେନା)



ଭାଗ୍ୟଲତା ଦାଶ

୨୦୧୯ରେ ଜଣେ ପରିଜନଙ୍କ ବିବାହ ଭୋଜିରେ ଯୋଗଦେବା ପାଇଁ ରାଉରକେଲାରୁ ବ୍ରହ୍ମପୁର ଆସ୍କା ଅଭିମୁଖେ ଯାଉଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଫୁଲବାଣୀ କଳିଙ୍ଗ ଘାଟିରେ ବସ୍ ଓଲଟି ପଡ଼ିଥିଲା। ଏଥିରେ ସେକ୍ଟର-୨ ଜଗନ୍ନାଥ ବସ୍ତିର ଭାଗ୍ୟଲତା ଦାଶ(୫୦) ବାମ ହାତ ହରାଇଥିଲେ। ସ୍ୱାମୀ ବାପିନ୍ ଦାଶା, ବଡ଼ ପୁଅ ଭବାନୀ ଶଙ୍କର ଓ ସାନପୁଅ ବିଭୂତି ଭୂଷଣ ଆହତ ହୋଇଥିଲେ। ସେକ୍ଟର-୨ ଏନଏସି ମାର୍କେଟରେ ସ୍ୱାମୀଙ୍କ ଚାହା ଦୋକାନ ରହିଛି। ଏଥିରେ ସେ ସ୍ୱାମୀଙ୍କୁ ସାହାର୍ଯ୍ୟ କରନ୍ତି। ହେଲେ ୫ ବର୍ଷ ହେବ ବାମ ହାତ ନ ଥିବାରୁ ତାହା ସମ୍ଭବ ହୋଇପାରୁନାହିଁ। ଏପରିକି ସ୍ୱାମୀ ଉଭୟ ଦୋକାନ ଓ ଘର ସମ୍ଭାଳୁଛନ୍ତି। ପ୍ରଶାସନ ପକ୍ଷରୁ ଦୁର୍ଘଟଣାରାଶି ମିଳିଲା ନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି ଭାଗ୍ୟଲତା। ଭିନ୍ନକ୍ଷମ ସାର୍ଟିଫିକେଟ୍ ଥାଇ ମଧ୍ୟ ତାଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରାଯାଇନାହିଁ। ସରକାରୀ ସହଯୋଗ ରାଶି ବା ଋଣ ମିଳିଲେ ସେଥିରେ ଛୋଟ ବ୍ୟବସାୟ ସ୍ୱାମୀଙ୍କ ସହ ଆରମ୍ଭ କରିବାକୁ ଆଶା କରିଥିଲେ। ହେଲେ ତାହା ସମ୍ଭବ ହେଲାନାହିଁ। ଦିନକୁ ଦିନ ପରିବାର ଉପରେ ସେ ବୋଝ ପାଲଟି ଯାଉଥିବା କହିଛନ୍ତି। ଭିନ୍ନକ୍ଷମ ଅନୁଷ୍ଠାନ ଆର୍‌ଆର୍‌ଆର୍‌ସିର ଅଧ୍ୟକ୍ଷ ତଥା ସାମାଜିକକର୍ମୀ ରାମଚନ୍ଦ୍ର ବେହେରାଙ୍କୁ ପଚାରିବାରୁ, ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ କୃତ୍ରିମ ଅଙ୍ଗ, ସ୍ୱାବଲମ୍ବନ ରାଶି ପ୍ରଦାନ କରିବାରୁ ନିୟମ ରହିଛି। ସାମାଜିକ ସୁରକ୍ଷା ବିଭାଗରୁ ଏହି ସହାୟତା ଆବେଦନ କରାଯାଇ ପାରିବ ବୋଲି ବେହେରା ପରାମର୍ଶ ଦେଇଥିଲେ।

**Format C-1**

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate - **Saroj Kumar Pradhan**
**At -Krushnapali, PO - Tileswar, PS - Purunakatak, Dist- Boudh**
Name of political party. - **Bharatiya Janata Party**
(Independent candidates should write "Independent" here)
Name of the Constituency - **86 - Boudh**
I, **Saroj Kumar Pradhan** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section (s) of Acts concerned and brief description of offence (s) |
|---|---|---|---|---|
| 1 | S.D.J.M Boudh | C.T. 813/2019 | For evidence | U/S 279,337,338 IPC |
| 2 | S.D.J.M Boudh | C.T. 452/ 2019 | For evidence | U/S 147, 452, 294, 353, 506/34 IPC |
| 3 | S.D.J.M Boudh | C.T. 450/2018 | For evidence | U/S 143, 341, 353, 283, 186, 149 IPC |
| 4 | S.D.J.M Boudh | C.T. 257/2018 | For evidence | U/S 143, 427, 149 IPC |
| 5 | S.D.J.M Boudh | C.T. 581/2019 | For evidence | U/S 143, 341, 288, 149 IPC |

(B) Details about cases of conviction for criminal offences

| Sl. No. | Name of Court & e(s) of order(s) | Description of office (s) & punishment Imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

In the case of election to Council of States or election to Legistive Council by MLAs, mention the election concerned in place of name of constituency.

(Debendranath Guru)
Election Agent of Sj. Saroj Kumar Pradhan
86, Boudh Assembly Constituency

**ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ**

ପଡ଼ିଆବାହାଲ,(ରାଧାମୋହନ ଷଡଙ୍ଗୀ): ସମ୍ବଲପୁର ଜିଲା ଯୁଜୁମୁରା ଥାନା ଅନ୍ତର୍ଗତ କନ୍ଦପଡା ଡଙ୍ଗରପଡାର ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଶନିବାର ରାତିରେ ଖାଇ ଶୋଇଥିବା ଦ୍ରୋଣ ମଲ୍ଲିକ(୨୮)ଙ୍କୁ ରବିବାର ସକାଳେ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଯାଇଛି। ରାଜମିସ୍ତ୍ରୀ ଭାବେ କାମ କରି ଦ୍ରୋଣ ପରିବାର ପରିପୋଷଣ କରୁଥିଲେ। ତାଙ୍କର ସ୍ତ୍ରୀ ସହିତ ଏକ ୨ ବର୍ଷର ପୁଅ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

## ସଂକ୍ଷେପରେ

### ଚୋରି ଘଟଣାରେ ୩ ଗିରଫ

**କୁଚିଣ୍ଡା,୧୨।୫(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଭିଏଏସ କଲୋନୀରୁ ତାଲା ଭାଙ୍ଗି ନଗଦ ଟଙ୍କା ସହ ରୁପା ଅଳଙ୍କାର ଚୋରି ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଦେବବ୍ରତ ସାହୁଙ୍କ ରିପୋର୍ଟ ଆଧାରରେ ପୋଲିସ ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ମିରୁପଡାର ପଦ୍ମନାଭ ଭଇଁଷା(୪୫), ଧରଣୀଧର ଷଣ୍ଢ (୫୦)ଓ ହ୍ରିତିକ ଷଣ୍ଢ (୨୧)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବାମରା ଭିଏଏସ କଲୋନୀର ଲୋଚନ ସାହୁ ପ୍ରାୟ ୧ ମାସ ହେବ କୌଣସି କାମରେ ବାଙ୍ଗାଲୋର ଯାଇଛନ୍ତି। ତାଙ୍କ ଅନୁପସ୍ଥିତିରେ ପୁତୁରା ଦେବ୍ରତ ସାହୁ ବନ୍ଦ ଘରକୁ ଦେଖାରେଖା କରୁଥିଲେ। ଗତ ଦୁଇ ଦିନ ତଳେ ଦେବ୍ରତ ଘର ଖୋଲି ସଫାସୁତୁରା କରିବାକୁ ଯିବାବେଳେ ଭିତରେ ଥିବା ଆଲମିରା ଭାଙ୍ଗି କେହି ନଗଦ ୧୮ ହଜାର ଟଙ୍କା ଓ କିଛି ରୁପା ଅଳଙ୍କାର ଚୋରି କରି ନେଇଥିବା ଦେଖି ଥାନାରେ ରିପୋର୍ଟ କରିଥିଲେ।

### ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧିତ କଲା ଧନୁପାଲି ଦୁର୍ଗାପୂଜା କମିଟି

**ସମ୍ବଲପୁର,୧୨।୫(ଭବାନୀ ଶଙ୍କର ଭୋଇ)**

ନିଜ ମାଟିରେ ସମ୍ମାନ ଓ ସମ୍ବର୍ଦ୍ଧନା ପାଇବାର ଆନନ୍ଦ ଅନ୍ୟତ୍ର ନାହିଁ। ପଦ୍ମଶ୍ରୀ ସମ୍ମାନ ମୋର ମାଟିର, ମୋର ଜାତିର, ଶ୍ରଦ୍ଧାର ସମ୍ମାନ। ସମ୍ମାନ ପାଇଁ ମୁଁ ଆଜି ଗର୍ବ ଓ ଗୌରବ ଅନୁଭବ କରୁଛି ବୋଲି ପଦ୍ମଶ୍ରୀ ବିନୋଦ ପଶାୟତ ଧନୁପାଲି ଦୁର୍ଗାପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ବର୍ଦ୍ଧିତ ହୋଇ ଭାବବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଗୋପାଲଜୀ ମନ୍ଦିର ପ୍ରାଙ୍ଗଣରେ କମିଟି ସଭାପତି ନରେନ୍ଦ୍ର ପ୍ରକାଶ ରାୟଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ସ୍ୱାଗତ ଭାଷଣ ତଥା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଗବେଷକ ଡ. ଦ୍ୱାରିକାନାଥ ନାୟକ ନିଜସ୍ୱ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସମ୍ପାଦକ ଅଶୋକ ପଟ୍ଟନାୟକ ସଂଚାଳନ କରିଥିବା ବେଳେ ସଞ୍ଜୀବ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଞ୍ଚଳର ବହୁ ନାଟ୍ୟବ୍ୟକ୍ତିତ୍ୱ, କଳା ସାହିତ୍ୟ ଓ ସଂସ୍କୃତିପ୍ରେମୀ, ସଭ୍ୟ ତଥା ମାତୃଶକ୍ତି ଯୋଗ ଦେଇଥିଲେ।

# ଶାନ୍ତି ବିନା ମଣିଷ ଜୀବନ ନିରର୍ଥକ

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

**ସମ୍ବଲପୁର,୧୨।୫(ବି.ଶଙ୍କର)**

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଲାଇବ୍ରେରୀ ସଭାକକ୍ଷରେ ପ୍ରଥମ ଅଧିବେଶନ ନୀତିଶିକ୍ଷା ପ୍ରସଙ୍ଗରେ ମଣିଷ ଜୀବନରେ ଶାନ୍ତିର ମହତ୍ତ୍ୱ ବିଷୟରେ ଆଲୋଚନା ହୋଇଥିଲା। କବି ମୁକ୍ତକଣ୍ଠ ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଜୀବନରେ ଶାନ୍ତିର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ଶାନ୍ତିର ବିଭିନ୍ନ ଉତ୍ସ ତଥା ଶାନ୍ତିକାମୀ ମହାପୁରୁଷମାନଙ୍କ ଜୀବନୀ ଉପରେ ଆଲୋଚନା କରି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉଦାହରଣ ସହ ଶାନ୍ତିପ୍ରେମୀ ହେବାକୁ କବି ମୁକ୍ତକଣ୍ଠ ଆହ୍ୱାନ ଦେଇଥଲେ। ଦ୍ୱିତୀୟ ଅଧିବେଶନ ବିଜ୍ଞାନ ଓ କାରିଗରୀ କୌଶଳ ପ୍ରସଙ୍ଗ କ୍ରମେ ପାଟି ଓ ଦାନ୍ତର ଯତ୍ନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବିଶିଷ୍ଟ ଦାନ୍ତ ବିଶେଷଜ୍ଞ ଡାକ୍ତର ଦୁର୍ଗା ଶଙ୍କର ଶତପଥୀ


ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଅତିଥି ଓ ଛାତ୍ରୀଛାତ୍ରମାନେ।

ପ୍ରଶିକ୍ଷକ ଥିଲେ। ପାଟିର ଉପଯୁକ୍ତ ଯତ୍ନ ବିନା ଭୟଙ୍କର ରୋଗର ଶିକାର ହେବାକୁ ପଡିଥାଏ। ତେଣୁ ଏ ଦିଗରେ ସମସ୍ତେ ସଚେତନ ହେବାକୁ ପ୍ରେରିଣା କରିଥିଲେ। ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରି ଛାତ୍ରୀଛାତ୍ରମାନେ ଶିକ୍ଷାଦାନକୁ ଜୀବନରେ ପ୍ରୟୋଗ କରିବାକୁ ଉପଦେଶ ଦେଇଥିଲେ। ସମ୍ବଲପୁର ଲାଇବେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ଅର୍ଜୁନରଞ୍ଜନ ପଣ୍ଡା, ଡ. ଗିରିଧାରୀ ହୋତା, ଡ.ପ୍ରମୋଦ କୁମାର ପଣ୍ଡା, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ନିରୂପମା ବଡ଼ପଣ୍ଡା, ବିଭୁତି ନାରାୟଣ ମାଝି, ମନୋଜ ପଟେଲ, ମନୋଜ କୁମାର ନାଥ, ପୃଥ୍ୱୀରାଜ ମିଶ୍ରଙ୍କ ସମେତ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ ଦ୍ୱାରା ପ୍ରାୟୋଜିତ ସ୍କୁଲ ବ୍ୟାଗ ସମସ୍ତ ପିଲାଙ୍କୁ ବଣ୍ଟନ କରଯାଇଥିଲା। ସାମାଜିକ କର୍ମୀ ଗୋଲକ ବିହାରୀ ମିଶ୍ର, ବିଜୟ କୁମାର ସାହୁ ଓ ସୁନନ୍ଦା ପ୍ରଧାନ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ମୋଟ ୧୪ଟି ଉଚ୍ଚବିଦ୍ୟାଳୟରୁ ୫୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ଧର୍ମେନ୍ଦ୍ରଙ୍କୁ ଆଶୀର୍ବାଦ କଲେ ପୁରୀ ଶ୍ରୀମନ୍ଦିର ସେବାୟତ


ପୁରୀ ଶ୍ରୀମନ୍ଦିର ସେବାୟତମାନେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଶୀର୍ବାଦ ପ୍ରଦାନ କରୁଛନ୍ତି।

**ସମ୍ବଲପୁର,୧୨।୫(ପ୍ରମୋଦ ବହିଦାର)**

କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଭାଜପା ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁରୀ ଶ୍ରୀମନ୍ଦିରର କେତେଜଣ ସେବାୟତ ରବିବାର ସନ୍ଧ୍ୟାରେ ସମ୍ବଲପୁରରେ ଭେଟିଥିଲେ। ସେବାୟତମାନେ ବିଭିନ୍ନ ମନ୍ତ୍ର ଉଚ୍ଚାରଣପୂର୍ବକ ଧର୍ମେନ୍ଦ୍ରଙ୍କ କାନ୍ଧରେ ବଡ଼ଠାକୁରଙ୍କ କରପଲ୍ଲବ, ଶ୍ରୀଅଙ୍ଗ ଖଣ୍ଡୁଆ, ଆଜ୍ଞାମାଳ, ନୀଳଚକ୍ର ଧ୍ୱଜା ଦେଇ ମହାପ୍ରସାଦ ପ୍ରଦାନପୂର୍ବକ ଚଳିତ ନିର୍ବାଚନରେ କୃତକାର୍ଯ୍ୟ ହେବାକୁ ଆଶୀର୍ବାଦ ଦେଇଥିଲେ। କେଦାରନାଥ ଖୁଣ୍ଟିଆ, ରଘୁନାଥ ଗୁଛିକର, ଦୁର୍ଗାମାଧବ ପଣ୍ଡା, ହାପି ହଜୁରୀ, ଟୁକୁନ ପଣ୍ଡା ପ୍ରମୁଖ ଶ୍ରୀମନ୍ଦିର ସେବାୟତଙ୍କ ଏକ ଦଳ ଶ୍ରୀମନ୍ଦିରରେ ମଙ୍ଗଳ ଆଳତି ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ସମ୍ବଲପୁର ଆସିଥିଲେ ବୋଲି କହିଥିଲେ। ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିର୍ବାଚିତ ହୁଅନ୍ତୁ ବୋଲି ସେମାନେ ଶୁଭକାମନା ଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, ପ୍ରଧାନ ବିଜୟ ଲାଭକରି କେନ୍ଦ୍ରମନ୍ତ୍ରୀ ପଦ ଅଳଙ୍କୃତ କଲେ ଓଡ଼ିଶାର ସାମଗ୍ରିକ ବିକାଶ ସହିତ ଜଗନ୍ନାଥ ସଂସ୍କୃତି ସୁରକ୍ଷିତ ରହିପାରିବ।

# କୁଲତା, ଚଷା ସମାଜ କର୍ମକର୍ତ୍ତାଙ୍କୁ ଭେଟିଲେ ଧର୍ମେନ୍ଦ୍ର

**ସମ୍ବଲପୁର,୧୨।୫(ଭବାନୀ ଶଙ୍କର ଭୋଇ)**

ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳଗୁଡିକ ମତଦାତାଙ୍କ ସମର୍ଥନ ହାସଲ କରିବାକୁ ଚେଷ୍ଟା ଚଳାଇଛନ୍ତି। ରବିବାର ବୁଢାରଜାସ୍ଥିତ ଏକ ହୋଟେଲରେ ସମ୍ବଲପୁର ଅଞ୍ଚଳ କୁଲତା ସମାଜର ମନ୍ଦିର ଏବଂ ପୀଠଗୁଡିକର କର୍ମକର୍ତ୍ତାମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ଲୋକ ସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିଲା। ବୈଠକରେ କୁଲତା ସମାଜର ବିଭିନ୍ନ ସମସ୍ୟା ବିଷୟରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହାସହିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ଏବଂ କୁଲତା ପୀଠର ବରିଷ୍ଠ କର୍ମକର୍ତ୍ତାମାନେ ଚାଷ ଏବଂ ଚାଷୀ ସମ୍ପର୍କିତ ବିଭିନ୍ନ ସମସ୍ୟା ଏବଂ ଦାବି ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୁଲତା ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଦାବିଗୁଡିକର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋକସ୍‌ରେ କୃଷକମାନେ ରହିଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଓଡ଼ିଶାରେ ଭାଜପା ସରକାର ଆସିଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ବିନା ମଧ୍ୟସ୍ଥି ଏବଂ


ରବିବାର କୁଲତା ସମାଜର କର୍ମକର୍ତ୍ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କଟ୍‌ନୀ ଛଟ୍‌ନୀରେ ସରକାର ସିଧାସଳଖ ଚାଷୀଙ୍କଠାରୁ ଧାନ କିଣିବେ ବୋଲି ପ୍ରଧାନ କହିଥିଲେ। ବୈଠକରେ କୁଲତା ସମାଜର ଲପଙ୍ଗା, ମୁରା, ଠେମରାପୀଠ ସହ ସମ୍ବଲପୁର କୁଲତା ସମାଜ, ଯୁଜୁମୁରା, ବୁର୍ଲା, ହୀରାକୁଦ, ଜମନକିରା, ବିଶାଲଖୀଣ୍ଡା, ନୁଆଁ ରମ୍ପେଲା, ସୁବନପୁର ଆଦି ମନ୍ଦିର କମିଟି ବରିଷ୍ଠ କର୍ମକର୍ତ୍ତାମାନେ ବୈଠକରେ ସାମିଲ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କୁଲତା ସମାଜ କର୍ମକର୍ତ୍ତାଙ୍କୁ ଏକଜୁଟ ହୋଇ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ବୈଠକକୁ ଦେବାର୍ଚ୍ଚନ ସାହୁ ପରିଚାଳନା କରିଥିଲେ। ଡା. ରବିନ୍ଦ୍ର ପ୍ରଧାନ ସମାଜ ସହିତ ଜଡିତ ନେତାଙ୍କୁ ସମର୍ଥନ କରିବାକୁ ଆହ୍ୱାନ କରିଥିଲେ। ମୁକ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଭିଏସ୍‌ଏସ୍ ମାର୍ଗସ୍ଥିତ ଏକ ହୋଟେଲରେ ଚଷା ସମାଜର ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କର ବୈଠକରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ବୈଠକରେ ଦେବଗଡ, ଛେଣ୍ଡିପଦା, ରେଢାଖୋଲ, ନାକଟୀଦେଉଳ, କିସିଣ୍ଡା, ବାରକୋଟ, ବଳଣ୍ଡା, ରିଆମାଳ, ଆଠମଲ୍ଲିକ, ତିଲେଇବଣୀ, ହୀରାକୁଦ, ବୁର୍ଲା ତଥା ସମ୍ବଲପୁରର ଚଷା ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ବୈଠକରେ ଡ. ଉତ୍ତମ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଡା. ରାମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପାରେ ଯୋଗ ଦେଇଥିବା ଦୁଲାଲଚନ୍ଦ୍ର ପ୍ରଧାନଙ୍କ ସହ ସମାଜର ବହୁ ବରିଷ୍ଠ କର୍ମକର୍ତ୍ତା ସାମିଲ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଚାଷୀ ପରିବାରରୁ ଆସିଥିବା ବେଳେ ସମ୍ବଲପୁର ଲୋକସଭା କ୍ଷେତ୍ରରେ କୁଲତା ଏବଂ ଚଷା ସମାଜର ପ୍ରଭାବ ରହିଛି। ଉଭୟ ସମାଜର ପୃଥକ ବୈଠକରେ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକ ସଭା ଅଞ୍ଚଳରେ ରହିଥିବା ସମାଜର ବରିଷ୍ଠ କର୍ମକର୍ତ୍ତାଙ୍କୁ ଆଗାମୀ ନିର୍ବାଚନରେ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅକ୍ଷୟ ପ୍ରଧାନ, ରଞ୍ଜନ ପାତ୍ର, ରାଧେଶ୍ୟାମ ପ୍ରଧାନ ସହଯୋଗ କରିଥିଲେ।

# ଶ୍ରୀଶ୍ରୀ ମାନ୍ଧାତା ବାବାଙ୍କ ପୀଠ ଶୀତଲଷଷ୍ଠୀ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୧୨।୫(ପ୍ରମୋଦ ବହିଦାର)**

## କନ୍ୟା ମାତାପିତା ଚୟନ

ଶ୍ରୀଶ୍ରୀ ମାନ୍ଧାତାବାବାଙ୍କ ପୀଠରେ ଶୀତଲଷଷ୍ଠୀ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ସହିତ ମନ୍ଦିର ପୂଜକ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଏହି ଅବସରରେ ଚଳିତ ବର୍ଷ ଶୀତଳଷଷ୍ଠୀ ପାଇଁ କନ୍ୟା ମାତାପିତା ଚୟନ କରାଯାଇଥିଲା। ଚଳିତ ବର୍ଷ ଜଗତଜନନୀ ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇବାର ସୌଭାଗ୍ୟ ଅର୍ଜନ କରିଥିବା ଦମ୍ପତ୍ତି ହେଲେ ସୀମାଞ୍ଚଳ ପାତ୍ର ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀଦେବୀ। ସେହିପରି ବର ମାତାପିତା ଭୂମିକା ନର୍ବାହ କରିବେ କେ.ରାମନାରାୟଣ ଓ ତାଙ୍କ ଧର୍ମପତ୍ନୀ କେ.ଲକ୍ଷ୍ମୀବାଇ। ବୈଠକରେ ଶୀତଲଷଷ୍ଠୀ ଯାତ୍ରା ଆୟୋଜନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ରୂପରେଖ ନିର୍ଦ୍ଧାରିତ ହୋଇଥିଲା। ଏଥିରେ ବିଧାନ ପ୍ରସାଦ ପଣ୍ଡା, ସୀଲା ଯୋଗେନ୍ଦ୍ର ପାତ୍ର, ଅମ୍ବରେଶ ପୁରୋହିତ, ରାହୁଲ ଗୁପ୍ତା, ରାମକୃଷ୍ଣ ବେହେରା, ବିନୋଦ କୁମାର ଅଗ୍ରୱାଲ, ଧ୍ରୁବ ଚରଣ ରଣା ପ୍ରମୁଖଙ୍କ ସହିତ ସ୍ଥାନୀୟ ମୁରବୀମାନେ ଯୋଗ ଦେଇଥିଲେ।

# ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାଙ୍କୁ ସାକ୍ଷାତ୍ କଲେ ପ୍ରଣବ

**ସମ୍ବଲପୁର,୧୨।୫(ପ୍ରମୋଦ ବହିଦାର)**

## ବ୍ରହ୍ମକୁମାରୀ ଭଉଣୀଙ୍କ ଆଶୀର୍ବାଦ ନେଲେ

ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାଙ୍କୁ ସାକ୍ଷାତ୍ କରିଛନ୍ତି। ଶନିବାର ସେ ସମ୍ବଲପୁରର ଏକ ଘରୋଇ ହୋଟେଲରେ ସିଭିଲ ସୋସାଇଟି ପକ୍ଷରୁ ଆୟୋଜିତ ଏକ ବୈଠକରେ ଯୋଗଦେଇଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରସଙ୍ଗରେ ସେ ସିଭିଲ ସୋସାଇଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସମସ୍ୟା ବହୁଳ ସମ୍ବଲପୁରର ବିକାଶ ପାଇଁ ଏଥର ବିଜେଡିକୁ ସମର୍ଥନ ଦେବାକୁ ବୈଠକରେ



ସାମିଲ ସିଭିଲ ସୋସାଇଟି କର୍ମକର୍ତ୍ତା ଓ ସାଧାରଣ ଜନତାଙ୍କୁ ସେ ନିବେଦନ କରିଥିଲେ। ଏହାପରେ ପ୍ରଣବପ୍ରକାଶ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଇଂ. ରୋହିତ ପୂଜାରୀଙ୍କ ସହ ଭିଏସ୍‌ଏସ୍ ମାର୍ଗ ପାର୍ଶ୍ୱରେ ଦାନିବନ୍ଧସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେ ବ୍ରହ୍ମକୁମାରୀ ଭଉଣୀମାନଙ୍କୁ ସାକ୍ଷାତ୍ କରି ଆଗାମୀ ଦିନରେ ସମ୍ବଲପୁରବାସୀଙ୍କ ସେବା କରିବାକୁ ସେମାନଙ୍କ ଆଶୀର୍ବାଦ କାମନା କରିଥିଲେ। ସେଠାରୁ ସେ ଚାରଭାଟି ନିକଟସ୍ଥ ରାଧାଗୋବିନ୍ଦ ଧାମକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ଚେତନା ବଳରେ ଓଡିଶା ଆଜି ବିକାଶ ପଥରେ ଆଗେଇ ଚାଲିଛି। ସମ୍ବଲପୁରର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ସମ୍ବଲପୁରବାସୀଙ୍କ ନିକଟକୁ ପଠାଇଛନ୍ତି ବୋଲି ସେ କହିଥିଲେ। ଚଳିତ ନିର୍ବାଚନରେ ସମ୍ବଲପୁରବାସୀ ତାଙ୍କୁ ନିଶ୍ଚିତ ଆଶୀର୍ବାଦ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

# ଉତ୍ସର୍ଗୀକୃତ ଭାବେ ରୋଗୀ ସେବା କର

**କୁଚିଣ୍ଡା,୧୨।୫(ବିରଞ୍ଚି ଦର୍ଶୀ)**

## ସମଲେଶ୍ୱରୀ ନର୍ସିଂ କଲେଜରେ ସେବିକା ଦିବସ

ସମ୍ବଲପୁର ଜିଲା କୁଚିଣ୍ଡା ସମଲେଶ୍ୱରୀ ନର୍ସିଂ କଲେଜରେ ରବିବାର ସେବିକା ଦିବସ ପାଳିତ ହୋଇଯାଇଛି। ଏଥିରେ ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ନର୍ସିଂ କଲେଜ ନିର୍ଦ୍ଦେଶକ ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ଏସ୍‌ଡିଏମଓ ସୁବୋଧ କୁମାର ନାୟକ ଯୋଗ ଦେଇ ନର୍ସମାନେ ଉତ୍ସର୍ଗୀକୃତ ଭାବେ ରୋଗୀ ସେବା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ଗୌନ୍ତିଆ, ସତ୍ୟ ପ୍ରକାଶ ଦୋରା, ବରିଷ୍ଠ ନର୍ସ ନିନା ପଟେଲ, ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଫ୍ଲୋରେନ୍ସ



ସେବିକା ଦିବସ ପାଳନ ଅବସରରେ ଅତିଥିମାନେ ଜଣେ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

ନାଇଟିଙ୍ଗଲ ଓ ଭାରତରତ୍ନ ମଦର ଟେରେସାଙ୍କ ଉତ୍ସର୍ଗୀକୃତ ସେବା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ କଲେଜ ପ୍ରଶାସନିକ ଅଧିକାରୀ ରଶ୍ମିକାନ୍ତ ସାମଲ ପରିଚାଳନା କରିଥିଲେ। ଅନ୍ୟତମ ଅତିଥିଭାବେ କଲେଜ ଅଧକ୍ଷା ସିଲକି ମହାକୁଲ, ଅଧାପିକା ଶାଳିନା ପଟେଲ ଓ ଅଧାପକ ଅଙ୍କନ ପୃଷେଠ ମଞ୍ଚସୀନ ଥିଲେ। ଏହି ଅବସରରେ ଅତିଥିଗଣ ଫ୍ଲୋରେନ୍ସ ନାଇଟିଙ୍ଗେଲ ଓ ମଦର ଟେରେସାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ନର୍ସିଂ ଛାତ୍ରୀଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ। ଶେଷରେ ନର୍ସିଂ କଲେଜ ଉପସଭାପତି ରମେଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**Format C-1**

(for candidate to publish in Newspapers, TV)

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)
Name and address of candidate: **NARASINGHA MINZ, AT/PO- LAING, PS- RAJGANGPUR, DIST- SUNDARGARH, PIN- 770034**
Name of political party: **BHARATIYA JANATA PARTY**
(Independent candidates should write "Independent" here)
Name of Election: **ASSEMBLY ELECTION 2024 (ODISHA)**
*Name of Constituency: **13-RAJGANGPUR (ST) AC**
I **NARASINGHA MINZ** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Special Judge Vigilance Court Sundargarh | VGR-10/2019 Arising out of Sambalpur Vigilance Ps Case No. 33 of 2019 | Pending Awaiting for Charge Sheet | U/s 13(2) read with Sec. 13(1) (a) of the P.C act and Sec. 409/34 IPC. (1) A public servant is said to commit the offence of criminal misconduct,-(a) if he dishonestly or fraudulently misappropriates or otherwise converts for his own use any property entrusted to him or any property under his control as a public servant or allows any other person so to do; or(b)if he intentionally (2)Any public servant who commits criminal misconduct shall be punishable with imprisonment for a term which shall be not less than one year but which may extend to seven years and shall also be liable to fine. Punishment under Section 409 IPC. As per Section 409 of the IPC, if public servants, bankers, merchants, factors, attorneys, or agents commit a criminal breach of trust, they are punishable with the following: Life imprisonment, or. Imprisonment of up to 10 years along with a fine. "34. Acts done by several persons in furtherance of common intention. - Where two or more persons, with a common intention to commit a criminal act, do any acts in furtherance of such common intention, each of them is liable for the criminal act done as if it were done by him alone." 1. |

(B) Details about cases of conviction for criminal offences

| Sl. No. | Name of Court & date(s) of order(s) | Description of office (s) & punishment imposed | Maximum Punishment Imposed | |
|---|---|---|---|---|
| 1 | NIL | NIL | NIL | |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Format C-1**

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate - **Saroj Kumar Pradhan**
**At -Krushnapali, PO - Tileswar, PS - Purunakatak, Dist- Boudh**
Name of political party. - **Bharatiya Janata Party**
(Independent candidates should write "Independent" here)
Name of the Constituency - **86 - Boudh**
I, **Saroj Kumar Pradhan** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No. | Name of Court | Case No. and dated | Status of case(s) | Section (s) of Acts concerned and brief description of offence (s) |
|---|---|---|---|---|
| 1 | S.D.J.M Boudh | C.T. 813/2019 | For evidence | U/S 279,337,338 IPC |
| 2 | S.D.J.M Boudh | C.T. 452/ 2019 | For evidence | U/S 147, 452, 294, 353, 506/34 IPC |
| 3 | S.D.J.M Boudh | C.T. 450/2018 | For evidence | U/S 143, 341, 353, 283, 186, 149 IPC |
| 4 | S.D.J.M Boudh | C.T. 257/2018 | For evidence | U/S 143, 427, 149 IPC |
| 5 | S.D.J.M Boudh | C.T. 581/2019 | For evidence | U/S 143, 341, 288, 149 IPC |

(B) Details about cases of conviction for criminal offences

| Sl. No. | Name of Court & e(s) of order(s) | Description of office (s) & punishment Imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

In the case of election to Council of States or election to Legistive Council by MLAs, mention the election concerned in place of name of constituency.

**(Debendranath Guru)**
**Election Agent of Sj. Saroj Kumar Pradhan**
**86, Boudh Assembly Constituency**

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ Bhubaneswar, Monday, May 13/ 2024

# ପଞ୍ଜୁରିର ଶୁଆ ଭଳି କଥା କହୁଛନ୍ତି ମୁଖ୍ୟମନ୍ତ୍ରୀ: ଧର୍ମେନ୍ଦ୍ର

## ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରୁ କେତେ ଦାଦନ ଖଟିବାକୁ ଯାଉଛନ୍ତି ଶ୍ୱେତପତ୍ର ଜାରି ହେଉ

ସମ୍ବଲପୁର,୧୨।୫(ପ୍ରମୋଦ ବହିଦାର)


ରବିବାର ସମ୍ବଲପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଭାଜପାର ଅନ୍ୟ ନେତୃବର୍ଗ।

ପଞ୍ଜୁରିରେ ଥିବା ଶୁଆ ଭଳି ଯାହା ଶିଖାଯାଉଛି ମୁଖ୍ୟମନ୍ତ୍ରୀ ତାହା କହୁଛନ୍ତି। ମୁଖ୍ୟମନ୍ତ୍ରୀ ଡିଏମ୍‌କେର ଭାଷା କହୁଛନ୍ତି। ଭାରତ ଅସ୍ମିତାର ବିପରୀତ କଥା କହୁଛନ୍ତି। ଓଡ଼ିଆ ଅସ୍ମିତା କଥା ସେ କେମିତି ବୁଝିବେ। ଏ ସବୁକୁ ନେଇ ପ୍ରଶ୍ନ କଲେ ତାଙ୍କୁ କଷ୍ଟ ହେବା ସ୍ୱାଭାବିକ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ପୂର୍ବାହ୍ନରେ ବୁଢ଼ାରଜାସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ମାଧମରେ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ପ୍ରଧାନମନ୍ତ୍ରୀ ପଚାରିଥିବା ମୂଳ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କୁ ଜଣାଅଛି କି ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ଅନେକ ବିଷୟରେ ଅବଗତ ନାହାନ୍ତି। ତାଙ୍କୁ ଦିଆଯାଉଥିବା ଲେଖାକୁ ପଢ଼ି ଭିଡିଓ ମାଧମରେ କେବଳ ଉପସ୍ଥାପନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ୪ ଜଣ ଅଣଓଡ଼ିଆ ଗ୍ୟାଙ୍ଗ୍ ଘେରି ରହିଛନ୍ତି। ତେଣୁ ଓଡ଼ିଆ ଲୋକେ ମୁଖ୍ୟମନ୍ତ୍ରୀଙ୍କ ନ୍ୟାୟରୁ ବଞ୍ଚିତ ହେଉଛନ୍ତି ବୋଲି କହିଛନ୍ତି ଧର୍ମେନ୍ଦ୍ର।

୨୦୧୪ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଶିକ୍ଷା ବିଭାଗର ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ ଲାଙ୍ଗୁଏଜ୍(ସିଆଇଆଇଏଲ୍) ରାଜ୍ୟ ସରକାରଙ୍କୁ ଖଣ୍ଡେ ଜମି ମାଗିଥିଲେ। ଏହାର ୫ବର୍ଷ ପରେ ରାଜ୍ୟ ସରକାର ଜମି ଦେବା ବଦଳରେ ଏକ ଘର ଦେଇଥିଲେ। ଉକ୍ତ ଘରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ କ୍ଲାସିକାଲ୍ ଓଡ଼ିଆ ସେଣ୍ଟର ସ୍ଥାପନ କରାଗଲା। ଏହାବ୍ୟତୀତ ମୋଦି ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନର ଭୁବନେଶ୍ୱରସ୍ଥିତ ପୂର୍ବାଞ୍ଚଳ ଆଞ୍ଚଳିକ ଭାଷା କେନ୍ଦ୍ରର ବିକାଶ ପାଇଁ ୩୦ କୋଟି ଟଙ୍କା ଦିଆଯାଇଛି। ସେହିପରି ୟୁଜିସି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ପୁସ୍ତକ ପ୍ରକାଶିତ ହୋଇଛି। ଓଡ଼ିଆ ଅସ୍ମିତା ଓ ଓଡ଼ିଶାର କଳା, ସଂସ୍କୃତି, ଇତିହାସ ଓ ରାଜନୀତିରେ ଉଚ୍ଚସ୍ତରୀୟ ଗବେଷଣା ପାଇଁ ଓଡ଼ିଶା ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା ହୋଇଛି। ଦେଶିଆ, କୁଇ, ଗଡ଼ବା, ଜୁଆଙ୍ଗ, ସାନ୍ତାଳି, ସୌରା ଆଦି ସ୍ଥାନୀୟ ଭାଷାରେ ବର୍ଣ୍ଣବୋଧ ପ୍ରସ୍ତୁତ କରାହୋଇଛି। କେନ୍ଦ୍ର ସରକାର ଭାଷା ଆଧାରିତ ଶିକ୍ଷା ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଓଡ଼ିଆ ଭାଷା ପ୍ରତି ପ୍ରତିବଦ୍ଧତା ଉପରେ ତାଙ୍କର ଅଣ ଓଡ଼ିଆ ସହଯୋଗୀମାନେ ତାଙ୍କୁ ଠିକ୍ ଭାବେ ଅବଗତ କରାଇନାହାନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓଡ଼ିଶୀ ସଙ୍ଗୀତ ଉପରେ ମୁଖ୍ୟମନ୍ତ୍ରୀ କରିଥିବା ପ୍ରଶ୍ନ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ସେ କହିଛନ୍ତି ଓଡ଼ିଆ ଭାଷା, ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଛି। କିନ୍ତୁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଭାରତ ସରକାରଙ୍କ କୌଣସି ବ୍ୟବସ୍ଥା ନାହିଁ ବୋଲି କେନ୍ଦ୍ର ସଂସ୍କୃତି ବିଭାଗ ଅଧୀନରେ ଥିବା ସଙ୍ଗୀତ ନାଟକ ଏକାଡେମୀ ସ୍ପଷ୍ଟ କରିସାରିଛି। ତେଣୁ ଯେଉଁ ବିଷୟ ଭାରତର ବ୍ୟବସ୍ଥାରେ ନାହିଁ ସେଥିପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖିବେ ଆଉ ଅଗ୍ରାହ୍ୟ ହେଲା ବୋଲି କହିବା କେତେଦୂର ସମୀଚୀନ ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ୨୦୧୫ ଏପ୍ରିଲ ୧ରେ ପ୍ରଧାନମନ୍ତ୍ରୀ ରାଉରକେଲା ଆସି ଉତ୍କଳ ଦିବସ ପାଳନ କରିଥିଲେ। ସେହି ବର୍ଷ ଶ୍ରୀମନ୍ଦିରର ନବକଳେବର ପାଇଁ ୫୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଥିଲା। ମୋଦି ସରକାର ଓଡ଼ିଶାର ସାମାଜିକ ଜୀବନର ୪୯ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ବଦଳରେ ଗାଳିକରିବା ଦୁର୍ଭାଗ୍ୟଜନକ। ଖୋର୍ଦ୍ଧା ଜିଲାର ବରୁଣେଇ ପାଦଦେଶରେ ପାଇକ ବିଦ୍ରୋହର ସ୍ମାରକୀ ପାଇଁ ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ ବଜେଟରେ ଘୋଷଣା କରିଥିବା ବେଳେ ଏହାର ଏକ ଡାକ ଟିକେଟ ପ୍ରଚଳନ ମଧ୍ୟ ପ୍ରଚଳନ କରାଗଲା। ମାତ୍ର ପାଇକ ସ୍ମାରକୀ ନିର୍ମାଣ ପାଇଁ ଆବଶ୍ୟକ ଜମି ପ୍ରଦାନ କେବଳ କାଗଜପତ୍ରରେ ସୀମିତ ରହିଗଲା। ଅପରପକ୍ଷରେ ଜି-୨୦ ସମ୍ମିଳନୀରେ ଓଡ଼ିଶାର କଳା ଓ ସଂସ୍କୃତିର ପରିଚୟ କୋଣାର୍କ ଚକ୍ର ତଳେ ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରର ନେତାଙ୍କୁ ସ୍ୱାଗତ କରିଥିଲେ। ତେଣୁ ପ୍ରଧାନମନ୍ତ୍ରୀଙ୍କୁ ଅପମାନ କରିବା ମୁଖ୍ୟମନ୍ତ୍ରୀଙ୍କୁ ଆଦୌ ଶୋଭାପାଉନାହିଁ ବୋଲି କହିଛନ୍ତି ଧର୍ମେନ୍ଦ୍ର। ଓଡ଼ିଆ ଲୋକଙ୍କ ଭାବାବେଗ ସହ ଜଡ଼ିତ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି କିଏ ହଜାଇଲା, କୋଭିଡ୍ ସମୟରେ ଚକ୍ରାନ୍ତ କରି ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ କରିବାକୁ ସୁପ୍ରିମକୋର୍ଟରେ କିଏ ମହାଷଡ଼ଯନ୍ତ୍ର ରଚିଥିଲା ଓ କିଭଳି ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ରଥଯାତ୍ରା ଆରମ୍ଭ ହୋଇପାରିଥିଲା ଏ ସମ୍ପର୍କରେ ତର୍ଜମା କରିବା ବଦଳରେ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କରି ତାଙ୍କୁ ଦୋଷ ଦେବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ। ବିଜେଡି ସରକାର ଓ ଏହାର ସ୍ୱାର୍ଥାନ୍ୱେଷୀ ସ୍ଥାନୀୟ ନେତୃତ୍ୱଙ୍କ ଯୋଗୁ କୋଷ୍ଟାଲ ହାଇୱେ କାମ ବନ୍ଦ ପଡ଼ିଛି। ଏଥିପାଇଁ ୧୦ ହଜାର କୋଟି ବ୍ୟୟ ଅଟକଳ କରାଯାଇ ଅର୍ଥ ମଧ୍ୟ ମଞ୍ଜୁର ହୋଇଥିଲା। ମାତ୍ର ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ ହେବା ଆଳରେ ଏହି କାମକୁ ବନ୍ଦ କରିଦେଲେ ମୁଖ୍ୟମନ୍ତ୍ରୀ। ତେବେ ଏହା ପଛର ଅସଲ କଥାଟି ହେଉଛି କେତେକ ପ୍ରଭାବଶାଳୀ ବିଧାୟକ ନିଜ ଘର ଦେଇ ଜାତୀୟ ରାଜପଥ ନେବା ଜିଦ୍‌ରେ ଏହି ପ୍ରକଳ୍ପଟି ବନ୍ଦ ହୋଇଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

କଂଗ୍ରେସ ସରକାରରେ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୩୬୦ ଟଙ୍କା ଥିବାବେଳେ ୨୦୨୩-୨୪ରେ ୨୧୮୩ ଟଙ୍କାରେ ପହଞ୍ଚିଛି। ହେଲେ ୨୦୧୩ରେ ବରଗଡ଼ ଜିଲା ସୋହେଲାଠାରେ ଚାଷୀଙ୍କ ପାଇଁ ଧାନରେ ୧୦୦ ଟଙ୍କା ବୋନସ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଧୂଆଁବାଣରେ ପରିଣତ ହୋଇଛି। ସେହିପରି କଂଗ୍ରେସ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରୁ ମାତ୍ର ୩୭୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିଥିଲା। ହେଲେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାର ଚାଷୀଙ୍କଠାରୁ ୬୦୯.୩୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। କୋଇଲା ରୟାଲଟି ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତରରେ ଧର୍ମେନ୍ଦ୍ର କହିଛନ୍ତି ଯେ, କଂଗ୍ରେସ ସରକାର ସମୟରେ ଓଡ଼ିଶା ଖଣିଜ ରାଜସ୍ୱ ବାବଦକୁ କେନ୍ଦ୍ର ସରକାରଙ୍କଠାରୁ ୪୯୨୫ କୋଟି ଟଙ୍କାରୁ କମ୍ ପାଉଥିଲା। କିନ୍ତୁ ମୋଦି ସରକାରଙ୍କ ଖଣି ସଂସ୍କାର ଓ ନିଲାମରେ ସ୍ୱଚ୍ଛତା କାରଣରୁ ବର୍ତ୍ତମାନ ଓଡ଼ିଶା ବାର୍ଷିକ ୫୦ ହଜାର କୋଟି ଟଙ୍କା ପାଉଛି। ମୋଦିଙ୍କ ସମୟରୁ ଓଡ଼ିଶା ୨.୩୯ ଲକ୍ଷ କୋଟି ଟଙ୍କା ଖଣିଜ ରାଜସ୍ୱ ଆୟ କରିଛି। ଓଡ଼ିଶାକୁ ଡିଏମ୍‌ଏଫ୍ ପାଣ୍ଠିରେ ୨୫,୪୨୬ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। ଓଡ଼ିଶାରେ ରୋଜଗାର, ମହିଳା ନିର୍ଯାତନା କ୍ଷେତ୍ରରେ ନିମ୍ନରୁ ୧ ନମ୍ବରରେ ରହିଛି। ରୋଜଗାର ପାଇଁ ରାଜ୍ୟରୁ ଏକ ତୃତୀୟାଂଶ ଲୋକ ଗୁଜରାଟ, ମହାରାଷ୍ଟ୍ର, କର୍ଣାଟକ ଭଳି ବାହାର ରାଜ୍ୟକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ରୋଜଗାର ଉପରେ ପ୍ରଶ୍ନ କରିବା ପୂର୍ବରୁ ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳି ଓ କଣ୍ଟାବାଞ୍ଜିରୁ କେତେ ଜଣ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି ସେନେଇ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ, ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ମଧ୍ୟରେ ପାର୍ଥକ୍ୟ ଜାଣିନାହାନ୍ତି ଧର୍ମେନ୍ଦ୍ର:ଲେନିନ୍

ସମ୍ବଲପୁର,୧୨।୫(ବି.ଶଙ୍କର)


ଲେନିନ୍ ମହାନ୍ତି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆକ୍ଷେପର କଡ଼ା ଜବାବ ଦେବା ପରେ ଓଡ଼ିଶା ଭାଜ ପା ବର୍ତ୍ତମାନ ଚିନ୍ତାରେ ପଡିଛି । କାରଣ ଓଡ଼ିଶା ପ୍ରତି କେନ୍ଦ୍ର କରୁଥିବା ପ୍ରତାରଣାର କାହାଣୀ ଲୋକଙ୍କ ଆଗରେ ରଖିଛନ୍ତି ନବୀନ ପଟ୍ଟନାୟକ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନବାଣରୁ ବର୍ତ୍ତିବାକୁ ପୁଣି ମିଛ କଥାର ସାହାରା ନେଇଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ଖବରଦାତା ସମ୍ମିଳନୀ କରି କେନ୍ଦ୍ରମନ୍ତ୍ରୀ ମିଛର ସାହାରା ନେଇଛନ୍ତି ବୋଲି ବିଜେଡି ମୁଖପାତ୍ର ଡ.ଲେନିନ ମହାନ୍ତି କହିଛନ୍ତି। ଓଡ଼ିଶାର ପରିଚୟ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ । ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ ରାଜ୍ୟ ସରକାର ଦୀର୍ଘ ବର୍ଷରୁ ପ୍ରୟାସ କରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ନିବେଦନ କରୁଛନ୍ତି । କିନ୍ତୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କିଛି ପ୍ରୟାସ ନ କରି ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ନୁହେଁ ବା ବିଧିସମ୍ମତ ନୁହେଁ ବୋଲି କହିବା ଅତ୍ୟନ୍ତ ଲଜ୍ଜାଜନକ କଥା। ଏକଥା କହି ସେ ଓଡ଼ିଶୀ ସଙ୍ଗୀତଜ୍ଞମାନଙ୍କୁ ଅପମାନ କରିଛନ୍ତି । ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ କରୁଥିବା ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟତା ପାଇବା ପାଇଁ କ'ଣ ପ୍ରୟାସ କରିଛନ୍ତି ତାହା କହନ୍ତୁ ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି ।

ଧର୍ମେନ୍ଦ୍ର ଖବରଦାତାଙ୍କୁ କହିଥିଲେ ଯେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ୩୦ କୋଟି ଟଙ୍କା ଦିଆଯାଇଛି। ତେବେ ସେ ଯେଉଁ ୩୦ କୋଟି ଟଙ୍କା କହୁଛନ୍ତି, ତାହା ୩୦ କୋଟି ନା ୩ କୋଟି। ପୁଣି ସେହି ୩ କୋଟି ଟଙ୍କା ମଧ୍ୟ ଆସିଛି କି ନାହିଁ ତାଙ୍କୁ ଜଣାନାହିଁ। ନିଜକୁ ବଞ୍ଚାଇବାକୁ ୩୦ କୋଟି ଟଙ୍କା ଦିଆଯାଇଛି ବୋଲି ମିଛ କହିବା ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଶୋଭାପାଉନାହିଁ ୩୦ କୋଟି ଟଙ୍କା କେଉଁ ବିଭାଗକୁ ଦିଆଯାଇଛି କେନ୍ଦ୍ରମନ୍ତ୍ରୀ ତୁରନ୍ତ ଜଣାନ୍ତୁ ବୋଲି ଲେନିନ୍ କହିଛନ୍ତି। ସେ ଆହୁରି କହିଥିଲେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତ ଭିତରେ ପାର୍ଥକ୍ୟ କ'ଣ ଧର୍ମେନ୍ଦ୍ରଙ୍କୁ ବୋଧେ ଜଣାନାହିଁ । ଓଡ଼ିଶୀ ନୃତ୍ୟକୁ ବହୁବର୍ଷ ଆଗରୁ ଶାସ୍ତ୍ରୀୟତା ପ୍ରଦାନ କରାଯାଇଛି । କିନ୍ତୁ ଓଡ଼ିଶୀ ସଙ୍ଗୀତକୁ ଏହା ନମିଳିବାର କାରଣ ସମ୍ପର୍କରେ ଉଲ୍ଲେଖ କଲେନାହିଁ କାହିଁକି। ଧର୍ମେନ୍ଦ୍ରଙ୍କ କହିବା ଅନୁସାରେ ଓଡ଼ିଶୀ ସଙ୍ଗୀତକୁ ମାନ୍ୟତା ଦେବା ପାଇଁ କିଛି ବିଧି ବ୍ୟବସ୍ଥା ନାହିଁ । କିନ୍ତୁ କ'ଣ ପାଇଁ ବିଧି ବ୍ୟବସ୍ଥା କରାଯାଇନାହିଁ କିମ୍ବା ଧର୍ମେନ୍ଦ୍ର ବିଧି ବ୍ୟବସ୍ଥା ପାଇଁ କେବେ କିଛି ପ୍ରୟାସ କରିଛନ୍ତି କି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାନ୍ତି । ଯଦି ସଙ୍ଗୀତର ବିକାଶ ପାଇଁ କିଛି ବିଧି ବ୍ୟବସ୍ଥା ନାହିଁ ତେବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର କାମ କ'ଣ। ଯେହେତୁ ନୃତ୍ୟ ଶାସ୍ତ୍ରୀୟ, ତେବେ ସଙ୍ଗୀତ ମଧ୍ୟ ଶାସ୍ତ୍ରୀୟ। ତେବେ କେଉଁ ଗବେଷଣା ଆଧାରରେ ଧର୍ମେନ୍ଦ୍ର ଏଭଳି କଥା କହିଲେ ତାହା ସ୍ପଷ୍ଟ କରନ୍ତୁ ବୋଲି ଲେନିନ୍ କହିଛନ୍ତି। ଏଥିରୁ ଜଣାପଡୁଛି ଓଡ଼ିଆ ଅସ୍ମିତା କଥା କହୁଥିବା ଧର୍ମେନ୍ଦ୍ରଙ୍କ ଓଡ଼ିଆ ଭାଷା ପ୍ରତି କେତେ ଦରଦ ଓ କ'ଣ ଅବଦାନ ରହିଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ପ୍ରେମରେ ପଡିଥିବା ନେତା ଓଡ଼ିଆ ଲୋକଙ୍କୁ କେମିତି ଭଲପାଇବେ। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଅସଲ ମୁଖା ଖୋଲିବା ପରେ ଏବେ ନିଜକୁ କେମିତି ବଞ୍ଚାଇବେ ସେହି ଚିନ୍ତାରେ ଘାରି ହେଉଥିବା କେନ୍ଦ୍ରମନ୍ତ୍ରୀ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । କଥା କଥାରେ ମିଛ କହିବାରେ ଅଭ୍ୟସ୍ତ ଥିବା ଭାଜପା ନେତା କିଛି କହିବା ପୂର୍ବରୁ ଥରେ ଚିନ୍ତା କରିବା କଥା ଯେ, ଜନତା ତାଙ୍କ ଉପରେ ଆଉ ଭରସା କରୁନାହାନ୍ତି ବୋଲି ଲେନିନ୍ ଗଣମାଧ୍ୟମକୁ କହିଛନ୍ତି ।

# ସମ୍ବଲପୁର ହେବ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ

## ମୋ ସ୍ୱପ୍ନର ସମ୍ବଲପୁର : ୨୦୪୭ର କଳ୍ପନା କାର୍ଯ୍ୟକ୍ରମ

ସମ୍ବଲପୁର,୧୨।୫(ବି. ଶଙ୍କର)



ମୋ ସ୍ୱପ୍ନର ସମ୍ବଲପୁର : ୨୦୪୭ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ।

ମୋ ସ୍ୱପ୍ନର ସମ୍ବଲପୁର : ୨୦୪୭ ଶୀର୍ଷକ ଆଲୋଚନାଚକ୍ର ଫାର୍ମରୋଡ୍‌ସ୍ଥିତ ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତ ବିକାଶ ପରିଷଦ ଓ ରାଧା ଶ୍ରୀବାସ ସେବାଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ । } ସେ ସମ୍ବଲପୁରକୁ ଆଗକୁ ନେବା ପାଇଁ ତିନିସୂତ୍ରୀ ଫର୍ମୁଲା ଦେଇଛନ୍ତି । } ସମ୍ବଲପୁରର ବ୍ରାଣ୍ଡେଡ୍, ପର୍ଯ୍ୟାପ୍ତ ପ୍ରତିଭା ଏବଂ ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଦ୍ୱାରା ସମ୍ବଲପୁର ଆଗାମୀ ଦିନରେ ଅଗ୍ରଣୀ ହେବ । ବିକଶିତ ଭାରତ ଓ ବିକଶିତ ସମ୍ବଲପୁରକୁ ନେଇ ନିଜର ସ୍ୱପ୍ନ ଉପରେ ଧର୍ମେନ୍ଦ୍ର କହିଛନ୍ତି, ଆଗାମୀ ୨୩ ବର୍ଷ ପରେ ଅପାର ସମ୍ଭାବନାର ଅଞ୍ଚଳ ସମ୍ବଲପୁରରେ ଐତିହ୍ୟ, ଜୀବନଜୀବିକା, ଜ୍ଞାନର ପ୍ରଣାଳୀ, ଅର୍ଥନୀତି କ'ଣ ହେବ ଏହା ଉପରେ ଆମକୁ ଭାବିବା ପାଇଁ ପଡ଼ିବ । କେବଳ ଭାବିଲେ ହେବନାହିଁ, ବ୍ୟକ୍ତିଗତସ୍ତରରେ ଦାୟିତ୍ୱ ନେବାକୁ ପଡ଼ିବ । ଜଣେ ଲୋକ ଦାୟିତ୍ୱ ନେଲେ ୧୦ ଜଣଙ୍କ ଅଧିକାର ସୁରକ୍ଷିତ ରହିଥାଏ । ତେଣୁ କେବଳ ଦାବିକଲେ ହେବନାହିଁ, ବ୍ୟକ୍ତିଗତସ୍ତରରେ ସମାଧାନର ରାସ୍ତା ବାହାର କରିବା ପାଇଁ ପଡ଼ିବ । ମୋର ସ୍ୱପ୍ନ କ'ଣ, ମୋର ଦାୟିତ୍ୱ କ'ଣ ଏବଂ ତାହା ପାଇଁ କ'ଣ କାମ କରିବା ଦରକାର, ଏହା ଉପରେ ଦୃଷ୍ଟି ଦେବାକୁ ହେବ । କଳା, ସଂସ୍କୃତିର ସହର ସମ୍ବଲପୁର ଏକ ବ୍ରାଣ୍ଡେଡ୍ ସହର । ଏଥିପାଇଁ ଏହାର ସମସ୍ତ ଦିଗ ଉପରେ ଗୁରୁତ୍ୱଦେବାକୁ ପଡ଼ିବ । ଏଠାରେ ପ୍ରତିଭାବାନ୍ ଯୁବଶକ୍ତି ଓ ଲୋକମାନେ ଅଛନ୍ତି । ତେଣୁ ଭବିଷ୍ୟତ ଦୃଷ୍ଟିକୋଣରେ ଆମେ ଜିଲାକୁ ଆଗକୁ ନେଇପାରିବା । ଏହା ହେଲେ ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ସମ୍ବଲପୁର ଦେଶର ଶ୍ରେଷ୍ଠ ୫୦ ସହର ମଧ୍ୟରେ ଆଗରେ ରହିବ । ଏଥିପାଇଁ ଆଗାମୀ ଆଧୁନିକ ଦୁନିଆର ନୂଆ ବା ଆଧୁନିକ ଅର୍ଥନୀତି ସହ ସମ୍ବଲପୁରକୁ ଯୋଡ଼ିବା ପାଇଁ ପଡ଼ିବ । ସମ୍ବଲପୁରକୁ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ କରିବାକୁ ହେବ । ଆଗାମୀ ଦିନରେ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ସମ୍ବଲପୁର ଏକ ଅଗ୍ରଣୀ ଅଞ୍ଚଳ ହେବ ବୋଲି ପ୍ରଧାନ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା ତଥା ଭାଜପା ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ର ଯୋଗଦେଇଥିଲେ । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବୁଦ୍ଧିଜୀବୀ, ସଚେତନ ନାଗରିକ, ଆଇନଜୀବୀ, କ୍ରୀଡ଼ାବିତ୍, ଶିକ୍ଷାବିତ୍, ଖବରଦାତା, ସାହିତ୍ୟିକ, ଗବେଷକମାନେ ଅଂଶଗ୍ରହଣ କରି ସ୍ୱପ୍ନର ସମ୍ବଲପୁର କିପରି ହେବା ଉଚିତ ସେନେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ସଭାପତି ମକରଧ୍ୱଜ ଯୋଷୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ପଶ୍ଚିମ ପ୍ରାନ୍ତ ସଭାପତି ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶାଖା ସମ୍ପାଦକ ଡାକ୍ତର ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରଥିଲେ। ଡାକ୍ତର ବିନୋଦ ବିହାରୀ ନାଏକ ଓ ରାଧା ଶ୍ରୀବାସ ସେବାଟ୍ରଷ୍ଟର ଶିବକୁମାର ଅଗ୍ରୱାଲ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସୁପ୍ରୀତି ମିଶ୍ର ଓ ଅଲିଶା ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପ୍ରତିରକ୍ଷା ବିଭାଗକୁ ଦୁର୍ବଳ କରାଯାଉଛି: କଂଗ୍ରେସ

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

ଦେଶର ପ୍ରତିରକ୍ଷା ବିଭାଗକୁ ଯୋଜନାବଦ୍ଧ ଭାବେ ଦୁର୍ବଳ କରିବା ପାଇଁ ମୋଦି ସରକାରଙ୍କ ପ୍ରଚେଷ୍ଟାକୁ କଦାପି ବରଦାସ୍ତ କରାଯିବ ନାହିଁ। ଦେଶର ସେନା ଓ ଯୁବବର୍ଗଙ୍କ ଭବିଷ୍ୟତକୁ ଅଗ୍ନିପଥ ଯୋଜନା ମାଧ୍ୟମରେ ଅନ୍ଧକାର ଭିତରକୁ ଠେଲି ଦେବାର ଅପଚେଷ୍ଟା ଚାଲିଛି ବୋଲି କଂଗ୍ରେସର ଏକ୍ସ ସର୍ଭିସ୍‌ମ୍ୟାନ ବିଭାଗର ଅଧ୍ୟକ୍ଷ କର୍ଣ୍ଣେଲ୍ ରୋହିତ୍ ଚୌଧୁରୀ କହିଛନ୍ତି।

କଂଗ୍ରେସ ଭବନ ଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରୋହିତ୍ ଚୌଧୁରୀ କହିଛନ୍ତି ଯେ, ୧୦ ବର୍ଷର ମୋଦୀ ସରକାର ସମୟରେ ଦେଶରେ ଆତଙ୍କବାଦୀ ହମ୍‌ଲା ବଢ଼ିଛି, ୨୦୦୦ରୁ ଅଧିକ ଯବାନ ସହିଦ୍ ହୋଇଛନ୍ତି। ଅଗ୍ନିପଥ ଯୋଜନା ଦେଶର ଯୁବବର୍ଗଙ୍କ ଭବିଷ୍ୟତ ପ୍ରତି ବିଶ୍ୱାସଘାତ ସଦୃଶ। ଭାରତ ଭଳି ଦେଶ ବର୍ତ୍ତମାନ ୫୦ ବର୍ଷର ରେକର୍ଡ ତୋଡ଼୍ ଉତ୍କଟ ବେକାରୀ ସମସ୍ୟା ଦେଇ ଗତି କରୁଛି ବୋଲି ସେ କହିଛନ୍ତି।

# 'ଏମ୍‌ସିଏଲ ଅଧିକାରୀ ରାଜନୈତିକ ବକ୍ତବ୍ୟ ରଖୁଛନ୍ତି'

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

## ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି ପ୍ରତିନିଧି ଦଳ

ମହାନଦୀ କୋଲଫିଲଡ୍‌ସ ଲିଃ(ଏମ୍‌ସିଏଲ୍)ର ସାଧାରଣ ପରିଚାଳକ(ଜିଏମ୍)ଙ୍କ ବ୍ୟକ୍ତିଗତ ସହାୟକ ବୈଦ୍ୟନାଥ ସାହୁଙ୍କ ବିରୋଧରେ ବିଜେଡି ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗ ଆଣିଛି। ଏନେଇ ବିଜେଡି ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡିର ଅଭିଯୋଗ ଅନୁଯାୟୀ, ସାହୁ ଏକ ଘରୋଇ ୱେବ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ ରାଜନୈତିକ ମନ୍ତବ୍ୟ ରଖିଛନ୍ତି। ମହାନଦୀ କୋଲ୍ ଫିଲ୍ଡସ ଲିଃ କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। କୌଣସି ସରକାରୀ କର୍ମଚାରୀ ନିର୍ବାଚନକୁ ନେଇ ଟିପ୍ପଣୀ ଦେବା ଆଚରଣବିଧିର ଉଲ୍ଲଂଘନ। ସମସ୍ତେ ନିଜ ଲକ୍ଷ୍ମଣରେଖା ମଧ୍ୟରେ ରୁହନ୍ତୁ। ଏହି ଘଟଣାରେ ତ୍ୱରିତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଦାବି କରିଛି। ଏନେଇ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରବିବାର ସିଇଓଙ୍କୁ ଭେଟି ଆହୁରି ଅଭିଯୋଗ କରିଛନ୍ତି ଯେ, ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିବାରେ ବିଜେଡି ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଭୁଲ ହେବ ନାହିଁ। ଭାଜପା କେତେବେଳେ ଛୋଟ ପିଲାଙ୍କୁ ନିର୍ବାଚନରେ ବ୍ୟବହାର କରୁଛି ତ ଆଉ କେତେବେଳେ ସରକାରୀ ଅଧିକାରୀଙ୍କୁ ଡରାଉଛନ୍ତି। ଶନିବାର ଭାଜପାର ଆସିକା ବିଧାୟକ ପ୍ରାର୍ଥୀ ସରୋଜ ପାଢୀ ଫ୍ଲାଇଂ ସ୍କାଡ୍‌କୁ ନୂଆପାଲି ଛକ ଠାରେ ଚେକିଂ କରିବାରେ ବାଧା ଦେବା ସହ ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି।

# ପ୍ରଫୁଲ୍ଲ ମାଝୀ ବିଜେଡିରୁ ନିଲମ୍ବିତ

## ଅଶୋକ ପାଣିଗ୍ରାହୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)

ଦଳ ବିରୋଧୀ କାର୍ଯ୍ୟ ଲାଗି ବରିଷ୍ଠ ନେତା ପ୍ରଫୁଲ୍ଲ ମାଝୀଙ୍କୁ ବିଜେଡି ନିଲମ୍ବନ କରିଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ବିଜ୍ଞପ୍ତି ଜରିଆରେ ରବିବାର ଏହି ସୂଚନା ଦିଆଯାଇଛି। କିଛିଦିନ ତଳେ ପ୍ରଫୁଲ୍ଲ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ। ହେଲେ ଦଳ ଏଥର ତାଙ୍କୁ କେଉଁଠାରୁ ମଧ୍ୟ ଟିକେଟ ଦେଇ ନ ଥିଲା। ସେହିପରି ପୂର୍ବରୁ ଦଳରୁ ନିଲମ୍ବିତ ହୋଇଥିବା ବିଜେପୁରର ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ଦଳ ପୁଣିଥରେ ବିଶ୍ୱାସକୁ ନେଇଛି। ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶକୁ ଦଳ ଉଠାଇ ଦେଇଛି। ଏନେଇ ଦଳର ସାଙ୍ଗଠନିକ ସମ୍ପାଦକଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ଜାରି କରାଯାଇଛି।

# କେନ୍ଦ୍ରମନ୍ତ୍ରୀ ଥାଇ ଦେବଗଡ଼ ପାଇଁ କ'ଣ କରିଛନ୍ତି: ପ୍ରଣବ

ଦେବଗଡ଼,୧୨।୫
(ଶଶାଙ୍କ ଶେଖର ଝାଙ୍କର)


ଗୁଣ୍ଡୁରୀପୋଷିଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ଦେବଗଡ଼ ବିଧାନସଭା ଆସନର ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଦଳୀୟ କର୍ମକର୍ତ୍ତା।

ନିର୍ବାଚନୀ ପ୍ରଚାର ପାଇଁ ବିଭିନ୍ନ ନିର୍ବାଚନମଣ୍ଡଳୀ ଓ ବ୍ଲକ ବୁଲି ସଭାରେ ଯୋଗଦେଉଛନ୍ତି ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଏହି ସମୟରେ ସେ କର୍ମୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ଜନସାଧାରଣଙ୍କୁ ଭେଟି ଆଶୀର୍ବାଦ ଲୋଡିବା ସହିତ ବିରୋଧୀଙ୍କୁ ଶାଣିତ ସ୍ୱରରେ ଆକ୍ରମଣ କରୁଛନ୍ତି। ରବିବାର ପୂର୍ବାହ୍ନରେ ତିଳେଇବଣିଠାରେ ଅନୁଷ୍ଠିତ ପ୍ରଥମ କାର୍ଯ୍ୟକ୍ରମ ପରେ ତିଳେଇବଣି ବ୍ଲକ ଗଜୁରିବଣିଠାରେ ଖଡିଆ ସମାଜ ପକ୍ଷରୁ ପ୍ରଣବଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଣବ ସେମାନଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବାରକୋଟ ବ୍ଲକ ଗୁଣ୍ଡୁରୀପୋଷିଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ଓ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଥିଲେ। କର୍ମୀ ସମ୍ମିଳନୀରେ ପ୍ରଣବ କହିଥିଲେ ଯେ, ପ୍ରତିପକ୍ଷ କଥାରେ ବିଶ୍ୱାସ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦଳ କାମରେ ବିଶ୍ୱାସ କରିଥାଏ। ବିଗତ ଦିନରେ ନିର୍ବାଚିତ ହୋଇଥିବା ବିରୋଧୀମାନେ ଏ ଅଞ୍ଚଳର ଉନ୍ନତି ପାଇଁ କିଛି ବି କଲେନି। ସେହିପରି କେନ୍ଦ୍ରମନ୍ତ୍ରୀ ଥାଇ ଧର୍ମେନ୍ଦ୍ର ଦେବଗଡ଼ ପାଇଁ କ'ଣ କରିଛନ୍ତି ବୋଲି ପ୍ରଣବ ପ୍ରଶ୍ନ କରିଥିଲେ। ତେଣୁ ଏଥର ବିଜୁ ଜନତା ଦଳ ପ୍ରତି ଭରସା ରଖି ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଣବଙ୍କ ସାଥିରେ ଦେବଗଡ ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ପ୍ରଚାରରେ ସାମିଲ ଥିଲେ। ଦେବଗଡରେ କାର୍ଯ୍ୟକ୍ରମ ସାରିବା ପରେ ସେ ରିଆମାଳରେ ପହଞ୍ଚିଥିଲେ। ରିଆମାଳରେ ବୁଥସ୍ତରୀୟ ପ୍ରଶିକ୍ଷଣ ଶିବିର ଚାଲିଥିବାବେଳେ ପ୍ରବଳ ଭିଡ଼ ହେବାରୁ କିଛି ମହିଳା ତଳେ ବସିଥିଲେ। ଏହାଦେଖି ମଞ୍ଚରୁ ଉଠିଆସି ତଳେ ବସିଥିଲେ ପ୍ରଣବ ପ୍ରକାଶ। ମହିଳାଙ୍କ ସହିତ ତଳେ ବସି କଥାବାର୍ତ୍ତା କରିବା ଘଟଣାରେ ଦେବଗଡରେ ଏବେ ଚର୍ଚ୍ଚାର ବିଷୟ ହୋଇଛି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ପୃଷ୍ଠା–୮+୮

ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ (୮+୮=୧୬ ପୃଷ୍ଠା) | Bhubaneswar, Monday, May 13/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 168 | ମୂଲ୍ୟ ₹୭/-





# ଲୋକଙ୍କ ଘୋଷଣାପତ୍ର - ୨୦୨୪

## ଯୁବ ଓଡ଼ିଶା

- ଆଗାମୀ ୧୦ ବର୍ଷରେ ରାଜ୍ୟର ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍।
- ପ୍ରତିବର୍ଷ ୧ ହଜାର କୋଟି ବଜେଟ୍ ଉପରେ ନିଜ ଭବିଷ୍ୟତର ନିଷ୍ପତ୍ତି ନେବେ ଯୁବବର୍ଗ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ୟୁଜି, ପିଜି, ଡିପ୍ଲୋମା ଏବଂ ପଲିଟେକ୍ନିକ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ।
- ପ୍ରତିଷ୍ଠା ହେବ ଓଡ଼ିଶା ଦକ୍ଷତା ଓ ଉଦ୍ୟୋଗ ବିଶ୍ୱବିଦ୍ୟାଳୟ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି।

## ମାଗଣା ବିଜୁଳି

- ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ୯୦% ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି।
- ଚାଷୀମାନଙ୍କ ପାଇଁ ମାଗଣା ବିଜୁଳି।

## ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ୨୦୩୬ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଜେଣ୍ଡର ବଜେଟ୍ ଆସିବ।
- ମହିଳା ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଫ୍ଟ ଲୋନ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି।
- ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳ ମିଶନ ଶକ୍ତି ମା'ମାନଙ୍କ ପାଇଁ ପେନସନ।

## ସ୍ୱାସ୍ଥ୍ୟ

- ସମସ୍ତଙ୍କୁ BSKY ନବୀନ କାର୍ଡ଼ରେ ଅନ୍ତର୍ଭୁକ୍ତ କରାଯିବ।
- ସରକାରୀ କର୍ମଚାରୀ, କମ୍ୟୁନିଟି କର୍ମଚାରୀ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ।
- ଓଡ଼ିଶାରେ ଡାକ୍ତରମାନଙ୍କ ସଂଖ୍ୟା ଅଧିକ ହେବ।

## କୃଷକ

- ଓଡ଼ିଶା, ଦେଶରେ କୃଷକଙ୍କ ଆୟ ବୃଦ୍ଧିରେ ଏକ ନମ୍ବର ରାଜ୍ୟ ହେବ।
- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ।
- ଚାଷୀମାନଙ୍କ ପାଇଁ ମାଗଣା ବିଜୁଳି।
- ମଣ୍ଡିଗୁଡ଼ିକର ଆଧୁନିକୀକରଣ ପାଇଁ ୫୦୦ କୋଟି ଟଙ୍କାର ଅନୁଦାନ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ।

## ଅନୁସୂଚିତ ଜାତି (SC)

- ପ୍ରତିବର୍ଷ ୧୦,୦୦୦ ଅନୁସୂଚିତ ଜାତିର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ଅନୁସୂଚିତ ଜାତିର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ।

## ଅନୁସୂଚିତ ଜନଜାତି (ST)

- ଏସ.ଡି.ସିଗୁଡ଼ିକୁ ଦୁଇଗୁଣ ପାଣ୍ଠି ଯୋଗାଇ ଦିଆଯିବ।
- କେନ୍ଦୁପତ୍ରର ମୂଲ୍ୟ ବିଡ଼ା ପିଛା ୨ ଟଙ୍କା ବୃଦ୍ଧି ସହିତ ତୋଳାଳୀମାନଙ୍କ ପାଇଁ ୫୦% ଏବଂ ବନ୍ଧାଳୀମାନଙ୍କ ପାଇଁ ୧୦%ର ବୋନସ୍ ଯୋଗାଇ ଦିଆଯିବ।
- ପ୍ରତିବର୍ଷ ୧୦,୦୦୦ ଜନଜାତିର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ଜନଜାତିର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ।

## ଅନ୍ୟାନ୍ୟ ପଛୁଆ ବର୍ଗ (OBC)

- ପ୍ରତିବର୍ଷ ୧୦,୦୦୦ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ଅନ୍ୟାନ୍ୟ ପଛୁଆ ବର୍ଗର ଯୁବବର୍ଗଙ୍କୁ ଉଦ୍ୟୋଗ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁଧ ଉପରେ ରିହାତି ମିଳିବ।
- ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ହେବ SEBC-OBC ଜନଗଣନା।

## ସଂଖ୍ୟାଲଘୁ ସମ୍ପ୍ରଦାୟ

- ସଂଖ୍ୟାଲଘୁମାନଙ୍କର ଶିକ୍ଷାନୁଷ୍ଠାନ ଏବଂ ମହତ୍ତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ 5T ଅଧୀନରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିକାଶ କରାଯିବ।
- ସ୍ୱୟମ୍ ଯୋଜନା ଦ୍ୱାରା ସଂଖ୍ୟାଲଘୁ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ।

## ମଧ୍ୟବିତ୍ତ ବର୍ଗ

- ସମସ୍ତ ମଧ୍ୟବିତ୍ତ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣର ସୁଧ ଉପରେ ରିହାତି ମିଳିବ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣର ସୁଧ ଉପରେ ରିହାତି ମିଳିବ।
- ସମସ୍ତଙ୍କ ପାଇଁ ବସ୍, ମେଟ୍ରୋ ଏବଂ ବିମାନ ଯୋଗେ ସୁଲଭ ପରିବହନ ବ୍ୟବସ୍ଥା କରାଯିବ।

## ଶ୍ରମିକ

- ସର୍ବନିମ୍ନ ମଜୁରି ଦୁଇଗୁଣ ହେବ।
- ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଣ୍ଠି ଦୁଇଗୁଣ ହେବ।
- ଶ୍ରମିକମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣର ସୁବିଧା ହେବ।
- ଛାତ୍ରବୃତ୍ତି ଏବଂ ଶିକ୍ଷା ଋଣର ସୁବିଧା।
- କାରିଗର ଓ ବୁଣାକାରଙ୍କ ପାଇଁ ମାସିକ ସ୍ୱତନ୍ତ୍ର ପେନସନ ବ୍ୟବସ୍ଥା।

## ବରିଷ୍ଠ ନାଗରିକ

- ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ BSKYରେ କର୍କଟ, ମାନସିକ ସ୍ୱାସ୍ଥ୍ୟ, ଅକ୍ଷମତାର ସର୍ବଭାରତୀୟ ସ୍କ୍ରିନିଂ ଅନ୍ତର୍ଭୁକ୍ତ କରାଯିବ।
- ପିପିପି ମୋଡ୍ ରେ ସାରା ରାଜ୍ୟରେ ସ୍ଥାପନ ହେବ ସକ୍ରିୟ ବାର୍ଦ୍ଧକ୍ୟ କେନ୍ଦ୍ର।
- ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ପୁରୀକୁ ଯାତ୍ରା ପାଇଁ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ଅନ୍ତର୍ଭୁକ୍ତ କରାଯିବ।

## ଭିନ୍ନକ୍ଷମ

- ଭିନ୍ନକ୍ଷମଙ୍କୁ ଉଦ୍ୟୋଗୀ କରିବା ପାଇଁ 'ଭିନ୍ନକ୍ଷମ ଉତ୍କର୍ଷ କେନ୍ଦ୍ର' ସ୍ଥାପନ କରାଯିବ।
- ଏସିସଟିଭ ଟେକ୍ନୋଲୋଜି ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ୧୦୦ କୋଟି ଟଙ୍କାର ଏକ ଇମ୍ପାକ୍ଟ ପାଣ୍ଠି ଗଠନ କରାଯିବ।
- ଡିଜିଟାଲ ସାକ୍ଷରତା ବୃଦ୍ଧି ସହ ଭିନ୍ନକ୍ଷମ ମହିଳା ଓ ଝିଅମାନଙ୍କ ପାଇଁ ସ୍ମାର୍ଟଫୋନ୍ ର ବ୍ୟବସ୍ଥା କରାଯିବ।
- ଭିନ୍ନକ୍ଷମ କଲ୍ୟାଣ ତଥା ବିକାଶ ପାଇଁ ରାଜ୍ୟ ବଜେଟ୍ କୁ ବହୁଗୁଣ କରାଯିବ।

## ଅର୍ଥନୀତି ଅଭିବୃଦ୍ଧି

- ପୁଞ୍ଜିନିବେଶ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ୩ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବ।
- ନୂତନ ଯୁଗର ଟେକ୍ନୋଲୋଜି, AI ଚାଳିତ ଜ୍ଞାନ ଓ ଅର୍ଥନୀତି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।
- ଓଡ଼ିଶାକୁ ଆଇଟି ହବ୍, ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ ଇକୋସିଷ୍ଟମରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯିବ।
- ୧୦୦ଟି ଉଚ୍ଚମାନର ଇକୋ ପର୍ଯ୍ୟଟନ ସ୍ଥଳ ନିର୍ମାଣ ହେବ।
- ୫୦୦ କୋଟି ଟଙ୍କାର ମଧ୍ୟମ ଓ ଲଘୁ ଶିଳ୍ପ ପାଇଁ କର୍ପସ୍ ପାଣ୍ଠି ଗଠନ କରାଯିବ।

## ଗୁଣାତ୍ମକ ଶିକ୍ଷା

- ପର୍ଯ୍ୟାୟକ୍ରମେ 5T ଅଧୀନରେ ସମସ୍ତ ସ୍କୁଲ ଓ କଲେଜକୁ ରୂପାନ୍ତରିତ କରାଯିବ।
- ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (OAV)କୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ପ୍ରତିଷ୍ଠା କରାଯିବ।
- ରାଜ୍ୟର ମହାପୁରୁଷମାନଙ୍କ ସହ ଜଡ଼ିତ ୧୦୦ଟି ବିଦ୍ୟାଳୟକୁ 'ଐତିହ୍ୟ ବିଦ୍ୟାଳୟ ପ୍ରକଳ୍ପ' କରାଯିବ।

## ଭିତ୍ତିଭୂମି ଏବଂ ଯୋଗାଯୋଗ

- ଭୁବନେଶ୍ୱର-ପୁରୀ ବିମାନବନ୍ଦର ମଧ୍ୟରେ ଏକ୍ସପ୍ରେସ ୱେ ଏବଂ ଅର୍ଥନୈତିକ କରିଡର ନିର୍ମାଣ ହେବ।
- ଗୋପାଳପୁର ଏବଂ ଜୟପୁରକୁ ସଂଯୋଗ କରି ୫,୦୦୦ କୋଟି ଟଙ୍କା ବ୍ୟୟରେ ବିଜୁ ଏକ୍ସପ୍ରେସ୍ ୱେ (ଦକ୍ଷିଣ)ର ନିର୍ମାଣ କାର୍ଯ୍ୟ ଶେଷ କରାଯିବ।
- ଲକ୍ଷ୍ମୀ ବସ୍ ଯୋଜନାର ପରିସର ବୃଦ୍ଧି କରାଯାଇ ଗ୍ରାମଗୁଡ଼ିକୁ ଜିଲ୍ଲା ସଦର ମହକୁମା ଓ ନିକଟସ୍ଥ ବଡ଼ ସହର ସହ ସଂଯୋଗ କରାଯିବ।
- ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଯାତ୍ରାରେ ରିହାତି ମିଳିବ।
- କୋଷ୍ଟାଲ ଏକ୍ସପ୍ରେସ ୱେର ବିକାଶ କରାଯିବ।
- ପୁରୀରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରର ନିର୍ମାଣ କରାଯିବ।
- ଅନ୍ତର୍ଜାତୀୟ ସହରଗୁଡ଼ିକୁ ଯୋଡୁଥିବା ବିମାନ ସଂଖ୍ୟା ବୃଦ୍ଧି ହେବ।

## କ୍ରୀଡ଼ା ବିକାଶ

- ଓଡ଼ିଶାକୁ ଦେଶର ପ୍ରମୁଖ କ୍ରୀଡ଼ା କ୍ଷେତ୍ର ଭାବେ ବିକଶିତ କରିବାର ଧାରା ଅବ୍ୟାହତ ରହିବ।
- ବାରବାଟୀରେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ, ସମ୍ବଲପୁରରେ ଫୁଟବଲ ଷ୍ଟାଡିୟମ, ବ୍ରହ୍ମପୁରରେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବ।
- 5T ଜରିଆରେ ପ୍ରତିଭା ଚୟନଠାରୁ ଆରମ୍ଭ କରି ବିଶେଷଜ୍ଞ କୋଚିଂ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ରହିବ।

## ବ୍ୟାପକ ଗ୍ରାମୀଣ ସୁବିଧା ଏବଂ ସେବା

- ରାସନ କାର୍ଡ଼ ଜରିଆରେ ଖାଦ୍ୟ ସୁରକ୍ଷା।
- ବିଶୁଦ୍ଧ ପାନୀୟ ଜଳ ଓ ପାଇପ୍ ଯୋଗେ ଜଳ ଯୋଗାଣ।
- ଆମ ହସ୍ପିଟାଲ ଯୋଗେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା।
- ସମସ୍ତଙ୍କୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ସମସ୍ତ ସ୍କୁଲ ଓ କଲେଜ 5T ଉପକ୍ରମରେ ସାମିଲ ହେବେ।
- ଯୋଗ୍ୟ ଗ୍ରାମୀଣ ପରିବାରକୁ ବିନା ମୂଲ୍ୟରେ ବିଜୁଳି।
- ଆମ ବ୍ୟାଙ୍କ ଜରିଆରେ ଆର୍ଥିକ କାରବାର ସୁବିଧା ପ୍ରଦାନ କରାଯିବ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରକୁ ୧୦ ଲକ୍ଷ ଘର ଦିଆଯିବ।
- ମୋବାଇଲ ଓ ବ୍ରଡବ୍ୟାଣ୍ଡ ସଂଯୋଗ ବୃଦ୍ଧି।
- ଉନ୍ନତ ଗ୍ରାମୀଣ ରାସ୍ତା ଓ ସେତୁ ସ୍ଥାପନ କରାଯିବ।
- ସମସ୍ତ ଗ୍ରାମ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ସେବାର ପରିସର ବୃଦ୍ଧି କରାଯିବ।

5T ନବୀନ ଗ୍ୟାରେଣ୍ଟି

## ସହରୀକରଣ

- ୪ଟି ମେଗା ଅର୍ବାନ କ୍ଲଷ୍ଟରର ବିକାଶ: ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ, ସମ୍ବଲପୁର-ଝାରସୁଗୁଡ଼ା-ରାଉରକେଲା, ବାରିପଦା-ବାଲେଶ୍ୱର-ଭଦ୍ରକ ଏବଂ ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର।
- ସମୟସୀମା ଅନୁଯାୟୀ ଭୁବନେଶ୍ୱର-କଟକ ମେଟ୍ରୋ ନିର୍ମାଣ ଶେଷ ଏବଂ କଟକ, ଖୋର୍ଦ୍ଧା ଓ ପୁରୀକୁ ସଂଯୋଗ କରିବା ପାଇଁ ସମ୍ପ୍ରସାରଣ।
- ଜାଗା ମିଶନର ପରିସର ବୃଦ୍ଧି।

## ଭାଷା ହିଁ ଭବିଷ୍ୟତ

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ।
- ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ।

## ଖାଦ୍ୟ ନିରାପତ୍ତା

- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ପ୍ରଦାନ।
- ମଣ୍ଡିଗୁଡ଼ିକର ଉନ୍ନତି ପାଇଁ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯିବ।

## ଆଞ୍ଚଳିକ ସମନ୍ୱୟ

- ବିଜୁ ଏକ୍ସପ୍ରେସ୍ ୱେର ନିର୍ମାଣ ସହିତ ଝାରସୁଗୁଡ଼ା, ଜୟପୁର ଓ ମାଲକାନଗିରିକୁ ବିମାନ ଯୋଗାଯୋଗ ସୁଦୃଢ଼ କରାଯିବ।
- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ 'ଫୁଡ ଓ ଆଗ୍ରୋ ପ୍ରୋସେସିଂ' ଶିଳ୍ପ ଉପରେ ଗୁରୁତ୍ୱ ଦିଆଯିବ।
- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଜଳସେଚନ, ଶିଳ୍ପ, ଶିକ୍ଷାନୁଷ୍ଠାନ, ସଡ଼କ ଓ ସେତୁର ଉନ୍ନତିକୁ ପ୍ରାଧାନ୍ୟ ଦିଆଯିବ।

## ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ

- ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ 'ଓଡ଼ିଶା ଜଳବାୟୁ ପରିବର୍ତ୍ତନ ଆକ୍ସନ୍ ପ୍ଲାନ୍-୨୦୩୬' ପ୍ରସ୍ତୁତ କରାଯିବ।
- ବୈଦ୍ୟୁତିକ ବାହନ (EV) ବ୍ୟବହାର ଓ କ୍ରୟ ପାଇଁ ପ୍ରୋତ୍ସାହନ ବୃଦ୍ଧି କରାଯିବ।

## ସୁଶାସନ

- 5T ନୀତି ଓ ମୋ ସରକାର ଆଧାରରେ ଉନ୍ନତ ଶାସନ ପାଇଁ ପ୍ରୟାସ ଜାରି ରହିବ।
- ମୋ ସରକାରକୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବା ସହ ଅଭିଯୋଗ ସମାଧାନ ବ୍ୟବସ୍ଥା ପ୍ରତିଷ୍ଠା କରାଯିବ।
- ଓଡ଼ିଶା ଆଧ୍ୟାତ୍ମିକ ପ୍ରଗତି ପାଇଁ ସୁନାମ ଅର୍ଜନ କରିଛି, ଏହାକୁ ବିଶ୍ୱ ଦରବାରରେ ପ୍ରଦର୍ଶନ କରାଯିବ।



**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ**　**ଲୋକସଭା**　**ବିଧାନସଭା**

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ | Bhubaneswar, Monday, May 13/2024




**ଫାଇନାଲରେ ଶ୍ରାବଣୀ**
କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସର ମହିଳା ୨୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶ୍ରାବଣୀ ନନ୍ଦା।
୦୬

୦୨
**‘ଶ୍ରୀକାନ୍ତ’ରେ ରାଜକୁମାରଙ୍କ ଜଲୱା**
ଅଭିନେତା ରାଜକୁମାର ରାଓଙ୍କ ଅଭିନୀତ ଫିଲ୍ମ ‘ଶ୍ରୀକାନ୍ତ’ ବକ୍ସ ଅଫିସରେ ଭଲ ବ୍ୟବସାୟ କରିଛି। ଏଥିରେ ଦର୍ଶକ ତାଙ୍କ ଅଭିନୟକୁ ଖୁବ୍ ପସନ୍ଦ କରିଛନ୍ତି।



# ଆଜି ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ



ଆଜି ଭୋଟ: କଳାହାଣ୍ଡି ଜିଲା ଧର୍ମଗଡ଼ ପଞ୍ଚାୟତ କଲେଜରୁ ମହିଳା ପୋଲିଂ କର୍ମଚାରୀମାନେ ରବିବାର ସଖି ମତଦାନ କେନ୍ଦ୍ରକୁ ଇଭିଏମ୍ ଧରିଯାଉଛନ୍ତି।

ଭୁବନେଶ୍ୱର, ୧୨।୫(ଅସମାପିକା ସାହୁ)

ଓଡ଼ିଶାରେ ପ୍ରଥମ ତଥା ଦେଶରେ ଚତୁର୍ଥ ପର୍ଯ୍ୟାୟ ଭୋଟ ସୋମବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ରାଜ୍ୟର କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୨୮ ବିଧାନସଭା କ୍ଷେତ୍ରରେ ମତଦାନ ହେବ। ମୋଟ ୭,୩୦୩ ମତଦାନ କେନ୍ଦ୍ରରେ ୬୨,୮୭,୨୨୨ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟର ସଂଖ୍ୟା ଅଧିକ ରହିଛି। ୩୧,୮୯,୦୬୦ଜଣ ମହିଳା ଭୋଟର ଥିବାବେଳେ ୩୦,୯୭,୫୨୭ଜଣ ପୁରୁଷ ଓ ୬୩୫ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଛନ୍ତି। ତେବେ ୬୦ ପ୍ରତିଶତ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରତି ବୁଥ୍‌ରେ ମତଦାତାଙ୍କୁ ସ୍ୱାଗତ କରିବା ପାଇଁ ନିର୍ବାଚନ କର୍ମଚାରୀମାନେ ପ୍ରସ୍ତୁତ ବୋଲି ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ୧୩ ତାରିଖରେ ମତଦାନ କରାଇବା ପାଇଁ ପୋଲିଂ ପାର୍ଟିଗୁଡ଼ିକ ପୋଲିଂ ଷ୍ଟେଶନକୁ ଯାଇସାରିଛନ୍ତି। ନୂଆପଡ଼ା ଜିଲାର ଦୁର୍ଗମ ଅଞ୍ଚଳରେ ଥିବା ୬ଟି ବୁଥ୍ ପାଇଁ ପୋଲିଂ ପାର୍ଟିଗୁଡ଼ିକୁ ଏୟାର ଡ୍ରପ୍ କରାଯାଇଛି। ଅନେକ ଅଞ୍ଚଳକୁ ବୋଟ୍ ମାଧ୍ୟମରେ ନଦୀ ପାରହୋଇ ପୋଲିଂ ପାର୍ଟିଗୁଡ଼ିକ ଯାତ୍ରା କରିଛନ୍ତି। ଏସବୁ ଐତିହାସିକ ମୁହୂର୍ତ୍ତ ନିର୍ବାଚନକୁ ଦେଶର ପ୍ରକୃତ ମହାନତମ ଗଣପର୍ବ ରୂପେ ପ୍ରତିଷ୍ଠିତ କରିବା ସହ ‘ମତଦାନର ପର୍ବ- ଆମ ଦେଶର ଗର୍ବ’ ବାର୍ତ୍ତାକୁ ସାର୍ଥକ କରୁଛି। ଏହି ୪ ସଂସଦୀୟ କ୍ଷେତ୍ରର ସମସ୍ତ ନାଗରିକଙ୍କୁ ମତଦାନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ ଅନୁରୋଧ କରିବା ସହ ନିଜ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଅପିଲ କରିଛନ୍ତି।

**କେଉଁଠି ମତଦାନ**

**୪ ଲୋକ ସଭା ଆସନ**

କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର

**୨୮ ବିଧାନସଭା ଆସନ**

ନୂଆପଡ଼ା, ଖଡିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା, ଗୁଣପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା ଏବଂ ପାରଳାଖେମୁଣ୍ଡି



## ନିର୍ବାଚନ ପାଇଁ ୧୭ ହଜାର ପୋଲିସ

ଭୁବନେଶ୍ୱର,୧୨।୫(ସତ୍ୟଜିତ୍ ରାଉତ)

ରାଜ୍ୟରେ ସୋମବାର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ୯ ଜିଲାରେ ଶୃଙ୍ଖଳିତ ତଥା ସୁରକ୍ଷିତ ନିର୍ବାଚନ କରିବାକୁ ବିଭିନ୍ନ ର୍‍ୟାଙ୍କର ୧୭ ହଜାର ପୋଲିସ ନିୟୋଜିତ ହୋଇଛନ୍ତି। ବିଶେଷକରି ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ରହିଥିବା ୫୩୭ଟି ମତଦାନ କେନ୍ଦ୍ରକୁ ସୁରକ୍ଷା ବଳୟରେ ରଖାଯାଇଥିବା ରବିବାର ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ କହିଛନ୍ତି। ଡିଜିପି କହିଛନ୍ତି, ନିର୍ବାଚନ ପାଇଁ ୧୦୪ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ (ସିଏପିଏଫ୍) ଓ ରାଜ୍ୟ ପୋଲିସର ୬୬ ପ୍ଲାଟୁନ୍ ସଶସ୍ତ୍ର ବାହିନୀ (ଏସ୍‌ଏପି) ଦାୟିତ୍ୱରେ ଅଛନ୍ତି। ବୁଥ୍ ଓ ମୋବାଇଲ ପାଟ୍ରୋଲିଂ ଆଦି କାର୍ଯ୍ୟରେ ୨୯ ଅତିରିକ୍ତ ଏସ୍‌ପି, ୫୭ ଡିଏସ୍‌ପି, ୧୫୪ ଇନ୍ସପେକ୍ଟର, ୧୪୫୭ ଜଣ ଏସ୍‌ଆଇ/ଏଏସ୍‌ଆଇ, ୬ ହଜାର ୬୩୯ ଜଣ ହାବିଲଦାର ଓ କନଷ୍ଟେବଲ୍, ୫ ହଜାର ୫୮୧ ଜଣ ହୋମ୍‌ଗାର୍ଡ ଓ ଗ୍ରାମରକ୍ଷୀ ନିୟୋଜିତ ହୋଇଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଗୁରୁତ୍ୱବିହୀନ ଭୋଟର**

**ଆଜିର ମନ୍ତବ୍ୟ**

“ ଲୋକ ସଭା ନିର୍ବାଚନ ଦୁଇଟି ବିଚାରଧାରାର ଲୋକଙ୍କ ମଧ୍ୟରେ ହେଉଛି। ଗୋଟିଏ ଗୋଷ୍ଠୀ ସମ୍ବିଧାନର ପରିବର୍ତ୍ତନ ଚାହୁଁଥିବାବେଳେ ଅନ୍ୟ ଗୋଷ୍ଠୀ ଏହାର ସୁରକ୍ଷା କରୁଛନ୍ତି।
-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

## କାର୍ ଓଲଟି ୨ ସାଙ୍ଗ ମୃତ, ଦୁଇ ଆହତ

ଭଞ୍ଜନଗର, ୧୨।୫(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦ୍ଧୁଲି ନିକଟରେ ରବିବାର ଏକ କାର୍ ଓଲଟି ପଡ଼ିବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଖଜୁରିପଲ୍ଲୀର ଜିତେନ ବାଡତ୍ୟା ଓ ବେଲଗୁଣ୍ଠାର ଏମ୍. ପ୍ରଧାନ। ଆହତ ବିଡ଼ିପୁରର ଦେବାଶିଷ ବିଷୋୟୀ ଓ ବେଲଗୁଣ୍ଠାର ଶିବାଶିଷ ପ୍ରଧାନ ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଭଞ୍ଜନଗର- ଫୁଲବାଣୀ ମୁଖ୍ୟରାସ୍ତାର ନିଧିଆପଲ୍ଲୀରେ ଚାଲିଥିବା ନାମଯଜ୍ଞ ଦେଖିବାକୁ ୪ ସାଙ୍ଗ କାର୍‌ରେ ଯାଇ ଅପରାହ୍ନରେ ଫେରୁଥିଲେ। ଦ୍ରୁତଗତି ଯୋଗୁ କାର୍‌ର ଆଗ ଡାହାଣ ଚକା ଗାଡ଼ିରୁ ଅଲଗା ହୋଇଯାଇଥିଲା। ଫଳରେ ଭାରସାମ୍ୟ ହରାଇ କାର୍‌ଟି ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ଜିତେନଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍, ସ୍ଥାନ : କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୫ଟା୪୫ରୁ ୯ଟା। ଅପରାହ୍ଣ ୫ଟା ୩୦ରୁ ରାତି ୯ଟା।
- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ, ସ୍ଥାନ: ବକୁଳ ଲାଇବ୍ରେରୀ , ୧୬, ସତ୍ୟନଗର, ସମୟ: ଅପରାହ୍ଣ ୫ଟା।

## କଟକ

- ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ ଉପଲକ୍ଷେ ସ୍ମୃତି କମିଟି ପକ୍ଷରୁ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: କଟକ ଗଡ଼ଗଡ଼ିଆ ଘାଟ ନିକଟ, ସମୟ: ସକାଳ ୮ଟା ୩୦।
- ଆଇନଜୀବୀ ବ୍ରଜବନ୍ଧୁ ବିଶ୍ୱାଳଙ୍କ ପ୍ରତିକୃତି ଉନ୍ମୋଚନ, ସ୍ଥାନ: ହାଇକୋର୍ଟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ଟା ୩୦।

## ପୁରୀ

- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଗୁରୁ ରବିଶଙ୍କରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୀ ପୌରସଦନ, ସମୟ: ସକାଳ ୭ଟା ୩୦।
- ଭାଜପାର ଜନସମ୍ପର୍କ ଯାତ୍ରା, ସ୍ଥାନ: ବଳରାମପୁରଗଡ଼ ଓ କେତକୀ ପାଟଣା ପଞ୍ଚାୟତ, ସମୟ: ପୂର୍ବାହ୍ଣ ୧୧ଟା।
- ବିଜେଡିର କର୍ମୀ ସମାବେଶ ଓ ନିର୍ବାଚନୀ ପ୍ରଚାର, ସ୍ଥାନ: ସତ୍ୟବାଦୀ, ସମୟ: ପୂର୍ବାହ୍ଣ ୧୧ଟା।

## ଖୋର୍ଦ୍ଧା

- ମଦନମୋହନ ନାଟ୍ୟ କଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଧନୁଯାତ୍ରା ପଡ଼ିଆ, ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବାଲେଶ୍ୱର କଂଗ୍ରେସ ଏମ୍‌ପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଜିଲାପାଳଙ୍କ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- କଂଗ୍ରେସର ଜଳେଶ୍ୱର, ବସ୍ତା ଓ ରେମୁଣା ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପ ଜିଲାପାଳଙ୍କ ଅଫିସ, ବାଲେଶ୍ୱର, ସମୟ:ପୂର୍ବାହ୍ଣ ୧୦ଟା।
- ନୀଳଗିରିର ବିଜେଡି ଓ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପ ଜିଲାପାଳଙ୍କ ଅଫିସ, ନୀଳଗିରି, ସମୟ: ପୂର୍ବାହ୍ଣ ୧୦ଟା।

## ଭଦ୍ରକ

- ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା।
- ଧାମନଗର ଭାଜପା ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଅତିରିକ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୧ଟା।
- କଂଗ୍ରେସ ଲୋକ ସଭା ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ, ସ୍ଥାନ: ବିନ୍ଧାବଜାର, ତିହିଡ଼ି, ସମୟ: ଅପରାହ୍ଣ ୪ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଗୁଜିଦରଡ଼ା, ଭଦ୍ରକ, ସମୟ: ଅପରାହ୍ଣ ୫ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଘଣ୍ଟେଶ୍ୱର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଖଣ୍ଡତଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।
- ଭାଜପାର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ, ସ୍ଥାନ: କରଞ୍ଜମାଳ, ଚାନ୍ଦବାଲି, ସମୟ: ରାତି ୯ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜା ଉତ୍ସବ, ସ୍ଥାନ: ସରଳା, ହାଟଡିହୀ, ସମୟ: ସକାଳ ୬ଟା।
- ଭାଜପାର କର୍ମୀ ବୈଠକ ଏବଂ ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୯ଟା।
- କଂଗ୍ରେସ ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ, ସ୍ଥାନ: ମଙ୍ଗଳପୁର ହରିଡ଼ାପାଳ, ଆନନ୍ଦପୁର, ସମୟ: ସକାଳ ୯ ଟା।
- ଭାଜପାର ବାଇକ ରାଲି, ସ୍ଥାନ: ଉଖୁଣ୍ଡା, ପାଟଣା, ସମୟ: ସକାଳ ୯ ଟା।
- ଜୋନ୍ ନଂ. ୩୫ର ୭ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୧୦ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ଅପରାହ୍ଣ ୪ଟା।
- ଭାଜପାର ସାହି ପଦଯାତ୍ରା, ସ୍ଥାନ: କେନ୍ଦୁଝର ସହର ୱାର୍ଡ ନମ୍ବର ୧୪, ସମୟ: ସନ୍ଧ୍ୟା ୫ ଟା।
- ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ: ସନ୍ଧ୍ୟା ୫ ଟା।
- ଭାଜପା ପକ୍ଷରୁ ବଡ ପାଲା, ସ୍ଥାନ: କିଶୋରପୁର୍, କେନ୍ଦୁଝର ସଦର, ସମୟ: ରାତି ୮ଟା।

## ମୟୂରଭଞ୍ଜ

- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୧୦ ଟା।
- ଚୈତ୍ର ପର୍ବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଚିତ୍ରଡ଼ା ଛଉ ପଡ଼ିଆ, ମୋରଡା, ସମୟ: ରାତି ୮ ଟା।

ନିଆଁ ପାଟ ପର୍ବ, ସ୍ଥାନ: ଚିତ୍ରଡା ଶିବ ମନ୍ଦିର, ସମୟ: ସନ୍ଧ୍ୟା ୫ଟା ।

## କୋରାପୁଟ

- ପ୍ରଥମ ପର୍ଯ୍ୟାୟ ମତଦାନର ଶୁଭାରମ୍ଭ କରିବେ ଜିଲାପାଳ, ସ୍ଥାନ : କୋରାପୁଟ ଟାଉନ ହଲ୍ ବୁଥ୍, ସମୟ: ସକାଳ ୭ଟା।
- ୨୨ ବୁଥ୍‌ରେ ମତଦାନ, ସ୍ଥାନ: ଦାମନଯୋଡ଼ି ବ୍ଲକ ମାଥାଲପୁଟ, ମଚିଚମାଳ, ଲିଟିଗୁଡ଼ା ଓ ଡୁମୁରିପଦର ପଞ୍ଚାୟତ ଅଞ୍ଚଳ, ସମୟ: ସକାଳ ୭ଟାରୁ ଆରମ୍ଭ।

## ସମ୍ବଲପୁର

- ଜିଲା କଂଗ୍ରେସର ନିର୍ବାଚନୀ ପଦଯାତ୍ରା, ସ୍ଥାନ : ଗୋଲବଜାର ଛକ, ସମୟ : ପୂର୍ବାହ୍ଣ ୧୦ଟା।
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର

- ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ରଥପୁର,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ, ସ୍ଥାନ: ଶୃଙ୍ଗଦର, ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ ଟା।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ-୧, ସମୟ : ସକାଳ ୯ ଟା ।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ -୧, ସମୟ : ସକାଳ ୯ ଟା ।
- ଡୁଙ୍ଗୁରିପାଲି ବ୍ଲକ ଲରିଆବାହାଲ ଗ୍ରାମରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଲରିଆବାହାଲ ନାମଯଜ୍ଞ ମଣ୍ଡପ, ସମୟ: ଅପରାହ୍ଣ ୨ଟା।
- ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ତରଭା ସହର, ସମୟ: ସନ୍ଧ୍ୟା ୫ଟା।

## ରାଉରକେଲା

- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ଭେଟିବେ ବସ୍ତିବାସୀ,ସ୍ଥାନ: ଉଦିତନଗର, ସମୟ: ସକାଳ ସାଢେ ୯ଟା।
- କଳ୍ପତରୁ ଆଶ୍ରମରେ ବାୟାବାବା ଜୟନ୍ତୀ ଓ ତୃତୀୟ ବାର୍ଷିକ ଉତ୍ସବ ପାଳିତ,ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୮ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କିଶୋରୀ ନର୍ସିଂହୋମ, ବରଗଡ଼, ସମୟ: ସକାଳ ୯ଟା।
- ମାହେଶ୍ୱରୀ ନର୍ସିଂ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା।

## କଳାହାଣ୍ଡି

- ରିଷିଡ଼ା ଚନ୍ଦନଯାତ୍ରାର ଚତୁର୍ଥ ରଜନୀରେ ମଞ୍ଚସ୍ଥ ହେବ ନାଟକ କୀଚକ ବଧ, ସ୍ଥାନ: ରିଷିଡା କନ୍ଧପଡ଼ା, ସମୟ: ରାତି ୯ଟା।

## ବୌଦ୍ଧ

- ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଟିକରାପଡା,ବୌଦ୍ଧ, ସମୟ : ରାତି ୯ଟା।

## ଦେବଗଡ଼

- ଅଷ୍ଟ ପହର ନାମ ଯଜ୍ଞ ଆରମ୍ଭ, ସ୍ଥାନ: ବଣିଆ ସାହି, ଦେବଗଡ, ସମୟ: ସକାଳ ୫ଟା।
- ମା' କନକ ଦୁର୍ଗା ସାର୍କିଲ ଦି ଦିବସୀୟ ରାତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର ପଡ଼ିଆ, ସମୟ: ରାତି ୧୦ଟା ୩୦।

## ଝାରସୁଗୁଡ଼ା

- ବିଜେଡିର ବ୍ଲକସ୍ତରୀୟ ପ୍ରଚାର, ସ୍ଥାନ: କିର୍ମିରା ବ୍ଲକ, ସମୟ: ସକାଳ ୮ଟା।
- ଭାଜପାର ପଦଯାତ୍ରା, ସ୍ଥାନ: ସହରସ୍ଥିତ ପୁରୁଣାବସ୍ତି ଗୁଜରାଟି ପଡ଼ା, ସମୟ: ଅପରାହ୍ଣ ୫ଟା।
- ଚଳିତ ସାଧାରଣ ନିର୍ବାଚନକୁ ନେଇ ଜନମଞ୍ଚ, ସ୍ଥାନ: ସହରସ୍ଥିତ ଖଣ୍ଡା ଛକ, ସମୟ: ରାତି ୮ଟା।

## ଢେଙ୍କାନାଳ

- ପାଣ୍ଡିଆନଙ୍କ ନିର୍ବାଚନୀ ସଭା, ସ୍ଥାନ: ବାଟ ତାରିଣୀ ଛକ ପଡିଆ, ସମୟ: ପୂର୍ବାହ୍ଣ ୧୧ଟା୩୦।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, କଲେଜ ବାଇପାସ୍, ସମୟ: ଅପରାହ୍ଣ ୪ଟା୩୦।
- ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମୋତ୍ସବ ଉପଲକ୍ଷେ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ବିଜେଡିର ନିର୍ବାଚନୀ ବୈଠକ, ସ୍ଥାନ: ବଇଣ୍ଡା, ସମୟ: ପୂର୍ବାହ୍ଣ ୧୦ଟା। ସ୍ଥାନ: ଆଠମଲ୍ଲିକ, ସମୟ: ପୂର୍ବାହ୍ଣ ୧୧ଟା। ସ୍ଥାନ: କୋଶଳା, ସମୟ: ଅପରାହ୍ଣ ୧ଟା୩୦। ସ୍ଥାନ: ରେଙ୍ଗାଳି ପଡ଼ିଆ, ସମୟ: ଅପରାହ୍ଣ ୩ଟା। ସ୍ଥାନ: ହାଣ୍ଡିଧୂଆ, ସମୟ: ଅପରାହ୍ଣ ୪ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ,ସମୟ: ପୂର୍ବାହ୍ଣ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ଣ ୧୧ଟା।
- ବିଜେଡି କାର୍ଯ୍ୟକର୍ତ୍ତା ବୈଠକ, ସ୍ଥାନ: ତୁବେ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ବିଜେଡିର ରୋଡ୍ ଶୋ, ସ୍ଥାନ: ଅନୁଗୋଳ ସହର, ସମୟ: ଅପରାହ୍ଣ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡ଼ା ସଂସଦ ପକ୍ଷରୁ ଛୋଟ ପିଲାଙ୍କ ପାଇଁ ଗ୍ରୀଷ୍ମକାଳୀନ ଖେଳକୁଦ ଶିବିର, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ ଟା୩୦।
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଜଗତ୍‌ସିଂହପୁର ପୌର ପରିଷଦ ୱାର୍ଡ ନଂ. ୨, ସମୟ: ପୂର୍ବାହ୍ଣ ୧୧ଟା।
- କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ନାଉଗାଁ ବ୍ଲକ କୋରୁଆ ପଞ୍ଚାୟତ, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦ୍ରାପଡ଼ା

- ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିଶ୍ଚର ମହାଯଜ୍ଞ ଓ ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଧର୍ମଶାଳା ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରା, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ଜଗତଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ବିଞ୍ଝାରପୁରସ୍ଥିତ ଭାଗବତ ସେବାଶ୍ରମ ପରିସର, ସମୟ: ପୂର୍ବାହ୍ଣ ୧୧ଟା।
- ଧର୍ମଶାଳା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ପ୍ରାର୍ଥିପତ୍ର ଦାଖଲ, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।
- ବ୍ୟାସନଗର ପୌର ପରିଷଦ ଝାଟିଆସାହି ଶନିଶ୍ଚର ମନ୍ଦିର କମିଟି ପକ୍ଷରୁ ଅନୁଷ୍ଠିତ ବାଦିପାଲାର ୨ୟ ଦିବସ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ଣ ୪ଟା।
- ନୟାଗଡର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ ସାଗର ପୋଖରୀ, ସମୟ: ଅପରାହ୍ଣ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୪ର୍ଥ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର୪ର୍ଥ ଦିବସ, ସ୍ଥାନ: ଓଡଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ,ସମୟ: ରାତି ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅନୁକୂଳ ଗ୍ରହସ୍ଥିତି ସହିତ ସ୍ୱଗୃହୀଚନ୍ଦ୍ର ପ୍ରଭାବରୁ ଆନୁଷ୍ଠାନିକ କାର୍ଯ୍ୟ, କର୍ମାରମ୍ଭ, ବନ୍ଧୁମିଳନର ସୁଯୋଗ ମିଳିବ। କୌଣସି ଭଲ କାମରେ ନିଜକୁ ନିୟୋଜିତ କରି ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଶଂସାଭାଜନ ହେବେ। ପରିବାରରେ ନିଜ ଅଧିକାର ଜାହିର କଲେ ଅପଦସ୍ଥ ହେବାକୁ ପଡିପାରେ। ଋଣ ପରିଶୋଧ ପାଇଁ ମାର୍ଗ ପ୍ରଶସ୍ତ ହୋଇ ନ ପାରେ।

**ବୃଷ**
ଆଜିର ଗ୍ରହଯୋଗ ପ୍ରଭାବରୁ ଅର୍ଥ ପାଇବାର ଅଭିଳାଷ ରଖି କୌଣସି ବ୍ୟକ୍ତି ପ୍ରଶଂସା କରିପାରନ୍ତି। ସମସ୍ୟା ବହୁଳ ପାରିବାରିକ ଜୀବନରେ ସାମାନ୍ୟ ରିହାତି ମିଳିପାରେ। ବହୁତ ଦିନରୁ ପ୍ରତୀକ୍ଷା କରିଥିବା ଖବରଟିକୁ ହଠାତ୍ ପାଇ ଉତ୍ଫୁଲ୍ଲିତ ହୋଇଯିବେ। ଆନୁଷ୍ଠାନିକ କାମରେ ଆବଶ୍ୟକ ସହଯୋଗର ଆଶା ବୃଥା ହେବନାହିଁ।

**ମିଥୁନ**
ଧନାଧିପ ଧନସ୍ଥ ଯୋଗୁ ବକେୟା ଆଦାୟ ସକାଶେ ଆଲୋଚନା କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ସମସ୍ୟା ସମାଧାନ ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଆଜିର ଯାତ୍ରାରେ ସତର୍କ ନ ରହିଲେ କିଛି ଜିନିଷ ହଜିଯାଇପାରେ। କର୍ମକ୍ଷେତ୍ରରେ ଜଣେ ସହକର୍ମୀ ସହିତ ସାମାନ୍ୟ କଥାରୁ ଝଗଡା ଲାଗିପାରେ।

**କର୍କଟ**
ଆଜି ରାଶ୍ୟାଧିପଙ୍କ ସୁପ୍ରଭାବରୁ ପ୍ରତ୍ୟେକ ଆଶା ଓ ଅଭିଳାଷ ପୂରଣ ହୋଇଯିବ। କିନ୍ତୁ ଶନିଙ୍କ କୁପ୍ରଭାବରୁ କୌଣସି ଅସୁବିଧା ନ ଥାଇ ମଧ୍ୟ ସବୁ କାମ ବିଳମ୍ବରେ ସମ୍ପନ୍ନ ହେବ। ଗଣତନ୍ତ୍ର, ଲୋକସମ୍ପର୍କ, ସଂଗଠନ ଓ ଆଇନ ଅଦାଲତରୁ ସୁଫଳ ଲଭିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ସିଂହ**
ରବି ଓ ଶନିଙ୍କ ଷଡାଷ୍ଟକ ସ୍ଥିତି ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତି ଉଦ୍ରେକ କରିପାରେ। ଆବଶ୍ୟକତା ପୂରଣ ପାଇଁ ଆଜି କିଛି ଅଧିକ ଅର୍ଥ ଦରକାର ପଡିବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଆଶା ଉଜ୍ଜ୍ୱଳ ହେବାର ଲକ୍ଷ୍ୟ କରିବେ। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ।

**କନ୍ୟା**
ସପ୍ତମସ୍ଥ ତୃତୀୟାଧିପ ହେତୁ ସମ୍ପର୍କୀୟଙ୍କ ଜରିଆରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରିବେ। ଅଭାବ ନ ଥିଲେ ମଧ୍ୟ ବେହିସାବୀ ଖର୍ଚ୍ଚ ସକାଶେ ପରିବାରରୁ ତାଗିଦ୍ ପାଇପାରନ୍ତି। ଆଜି କର୍ମକ୍ଷେତ୍ରରେ ବିବାଦୀୟ ହେବେ। କଳା, କ୍ରୀଡା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ତୁଳା**
ସପ୍ତମଭାବସ୍ଥ ଗ୍ରହପ୍ରଭାବରୁ ଆଜି ଶିଳ୍ପ, ବ୍ୟବସାୟ ଓ ଯାତ୍ରା ପାଇଁ ଦିନଟି ପ୍ରଶସ୍ତ ରହିବ। କୌଶଳକ୍ରମେ ଅନ୍ୟକୁ କାମରେ ଲଗାଇ ଫାଇଦା ହାସଲ କରି ପାରିବେ। ଅନଟନ ଦୂରେଇ ଯିବା ସହ ଆର୍ଥିକ ଅଭିବୃଦ୍ଧି ପାଇଁ କୌଣସି ଯୋଜନା ଫଳପ୍ରସୂ ହୋଇପାରେ। ବନ୍ଧୁମାନଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ପାରନ୍ତି।

**ବିଛା**
ଚନ୍ଦ୍ରଙ୍କ ଏକାଦଶସ୍ଥ ବୃହସ୍ପତି ହେତୁ ଏକାଧାରରେ ଶାରୀରିକ ଓ ମାନସିକ ସୁସ୍ଥତାକୁ ରକ୍ଷିମନ୍ତ କରିବ। ବୈଷୟିକ ଅଭିବୃଦ୍ଧି ଏବଂ ବନ୍ଧୁସମ୍ପର୍କ ଦୃଢୀଭୂତ ହୋଇପାରେ। ରାଶ୍ୟାଧିପ ରାହୁଯୁକ୍ତ କାରଣରୁ ନେଗେଟିଭ୍ ଚିନ୍ତା ମନକୁ ଆକ୍ରାନ୍ତ କରିପାରେ। ପରିବାରର ସମସ୍ୟା ଦିଗରେ ବନ୍ଧୁ ପରାମର୍ଶ ଗ୍ରହଣଯୋଗ୍ୟ ହେବ।

**ଧନୁ**
ଆଜି ଦିନର ଗ୍ରହସ୍ଥିତି ଭଲ ନ ଥିବାରୁ ଜଗିରଖି ଚଳିବା ଭଲ। କୋଣଭାବସ୍ଥ ଗ୍ରହଜନିତ ଯାହା ଚାହୁଁଥିବେ ତାହା ପାଇବାରେ ଅସୁବିଧା ହୋଇ ନ ପାରେ। ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରତିଷ୍ଠା ମିଳିବ। ରାଜନୀତି, ଆଇନ, ଗବେଷଣା, ସଭାସମିତି କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେବାର ସୂଚନା ମଧ୍ୟ ରହିଛି।

**ମକର**
ଆଜିର ସପ୍ତମସ୍ଥ ସ୍ୱଗୃହୀଚନ୍ଦ୍ର ହେତୁ ଯାତ୍ରା, ବାଣିଜ୍ୟ ଦିଗରୁ ସୁଫଳ ମିଳିବ। ଦୈନନ୍ଦିନ କାମରେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଏବଂ ଆପଣଙ୍କ ସକାଶେ କିଛି ମଧ୍ୟ କରିପାରନ୍ତି। ଗୁରୁଜନଙ୍କ କଥାକୁ ଭାଙ୍ଗି ନ ପାରି ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ବିବାଦୀୟ ପରିସ୍ଥିତିର ମୁକାବିଲା କରିବାକୁ ପଡିପାରେ।

**କୁମ୍ଭ**
ଦେହରେ ବସାବାନ୍ଧି ରହିଥିବା ରୋଗ, ଶୁଝିପାରୁ ନ ଥିବା ଋଣ ଏବଂ ସମାଲୋଚନା କରୁଥିବା ଲୋକଟି ପାଇଁ ଚିନ୍ତା ବଢିଯିବ। ଗୁରୁଜନଙ୍କ ଉତ୍ସାହ ପାଇ ଦୁଃସାଧ ସାଧନ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜନୈତିକ ଆଲୋଚନା, ବ୍ୟବସାୟିକ ପରିସ୍ଥିତି ସକାଶେ ବ୍ୟସ୍ତତା ପ୍ରକାଶ କରିବେ।

**ମୀନ**
ପରିବାରରେ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାକୁ ସମାଧାନ କରିବାରେ ସଫଳ ହେବେ। ସାହିତ୍ୟ ଚର୍ଚ୍ଚା,ସଭାସମିତି, ଦୂର ଭ୍ରମଣ, ରାଜନୀତି ଏବଂ ପ୍ରଶାସନିକ କାର୍ଯ୍ୟ ପାଇଁ ଦିନଟି ଭଲ। କେତେକ ବ୍ୟକ୍ତିଙ୍କ ଅସହଯୋଗଜନିତ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ପୁରାତନ ରୋଗଜନିତ ଶାରୀରିକ ପୀଡାରେ କଷ୍ଟ ପାଇପାରନ୍ତି।

ଆଜି ମେ' ୧୩ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ବୈଶାଖ ଶୁକ୍ଳ ଷଷ୍ଠୀ ସୋମବାର, ରାଶି ନକ୍ଷତ୍ର-ପୁନର୍ବସୁ/କର୍କଟ, ଦିବା ଘ.୧୧।୨୪ ଗତେ, ପୁଷ୍ୟା ନକ୍ଷତ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୫ ଗତେ, ଘ.୦୬।୫୨ ମଧ୍ୟେ, ଘ.୧୦।୨୫ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୫୨ ମି. ଗତେ, ଘ.୦୮।୨୯ ମଧ୍ୟେ ରାହୁକାଳ।

# ବିସ୍ଫୋରଣରେ ଯୁବତୀଙ୍କ ମୃତ୍ୟୁ

**ମାଲକାନଗିରି, ୧୨।୫ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାର ଏକ ଜଙ୍ଗଲ ରାସ୍ତାରେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଖଞ୍ଜିଥିବା ଏକ ପ୍ରେସର ବୋମା ବିସ୍ଫୋରଣରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ମଲ୍ଲୁର ଗ୍ରାମର ଶାନ୍ତି (୨୨) ବୋଲି ଜଣାପଡିଛି। ବିଜାପୁର ଜିଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ମଲ୍ଲୁର ଗ୍ରାମ ଜଙ୍ଗଲ ରାସ୍ତାରେ ଅଘଟଣ ଘଟାଇବା ଲକ୍ଷ୍ୟରେ ମାଓବାଦୀମାନେ ଏକ ପ୍ରେସର ବୋମା ଖଞ୍ଜିଥିଲେ। ଶାନ୍ତି କେନ୍ଦୁପତ୍ର ତୋଳିବା ପାଇଁ ଜଙ୍ଗଲକୁ ଯାଉଥିବା ବେଳେ ଏହି ବୋମା ସଂସ୍ପର୍ଶରେ ଆସିଥିଲେ।

**ମାଓବାଦୀ ଖଞ୍ଜିଥିଲେ ପ୍ରେସର ବୋମା**

ବୋମା ଉପରେ ତାଙ୍କ ପାଦ ପଡିବା ମାତ୍ରେ ଏହା ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଶାନ୍ତିଙ୍କ ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ସବୁ ସମୟରେ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ମାଓବାଦୀମାନେ ଏହି ପ୍ରେସର ବୋମା ପୋତିଥିଲେ। ଏ ସମ୍ପର୍କରେ ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ କହିଛନ୍ତି ଯେ, ପ୍ରେସର ବୋମା ସଂସ୍ପର୍ଶରେ ଆସି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ଏନେଇ ତଦନ୍ତ ଜାରି ରହିଛି।

# ଟ୍ରକ୍ ଚଢ଼ିଗଲା, କଲେଜ ଅଧ୍ୟକ୍ଷ ମୃତ

**ନିଆଳି, ୧୨।୫(ସୁକାନ୍ତ କୁମାର ସିଂହ)**

କଟକ ଜିଲା ନିଆଳି ବଜାରରେ ରବିବାର ପୂର୍ବାହ୍ଣରେ ଦୁର୍ଘଟଣାରେ ଜଣେ କଲେଜ ଅଧ୍ୟକ୍ଷଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାପଡା ବ୍ଲକ ଅଧୀନ ଧାନମଣ୍ଡଳ ଗ୍ରାମର କୃଷ୍ଣଚନ୍ଦ୍ର ପାଢୀ। ଅସ୍ତରଙ୍ଗ ଥାନା ଅଞ୍ଚଳରେ ଥିବା ନିଗମାନନ୍ଦ ସଂସ୍କୃତ କଲେଜର ସେ ଅଧ୍ୟକ୍ଷ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ରବିବାର ନିଆଳି ହାଟ ଥିବାରୁ ବ୍ୟବସାୟୀମାନେ ରାସ୍ତାପାର୍ଶ୍ୱରେ ବସି ବ୍ୟବସାୟ କରୁଥିଲେ। ପୂର୍ବାହ୍ଣ ପ୍ରାୟ ୯ଟାରେ କଟକ ପଟୁ ଏକ ମାଲବୋଝେଇ ଟ୍ରକ୍ କାକଟପୁର ଅଭିମୁଖେ ଯାଉଥିବାବେଳେ ବାଇକ୍‌ରେ ଯାଉଥିବା କୃଷ୍ଣଚନ୍ଦ୍ରଙ୍କ ଗାଡି ଟ୍ରକ ଡାଲାରେ ବାଜିଯିବାରୁ ଭାରସାମ୍ୟ ହରାଇ ସେ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ଜଙ୍ଘ ଉପରେ ଟ୍ରକ୍ ଚକ ଚଢିଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତୁରନ୍ତ ଏନେଇ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଲୋକମାନେ ଏକ ଟ୍ରଲିରେ କୃଷ୍ଣଚନ୍ଦ୍ରଙ୍କୁ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ତାଙ୍କ ରକ୍ତସ୍ରାବ ବନ୍ଦ ହୋଇ ନ ଥିଲା। ପରେ ତାଙ୍କୁ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଯଦି ଠିକ୍ ଭାବେ ଚିକିତ୍ସା କରାଯାଇଥାନ୍ତା ତା'ହେଲେ କୃଷ୍ଣଚନ୍ଦ୍ର ବଞ୍ଚିଯାଇଥାଆନ୍ତେ ବୋଲି ସ୍ଥାନୀୟ ଲୋକ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏସ୍. ନବୀନ କହିଛନ୍ତି, ମେଡିକାଲରେ ଆବଶ୍ୟକ ଯନ୍ତ୍ରପାତି ନାହିଁ। ତେଣୁ ତାଙ୍କର ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସରେ କଟକ ବଡ ମେଡିକାଲ ପଠାଇ ଦେଇଥିଲୁ।

**ପ୍ରଥମ ପୃଷ୍ଠାରୁ...**

## ନିର୍ବାଚନ ପାଇଁ ୧୭ ...

୬୦୦ ମୋବାଇଲ ପାଟ୍ରୋଲିଂ ପାର୍ଟି କାର୍ଯ୍ୟକ୍ଷମ ହୋଇଥିବାବେଳେ ପ୍ରତ୍ୟେକ ମୋବାଇଲ ପାର୍ଟିରେ ଜଣେ ଅଫିସର, ଜଣେ ହାବିଲଦାର ଓ ଦୁଇଜଣ କନ୍‌ଷ୍ଟେବଲ ରହିବେ। ୧୦ରୁ ୧୨ଟି ବୁଥ୍‌କୁ ପ୍ରତ୍ୟେକ ମୋବାଇଲ ପାଟ୍ରୋଲିଂ ପାର୍ଟିଂ ପହଞ୍ଚିବ। ଅଧିକାଂଶ ମୋବାଇଲ ପାର୍ଟିରେ ଜିପିଏସ୍ ଲୋକେଶନ ଥିବାବେଳେ ଜିଲା ହେଡ୍‌କ୍ୱାର୍ଟରରୁ ଏହାକୁ ମନିଟର୍ କରାଯିବ। ନିର୍ବାଚନ ପରିଚାଳନା ଓ ଆଇନଶୃଙ୍ଖଳା ରକ୍ଷା କରିବାରେ ଏହି ମୋବାଇଲ ପାଟ୍ରୋଲିଂ ପାର୍ଟି ମୁଖ୍ୟ ଭୂମିକା ନେବ। ସେହିପରି ଏହି ୯ଟି ଜିଲାରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ସୀମାକୁ ଲାଗି ୫୧ଟି ଆନ୍ତଃରାଜ୍ୟ ବର୍ଡର ଚେକ୍ ପୋଷ୍ଟ ରହିଛି। ସବୁଠି ସିସିଟିଭି ଲଗାଯାଇଛି। ଜିଲାଗୁଡ଼ିକ ଭିତରେ ୫୦ ଚେକ୍ ପୋଷ୍ଟ କରାଯାଇ ସମସ୍ତ ଗାଡ଼ି ଯାଞ୍ଚ କରାଯାଉଛି। ୨୧୦ ଫ୍ଲାଇଂ ସ୍କ୍ୱାଡ୍ ମୁତୟନ କରାଯାଇଛି। ୧୯୫ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ ନିୟୋଜିତ ହୋଇ ଯାନବାହନ ଓ ଲୋକଙ୍କୁ ଯାଞ୍ଚ କରୁଛନ୍ତି। ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍‌ରେ ପୋଲିସ ସମେତ ଅନ୍ୟ ବିଭାଗର କର୍ମଚାରୀ ମଧ୍ୟ ରହିଛନ୍ତି। ୧୫ଟି ଇଭିଏମ୍ ଷ୍ଟ୍ରଙ୍ଗ୍‌ରୁମ୍ କରାଯାଇଥିବାବେଳେ ନିର୍ବାଚନ ସରିବା ପରେ ଏଠାରେ କଡ଼ା ସୁରକ୍ଷା ମଧ୍ୟରେ ଇଭିଏମ୍ ରହିବ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଷ୍ଟ୍ରଙ୍ଗ୍‌ରୁମ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସିଏପିଏଫ୍ ଓ ବାହ୍ୟ ସୁରକ୍ଷା ପାଇଁ ଏସ୍‌ଏପି ନିୟୋଜିତ ହେବେ। ପ୍ରତ୍ୟେକ ଷ୍ଟ୍ରଙ୍ଗ୍‌ରୁମ୍ ପାଇଁ ଗୋଟିଏ ଲେଖାଏ ପ୍ଲାଟୁନ୍ ସିଏପିଏଫ୍ ଓ ଏସ୍‌ଏପି ଦାୟିତ୍ୱରେ ରହିବେ। ନିର୍ବାଚନ ହେବାକୁ ଥିବା ଜିଲା ମଧ୍ୟରୁ ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ। ତେଣୁ ଏସବୁ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ଗତ ୪ ମାସ ହେବ ଅର୍ଥାତ୍ ଜାନୁଆରୀ ୧ରୁ ଏଯାଏ ୫୩୯ଟି ମାଓବାଦୀ ବିରୋଧୀ ଅପରେଶନ କରାଯାଇଛି। ଗତ ୨ଦିନ ହେବ ଏଥିରେ ସିଏପିଏଫ୍‌ର ୧୩୮ଟି ଅପରେଶନ ପାର୍ଟି ଏବଂ ୩୭ଟି ଏସ୍‌ଓଜି/ଡିଭିଏଫ୍ ପାର୍ଟି ନିୟୋଜିତ କରାଯାଇଛି। ୩ଦିନ ଧରି ଏହି ପାର୍ଟି ଜଙ୍ଗଲରେ ରହି ମାଓବାଦୀ ବିରୋଧୀ ଅପରେଶନ୍ କରିବେ। ଆମ ପକ୍ଷରୁ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ସେମାନଙ୍କ ସୀମାବର୍ତ୍ତୀ ସ୍ଥାନରେ ଅପରେଶନ କରିବାକୁ ଅନୁରୋଧ କରାଯାଇଥିଲା। ଏବେ ଛତିଶଗଡ଼ ୫ ସ୍ଥାନରେ ଏବଂ ଆନ୍ଧ୍ରପ୍ରଦେଶ ୯ ସ୍ଥାନରେ ଅପରେଶନ କରୁଛି। ଅତିରିକ୍ତ ଡିଜି (ଅପରେଶନ୍) ଦେବଦତ୍ତ ସିଂ ମାଓବାଦୀ ଅଞ୍ଚଳରେ କ୍ୟାମ୍ପ କରି ମାଓବାଦୀ ବିରୋଧୀ ଅଭିଯାନ ଓ ଗୋଇନ୍ଦା ସମ୍ପର୍କରେ ତଦାରଖ କରୁଛନ୍ତି ବୋଲି ଡିଜିପି କହିଛନ୍ତି।

## କାର୍ ଓଲଟି ୨ ସାଙ୍ଗ ...

ଫୋନ୍ କରିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅନ୍ୟ ଏକ ଗାଡିରେ ସେମାନଙ୍କୁ ଭଞ୍ଜନଗର ମେଡିକାଲ ପଠାଇଥିଲେ। ସେଠାରେ ବେଲଗୁଣ୍ଠାର ଏମ୍. ପ୍ରଧାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ଭଞ୍ଜନଗର-ଫୁଲବାଣୀ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହା ପୂର୍ବରୁ ଠିକ୍ ଏହି ସ୍ଥାନରେ ଗତ ଏପ୍ରିଲ ୭ ତାରିଖରେ ବାଇକ୍‌ରେ ନିଧିଆପଲ୍ଲୀର ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଏହି ଜାତୀୟ ରାଜପଥରେ ଥିବା କଳିଙ୍ଗା ଘାଟିରେ ମଧ୍ୟ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଲୋକ ମୃତାହତ ହୋଇଛନ୍ତି। ଉକ୍ତ ରାସ୍ତା କାମ ନେଇଥିବା ଠିକାଦାର କାର୍ଯ୍ୟ ସମ୍ପୂର୍ଣ୍ଣ କରିନାହାନ୍ତି। ତେଣୁ ଦ୍ରୁତ ଗତିରେ ଯାଉଥିବା ଗାଡି ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# 'ଶ୍ରୀକାନ୍ତ'ରେ ରାଜକୁମାରଙ୍କ ଜଲୱା



**ମୁମ୍ବାଇ:** ଭିନ୍ନ ଚରିତ୍ରରେ ଅଭିନୟ କରିବାରେ ଅଭିନେତା ରାଜକୁମାର ରାଓ ବେଶ୍ ଜଣାଶୁଣା। ପ୍ରତ୍ୟେକ ଚଳଚ୍ଚିତ୍ରରେ ତାଙ୍କର ଭିନ୍ନ ଅନ୍ଦାଜ ଦେଖିବାକୁ ମିଳିଥାଏ। ରାଜକୁମାରଙ୍କ ଅଭିନୀତ ସମସ୍ତ ଚଳଚ୍ଚିତ୍ର ହିଟ୍ ହେଉ ନ ଥିଲେ ମଧ୍ୟ ତାଙ୍କ ଅଭିନୟକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଥାନ୍ତି। ରାଜକୁମାର ରାଓ ଏବେ ତାଙ୍କ ଚଳଚ୍ଚିତ୍ର 'ଶ୍ରୀକାନ୍ତ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏହି ଚଳଚ୍ଚିତ୍ରରେ ସେ ଦେଶର ବିଶିଷ୍ଟ ଦୃଷ୍ଟିହୀନ ବ୍ୟବସାୟୀ ଶ୍ରୀକାନ୍ତ ବଲ୍ଲାଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଫିଲ୍ମ ଗତ ଶୁକ୍ରବାର ରିଲିଜ୍ ହୋଇଥିବାବେଳେ ଏଥିରେ ରାଜକୁମାରଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରୁଛନ୍ତି। ପ୍ରଥମ ୨ ଦିନର ରୋଜଗାରରୁ ଏହି ଚଳଚ୍ଚିତ୍ର ହିଟ୍ ହେବାକୁ ଯାଉଥିବା ନେଇ ଅନେକ ଫିଲ୍ମ ସମୀକ୍ଷକ ମତ ଦେଇଛନ୍ତି।

ପ୍ରଥମ ଦିନରେ 'ଶ୍ରୀକାନ୍ତ' ଚଳଚ୍ଚିତ୍ର ବକ୍ସ ଅଫିସରୁ ୨.୨୫ କୋଟି ଟଙ୍କା ସଂଗ୍ରହ କରିବାରେ ସଫଳ ହୋଇଥିଲା। ସେହିପରି ଦ୍ୱିତୀୟ ଦିନ ଅର୍ଥାତ ଶନିବାର ଏହି ଫିଲ୍ମର ରୋଜଗାର ଆହୁରି ବଢ଼ିଛି। ରିପୋର୍ଟ୍ ଅନୁଯାୟୀ ଶନିବାର ଏହି ଚଳଚ୍ଚିତ୍ର ୪ କୋଟି ଟଙ୍କା ରୋଜଗାର କରିଛି। ଏହାସହ ୨ ଦିନ ମଧ୍ୟରେ 'ଶ୍ରୀକାନ୍ତ' ସମୁଦାୟ ୬.୨୫ କୋଟି ଟଙ୍କା ବକ୍ସ ଅଫିସରୁ ସଂଗ୍ରହ କରିପାରିଛି। ପ୍ରାୟ ୪୦ କୋଟି ଟଙ୍କା ବଜେଟରେ ନିର୍ମିତ ଏହି ଫିଲ୍ମର ରୋଜଗାର ରବିବାର ଆହୁରି ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଚଳିତ ସପ୍ତାହରେ 'ଶ୍ରୀକାନ୍ତ' ବ୍ୟତୀତ ପ୍ରେକ୍ଷାଳୟରେ ଅନ୍ୟ କୌଣସି ବଡ ଫିଲ୍ମ ରିଲିଜ୍ ହେଉ ନ ଥିବାରୁ ଏହି ଫିଲ୍ମ ଆଗାମୀ ଦିନରେ ଭଲ ପ୍ରଦର୍ଶନ କରିପାରିବ ବୋଲି ଫିଲ୍ମ ସମୀକ୍ଷକମାନେ ଆଶାବ୍ୟକ୍ତ କରିଛନ୍ତି।

# ଏଡିଆର୍ ରିପୋର୍ଟ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ: ୧୩ ପ୍ରାର୍ଥୀ କୋଟିପତି

## ୪୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ ଜଣଙ୍କ ନାଁରେ ଆପରାଧିକ ମାମଲା

**ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)**

ଆସନ୍ତା ୨୦ ତାରିଖରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ମୋଟ୍ ୫ ଲୋକ ସଭା ଆସନ ପାଇଁ ନିର୍ବାଚନ ହେଉଥିବା ବେଳେ ମୋଟ୍ ୪୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେଥିମଧ୍ୟରୁ ୬ ଜଣ (୧୫%) ମହିଳା ପ୍ରାର୍ଥୀ ଥିବା ରିପୋର୍ଟରେ ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯେତିକି ପ୍ରାର୍ଥୀ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୧୩ ଜଣ କୋଟିପତି। ଏହି ପର୍ଯ୍ୟାୟରେ ଆସ୍କା, ବରଗଡ଼, ବଲାଙ୍ଗୀର, କନ୍ଧମାଳ ଏବଂ ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା ଆସନଗୁଡ଼ିକ ନିମନ୍ତେ ଭୋଟ ଗ୍ରହଣ କରାଯିବ। ଉକ୍ତ ୫ ଲୋକ ସଭା ଆସନରେ ୪୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠକୁ ଭିତ୍ତିକରି ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର) ଓ ଓଡ଼ିଶା ଇଲେକ୍ସନ୍ ୱାଚ୍ ପକ୍ଷରୁ ପ୍ରାର୍ଥୀମାନଙ୍କ ଆପରାଧିକ ପୃଷ୍ଠଭୂମି, ଆର୍ଥିକ ସ୍ଥିତି, ଶିକ୍ଷା ଆଦି ଉପରେ ବିଶ୍ଳେଷଣ କରାଯାଇ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୪୦ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣ ଡକ୍ଟରେଟ୍ ଡିଗ୍ରୀଧାରୀ ହୋଇଥିବାବେଳେ ୭ ଜଣ ସ୍ନାତକୋତ୍ତର, ୩ ଜଣ ସ୍ନାତକ ବୃତ୍ତିଧାରୀ, ୯ ଜଣ ସ୍ନାତକ ଡିଗ୍ରୀଧାରୀ, ୮ ଜଣ ଦ୍ୱାଦଶ ଉତ୍ତୀର୍ଣ୍ଣ, ୮ ଜଣ ଦଶମ ଉତ୍ତୀର୍ଣ୍ଣ ବୋଲି ଦର୍ଶାଇଛନ୍ତି। ଜଣେ ପଞ୍ଚମ ଓ ୨ ଜଣ ଅଷ୍ଟମ ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୧୦ (୨୫%) ପ୍ରାର୍ଥୀଙ୍କ ବୟସ ୨୫-୪୦ ବର୍ଷ ମଧ୍ୟରେ ହୋଇଥିବାବେଳେ ୨୩ (୫୭.୫%) ପ୍ରାର୍ଥୀଙ୍କ ବୟସ ୪୧-୬୦ ବର୍ଷ ମଧ୍ୟରେ ଏବଂ ୭ (୧୭.୫%) ପ୍ରାର୍ଥୀଙ୍କ ବୟସ ୬୧-୭୦ ବର୍ଷ ମଧ୍ୟରେ ରହିଛି।

ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୪୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ ଜଣ(୩୦%)ଙ୍କ ନାମରେ ଆପରାଧିକ ମାମଲା ରହିଛି। ୮ ଜଣଙ୍କ ବିରୋଧରେ ଗୁରୁତର ଆପରାଧିକ ମାମଲା ଥିବା ସେମାନେ ଘୋଷଣା କରିଛନ୍ତି। ଜଣେ ପ୍ରାର୍ଥୀଙ୍କ ନାମରେ ହତ୍ୟା ସମ୍ବନ୍ଧିତ ମାମଲା, ୪ ପ୍ରାର୍ଥୀଙ୍କ ନାମରେ ହତ୍ୟା ଉଦ୍ୟମ ଏବଂ ୪ ପ୍ରାର୍ଥୀଙ୍କ ନାମରେ ମହିଳା ବିରୋଧୀ ଅପରାଧ ମାମଲା ରହିଛି। ଦଳୱାରି ଦେଖିଲେ ଭାଜପାର ୫ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେହିପରି ବିଜେଡି ଓ କଂଗ୍ରେସର ଜଣେ ଲେଖାଏ ପ୍ରାର୍ଥୀଙ୍କ ନାମରେ ମାମଲା ଅଛି। ନ୍ୟାଶନାଲ ଅପନୀ ପାର୍ଟିର ୩ରୁ ୧, ନ୍ୟାଶନାଲ ଜନ ଦଳର ଜଣେ, ସନାତନ ସଂସ୍କୃତି ରକ୍ଷା ଦଳର ଜଣେ, ନବଭାରତ ନିର୍ମାଣ ସେବା ପାର୍ଟିର ଜଣେ ଏବଂ ୭ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ଅନ୍ୟ ଦଳର ୧୨ ପ୍ରାର୍ଥୀଙ୍କ ବିରୋଧରେ କୌଣସି ମାମଲା ନ ଥିବା କୁହାଯାଇଛି। କଂଗ୍ରେସର ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀଙ୍କ ବିରୋଧରେ ସର୍ବାଧିକ ୧୦ ମାମଲା ଓ ଭାଜପାର ବରଗଡ଼ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ବିରୋଧରେ ୮ଟି ମାମଲା ରହିଛି।

ସେହିପରି ରିପୋର୍ଟ ମୁତାବକ, ୪୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ(୩୩%) କୋଟିପତି। ବିଜେଡି, ଭାଜପା ଓ କଂଗ୍ରେସର ୪ ଲେଖାଏଁ ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ ରହିଛି। ଭାଜପା ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂହଦେଓ ସବୁଠୁ ଧନୀ ପ୍ରାର୍ଥୀ।। ସଙ୍ଗୀତାଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୬୭ କୋଟି ଟଙ୍କାରୁ ଅଧିକ ହେବ। ସଙ୍ଗୀତାଙ୍କ ତଳକୁ ବିଜେଡିର ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ ଧନୀ ତାଲିକାରେ ୨ୟରେ ଅଛନ୍ତି। ତାଙ୍କ ପାଖରେ ୧୨ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ରହିଛି। ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ସହ ୩ୟ ଧନୀ ପ୍ରାର୍ଥୀ ହେଲେ ଭାଜପାର ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ଜୁଏଲ ଓରାମ। ସୁରେନ୍ଦ୍ର ଭୋଇଙ୍କ ସମ୍ପତ୍ତିର ମୂଲ୍ୟ ୫ କୋଟିରୁ ଅଧିକ ହେବ। ସେହିପରି ସବୁଠୁ କମ୍ ସମ୍ପତ୍ତି ଥିବା ୩ ପ୍ରାର୍ଥୀ ହେଲେ ନ୍ୟାଶନାଲ ଅପନୀ ପାର୍ଟିର ବରଗଡ଼ ପ୍ରାର୍ଥୀ ଦେବିକା ସିକା, ବଲାଙ୍ଗୀରର ସ୍ୱାଧୀନ ପ୍ରାର୍ଥୀ ବଳରାମ ସ' ଏବଂ ଏସୟୁସିଆଇ(ସି)ର ସୁନ୍ଦରଗଡ଼ ପ୍ରାର୍ଥୀ ଜଷ୍ଟିନ୍ ଲୁଗୁନ୍ ରହିଛନ୍ତି। ସବୁଠୁ ଗରିବ ପ୍ରାର୍ଥୀ ଦେବିକାଙ୍କ ପାଖରେ ୧୦ ହଜାରରୁ ଊର୍ଦ୍ଧ୍ୱ ସମ୍ପତ୍ତି ଥିବାବେଳେ ବଳରାମଙ୍କ ପାଖରେ ୩୦ ହଜାର ଏବଂ ଜଷ୍ଟିନଙ୍କ ପାଖରେ ୩୩ ହଜାରରୁ ଅଧିକ ଟଙ୍କାର ସମ୍ପତ୍ତି ଥିବା ଉଲ୍ଲେଖ ରହିଛି। ଦିଲୀପ ତିର୍କୀଙ୍କ ୧ କୋଟି ୫୮ ଲକ୍ଷ ୩୮ ହଜାର ୮୧୫ ଟଙ୍କାର ଋଣ ରହିଥିବା ବେଳେ ଜୁଏଲ ଓରାମ ୧ କୋଟି ୩ ଲକ୍ଷ ୬୧ ହଜାର ୬୧୬ ଟଙ୍କା ଏବଂ ବିଜେଡିର ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ୧ କୋଟି ୨ ଲକ୍ଷ ୨୯ ହଜାର ୯୨୬ ଟଙ୍କାର ଋଣ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ରାଜନୀତି ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଚାହୁଁଥିଲେ ନନ୍ଦିନୀ

## ୱାକିଂ ବୁକ୍‌ଫେୟାର୍ସରେ ନନ୍ଦିନୀଙ୍କ ଜୀବନୀ ପୁସ୍ତକର ଆଲୋଚନା



ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ସମ୍ପର୍କରେ ଲେଖିକା ପଲ୍ଲବୀ ରେବପ୍ରଗଡ଼ା ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୧୨।୫ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଜଣେ ଆଇକନ୍। ଓଡ଼ିଶା ନନ୍ଦିନୀଙ୍କୁ ସମଗ୍ର ଭାରତ ବର୍ଷକୁ ଭେଟି ଦେଇଛି। ଆମେ ସମସ୍ତେ ତାଙ୍କ ତ୍ୟାଗକୁ ମନେରଖିବା ଉଚିତ। କେବଳ ରାଜନୀତି ନୁହେଁ, ସଂସ୍କୃତି, ସିନେମା, ସମାଜ ପାଇଁ ତାଙ୍କର ଅନେକ ଅବଦାନ ରହିଛି। ରାଜନୀତି ତାଙ୍କର ମୂଳ ଲକ୍ଷ୍ୟ ନ ଥିଲା। ରାଜନୀତି ମାଧ୍ୟମରେ ସାମାଜିକ ପରିବର୍ତ୍ତନ ସେ ଚାହୁଁଥିଲେ ବୋଲି ଲେଖିକା ପଲ୍ଲବୀ ରେବପ୍ରଗଡ଼ା କହିଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ ୱାକିଂ ବୁକ୍‌ଫେୟାର୍ସଠାରେ ପଲ୍ଲବୀଙ୍କ ଲିଖିତ ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ସମ୍ପର୍କରେ ଆଲୋଚନା ଓ ବୁକ୍ ସାଇନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁସ୍ତକ ଓ ଏହାକୁ ଲେଖିବା ସମୟର ଅନୁଭୂତି ସେ ଉପସ୍ଥିତ ଦର୍ଶକଙ୍କ ସହ ବାଣ୍ଟିଥିଲେ। ଉପସ୍ଥିତ ଦର୍ଶକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ, ନନ୍ଦିନୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ରାଜ୍ୟ ତଥା ଭାରତରେ ମଧ୍ୟ ନାହିଁ, ଯାହା ଏକ ଆଶ୍ଚର୍ଯ୍ୟର ବିଷୟ। ଏମିତିକି ତାଙ୍କ ସମୟରେ ହୋଇଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ରହିଥିବା ତଥ୍ୟରେ ନନ୍ଦିନୀଙ୍କ ନାମ ଉଲ୍ଲେଖ ନାହିଁ। ଏହା ତାଙ୍କ ପ୍ରତି ଏକ ଅନ୍ୟାୟ। ମାତ୍ର ବିଦେଶ ପତ୍ରିକାରେ ତାଙ୍କ ବିଷୟରେ ଅନେକ ତଥ୍ୟ ରହିଛି। କାରଣ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ସହ ନନ୍ଦିନୀଙ୍କ ଜୀବନ ମଧ୍ୟ ସମାନ୍ତରାଳ ଥିଲା। ସେହି ସମୟରେ ଉଭୟଙ୍କ ସମ୍ପର୍କରେ ବାହାର ପତ୍ରିକାରେ ପ୍ରକାଶ ପାଉଥିଲା, ଯାହା ମୋତେ ତାଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ଼ କରିବାକୁ ସାହାଯ୍ୟ କରିଥିଲା। ନିଜର ଏକ ଅନୁଭୂତି ବାଣ୍ଟି ସେ କହିଲେ, ଯେବେ ମୁଁ ବାଂଲାଦେଶ ଯାଇଥିଲି ତଥ୍ୟ ସଂଗ୍ରହ ପାଇଁ, ମୁଁ ଆଶ୍ଚର୍ଯ୍ୟ ହେଲି ସେଠାକାର ଲୋକେ ଆଜି ବି ନନ୍ଦିନୀଙ୍କୁ ମନେରଖିଛନ୍ତି। ସେମାନେ ନନ୍ଦିନୀଙ୍କୁ ବହୁତ ଭଲପାଆନ୍ତି। ଦୁଃଖର କଥା, ନନ୍ଦିନୀ ଭାରତ ତଥା ଓଡ଼ିଶାର ଏତେ ନିକଟତର ହୋଇ ମଧ୍ୟ ଆମେ ତାଙ୍କୁ ଭୁଲିଯାଉଛନ୍ତି। ହେଲେ ସେମାନେ ଆଜି ବି ତାଙ୍କୁ ମନେରଖିଛନ୍ତି ଓ ଭଲପାଆନ୍ତି। ଏହି ପୁସ୍ତକ ପଢ଼ିବା ସହ ତାଙ୍କ ବିଷୟରେ ସମସ୍ତେ ଜାଣିବାର ଆବଶ୍ୟକତା ରହିଛି। ପୁରୁଷ ପ୍ରାଧାନ୍ୟ ସମୟରେ ରାଜନୀତିଠୁ ନେଇ ସାମାଜିକ ଜୀବନରେ ସେ କିଭଳି ନିଜକୁ ସବୁଠି ଦମ୍ଭର ସହ ପ୍ରତିପାଦିତ କରିଥିଲେ ତାହା ସମସ୍ତଙ୍କ ପାଇଁ ଏକ ପ୍ରେରଣା ବୋଲି ଲେଖିକା ରେବପ୍ରଗଡ଼ା କହିଥିଲେ। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସାହିତ୍ୟିକ ତଥା ପ୍ରକାଶକ ମନୁ ଦାସ, ଲେଖକ ଆଶିଷ ରଞ୍ଜନ ମହାପାତ୍ର, ୱାକିଂ ବୁକ୍‌ଫେୟାର୍ସର ପ୍ରତିଷ୍ଠାତା ଅକ୍ଷୟ ବହିବାଲା ଓ ଶତାବ୍ଦୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାଓବାଦୀ ଅଞ୍ଚଳକୁ ସ୍ୱତନ୍ତ୍ର ହେଲିକପ୍ଟରରେ ଗଲେ ପୋଲିଂ ପାର୍ଟି

**ନୂଆପଡ଼ା, ୧୨।୫ (ମକାରୁ ବେମାଲ)**



ନୂଆପଡ଼ା ଜିଲାର ମାଓବାଦୀ ଉପଦ୍ରୁତ ଅଞ୍ଚଳକୁ ସ୍ୱତନ୍ତ୍ର ହେଲିକପ୍ଟରରେ ଯିବାଲାଗି ପୋଲିଂ ପାର୍ଟି ପ୍ରସ୍ତୁତ ହୋଇ ରହିଛନ୍ତି।

ନୂଆପଡ଼ା ଜିଲାର ମାଓବାଦୀ ଉପଦ୍ରୁତ ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳକୁ ରବିବାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୋଲିଂ ପାର୍ଟିକୁ ପଠାଯାଇଛି। ଅଭୟାରଣ୍ୟ ଭିତରେ ୫ଟି ପୋଲିଂ ବୁଥ ସୁନାବେଡା, ଗାତିବେଡା, ଦେଓସିଲ, ସୋସେଙ୍ଗ, ଜାମଗାଁ ରହିଛି। ଖରିଆରରୋଡସ୍ଥିତ ଗୋଟମା ଉଡାଜାହାଜ ପଡିଆରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ୫ଟି ବୁଥର ପୋଲିଂ ପାର୍ଟିକୁ ଥରକୁ ୧୪ ଜଣ କରି ସୁନାବେଡାକୁ ପଠାଯାଇଛି। ସେମାନେ ସୁନାବେଡା, ସୋସେଙ୍ଗ ସିଆରପିଏଫ୍ କ୍ୟାମ୍ପରେ ରାତ୍ରି ଯାପନ କରିବେ। ସୋମବାର ସକାଳେ ସୁରକ୍ଷା ବଳରେ ପୋଲିଂ ବୁଥକୁ ନେଇ ଛଡା ହେଲା ପରେ ଭୋଟିଂ କାର୍ଯ୍ୟ ଆରମ୍ଭ ହେବ।

ଜିଲାପାଳ ତଥା ନିର୍ବାଚନ ଅଧିକାରୀ ହେମକାନ୍ତ ସାୟଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀମାନେ ଇଭିଏମ୍‌କୁ ଟିକିନିଖି ଯାଞ୍ଚ କରିଥିଲେ। ପୋଲିଂ ପାର୍ଟିକୁ ତାଲିମ ଦିଆଯାଇ ବୁଥ୍ ଅଭିମୁଖେ ପ୍ରେରଣ କରାଯାଇଛି। ଜିଲାର ନୂଆପଡ଼ା ଓ ଖଡ଼ିଆଳ ନିର୍ବାଚନମଣ୍ଡଳୀରେ ମୋଟ ୬୦୪ଟି ବୁଥ୍ ରହିଛି। ଶନିବାର ଖଡିଆଳ ନିର୍ବାଚନମଣ୍ଡଳୀର ୨୮୨ ବୁଥ ପାଇଁ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି। ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୩୦୨ ବୁଥ ରହିଥିବାବେଳେ ରବିବାର ସମସ୍ତ ପୋଲିଂ ପାର୍ଟି ବୁଥ ଅଭିମୁଖେ ଯାଇଛନ୍ତି।

ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ନୂଆପଡା ନିର୍ବାଚନମଣ୍ଡଳୀ ନିର୍ବାଚନ ଅଧିକାରୀ ଓ ଖଡିଆଳ ନିର୍ବାଚନମଣ୍ଡଳୀ ନିର୍ବାଚନ ଅଧିକାରୀ ଭାବରେ ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ରଔତ ଓ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ନିର୍ବାଚନ ପରିଚାଳନା କରୁଛନ୍ତି।

## ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏୟାର ଆମ୍ବୁଲାନ୍ସ

**ଭୁବନେଶ୍ୱର, ୧୨।୫ (ଅସମାପିକା ସାହୁ)**

ନିର୍ବାଚନ ପରିଚାଳନାରେ ରହିଥିବା କର୍ମଚାରୀ ଓ ମତଦାତାଙ୍କ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ କୋରାପୁଟ ଜିଲାରେ ଏୟାର ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନିୟୋଜିତ କରାଯାଇଥିବା ଏହି ଏୟାର ଆମ୍ବୁଲାନ୍ସ ୧୨ରୁ ୨୦ ତାରିଖ ପର୍ଯ୍ୟନ୍ତ ସେବା ପ୍ରଦାନ କରିବ। ଏ ନେଇ ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ଆବଶ୍ୟକ ଅନୁଯାୟୀ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏୟାର ଲିଫ୍ଟ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାରି ଆକଟ, କିଳା ହୋଇଅଛି ଦାଣ୍ଡ କବାଟ,**
**ଭିତରେ ପଶିଛି ଚୋର;**
**ମୂଷା ପୂରେଇ ଢୋଲ ସିଇଁଲେ**
**ରାମ୍ପୁଡ଼ି କାମୁଡ଼ି ମରା**

ଢୋଲ ଭିତରେ ମୂଷା ପୂରେଇବା ଯାହା ଶତ୍ରୁକୁ ଘରେ ରଖି ଲାଳନପାଳନ କରିବା ତାହା। ଘର ଭିତରେ ଚୋରକୁ ଆଶ୍ରୟ ଦେଲେ ବା ଗୋପନରେ ଶତ୍ରୁକୁ ପ୍ରଶ୍ରୟ ଦେଲେ ନିଜର କ୍ଷତି ଘଟିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମନ ଜଗତୀ ଉପରେ ଥାଏ,**
**କର୍ମ ବିଆଳି ବଛାଉଥାଏ।**

ମନ ଉପରେ କାହାର ଆୟତ୍ତ ନ ଥାଏ। ମନ ସବୁବେଳେ ଭଲ ଚାହିଁଥାଏ। ପରନ୍ତୁ ମନ ଯାହା ଚାହେଁ ସବୁବେଳେ ତାହା ପୂରଣ ହୋଇପାରି ନ ଥାଏ। ପରୋକ୍ଷରେ କର୍ମ ହିଁ ଜୀବନ ଯାତ୍ରାର ଅସଲ ସହଚର। କର୍ମ ଓ ଭାଗ୍ୟ ଏକାଠି ହେଲେ ମଣିଷ ଐଶ୍ୱର୍ଯ୍ୟ ଭୋଗ କରେ। ଯେତେ ଇଚ୍ଛା କଲେ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାହାଡ଼ରେ ପିଟି ହେଲା ଟାଟା ଏସିଇ



ଆହତ ଶ୍ରମିକମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଉଛି।

## ୨୫ ଶ୍ରମିକ ଆହତ

**ବଇଣ୍ଡା, ୧୨।୫(ପରିକ୍ଷିତ ସାହୁ)**

୩୦ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟାଟା ଏସିଇ ରବିବାର ଅନୁଗୋଳ ଜିଲା କିଶୋରନଗର ଥାନା ଫୁଲଝରି ପାହାଡ଼ରେ ପିଟି ହୋଇଯିବାରୁ ୨୫ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି ଅଙ୍ଗପଡ଼ା ଓ କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଜଣେ ମହିଳା ଶ୍ରମିକ ଓ ୩ ବର୍ଷର ଶିଶୁଙ୍କ ଅବସ୍ଥା ଗୁରୁତର ଥିବାରୁ ଦୁହିଁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଘଟଣାରୁ ଜଣାପଡିଛି, ଏକ ଟାଟାଏସିଇରେ ଫୁଲଝରି ଅଞ୍ଚଳରୁ ୩୦ ଜଣ ମହିଳା, ପୁରୁଷ ଶ୍ରମିକ ତୁରୁଡ଼ା ଅଭିମୁଖେ ଯାଉଥିଲେ। ହେଲେ ଫୁଲଝରି ନିକଟରେ ଗାଡ଼ି ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା। ଖବରପାଇ ଆଠମଲ୍ଲିକ ଭାଜପା ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। କିଶୋରନଗର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

# ଗୁଜରାଟ, ଓଡ଼ିଶା ମଧ୍ୟରେ ବିକାଶର ତୁଳନାତ୍ମକ ଚିତ୍ର ରଖିଲେ ପାଣ୍ଡିଆନ

## ବିକାଶରେ କିଏ ଆଗୁଆ

**ଭୁବନେଶ୍ୱର, ୧୨।୫(ସୁନିତ୍ ମିଶ୍ର)**

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଓଡ଼ିଶା ଏବଂ ଗୁଜରାଟର ଏକ ତୁଳନାତ୍ମକ ଚିତ୍ର ତଥ୍ୟ ସହ ପ୍ରଦାନ କରିଛନ୍ତି। ବିଭିନ୍ନ ସୂଚକାଙ୍କରେ ଓଡ଼ିଶା କିପରି ଗୁଜରାଟ ତୁଳନାରେ ବହୁ ଆଗରେ ରହିଛି ସେ ସମ୍ପର୍କରେ ସେ ଦର୍ଶାଇଛନ୍ତି। ଗୁଜରାଟରେ ଅଢ଼େଇ ଦଶନ୍ଧି ଧରି ଭାଜପା ଶାସନରେ ରହିଥିବାବେଳେ ଓଡ଼ିଶା ଅପେକ୍ଷା ଏହାର ସ୍ଥିତି ନୈରାଶ୍ୟଜନକ ଥିବା ତଥ୍ୟରେ ଉଲ୍ଲେଖ ରହିଛି। ଏନ୍‌ଏଚ୍‌ଏଫ୍‌ଏସ୍-୫ ଅନୁଯାୟୀ, ଓଡ଼ିଶାରେ କୁପୋଷଣ (୫ରୁ କମ୍ ବୟସର ଶିଶୁ, ଯେଉଁମାନଙ୍କ ଓଜନ କମ୍) ୨୯.୭% ରହିଥିବାବେଳେ ଗୁଜରାଟରେ ଏହା ୩୯.୭% ରହିଛି, ଯାହାକି ଦେଶରେ କୁପୋଷଣ ହାର ୩୨% ରହିଛି। ସେହିପରି ଓଡ଼ିଶାରେ ୬୫% ମହିଳାଙ୍କଠାରେ ରକ୍ତହୀନତା ଦେଖାଦେଉଥିବାବେଳେ ଗୁଜରାଟରେ ଏହାର ପରିମାଣ ୬୯% ଅଛି। ଓଡ଼ିଶାରେ ୬୪.୨% ଶିଶୁଙ୍କଠାରେ ରକ୍ତହୀନତା ରହିଥିବାବେଳେ ଗୁଜରାଟରେ ଏହା ୭୯.୭% ରହିଛି। ଓଡ଼ିଶାରେ ୯୦.୫% ଟିକାକରଣ ଓ ଗୁଜରାଟରେ ୭୬.୩% ଟିକାକରଣ ହୋଇଛି। ଓଡ଼ିଶାରେ ୮୬.୫% ମହିଳାଙ୍କ ବ୍ୟାଙ୍କ ଖାତା ରହିଥିବାବେଳେ ଗୁଜରାଟରେ ୭୦% ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟ ଅଛି। ସେହିପରି ଓଡ଼ିଶାରେ ୫୦.୧% ଏବଂ ଗୁଜରାଟରେ ୪୮.୮% ମହିଳାଙ୍କ ପାଖରେ ମୋବାଇଲ ଫୋନ୍ ରହିଛି। ମୁଣ୍ଡପିଛା ଋଣ ଓଡ଼ିଶାରେ ୨୨, ୨୦୮ ଏବଂ ଗୁଜରାଟରେ ୫୮,୮୭୮ ଟଙ୍କା ରହିଛି। ଆରବିଆଇ ହ୍ୟାଣ୍ଡବୁକ୍ ଅନୁସାରେ, ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ହାର ଓଡ଼ିଶାରେ ୯୭.୯% ଏବଂ ଗୁଜରାଟରେ ୯୦.୯% ରହିଛି। ମାଧ୍ୟମିକ ସ୍ତରରେ ଏହା ଓଡ଼ିଶାରେ ୮୦.୩% ଏବଂ ଗୁଜରାଟରେ ୭୫.୨% ଅଛି। ଏହି ତଥ୍ୟ ନିଜ ସାମାଜିକ ଗଣମାଧ୍ୟମରେ ପ୍ରଦାନ କରି ପାଣ୍ଡିଆନ୍ ଉଲ୍ଲେଖ କରିଛନ୍ତି ଯେ, ଦେଖନ୍ତୁ କିଏ ଓଡ଼ିଶାକୁ ଏକନମ୍ବର କରିବାକୁ ଚାହୁଁଛନ୍ତି।

# ବଜ୍ରପାତରେ ଯୁବକ ମୃତ

**ବାଣପୁର, ୧୨।୫(ଦିଲୀପ ସ୍ୱାଇଁ)**

ବଜ୍ରପାତରେ ଖୋର୍ଦ୍ଧା ଜଲା ବାଣପୁର ଥାନା ଦାଶରଥିପୁର ଗ୍ରାମର ସାଗର ନାୟକ(୩୪)ଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଶନିବାର ରାତିରେ ସାଗର ଘର ବାହାରେ ଶୋଇଥିଲେ। ହଠାତ୍ ପବନ, ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାରଲୋକେ ତାଙ୍କୁ ସଙ୍ଗେସଙ୍ଗେ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଣପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୪)ରୁଜୁ ହୋଇଛି।

# ୩୩ ହଜାର ଜଣଙ୍କ ବିରୋଧରେ ୱାରେଣ୍ଟ, ୪.୧ କୋଟି ଜବତ

## ଶୃଙ୍ଖଳିତ ନିର୍ବାଚନ ପାଇଁ ଓଡ଼ିଶା ପୋଲିସର କଡ଼ା ପଦକ୍ଷେପ

**ଭୁବନେଶ୍ୱର, ୧୨।୫(ସତ୍ୟଜିତ୍ ରାଉତ)**

ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ରାଜ୍ୟ ପୋଲିସ ଜାନୁଆରୀ ୧ରୁ ସ୍ୱତନ୍ତ୍ର ଅଭିଯାନ ଜାରିରଖିଛି। କଡ଼ା ପଦକ୍ଷେପ ସ୍ୱରୂପ ଏହି ସମୟ ଭିତରେ ୩୩ ହଜାର ଜଣଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ସେହିଭଳି ୪.୧ କୋଟି ଟଙ୍କା ଜବତ କରାଯାଇଛି ବୋଲି ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ପୋଲିସ ସେବା ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି କହିଲେ, ସୀମାବର୍ତ୍ତୀ ରାଜ୍ୟଗୁଡ଼ିକ ସହ ୯ଟି ସମନ୍ୱୟ ବୈଠକ କରାଯାଇ ଆଲୋଚନା କରାଯାଇଛି। ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଜାମିନରେ ଆସିଥିବାବେଳେ ଆଉ କେତେଜଣ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ୩୯ ହଜାର ୯୮୭ଜଣଙ୍କ ବିରୋଧରେ ବିଭିନ୍ନ ଦଫାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ୪୭ ହଜାର ୨୮୯ ଜଣଙ୍କୁ ନୋଟିସ୍ ଜାରି କରାଯାଇ ବଣ୍ଡ ନିଆଯାଇଛି। ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ)ରେ ୭ଜଣଙ୍କୁ ବୁକ୍ କରାଯାଇଛି। ୨୩୩ ବେଆଇନ ଅସ୍ତ୍ରଶସ୍ତ୍ର ସହ ୧୧୨ କ୍ୟାଟ୍ରିଜ୍, ୧୧୩ ବୋମା, ୧୫୩୦ଟି ବିସ୍ଫୋରକ ଜବତ ହୋଇଛି। ୩ଟି ବେଆଇନ ବନ୍ଧୁକ କାରଖାନା ଉପରେ ଚଢ଼ାଉ କରାଯାଇ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସ୍ୱତନ୍ତ୍ର ଚଢ଼ାଉ କରାଯାଇ ୪ ଲକ୍ଷ ୫୦ ହଜାର ଲିଟର ବେଆଇନ ମଦ ଜବତ ହୋଇଥିବାବେଳେ ୨୨ ହଜାର ମାମଲାରେ ୩ ହଜାର ୪୨୮ଜଣଙ୍କୁ ଗିରଫ କରାଯାଇଛି। ୭୨୫ କୁଇଣ୍ଟାଲ ଗଞ୍ଜେଇ ଓ ୪.୫ କେଜି ବ୍ରାଉନସୁଗାର ଜବତ ସହ ୧ ହଜାର ୪୮ଜଣଙ୍କୁ ଗିରଫ କରାଯାଇଛି। ୫ ହଜାର ଏକର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ସେହିପରି ୩ ହଜାର ୬୫୦ ଲିଟର କଫ୍ ସିରପ ଜବତ କରାଯାଇ ୧ ହଜାର ୪୮ଜଣଙ୍କୁ ଗିରଫ କରାଯାଇଛି। ୧୯ଟି ନିର୍ବାଚନ ସଂକ୍ରାନ୍ତୀୟ ମାମଲା ରୁଜୁ କରାଯାଇଛି। ୧୨୧ଟି ଆନ୍ତଃରାଜ୍ୟ ବର୍ଡର ଚେକିଂ ପୋଷ୍ଟ ଓ ୨୮୦ଟି ଆନ୍ତଃଜିଲା ବର୍ଡର ଚେକିଂ ପୋଷ୍ଟ ରହିଛି। ନିର୍ବାଚନ ଆଚରଣ ବିଧି ଲାଗୁ ପରଠାରୁ ରାଜ୍ୟରେ ୭୩୭ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ଟିମ୍ ଓ ୭୨୨ଟି ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ କାର୍ଯ୍ୟ କରୁଛି। ୧୨୬୪ଟି ମାଓ ବିରୋଧୀ ଅପରେଶନରେ ୪ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆତ୍ମସମର୍ପଣ କରିଛନ୍ତି। ବିପୁଳ ବିସ୍ଫୋରକ ସହ ୬ଟି ବନ୍ଧୁକ ଜବତ ହୋଇଛି। ପୋଲିସ କର୍ମଚାରୀ, ହୋମ୍‌ଗାର୍ଡ, ଗ୍ରାମରକ୍ଷୀଙ୍କୁ ନିର୍ବାଚନ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ୧୧୧ ସୋସିଆଲ ମିଡିଆ ସଂକ୍ରାନ୍ତ ଅଭିଯୋଗ ଆସିଥିବାବେଳେ ୩୫୦ କଣ୍ଟେଣ୍ଟକୁ ହଟାଯାଇଛି। ଏନେଇ ୫ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଛି। ୬୩୦ ସୋସିଆଲ ମିଡିଆ ଆକାଉଣ୍ଟକୁ ନଜରରେ ରଖାଯାଇଛି। ନେଟୱର୍କ ନ ଥିବା ୮୭୯ ସ୍ଥାନରେ ବିକଳ୍ପ ବ୍ୟବସ୍ଥା କରାଯାଇଛି ବୋଲି ଡିଜିପି ଷଡ଼ଙ୍ଗୀ କହିଛନ୍ତି।

# ଆଉ ୪ ଦିନ ବର୍ଷା, ୧୭ରୁ ତାତି ବଢ଼ିବ

**ଭୁବନେଶ୍ୱର, ୧୨।୫(ଅସମାପିକା ସାହୁ)**

ରାଜ୍ୟରେ ଏବେ କାଳବୈଶାଖୀ ବର୍ଷା ଲୋକଙ୍କୁ ଆଶ୍ୱସ୍ତି ଦେଉଛି। ଆଉ ୪ ଦିନ ଅର୍ଥାତ୍ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହିଭଳି କାଳବୈଶାଖୀ ହେବା ସହିତ ବିଭିନ୍ନ ସ୍ଥାନରେ ଭାରି ବର୍ଷା ମଧ୍ୟ ହେବାର ସମ୍ଭାବନା ରହିଛି। ତେବେ ୧୭ ତାରିଖରୁ ରାଜ୍ୟରେ ପୁଣି ତାତି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶନିବାର ବିଳମ୍ବିତ ରାତିରେ ପ୍ରବଳ ବର୍ଷା ହୋଇଛି। କଟକ ବାଙ୍କୀରେ ସର୍ବାଧିକ ୧୦୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ କଟକରେ ୮୯.୨, ଖୋର୍ଦ୍ଧା ଟାଙ୍ଗୀରେ ୮୭, ନୂଆଗାଁରେ ୮୪, କୁଜଙ୍ଗରେ ୮୨, ବାଣପୁରରେ ୭୫, ଜଗତ୍‌ସିଂହପୁର ୭୪.୧, ରଣପୁରରେ ୭୨.୮, ସୋରୋରେ ୬୯, ରିଆମାଳରେ ୬୬.୮, ବାଲିକୁଦାରେ ୬୬, ଭଦ୍ରକ ବାସୁଦେବପୁରରେ ୬୬, ଚିଲିକାରେ ୬୬, ପୁରୀ କୃଷ୍ଣପ୍ରସାଦରେ ୬୨.୫, ନିଆଳିରେ ୬୨, ଗୋପରେ ୫୬, କଟକ କଣ୍ଠାପଡ଼ାରେ ୫୫, କରଞ୍ଜିଆରେ ୫୨.୨, ପାରାଦୀପରେ ୫୧.୮ ମିମି ବର୍ଷା ହୋଇଛି। ତେବେ ଭୁବନେଶ୍ୱରରେ ୭୬.୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଚଳିତବର୍ଷ ରାଜଧାନୀରେ ଏହା ପ୍ରଥମ ଭାରି ବର୍ଷା ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର ମଧ୍ୟ ଭଦ୍ରକ, ଦାରିଙ୍ଗବାଡ଼ି, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ଗଜପତି, ପୁରୀରେ ବର୍ଷା ହୋଇଥିବା ଜଣାପଡ଼ିଛି। ସୋମବାର ଯାଜପୁର, ଭଦ୍ରକ, ନୟାଗଡ଼, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି।

ସେପଟେ ରାଜ୍ୟକୁ ପୁଣି ତାତି ଫେରିବ। ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆସନ୍ତା ୧୭ ରୁ ୨୩ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରାରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏଥିସହିତ କିଛି ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ସ୍ଥିତି ଉପୁଜିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ। -ଶ୍ରୀଅରବିନ୍ଦ

-ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ



# ଗୁରୁତ୍ୱବିହୀନ ଭୋଟର

ଏଥର ନିର୍ବାଚନ ସମ୍ପୂର୍ଣ୍ଣ ଭାବେ ମାନ୍ଦା। ଖରା ଓ ତାତିରେ ପ୍ରାର୍ଥୀମାନେ ଘାଇଲା ହୋଇପଡ଼ିଥିବାବେଳେ ରାଜନୈତିକ କର୍ମୀ ଅସ୍ତବ୍ୟସ୍ତ। କର୍ମୀଙ୍କ ଅନୁଯାୟୀ ଜନସାଧାରଣଙ୍କ ପ୍ରତିକ୍ରିୟା ଜାଣି ହେଉନାହିଁ। ସବୁ ଦଳ ନିଜ ସପକ୍ଷରେ 'ହାୱା' ଅଛି ବୋଲି କହୁଥିବାବେଳେ ସାଧାରଣ ଭୋଟରଙ୍କ ମାନସିକତା ଅତ୍ୟନ୍ତ ଥଣ୍ଡା ପଡ଼ିଯାଇଛି। ବିଶେଷକରି ଓଡ଼ିଶାରେ କୌଣସି ମୋଦି ହାୱା କିମ୍ବା ନବୀନ ହାୱା ଦେଖିବାକୁ ମିଳୁନାହିଁ। କେତେକ ଭୋଟରଙ୍କ କହିବା ଅନୁଯାୟୀ ଏଥର ନିର୍ବାଚନ ପ୍ରାର୍ଥୀଙ୍କୁ ନେଇ ନିର୍ଣ୍ଣୟ ହେବ। ଏଠାରେ ମନେପଡ଼େ ଏକ ହିନ୍ଦୀ ସିନେମାରେ ଶାହରୁଖ୍ ଖାନ୍‌ଙ୍କ ସଂଳାପ। ତାଙ୍କ କହିବା ଅନୁଯାୟୀ ଦଶଟଙ୍କିଆ କଲମ କିଣିବା ପୂର୍ବରୁ କାଗଜରେ ଲେଖିକରି ଚିରିପକାଉ। ସାବୁନ କିଣିବା ପୂର୍ବରୁ ଦୋକାନୀଙ୍କୁ ତା'ର ସୁଗନ୍ଧ ଓ ଫେଣ ବିଷୟରେ ପଚାରୁ। ମୋଟର ସାଇକେଲ କିଣିବା ପୂର୍ବରୁ ତା'ର ମାଇଲେଜ୍ ଏବଂ ବିକ୍ରି ପରେ ସର୍ଭିସ ସମ୍ପର୍କରେ ଘନ ଘନ ପ୍ରଶ୍ନ ପଚାରୁ। ଏମିତିକି ମଶାଧୂପ କିଣିବା ପୂର୍ବରୁ ସେଥିରୁ ଦୁର୍ଗନ୍ଧ ଆସିବ କି ପଚାରିବା ସହିତ ତାହା ମଶା ମାରିବାରେ ସଫଳ ହେବ କି ବୋଲି ଅନେକ ପ୍ରଶ୍ନ ଦୈନନ୍ଦିନ ଜୀବନରେ ଭାରତର ନାଗରିକ ପଚାରିଥାଆନ୍ତି। କିନ୍ତୁ ଯେତେବେଳେ ଭୋଟ ସମୟ ଆସେ ସେତେବେଳେ ଦୀର୍ଘ ୫ ବର୍ଷରେ ପିଲାଙ୍କ ଶିକ୍ଷା ପାଇଁ କେଉଁ ପ୍ରକାର ଚିନ୍ତା, ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ କ'ଣ କରିବା ଉଚିତ ଏବଂ ସମଗ୍ର ରାଜ୍ୟ ଓ ଦେଶକୁ ଆଗେଇନେବା ପାଇଁ କେଉଁପ୍ରକାର ଚିନ୍ତା କରାଯାଉଛି, ସେ ସମ୍ବନ୍ଧରେ ପ୍ରଶ୍ନ କରିବାକୁ କେହି ଆଗେଇ ଆସୁନାହାନ୍ତି। ଫଳରେ କେବଳ ଧର୍ମ, ଜାତି ନଚେତ୍ ମାଗଣା ମିଳିପାରୁଥିବା ସୁବିଧା ସମ୍ପର୍କରେ ଆମକୁ ନିର୍ଦ୍ୱନ୍ଦ୍ୱରେ ରାଜନେତାମାନେ ବକିଚାଲିଛନ୍ତି। କିଏ ୪୦୦ ପାର୍ ଧ୍ୱନି ଦେଉଥିବା ବେଳେ ଅନ୍ୟ କିଏ ଦାୟାଦ ଖୋଜିବା ପ୍ରକ୍ରିୟାରେ ଭୋଟରଙ୍କୁ ଭୁଆଁ ବୁଲାଉଛନ୍ତି। ଏହାଫଳରେ ବାସ୍ତବ ସମସ୍ୟା ସମ୍ପୂର୍ଣ୍ଣ ଭାବେ ପରଦାପଛରେ ରହିଯାଉଛି। ଭୋଟରଙ୍କ ସମୟ ଅଭାବ ସହିତ ମୂଳ ପ୍ରଶ୍ନ ପଚାରିବାର ଅନିଚ୍ଛା ଆସନ୍ତା ଦିନଗୁଡ଼ିକରେ ଭାରତକୁ ଗଭୀର ଚୋଟ ପକାଇବ ବୋଲି ନିଃସନ୍ଦେହରେ କହିହେବ।

ନିକଟରେ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ ପରିବାରରେ ନିଟ୍ ସଞ୍ଚୟ କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଗତ ୩ ବର୍ଷରେ ଏହି ପରିମାଣ ୯ ଲକ୍ଷ କୋଟି ଟଙ୍କା କମିଛି। ପରିବାର ଚଳାଇବା ସକାଶେ ଲୋକେ ସଞ୍ଚିତ ଅର୍ଥକୁ ବ୍ୟୟ କରିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହା ମଧ୍ୟ ସମସ୍ତେ ଜାଣନ୍ତି ଯେ, ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଉଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଗତ ବର୍ଷଗୁଡ଼ିକରେ ଦେଶରେ ନିଯୁକ୍ତି ହ୍ରାସ ପାଇବାରେ ଲାଗିଛି। ହେଲେ ଏବେ ଦେଶରେ ଚାଲିଥିବା ନିର୍ବାଚନ ପ୍ରଚାରରେ ରାଜନୈତିକ ଦଳଗୁଡ଼ିକ ଅର୍ଥନୈତିକ ପ୍ରସଙ୍ଗକୁ ଅଣଦେଖା କରିଚାଲିଛନ୍ତି। ଶାସକ ଦଳ ସ୍ୱାଭାବିକ ଭାବେ ଏହାଠାରୁ ଦୂରେଇ ରହିବାକୁ ଚାହିଁବ। କିନ୍ତୁ ବିରୋଧୀ ଦଳଗୁଡ଼ିକ ଏହି ବିଷୟକୁ ଗମ୍ଭୀରତାର ସହ ବିଚାର କରୁ ନ ଥିବାରୁ ଆଗକୁ ନିର୍ବାଚନ ଫଳାଫଳ କେଉଁ ଆଡ଼କୁ ଯିବ କହିବା ମୁସ୍କିଲ।

ସବୁ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ କେନ୍ଦ୍ର ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। କାରଣ କେନ୍ଦ୍ରୀୟ ନୀତି ସଂଘୀୟ ବ୍ୟବସ୍ଥାରେ ପ୍ରତିଫଳିତ ହୋଇଥାଏ। ବର୍ତ୍ତମାନ ଭାରତରେ ପାର୍ଲାମେଣ୍ଟ ନିର୍ବାଚନ ଚାଲିଛି। ଅଧିକ ଆସନ ଲାଭ କରି କ୍ଷମତା ହାତେଇବା ପାଇଁ ସବୁ ଦଳ ଏବେ ଗ୍ୟାରେଣ୍ଟି ଉପରେ ଗ୍ୟାରେଣ୍ଟି ଦେଇଚାଲିଛନ୍ତି। କିନ୍ତୁ ଯେଉଁ ପ୍ରସଙ୍ଗ ଭାରତୀୟମାନଙ୍କୁ ସର୍ବାଧିକ ପ୍ରଭାବିତ କରୁଛି, ତନ୍ମଧ୍ୟରୁ ଅର୍ଥନୈତିକ ଦିଗକୁ ପ୍ରାଧାନ୍ୟ ଦିଆଯିବା କଥା। କାରଣ ଦେଶ ବିକାଶର ମୂଳ ପିଣ୍ଡ ଏକ ସୁଦୃଢ଼ ଅର୍ଥନୈତିକ ବ୍ୟବସ୍ଥା ଉପରେ ନିର୍ଭର କରିଥାଏ। ଏବେ ଦେଖାଯାଉଛି ଶାସକ ଦଳ ଧର୍ମକୁ ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭଳି ସମ୍ବେଦନଶୀଳ ବିଷୟକୁ ନେଇ ଲୋକଙ୍କ ପାଖକୁ ଯାଉଛି। କିନ୍ତୁ ଭାଜପାର କୌଣସି ପ୍ରାର୍ଥୀ ଜମ୍ମୁ ଓ କଶ୍ମୀରରେ ନିର୍ବାଚନ ଲଢ଼ିବାକୁ ସାହସ କରିନାହାନ୍ତି। ବାସ୍ତବରେ ଦେଖିଲେ ଏହିସବୁ ବିଷୟ ସାଧାରଣ ନାଗରିକର ଜୀବନଧାରଣରେ ସେଭଳି ପରିବର୍ତ୍ତନ ଆଣି ପାରିବ ନାହିଁ। ଗୋଟେ 'ଘୋ' ସୃଷ୍ଟି କରି ଦେଶପ୍ରେମୀ ବା ଜାତୀୟତାବାଦୀ ଦେଖେଇ ହେବାର ଯେଉଁ ପ୍ରଚେଷ୍ଟା କରାଯାଉଛି, ତାହା ଦେଶକୁ ଦୀର୍ଘମିଆଦୀ ଲାଭ ଦେବ ନାହିଁ। ତଥାପି ଥୋକେ ସେହି ଦଳକୁ ସମର୍ଥନ କରିବାରେ ଲାଗି ପଡ଼ିଛନ୍ତି। ଯେତେବେଳେ କେହି ଅର୍ଥନୈତିକ ପ୍ରସଙ୍ଗ ଉପରେ ପ୍ରଶ୍ନ କରୁଛନ୍ତି, ସେତେବେଳେ ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାକୁ ଯାଉଛି ବୋଲି ଆଶ୍ୱାସନା ଦିଆଯାଉଛି। କିନ୍ତୁ କେଉଁ ଧାରାରେ ଯାଇ ଏହା ତା' ଇପ୍ସିତ ଲକ୍ଷ୍ୟ ପୂରଣ କରିବ, ସେହି ଗ୍ରାଫ୍ ବିଷୟରେ କେଉଁଠାରେ ସୂଚନା ଦିଆଯାଉ ନାହିଁ। ଅନ୍ୟପକ୍ଷରେ ଏଠାରେ ବିରୋଧୀ ଦଳଗୁଡ଼ିକ ଶାସକ ଦଳର ଦୁର୍ବଳତାକୁ ଠିକ୍ ଭାବେ ଉପସ୍ଥାପିତ କରିବା ଦିଗରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉ ନ ଥିବା ଲକ୍ଷ୍ୟ କରାଯାଉଛି। ଏଗୁଡ଼ିକ ଜାତିଭିତ୍ତିକ ଭୋଟ ବିଷୟରେ ସର୍ବାଧିକ ପ୍ରାଧାନ୍ୟ ଦେଉଥିବାରୁ ଅର୍ଥନୀତି ପ୍ରସଙ୍ଗ ଜୋର ଧରିପାରୁ ନାହିଁ। ନିର୍ବାଚନୀ ଇସ୍ତାହାରରେ ବେକାରି ସମସ୍ୟା ଓ ଦେଶର ଆର୍ଥିକ ସ୍ଥିତି ନେଇ ଏମାନେ ଉଲ୍ଲେଖ କରୁଥିଲେ ମଧ୍ୟ ପ୍ରକୃତ ମଞ୍ଚରେ ଛିଡ଼ା ହେଲା ବେଳକୁ ଶାସକ ବର୍ଗଙ୍କ ଅପ୍ରସଙ୍ଗଜନିତ ବିଷୟକୁ ମୁକାବିଲା କରିବା ଲାଗି ସବୁ ବଳ ଖଟାଇ ଦେଉଛନ୍ତି।

ପାଶ୍ଚାତ୍ୟ ନିର୍ବାଚନରେ ଅର୍ଥନୀତି, ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ଏବଂ ବହିର୍ବ୍ୟାପାର ସମ୍ପର୍କରେ ଆଲୋଚନା ଓ ବିତର୍କ ହେଉଥିବା ଦେଖିବାକୁ ମିଳିଥାଏ। ଫଳରେ ଭୋଟର ପ୍ରତ୍ୟେକ ରାଜନୈତିକ ଦଳର ଅଭିମୁଖ୍ୟ ବୁଝିବାରେ ସକ୍ଷମ ହୋଇଥାଆନ୍ତି। ସେହି ଅନୁଯାୟୀ ସେମାନେ ଦଳର ନୀତିକୁ ଦେଖି ମତଦାନ କରିଥାଆନ୍ତି। ଭାରତରେ ଅନେକ ସଚେତନ ନାଗରିକ ଅଛନ୍ତି। ମାତ୍ର ଅଧିକାଂଶ କାହା କଥାରେ ପଡ଼ି ଗୋଟେ ସ୍ରୋତରେ ଭାସିଯିବାକୁ ଚାହୁଁଥିବାରୁ ଫଳାଫଳ ଅନେକ ସମୟରେ ଦେଶ ହିତରେ ଯାଉ ନ ଥିବା ଲକ୍ଷ୍ୟ କରାଯାଉଛି। ରାଜନୈତିକ ଦଳଗୁଡ଼ିକ ମଧ୍ୟ ବହିର୍ବ୍ୟାପାର, ଖାଦ୍ୟ ଏବଂ ଜାତୀୟ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଆଲୋଚନାକୁ ଆଣିବା ପାଇଁ ଅନିଚ୍ଛୁକ ଥିଲାଭଳି ମନେହେଉଛି। ସ୍ୱାଧୀନତା ପରେ ଦେଶ ଅନେକ ନିର୍ବାଚନ ଦେଖିଲାଣି। ଏବେ ସମୟ ଆସିଲାଣି ନାଗରିକର ଜୀବନ ଧାରଣରେ ପରିବର୍ତ୍ତନ ଆଣିପାରୁ ଥିବା ପ୍ରସଙ୍ଗକୁ ଗୁରୁତ୍ୱ ଦେବା ଦରକାର। ନିର୍ବାଚନ ରଣାଙ୍ଗନରେ ପରସ୍ପର ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଲାଗି ରହିବ। ତଥାପି ସାମାନ୍ୟ କଥାରେ ବାକ୍ ବିତଣ୍ଡା ନ କରି ଦେଶର ସ୍ୱାର୍ଥକୁ ସର୍ବାଗ୍ରେ ରଖାଯାଇ ପଦକ୍ଷେପ ନିଆଯିବାର ସମୟ ଆସିଲାଣି। କିନ୍ତୁ ଦେଶର ସ୍ୱାର୍ଥ ଧର୍ମ ଓ ଜାତି ମାଧ୍ୟମରେ ସୁରକ୍ଷିତ କରାଯାଇପାରିବ ବୋଲି ବିଶ୍ୱାସ କରିବାର ଯୁଗ ଆଉ ନାହିଁ। ଅପରପଟେ ଯୁବକଙ୍କୁ କେବଳ କୌଶଳୀ କରିଦେଲେ ଦେଶର ଅର୍ଥନୀତି ସୁଦୃଢ଼ ହେବ ବୋଲି ମଧ୍ୟ ବିଶ୍ୱାସ ହେଉନାହିଁ। ସେଥିପାଇଁ କିଏ କେଉଁଭାବେ ଚିନ୍ତାକରି ମାର୍ଗ ଦର୍ଶାଉଛି ହେବାକଥା ମୂଳ ଲକ୍ଷ୍ୟ। ତେବେ ଆମେ ଭୋଟର ଭିଡ଼ରେ ଛିଡ଼ା ହୋଇ କେବଳ ପ୍ରଚାର ଶୁଣିବାରେ ସନ୍ତୁଷ୍ଟ ହୋଇଯାଉଥିବାରୁ ଆମକୁ କେହି ଗୁରୁତ୍ୱ ଦେଉନାହାନ୍ତି।



# ଭୋଟ ଦେବା କାହାକୁ

ଅକ୍ଷୟ କୁମାର ମିଶ୍ର

ଗଣତନ୍ତ୍ରର ମହାପର୍ବ ହେଉଛି ନିର୍ବାଚନ। ଆମ ଦେଶର ସାବାଳକମାନେ ପ୍ରତି ପାଞ୍ଚ ବର୍ଷରେ ଥରେ ଭୋଟ୍ ଦେଇ ଜନପ୍ରତିନିଧି ବାଛନ୍ତି। ଏହି ନିର୍ବାଚିତ ଜନ ପ୍ରତିନିଧିମାନେ ସରକାର ଗଢ଼ନ୍ତି। ସରକାର ଗଠନ ପରେ ଆନୁଷ୍ଠାନିକ ଭାବେ ଏମାନେ ଦୁଇଟି ଦଳରେ ବିଭକ୍ତ ହୋଇଯାଆନ୍ତି- ସରକାରୀ ଦଳ ଓ ବିରୋଧୀ ଦଳ। ଏମାନଙ୍କ ଭିତରେ ମତାନ୍ତର ହୁଏ, ମନାନ୍ତର ମଧ୍ୟ ରହେ। ପରସ୍ପର ବିରୋଧରେ ବିଷୋଦ୍‌ଗାର ଚାଲେ, ଗାଳିମନ୍ଦ ହୁଏ, ବେଳେବେଳେ ଖଣ୍ଡଯୁଦ୍ଧ ବି ଦେଖିବାକୁ ମିଳେ। ନିର୍ବାଚନ ଯେତେ ନିକଟତର ହୁଏ, କାଦୁଅ ଫିଙ୍ଗାଫିଙ୍ଗି ସେତେ ଅଧିକ ହୁଏ। ଏହି କ୍ରମରେ ଆମ ଜନତାଙ୍କ ମଧ୍ୟରେ ସାମୟିକ ହେଲେ ମଧ୍ୟ ପାଚେରି ତିଆରି ହୁଏ।

ମୋର ଗତ ପ୍ରବନ୍ଧ 'ଆସ ଭୋଟ୍ ଦେବା'ରେ ଆହ୍ୱାନ ଥିଲା- 'ଚାଲ ସଭିଏଁ ଭୋଟ୍ ଦେବା। ଉତ୍ତମ ପ୍ରତିନିଧି ବାଛିବା। ଜନବାଦୀ ସରକାର ଗଢ଼ିବା। ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା।' ଯେଉଁମାନେ ଭୋଟ୍ ଦେଉନାହାନ୍ତି, ସେମାନେ ଅଧିକାର ସାବ୍ୟସ୍ତ କଲେ ଯେକୌଣସି ନିର୍ବାଚନର ଫଳାଫଳ ଯେ ଓଲଟପାଲଟ ହୋଇଯିବ ଏଥିରେ ସନ୍ଦେହ ନାହିଁ। କିନ୍ତୁ ଅସଲ କଥା ହେଲା ଭୋଟ୍ ଦେବା କାହାକୁ? କିଏ ହେବ ଆମର ଉତ୍ତମ ପ୍ରତିନିଧି? ସବୁଥର ପରି ନିର୍ବାଚନ ଦୁନ୍ଦୁଭି ବାଜିବା ପରେ ସମସ୍ତ ରାଜନୈତିକ ଦଳ ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ବେଶ୍ କସରତ କରୁଛନ୍ତି। ତାପରେ କ'ଣ ହେଉଛି ଆମେ ସବୁ ଦେଖୁଛେ। ସାଧାରଣ ଜନତା ଦେଖୁଛନ୍ତି ନେତାଙ୍କ ମତିଗତିକୁ। ସେବା ନାମରେ କ୍ଷମତାର ଲାଳସାକୁ। ଦଳୀୟ ପ୍ରୀତିକୁ। ନୈତିକତାକୁ ଦେଖି ସଭିଏଁ ତାଜୁବ୍। ଦଳର ସଚ୍ଚା ନେତା ବୋଲାଉଥିବା ବଡ଼ପଣ୍ଡାମାନେ ଯେଉଁମାନେ ଅନ୍ୟ ଦଳକୁ କଟୁ ସମାଲୋଚନା କରି ଆସୁଥିଲେ, ନିଜ ଦଳର ନୀତି ଆଦର୍ଶକୁ ଅନର୍ଗଳ ବଖାଣୁଥିଲେ ଟିକେଟ ନ ପାଇବା ପରେ କିମ୍ବା ଦଳୀୟ ଟିକେଟ ନ ପାଇବାର ସୂଚନା ପାଇବା ପରେ କେମିତି ରାତାରାତି ରଙ୍ଗ ବଦଳାଇ ପାରୁଛନ୍ତି। ଏପରିକି ଯେଉଁମାନଙ୍କୁ ଦଳ ଏକାଧିକବାର ବିଧାୟକ କିମ୍ବା ସାଂସଦ ହେବାର ସୁଯୋଗ ଦେଇଛି, ମନ୍ତ୍ରୀ କରିଛି, ଦଳର ବିଭିନ୍ନ ଉଚ୍ଚ ପଦପଦବୀରେ ରହି ନିଜର ପତିଆରା ବୃଦ୍ଧି କରିପାରିଥିଲେ ସେମାନେ। ଅଥଚ କେମିତି ନିଜର ମତକୁ ଅତି ସହଜରେ ପରିବର୍ତ୍ତନ କରୁଛନ୍ତି ତାହା ଲୋକମାନେ ଦେଖୁଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ଏହି ଆୟାରାମ ଗୟାରାମମାନଙ୍କୁ ଲୋକମାନେ ଚିହ୍ନିବାରେ ଭୁଲ୍ କରୁଛନ୍ତି। ଦଳ ବଦଳରେ କୌଣସି ଫରକ ପଡୁନି। ଫଳରେ ବ୍ୟକ୍ତିବାଦ ବଢୁଛି। ଏମାନେ ଗୋଟିଏ ରାଜନୈତିକ ଦଳରେ ଥିବାବେଳେ ଯାହା କହୁଥିଲେ ଅନ୍ୟ ଦଳକୁ ଯିବା ପରେ ଯାହା କହିଲେ ସେଥିରୁ କେଉଁଟା ଠିକ୍?



ନା, ଏମାନେ ନିଜେ ଭୁଲ୍? ଯେଉଁ ରାଜନୈତିକ ଦଳ ହେଉନା କାହିଁକି ସେଥିରେ ରହି କ୍ଷମତା ଉପଭୋଗ କଲେ, ଧନ ସମ୍ପତ୍ତି ଅର୍ଜିଲେ, ସାମାଜିକ ପ୍ରତିଷ୍ଠା ଲଭିଲେ। ମାତ୍ର କୌଣସି କାରଣରୁ ଦଳ ଯଦି ଆଉ କାହାକୁ ସୁଯୋଗ ଦେଲା ତେବେ ସରିଲା। ରାତି ନ ପାହୁଣୁ ଅନ୍ୟ ଦଳରେ ହାଜର। ସେ ଦଳର ନିଷ୍ପତ୍ତି ମଧ୍ୟ ଅଜବ। ସଂଗଠନ ସଜାଡ଼ି ଆସୁଥିବା ଲୋକଟିକୁ ଫୋପାଡ଼ି ଦେଇ ଦାଣ୍ଡ, ହାଟ, ବଜାରରେ ଚଉଦ ପୁରୁଷକୁ ଉଦ୍ଧାର କରୁଥିବା ବ୍ୟକ୍ତି ଉପରେ ଆସ୍ଥା ପ୍ରକଟ କରି ନିର୍ବାଚନରେ ଅବତୀର୍ଣ୍ଣ କରାଇବା କି ପ୍ରକାର ନୈତିକତା ବୁଝି ହେଉନାହିଁ। ଏସବୁର ପୂର୍ଣ୍ଣଚ୍ଛେଦ କେବଳ ଜନତା ହିଁ ପକାଇ ପାରିବେ। ଯେଉଁ ଦଳ ପାଇଁ ପରିଚୟ ସୃଷ୍ଟି ହେଲା ସେହି ଦଳର ହୋଇ ପାରୁ ନ ଥିବା ଲୋକଟି ଜନତାଙ୍କର ହେବ କେମିତି? ଏହାକୁ ମନରେ ରଖି ଚାଲନ୍ତୁ ଭୋଟ୍ ଦେବା ଏବଂ ସେବକର ଖୋଳପା ପିନ୍ଧିଥିବା ଏହି ସ୍ୱାର୍ଥାନ୍ୱେଷୀ ନେତାଙ୍କୁ ଉଚିତ ଶିକ୍ଷା ଦେବା।

ଭୋଟ୍ ଦେବା ଉଚିତ ନୁହେଁ ସେହିମାନଙ୍କୁ, ଯେଉଁମାନେ ଦୁର୍ନୀତିଗ୍ରସ୍ତ। ଏହି ଧରଣର ଲୋକମାନେ ଅସାଧୁ ଉପାୟରେ ଅର୍ଥ ଉପାର୍ଜନ କରିବା ପାଇଁ ଯେକୌଣସି ସ୍ତରକୁ ଓହ୍ଲାଇ ଯାଇପାରନ୍ତି। ଦେଶ ଓ ଦଶ ଏମାନଙ୍କ ପାଇଁ ତୁଚ୍ଛ। ଏମାନଙ୍କର ଏକମାତ୍ର ଲକ୍ଷ୍ୟ ଅର୍ଥ ଉପାର୍ଜନ। କ୍ଷମତା ଥିଲେ ଅତି ସହଜରେ ଦୁର୍ନୀତିକୁ ସୁନୀତିରେ ପରିଣତ କରିପାରନ୍ତି। ଏଣୁ କ୍ଷମତାକୁ ଧରି ରଖିବା ପାଇଁ ନିର୍ବାଚନରେ କୋଟି କୋଟି ଟଙ୍କା ବ୍ୟୟ କରନ୍ତି।

ଯେତେ ଟଙ୍କା ବ୍ୟୟ କରନ୍ତି, ତାହା ଯେ ପୈତୃକ ସମ୍ପତ୍ତିର ଏକ ଅଂଶ ତାହା ନିଶ୍ଚୟ ନୁହେଁ କିମ୍ବା ଏହା କଠିନ ପରିଶ୍ରମରୁ ଅର୍ଜିତ ଧନ ମଧ୍ୟ ନୁହେଁ। ଆମେ ସମସ୍ତେ ଏକଥା ଜାଣିଛୁ। ଜାଣି ଯଦି ଭୁଲ୍ କରିବୁ, ତେବେ ନିଜ ଗୋଡ଼ରେ ନିଜେ ଚୋଟ ମାରିବା ସହିତ ଗଣତନ୍ତ୍ର ଗଭୀର ସଂକଟର ସମ୍ମୁଖୀନ ହେବ।

କେବଳ ପ୍ରାର୍ଥୀମାନେ ଯେ ଅମାପ ଅର୍ଥ ବ୍ୟୟ କରୁଛନ୍ତି ତାହା ନୁହେଁ, କିଛି ରାଜନୈତିକ ଦଳ ମଧ୍ୟ ବେହିସାବି ଖର୍ଚ୍ଚ କରୁଛନ୍ତି। ଏ ସବୁ ଅର୍ଥ କେଉଁ ଉତ୍ସରୁ ଆସୁଛି ଭୋଟ୍ ଦେବା ପୂର୍ବରୁ ଥରୁଟିଏ ଭାବିବା ଆବଶ୍ୟକ। ଏହା ଯେ ଚାନ୍ଦା ସୂତ୍ରରୁ ଏକଥା କେହି ଅସ୍ୱୀକାର କରିବେ ନାହିଁ। ପୁଣି ଏହି ଚାନ୍ଦା ସାଧାରଣ ଲୋକଙ୍କଠାରୁ ସଂଗ୍ରହ ହେଉ ନାହିଁ। ହେଉଛି କଳକାରଖାନାର ମାଲିକଙ୍କଠାରୁ, ବଡ଼ ବଡ଼ କଣ୍ଟ୍ରାକ୍ଟରଙ୍କଠାରୁ, କଳାବଜାରିଙ୍କଠାରୁ। ଭାବିଲେ ଦେଖି ଏମାନେ କେଉଁ ସ୍ୱାର୍ଥରେ କୋଟି କୋଟି ଟଙ୍କା ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଉଛନ୍ତି? ହିସାବ ଦେଖିଲେ ଯେଉଁ ଦଳ ସରକାରରେ ଥିବେ କିମ୍ବା ବିଜୟ ସମ୍ଭାବନା ଯାହାର ଅଧିକ ସେହି ଦଳଗୁଡ଼ିକ ଅଧିକ ଚାନ୍ଦା ପାଉଛନ୍ତି। ଏହାର କାରଣ ସ୍ପଷ୍ଟ ଯାହାର ପ୍ରତିଫଳନ ଘଟୁଛି ଦରଦାମ୍ ବୃଦ୍ଧିରେ, ନୂଆ ନୂଆ ଦୁର୍ନୀତିର ଆବିର୍ଭାବ ଏଇଥିପାଇଁ, ଶହେ ଟଙ୍କାରେ ସରକାରୀ ଧନରୁ ପଚାଶ ଟଙ୍କାରୁ କମ୍ ଖର୍ଚ୍ଚ ହୋଇ ଅବଶିଷ୍ଟ ବାଟମାରଣା ହେବାର ଏକମାତ୍ର କାରଣ ଏହି ଚାନ୍ଦା। ସଠିକ୍ ମତଦାନ ଏହାକୁ ରୋକିପାରିବ।

ପ୍ରତିଶ୍ରୁତି ଦେଇ ଯେଉଁମାନେ ପୂରଣ କରନ୍ତି ନାହିଁ, ଟଙ୍କା ଦେଇ ଯେଉଁମାନେ ଭୋଟ୍ କିଣିବାକୁ ଚାହାନ୍ତି, ଡରେଇ ମରେଇ ଯେଉଁମାନେ ଭୋଟ୍ ହାତେଇବାକୁ ଚାହୁଁଛନ୍ତି, ବିଭିନ୍ନ ସଙ୍ଗିନ ଅପରାଧରେ ଯେଉଁମାନେ ଜଡ଼ିତ, ସେମାନଙ୍କୁ ପ୍ରତିନିଧି ଭାବରେ ବାଛିବା ଅର୍ଥ ଗଣତନ୍ତ୍ର ପ୍ରତି ଉପହାସ। ତେବେ ଭୋଟ୍ ଦେବା କାହାକୁ? ପ୍ରଥମ କଥା ହେଲା ଆମେ ଯେଉଁମାନଙ୍କୁ ଚୟନ କରିବା ସେମାନେ ହେବେ ସାଂସଦ, ଯିଏ ଆମ କଥାକୁ ସଠିକ୍ ଢଙ୍ଗରେ ଦିଲ୍ଲୀ ଦରବାରରେ ଥୋଇବା ସହିତ ବିଭିନ୍ନ ଜାତୀୟ ଇସ୍ୟୁ ଉପରେ ବିତର୍କ କରିବାର ଦକ୍ଷତା ଥିବ ସେମାନଙ୍କର। ଆଉ ଯେଉଁମାନଙ୍କୁ ବିଧାୟକ ଭାବରେ ଭୋଟ୍ ଦେବା ସେମାନେ ଆମ ଅଞ୍ଚଳର ବିକାଶ କଥା ବୁଝିବେ ଏବଂ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ସହିତ ବିଭିନ୍ନ ସମସ୍ୟା ଉପରେ ଶାଣିତ ସ୍ୱର ଉଠାଇ ପାରିବାର ଭରପୂର ଅଭିଜ୍ଞତାର ଅଧିକାରୀ ହୋଇଥିବେ। ଦ୍ୱିତୀୟରେ ସେମାନଙ୍କର ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଥିବ। ଅନ୍ୟାୟ, ଅନୀତି, ଦୁର୍ନୀତି ବିରୋଧରେ କଠୋର ମନୋଭାବ ପୋଷଣ କରୁଥିବେ। ବିଭିନ୍ନ ଜନ ଆନ୍ଦୋଳନ ସହିତ ସମ୍ପୃକ୍ତ ଥିବେ। ବିଶେଷକରି ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗକୁ ନେଇ ତାଙ୍କ ଭିତରେ ସଂକୀର୍ଣ୍ଣତା ନଥିବ। ଏସବୁ ଦିଗ ପ୍ରତି ବିଚାର ନ କରି ଯଦି କେଇଟା ଟଙ୍କା ଲୋଭରେ, ମଦ ନିଶାରେ, କାହାର ତୁଚ୍ଛା ଧମକ ଚମକରେ କିମ୍ବା ଆଉ କିଛି ପ୍ରଲୋଭନରେ ପ୍ରଲୋଭିତ ହୋଇ ନିଜର ମୂଲ୍ୟବାନ ଭୋଟ୍ ଖଣ୍ଡକ ଯାହାକୁ ନାହିଁ ତାକୁ ଦେଇଦେବା ତେବେ କପାଳରେ ହାତମାରିବା ହିଁ ସାର ହେବ। ମନେରଖିବା ଉଚିତ ଆମର ଭୋଟ୍ ସମ୍ପୂର୍ଣ୍ଣ ସିକ୍ରେଟ୍। କେହି ଜାଣିବେନି, କେହି ଦେଖିବେନି। ଏଣୁ ନିଜ ବିବେକ ଖଟାଇ ଗୋଟିଏ ଜନବାଦୀ ସରକାର ଗଢ଼ିବା ପାଇଁ ଉତ୍ତମ ପ୍ରାର୍ଥୀଙ୍କ ନାମ ବା ସଙ୍କେତ ଡାହାଣକୁ ଥିବା ନୀଳ ବୋତାମ ଚିପି ଆସନ୍ତୁ ଭୋଟ୍ ଦେବା।

**ସଭାପତି, ଓଷ୍ଟା**

**ମୋ : ୯୯୩୮୭୬୩୨୩୭**



# ଭେଦଭାବ ବିକାଶରେ ଅନ୍ତରାୟ

ରାଜୀବ କୁମାର ନାୟକ

ଓଡ଼ିଶାରେ ମୋଟ୍ ୬୨ଟି ଜନଜାତି ଏବଂ ୯୩ଟି ଜାତିରେ ଲୋକ ବସବାସ କରୁଥିବାବେଳେ ଏମାନଙ୍କ ଜନସଂଖ୍ୟା ଯଥାକ୍ରମେ ମୋଟ୍ ୪.୫ କୋଟି ଜନସଂଖ୍ୟାର ୨୨.୧୫ ଏବଂ ୧୭.୨ ଶତକଡ଼ା। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଶିଶୁଙ୍କ ଅଧିକାରକୁ ସୁରକ୍ଷା ଦେବା ସମ୍ବନ୍ଧରେ ଯଦିଓ ସମ୍ବିଧାନରେ ଉଲ୍ଲେଖ ରହିଛି ତଥାପି ଆଜି ପର୍ଯ୍ୟନ୍ତ ସାମାଜିକ ବ୍ୟବସ୍ଥା ଏହି ଜାତିଗତ ଭେଦଭାବକୁ ଶହ ଶହ ବର୍ଷ ହେଲା କଳୁଷିତ କରି ରଖିଛି। ବିଦ୍ୟାଳୟ ବି ଏଥିରୁ ବାଦ୍ ଯାଇ ନ ଥିବା ବେଳେ ନିର୍ଦ୍ଦିଷ୍ଟ ସମୟାନ୍ତରରେ ଜାତିଗତ ବିଦ୍ୱେଷକୁ ନେଇ ସଙ୍ଗିନ ଅଭିଯୋଗମାନ ଗଣମାଧ୍ୟମର ପୃଷ୍ଠାମଣ୍ଡନ କରିଥାଏ। ୨୦୨୦ରେ ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡେ ଯେ ୩୫.୨୫ ଶତକଡା ଶିଶୁଙ୍କ ପାଖରେ ସେମାନେ ବ୍ୟକ୍ତିଗତ ଭାବରେ ବା ତାଙ୍କ ସାମ୍ନାରେ କେହି ଜାତିଗତ ବୈଷମ୍ୟର ଶିକାର ହୋଇଥିବା ଅନୁଭବ ରହିଛି। ଅନୁଧ୍ୟାନ ସମୟରେ ଅମୃତା(ଛଦ୍ମ ନାମ) ନାମ୍ନୀ ଜଣେ ଝିଅ ପ୍ରକାଶ କରନ୍ତି ଯେ ସେମାନେ ଦଳିତ ସମ୍ପ୍ରଦାୟର ହୋଇଥିବାରୁ ସେମାନଙ୍କୁ ଖାଇବା ବେଳେ ଅନ୍ୟତ୍ର ବସିବା ତଥା ଗାଧୋଇବା ସକାଶେ ସ୍ୱତନ୍ତ୍ର ଘାଟ ବ୍ୟବହାର କରିବାକୁ କୁହାଯାଇଥାଏ। ଆହୁରି ମଧ୍ୟ ଉଚ୍ଚ ଜାତିରୁ ଆସିଥିବା ଛାତ୍ରୀଛାତ୍ର ତାଙ୍କୁ ଲକ୍ଷ୍ୟକରି ଖରାପ ମନ୍ତବ୍ୟ ଦେବା ସହିତ ଗାଳି ମଧ୍ୟ କରିଥାନ୍ତି।

ଏହି ପ୍ରସଙ୍ଗରେ ଆଲୋଚନା କଲେ ଜଣାଯାଏ ଯେ ଅନେକ ବିଦ୍ୟାଳୟରେ ଦଳିତ ବର୍ଗର ପିଲାଙ୍କୁ ପାଇଖାନା ବ୍ୟବହାର କରିବାକୁ ଦିଆଯାଇ ନ ଥାଏ। ସେହିପରି ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ପିଇବା ପାଣିର ବ୍ୟବସ୍ଥାରୁ ସେମାନଙ୍କୁ ବାରଣ କରାଯାଇଥାଏ। ମଧ୍ୟାହ୍ନ ଭୋଜନ ସମୟରେ ତାଙ୍କୁ ଅନ୍ୟ ପିଲାଙ୍କଠୁ ଛାଡିକି ବସିବାକୁ କୁହାଯିବା ସହ ଖାଦ୍ୟ ପରଷା ଗଲାବେଳେ ତାଙ୍କ ପ୍ଲେଟରେ ଚାମଚ ଯେପରି ନ ଲାଗିବ ସେଥିପାଇଁ ଖାଦ୍ୟ ସବୁକୁ ଉପରୁ ତଳକୁ ପକାଇ ଦିଆଯାଇଥାଏ। ଆଜି ସମସ୍ତ ବିଦ୍ୟାଳୟରେ ସରକାର ବାଧ୍ୟତାମୂଳକ ଭାବରେ ଭେଦଭାବ ଶୂନ୍ୟ ଅଞ୍ଚଳ ଲେଖିବାକୁ କଡ଼ାକଡି ଭାବରେ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହା ଯେଉଁଭଳି ଭାବରେ କାର୍ଯ୍ୟକାରୀ ହେବାକଥା ତାହା ନ ହୋଇ କେବଳ ଲେଖା ଭିତରେ ସୀମିତ ରହୁଛି। ଏଥିସକାଶେ ଯେଉଁ ମାତ୍ରାରେ ଆନ୍ତରିକତା ରହିବା କଥା ତା'ର ଅଭାବ ପରିଲକ୍ଷିତ ହୁଏ। ରାଜ୍ୟ ସରକାର ଆହୁରି ମଧ୍ୟ ଦଳିତ ସମ୍ପ୍ରଦାୟରୁ ବିଦ୍ୟାଳୟକୁ ଆସୁଥିବା ପିଲାମାନଙ୍କ କ୍ଷେତ୍ରରେ ତାଙ୍କ ନାଁରୁ ବର୍ଗକୁ ନାମଲେଖା ରେଜିଷ୍ଟରରେ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯଦ୍ଦ୍ୱାରା ଜଣେ ପିଲା କେଉଁ ସମ୍ପ୍ରଦାୟରୁ ଆସିଛି ତାହା ଗୋପନ ରହିପାରିବ।

ଏହା କେବଳ ସମ୍ବଲପୁର ଜିଲା ବା ପଶ୍ଚିମ ଓଡ଼ିଶାର କଥା ନୁହଁ ଏହା ସମଗ୍ର ଓଡ଼ିଶାର କଥା। ହୁଏତ ଏହି ଭେଦଭାବ ସ୍ଥାନ ବିଶେଷରେ କମ୍ ବେଶି ହୋଇପାରେ କିନ୍ତୁ ଏହା ଆଜି ମଧ୍ୟ ବଳବତ୍ତର ରହିଛି। ଖାଲି ମଧ୍ୟାହ୍ନଭୋଜନ ବେଳେ ଛାଡିକି ବସାଇବା ବା ପିଇବାପାଣିରେ ବାରଣ କଥାକୁ ନେଇ ବାରଣ ନାହିଁ ବରଂ ଆଜି ବି ବାରଣ ସତ୍ତ୍ୱେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କୁ ତାଙ୍କ ଜାତିର ନାଁ ଧରି ଅପମାନିତ କରିବା, ବିଭିନ୍ନ କଥା କହିଛିଗୁଲେଇବା, ତାଙ୍କ ପାଖ ନ ମାଡିବା, ତାଙ୍କ ପାଠପଢାରେ ଉନ୍ନତି ଆଣିବା ନିମିତ୍ତ ଧ୍ୟାନ ନ ଦେବା ଇତ୍ୟାଦି ଭଳି ପାତରଅନ୍ତର ନୀତି ରଖିଥାନ୍ତି।



ଏହାର ପରିଣାମ ସ୍ୱରୂପ ଅନେକ ପିଲା ନିଜକୁ ଅପମାନିତ ବୋଧକରି ଦିନ ଦିନ ବିଦ୍ୟାଳୟକୁ ନ ଯିବା ଏପରିକି ଅଧାରୁ ପାଠ ଛାଡିବା ଭଳି ଘଟଣା ଦୃଷ୍ଟିଗୋଚର ହୋଇଥାଏ। ଛୁଆଁ ଅଛୁଆଁ ମନୋଭାବ କାରଣରୁ ଉପେକ୍ଷିତ ବର୍ଗ ଅନେକ ସମୟରେ ନିଜ ଧର୍ମର ଅସୂୟା ମନୋଭାବ ଏବଂ ଅନ୍ୟ ଧର୍ମର ଗ୍ରହଣୀୟତା କାରଣରୁ ଧର୍ମ ପରିବର୍ତ୍ତନ କରିବାକୁ ଉଚିତ ମଣୁଛନ୍ତି। ସାଧାରଣ ଭାବରେ ଚାଲିଚଳଣି, ପୋଷାକ ପରିଚ୍ଛଦ,ଖାଦ୍ୟପେୟକୁ ନେଇ ଜାତି ଜାତି ମଧ୍ୟରେ ଥିବା ପ୍ରଭେଦ କାରଣରୁ ଭେଦଭାବ ବୃଦ୍ଧି ପାଇଥାଏ । ଫଳସ୍ୱରୂପ ଯେଉଁ ଧର୍ମରେ ଏ ସବୁକୁ ଗୁରୁତ୍ୱ ଦିଆଯାଇ ନ ଥାଏ ସେହି ଧର୍ମ ଗ୍ରହଣ କରିବାକୁ ଅପର ପକ୍ଷ ଉଚିତ ମଣିବା ଦୃଷ୍ଟିଗୋଚର ହୋଇଥାଏ।

ଭାରତୀୟ ସମ୍ବିଧାନ ଏକ ଜନମଙ୍ଗଳକାରୀ ରାଷ୍ଟ୍ରରୂପେ ସର୍ବତ୍ର ବିଦିତ ଥିବାବେଳେ ଜନମଙ୍ଗଳକୁ ବାଦ୍ ଦେଇ ଯେଉଁ ଅନ୍ୟ ଏକ ପ୍ରମୁଖ ଦିଗ ରହିଛି ତାହା ହେଲା ସାମାଜିକ ନ୍ୟାୟ। ଆମେ ଯେତେଦିନ ପର୍ଯ୍ୟନ୍ତ ଏମିତି ସାମାଜିକ ବିଭେଦ, ଜାତିଗତ ବୈଷମ୍ୟକୁ ନେଇ ଚାଲୁଥିବା ଆମେ ପ୍ରଗତି ପଥରେ ଆଗୁସାର ହୋଇପାରିବା ନାହିଁ। ଆମ ଜାତିପ୍ରଥା ଏବଂ ସାମାଜିକ ନ୍ୟାୟରେ ମଧ୍ୟ ଅନେକ ବିରୋଧାଭାଷ ଦେଖିବାକୁ ମିଳେ। ସାମାଜିକ ବ୍ୟବସ୍ଥା ମଧ୍ୟରେ ଅନୁସୂଚିତ ଜାତି ବର୍ଗରେ ଥିବା ଅନୁସୂଚିତ ଜାତି ସମ୍ପ୍ରଦାୟ ଦୀର୍ଘଦିନ ଧରି ଅଛୁଆଁ ବିବେଚିତ ହେଉଥିବା ବେଳେ କୈବର୍ତ୍ତ ସମ୍ପ୍ରଦାୟର ଲୋକେ ଅଛୁଆଁ ନୁହନ୍ତି। ଫଳରେ ଅନ୍ୟ ଜାତିର ପିଲା ଦ୍ୱାରା ସେମାନେ ସହଜରେ ଗ୍ରହଣୀୟ ଏବଂ ମିଶିକି ସେମାନେ ଏକାଠି ବସିବା, ଖାଇବା, ଟିଉଶନ୍ ଯିବା, ପାଠ ସମ୍ବନ୍ଧରେ ଆଲୋଚନା କରିବା, ଖେଳିବା, ବହି ଖାତାପତ୍ର ଇତ୍ୟାଦି ଦିଆନିଆ କରିବା ଇତ୍ୟାଦି ହୋଇଥାଏ, ଯାହାକି ଅନୁସୂଚିତ ଜାତି ବର୍ଗର ଗୋଟେ ପିଲା ସହିତ ହୋଇ ନ ଥାଏ। ଝିଅମାନଙ୍କ କଥା ଦେଖିଲେ ଆହୁରି ଅଲଗା। ସମାଜରେ ଜାତି ଜାତି ଭିତରେ ଥିବା ଭେଦଭାବ ସହିତ ନାରୀ ଏବଂ ପୁରୁଷ ମଧ୍ୟରେ ଥିବା ଲିଙ୍ଗଗତ ବୈଷମ୍ୟ ମିଶିଯିବା ଫଳରେ ଅନୁସୂଚିତ ବର୍ଗରେ ଥିବା ହରିଜନ ସମ୍ପ୍ରଦାୟର ଝିଅପିଲାମାନେ ଆହୁରି ପଶ୍ଚାଦଭାଗରେ ରହିଥାନ୍ତି।

ଜାତିଗତ ବୈଷମ୍ୟକୁ ସମାଜରୁ ଦୂରେଇବାକୁ ହେଲେ ଶିକ୍ଷା, ସଚେତନତା ସହିତ ବ୍ୟବସ୍ଥାରେ ସୁଧାରର ଆବଶ୍ୟକତା ରହିଛି। ଆମେ ଯଦି ଦେଖିବା ଏହି ଜାତିଗତ ବୈଷମ୍ୟ ତଳ ସ୍ତରରେ ଯେତିକି ରହିଛି ସମାଜର ଉପର ସ୍ତରରେ ଥିବା ଲୋକଙ୍କ ମଧ୍ୟରେ ସେତିକି ନାହିଁ। ଏହା ସହିତ ଭୌଗୋଳିକ ଅବସ୍ଥିତିକୁ ନେଇ ମଧ୍ୟ ଜାତିଗତ ବୈଷମ୍ୟ ଅନେକ ମାତ୍ରାରେ ଜଡିତ। ନିଜ ଗାଁରେ ଜଣେ ବ୍ୟକ୍ତିବିଶେଷ ପ୍ରତି ବାଛ ବିଚାର କରୁଥିବା ଆଉ ଜଣେ ବ୍ୟକ୍ତି ଯେତେବେଳେ ଦିଲ୍ଲୀ କି ମୁମ୍ବାଇରେ ସହାବସ୍ଥାନ କରୁଛି ତା' ସହିତ ସେତେଟା ବାଛ ବିଚାର କରୁନାହିଁ ଏବଂ ମିଶିକି ରହୁଛି। ଠିକ୍ ସେହିପରି ଆମେ ଯେତେ ଅଧିକ ଶିକ୍ଷିତ ହେଉଛୁ ଆମେ ଭୁଲ୍‌ଭାଲର ବିଚାର କରିପାରୁଥିବା ହେତୁ ଆମର ଗ୍ରହଣୀୟତା ବଢୁଛି।

**ପଦରପଡା, ବୌଦ୍ଧ**

**ମୋ:୯୪୩୭୫୬୭୧୮୩୧**

## ଏଇ ଭାରତରେ

ପିଲାଙ୍କ ଖୁସି ପାଇଁ ସବୁକିଛି ତ୍ୟାଗ କରିବାକୁ ପଛାନ୍ତି ନାହିଁ ମାତାପିତା, କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନେ ପିଲାମାନଙ୍କୁ ଏକ ଯନ୍ତ୍ରଣାମୟ ଜୀବନ ବଞ୍ଚିବା ପାଇଁ ବାଧ୍ୟ କରନ୍ତି। ବିଶ୍ୱାସ ହେଉ ନ ଥିଲେ ବି ଏମିତି ଏକ ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଗ୍ୱାଲିୟର ରେଳଷ୍ଟେଶନରେ। ଏଠାରେ ତିନି ସନ୍ତାନଙ୍କୁ ଛାଡି ଦେଇ ପଳାୟନ କରିଛନ୍ତି ଦମ୍ପତି। ତିନି ସନ୍ତାନଙ୍କ ମଧ୍ୟରେ ଅଛନ୍ତି ଦୁଇ ଝିଅ ଏବଂ ଗୋଟିଏ ୨ ମାସର ଶିଶୁପୁତ୍ର। ଏମାନଙ୍କ ମଧ୍ୟରେ ବଡ ଝିଅର ବୟସ ୭ ବର୍ଷ ଓ ସାନ ଝିଅର ବୟସ ୬ ବର୍ଷ , କିନ୍ତୁ ସେମାନେ ତାଙ୍କ ମାତାପିତାଙ୍କ ବିଷୟରେ କିଛି ବି କହିପାରୁ ନାହାନ୍ତି । ତେବେ ସେମାନେ ନିଜ ମାତାପିତାଙ୍କ ସହ ଷ୍ଟେଶନକୁ ଆସିଥିଲେ ଏବଂ ସେଠାରେ ଛାଡି ସେମାନେ ଚାଲି ଯାଇଛନ୍ତି। ଦୀର୍ଘ ସମୟ ପିଲାମାନେ ସେହିଠାରେ ବସି ରହିଥିବା ଦେଖି ଆରପିଏଫ୍ ସେମାନଙ୍କୁ ଉଦ୍ଧାର କରି ମହିଳା ଏବଂ ବାଳ ବିକାଶ କେନ୍ଦ୍ରରେ ଭର୍ତ୍ତି କରିଛି। ଘଟଣା ସମ୍ପର୍କରେ ଜାଣିବା ପାଇଁ ପୋଲିସ ଯାଞ୍ଚ ଆରମ୍ଭ କରିଛି। ତେବେ ପିଲାଙ୍କ ମାତାପିତାଙ୍କୁ ଠାବ କରିବା ପରେ ହିଁ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଶା ରଖିଛି ପୋଲିସ।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ମେ ୧୯୭୫**

- ପାଟନାଠାରୁ ୭ କିଲୋମିଟର ଦୂରବର୍ତ୍ତୀ ଦାନାପୁର ଷ୍ଟେଶନରେ ଚଳନ୍ତା ଅପ୍ ମୋଗଲସରାଇ ପାସେଞ୍ଜର ଗାଡ଼ି ଠିଆ ହୋଇଥିବା ଅନ୍ୟ ଏକ ମାଲଗାଡ଼ିକୁ ଧକ୍କା ଦେବା ଫଳରେ ୧୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ବରୋଦା ନିକଟରେ ଥିବା ଗୁଜରାଟ ତୈଳ ବିଶୋଧନାଗାରରେ ପେଟ୍ରୋଲିୟମ ପ୍ରତିଷ୍ଠାନ ପକ୍ଷରୁ ଏକ ଛୋଟ କାରଖାନା ସ୍ଥାପନ କରାଯାଇ ସେଥିରୁ ପେଟ୍ରୋ-ପ୍ରୋଟିନ ଜାତ ଦ୍ରବ୍ୟ ଉତ୍ପାଦିତ।
- ଆଫଗାନିସ୍ତାନ ଓ ଚୀନ ମଧ୍ୟରେ ବିଭିନ୍ନ ସାମଗ୍ରୀର ବିନିମୟ ସମ୍ପର୍କରେ ସମ୍ପାଦିତ ଏକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 1 | | 2 | | | |
| 7 | 1 | | | | | | | |
| | 8 | | | | 3 | 5 | | |
| | | | | | | | | 2 |
| | | 7 | | | 8 | | 5 | |
| 6 | | | 7 | | 9 | 3 | | |
| 2 | | | 9 | | | 8 | | 1 |
| | 6 | | | | | | 3 | |
| 5 | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 4 | 9 | 8 | 2 | 7 | 1 | 6 |
| 7 | 6 | 8 | 1 | 4 | 5 | 9 | 2 | 3 |
| 2 | 9 | 1 | 6 | 3 | 7 | 4 | 5 | 8 |
| 8 | 7 | 6 | 4 | 2 | 3 | 1 | 9 | 5 |
| 3 | 1 | 9 | 5 | 7 | 6 | 2 | 8 | 4 |
| 4 | 2 | 5 | 8 | 9 | 1 | 3 | 6 | 7 |
| 6 | 4 | 2 | 3 | 5 | 9 | 8 | 7 | 1 |
| 1 | 8 | 7 | 2 | 6 | 4 | 5 | 3 | 9 |
| 9 | 5 | 3 | 7 | 1 | 8 | 6 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ସେବନକାରୀଙ୍କ ସଂଖ୍ୟା ବଢୁଛି

ମହାଶୟ,

ପୁରୀ ସହର ସହ ଜିଲାର ସତ୍ୟବାଦୀ ସମେତ ଅଧିକାଂଶ ବ୍ଲକରେ ନିଶାସେବନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢୁଥିବା ଅନେକ ସମୟରେ ବିଭିନ୍ନ ସୂତ୍ରରୁ ପ୍ରକାଶ ପାଉଛି। ପୁରୀ ଜିଲାର ୨ୟ ପର୍ଯ୍ୟଟନ କ୍ଷେତ୍ର ସତ୍ୟବାଦୀର ୨୪ ଗୋଟି ପଞ୍ଚାୟତରେ ଭାଙ୍ଗ, ଗଞ୍ଜେଇ, ହେରୋଇନ ଓ ମଦ ଖୁଲୁମଖୁଲା ବିକ୍ରୟ ଚାଲିଛି। ସତ୍ୟବାଦୀ ବଜାର, ଜୟପୁର, କଲେଜ ସ୍କୋୟାର, ବକୁଳବନ, ଅହମ୍ମଦପୁର, ମହାମାୟା ସାହି, ଶ୍ରୀରାମଚନ୍ଦ୍ରପୁର, ବନ୍ଦରପୁର, ସଂସାହି, ନହଳା, ଅଳଗୁମ ଓ ମନ୍ଦିର ଚାରିପାଖରେ ନିଶାଡ଼ିଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗଞ୍ଜେଇ ପୁଡ଼ିଆ, ଗଞ୍ଜା ସିଗାରେଟ୍, ଭାଙ୍ଗପଣା ଓ ମଫସଲରେ ଥିବା ଅଧିକାଂଶ ଦୋକାନ ବଜାରରେ ବିଦେଶୀ ମଦ ବିକ୍ରୟ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଆଦୌ ପାଟ୍ରୋଲିଂ କରାଯାଉନାହିଁ। ହେଲେ ଜିଲାରେ ନିଶା ସେବନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢୁଛି ନା କମୁଛି ସେ ନେଇ ତଥ୍ୟ ରଖିବାର ପ୍ରଶାସନ ପାଖରେ କିଛି ବ୍ୟବସ୍ଥା ନାହିଁ ବୋଲି ଜଣେ ଅଧିକାରୀ ନିଜ ନାମ ଗୋପନରେ ରଖି ପ୍ରକାଶ କରିଛନ୍ତି।

**-ଦେବଡିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

## ଚିରନ୍ତନୀ

କାକଳି ତୋଳି କରଇ କେଳି
ସରସୀ ଜଳେ ହଂସ
ପକ୍ଷେ ତାର ଲାକ୍ଷା ଲାଗେ
ତୁମରି ରାଗ ଅଂଶ।

-(ପଉଷ ସନ୍ଧ୍ୟା)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ତିତ୍‌ଲି
ପରିବାରବର୍ଗ


ବାବଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଲିସା, ଅଂଶୁମାନଙ୍କୁ ସ୍ୱର୍ଣ୍ଣ


କର୍ମକର୍ତ୍ତାଙ୍କ ସହ ପଦକ ବିଜେତା ଓଡ଼ିଶା କରାଟେକାମାନେ।

## ଜାତୀୟ କରାଟେ ଉଦ୍‌ଯାପିତ

■ ଓଡ଼ିଶା ଦଳକୁ ମୋଟ ୨୧ ପଦକ

ଭୁବନେଶ୍ୱର, ୧୨।୫ (ବିଜୟ ରଣା)

ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ ଜୁନିୟର ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଡ଼ିଶା ୨ସ୍ୱର୍ଣ୍ଣ ସହ ୬ଟି ପଦକ ଜିତିବାରେ ସମର୍ଥ ହୋଇଛି। ଫଳରେ ଓଡ଼ିଶା ଦଳ ମୋଟ ୨୧ ପଦକ (୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ ବ୍ରୋଞ୍ଜ) ସହ ଏହାର ଅଭିଯାନ ଶେଷକରିଛି। ରବିବାର ମହିଳା କ୍ୟାଡେଟ୍ କାଟାରେ ଆଲିସା ସୁବୁଦ୍ଧି ଓ ଅଂଶୁମାନ ଆଚାର୍ଯ୍ୟ ପୁରୁଷ କ୍ୟାଡେଟ୍ (୭୦କିଗ୍ରାରୁ କମ୍) ଫାଇଟ୍‌ରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ପୁନିତ୍ କୁମାର ମହନ୍ତ କ୍ୟାଡେଟ୍ ପୁରୁଷ କାଟାରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଜ୍ୟୋତିର୍ମୟୀ ରାଣା (୬୧କି.ଗ୍ରାରୁ କମ୍) ମହିଳା ଫାଇଟ୍‌ରେ, ଓମ୍ ସତ୍ୟମ୍ ମହାନ୍ତି (୪୫ କି.ଗ୍ରାରୁ କମ୍) କ୍ୟାଡେଟ୍ ପୁରୁଷ ଫାଇଟ ଏବଂ ଚନ୍ଦନା ପ୍ରିୟଦର୍ଶିନୀ (୪୨ କି.ଗ୍ରାରୁ କମ୍) କ୍ୟାଡେଟ୍ ମହିଳା ବିଭାଗରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶା ଦଳ ସହ ଟିମ୍ ମ୍ୟାନେଜର ଭାବେ ଅଭିନାଶ ପୁନ୍ଦିର, ମହିଳା ଟିମ୍ ମ୍ୟାନେଜର ଭାବେ ସୁସ୍ମିନୀ ପାଲ୍‌ଟାସିଂ ଗସ୍ତ କରିଥିଲେ।

# ନୂଆ ଜାତୀୟ ରେକର୍ଡ କଲେ ଦୀକ୍ଷା

## ଲସ୍‌ଏଞ୍ଜେଲ୍ସ ଆଥ୍‌ଲେଟିକ୍ସ ମିଟ୍

**ନୂଆଦିଲ୍ଲୀ, ୧୨।୫ (ପି.ଟି.):** ଭାରତୀୟ ଟ୍ରାକ୍ ଆଥ୍‌ଲେଟ କେ.ଏମ୍. ଦୀକ୍ଷା ଲସ୍‌ଏଞ୍ଜେଲ୍ସଠାରେ ଚାଲିଥିବା ସାଉଣ୍ଡ ରନିଂ ଟ୍ରାକ୍ ଫେଷ୍ଟ ମହିଳା ୧୫୦୦ ମିଟର ଦୌଡ଼ରେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ବେଳେ ପୁରୁଷ ୫,୦୦୦ ମିଟର ଇଭେଣ୍ଟରେ ଅବିନାଶ ସାବ୍‌ଲେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୫ ବର୍ଷୀୟା ଦୀକ୍ଷା ଫାଇନାଲରେ ଦୂରତାକୁ ୪:୦୪.୭୮ରେ ଅତିକ୍ରମ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ତେବେ ସେ ୨୦୨୧ରେ ୱାରାଙ୍ଗଲଠାରେ ଅନୁଷ୍ଠିତ ନ୍ୟାଶନାଲ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ହରମିଲାନ ବେନ୍ସ (୪:୦୫.୩୯)ଙ୍କ ଦ୍ୱାରା ପ୍ରତିଷ୍ଠିତ ରେକର୍ଡକୁ ଭାଙ୍ଗ କରିଦେଇଥିଲେ। ପୂର୍ବରୁ ୨୦୨୩ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ୪:୦୬.୦୭ ଟାଇମିଂ ସହ ବେନ୍ସଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଉତ୍ତର ପ୍ରଦେଶର ଆଲମୋରା ବାସିନ୍ଦା ଦୀକ୍ଷା ଗତ ୫ବର୍ଷ ହେଲା ଏମ୍‌ପି ଆଥ୍‌ଲେଟିକ୍ସ ଏକାଡେମୀରେ କୋଚ୍ ଏସ୍.କେ. ପ୍ରସାଦଙ୍କ ଅଧୀନରେ ତାଲିମ ନେଇ ଆସୁଛନ୍ତି। ପାରୁଲ ଚୌଧାରୀ ୧୫:୧୦.୬୯ ସେକେଣ୍ଡ ଟାଇମିଂରେ ମହିଳା ୫୦୦୦ ମିଟର ଦୌଡ଼ରେ ୫ମ ହୋଇଥିଲେ। ସେ ଅଳ୍ପକେ ତାଙ୍କ ଜାତୀୟ ରେକର୍ଡରେ ଉନ୍ନତି ଆଣିବାରେ ବିଫଳ ହୋଇଥିଲେ। ଭାରତର ଅନ୍ୟ ଜଣେ ଆଥ୍‌ଲେଟ ଅଙ୍କିତା ୧୫:୨୮.୮୮ ଟାଇମିଂରେ ୧୦ମ ସ୍ଥାନ ଅଧିକାର କରିଥିଲେ। ସାବ୍‌ଲେ ପୁରୁଷ ୫୦୦୦ମିଟର ଇଭେଣ୍ଟରେ ୧୩:୨୦.୩୭ ଟାଇମିଂରେ ଦ୍ୱିତୀୟ ହୋଇଥିଲେ। ଏହି ଇଭେଣ୍ଟରେ ଗୁରବିନ୍ଦର ସିଂ ୧୩:୩୧.୯୫ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ସାବ୍‌ଲେଙ୍କ ୫୦୦୦ମିଟର ଜାତୀୟ ରେକର୍ଡ ଟାଇମିଂ ୧୩:୧୯.୩୦ ରହିଛି। କାର୍ତ୍ତିକ କୁମାର ପୁରୁଷ ୧୦,୦୦୦ ମିଟର ଦୌଡ଼ର ଅନ୍ତିମ ଲାପ୍ ୬୨ ସେକେଣ୍ଡରେ ଶେଷ କରିଥିଲେ। ମାତ୍ର ସେ ୨୮:୦୭.୬୬ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

## ଜନ୍ମଦିନ ଶୁଭେଚ୍ଛା



ଆର୍ଯ୍ୟାଂଶ ଓ ଆରାଧ୍ୟା (ଯମଜ)ଙ୍କର ପ୍ରଥମ ଶୁଭ ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନତି ସେ ଭାଇ-ଭଉଣୀଙ୍କୁ ସୁସ୍ଥ, ଦୀର୍ଘାୟୁ ଓ ସୁଖୀ ରଖନ୍ତୁ। ଶୁଭେଚ୍ଛା ସହ: ବିନି, ବୁଲୁ, କାହ୍ନୁ, ପ୍ରୀତି ଓ ଚିନ୍ତୁ, ଅଜା: ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର, ଆଈ: ଶ୍ରୀମତୀ କମଳା ମିଶ୍ର। ଫ୍ଲାଟ୍ No-୨୦୪, ଶାସ୍ତ୍ରୀ ନଗର
ଧ-୨୮୫

# ଚେପକ୍‌ରେ ଚେନ୍ନାଇର ୫୦ତମ ବିଜୟ


ପ୍ଲେୟର ଅଫ୍ ଦି ମ୍ୟାଚ ସିମରଜିତ ସିଂ।

ଚେନ୍ନାଇ, ୧୨।୫

ଇଣ୍ଡିଆନ ପ୍ରିମିୟର ଲିଗ୍ ରବିବାର ଡବଲ ହେଡରର ପ୍ରଥମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୫ ଉଇକେଟରେ ପରାସ୍ତ କରିଛି ଚେନ୍ନାଇ ସୁପର କିଙ୍ଗ୍ସ। ବ୍ୟାଟିଂ ପାଇଁ ସହଜ ହୋଇ ନ ଥିବା ପିଚ୍‌ରେ ରାଜସ୍ଥାନ ୨୦ ଓଭରରେ ୫ ଉଇକେଟ ହରାଇ ୧୪୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟଲକ୍ଷ୍ୟ ବଡ଼ ନ ଥିଲେ ହେଁ ଏହାକୁ ହାସଲ କରିବା ପାଇଁ ଚେନ୍ନାଇ ୧୮.୨ ଓଭର ଓ ୫ ଉଇକେଟର ସହାୟତା ନେଇଥିଲା। ଚେପକ୍‌ରେ ଚେନ୍ନାଇର ଏହା ଥିଲା ୫୦ତମ ଆଇପିଏଲ୍ ବିଜୟ। ସେଥିପାଇଁ ମ୍ୟାଚ୍‌ପରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଫ୍ରାଞ୍ଚାଇଜ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ କୋଲ୍‌କାତା ନାଇଟ ରାଇଡର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ କେବଳ ସେମାନଙ୍କ ଘରୋଇ ପିଚ୍‌ରେ ୫୦ କିମ୍ବା ତଦୂର୍ଦ୍ଧ୍ୱ ବିଜୟ ହାସଲ କରିଛନ୍ତି। ୧୩ ମ୍ୟାଚ୍‌ରୁ ୭ମ ବିଜୟ ସହ ଚେନ୍ନାଇ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ପହଞ୍ଚିଯାଇଛି। ଫଳରେ ଏହାର ପ୍ଲେ-ଅଫ୍ ସମ୍ଭାବନା ବଢ଼ିଯାଇଛି। ଅନ୍ୟପକ୍ଷରେ ଚଳିତ ସିଜନରେ ପ୍ରଥମେ ୧୬ ପଏଣ୍ଟ ହାସଲ କରି ପ୍ଲେ-ଅଫ୍ ଦ୍ୱାରରେ ପହଞ୍ଚିଯାଇଥିଲେ ହେଁ କ୍ରମାଗତ ତୃତୀୟ ପରାଜୟ ଯୋଗୁ ରାଜସ୍ଥାନର ପ୍ରତୀକ୍ଷା ବଢ଼ିଛି। ତେବେ ଦଳ ଏବେ ମଧ୍ୟ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହି ପ୍ରଥମ ୨ ସ୍ଥାନ ହାସଲ କରିବା ସମ୍ଭାବନା ଉଜ୍ଜୀବିତ ରଖିଛି।

ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମର ସ୍ଲୋ ପିଚ୍‌ରେ ଟସ୍ ଜିତି ରାଜସ୍ଥାନର ବ୍ୟାଟିଂ ନିଷ୍ପତ୍ତି କାମ ଦେଇ ନ ଥିଲା। ରିୟାନ ପରାଗ ସର୍ବାଧିକ ୪୭ ରନ୍‌କରି ଅପରାଜିତ ରହିଥିବାବେଳେ ଧ୍ରୁବ ଜୋରେଲ ୨୮ ରନ୍‌ର ଯୋଗଦାନ ଦେଇଥିଲେ। ଟପ୍ ଅର୍ଡରେ ଦ୍ରୁତହାରରେ ରନ ସଂଗ୍ରହରେ ବିଫଳ ହେବାରୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ବିପକ୍ଷ ଦଳର ସିମରଜିତ ସିଂ ୩ଟି ଓ ତୁଷାର ଦେଶପାଣ୍ଡେ ୨ଟି ଉଇକେଟ ନେଇଥିଲେ। ରନ୍ ଚେଜ୍ ସମୟରେ ଚେନ୍ନାଇ ଟପ୍ ଅର୍ଡର ଭଲ ଖେଳିଥିଲା। ଫଳରେ ଦଳ ବିଜୟଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରିଥିଲା। ମିଡିଲ ଅର୍ଡରରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ବିଜୟ ଯଦିଓ ବିଳମ୍ବିତ ହୋଇଥିଲା ତେବେ ଅଧିନାୟକ ଋତୁରାଜ ଗାଏକ୍ୱାଡ଼ଙ୍କ ୪୨ ରନ୍‌ର ଅପରାଜିତ ଇନିଂସ ବିଶେଷ ଫଳପ୍ରଦ ହୋଇଥିଲା। ଅନ୍ୟତମ ଓପ୍‌ନର ରାଚିନ ରବୀନ୍ଦ୍ର ୨୭ ରନ୍ କରିଥିଲେ। ରବୀନ୍ଦ୍ର ଜାଡେଜା ଫିଲ୍ଡ ଅବ୍‌ଷ୍ଟ୍ରକ୍ଟ ନିୟମରେ ଆଉଟ ହେବା ଚର୍ଚ୍ଚାରେ ରହିଥିଲା। ଏକ ସିଙ୍ଗଲ ରନ୍ ନେବାପରେ ଦ୍ୱିତୀୟ ରନ୍ ନେବାକୁ ଜାଡେଜା ବାହାରି ଆସିଥିବାବେଳେ ଗାଏକ୍ୱାଡ୍ ଆଗ୍ରହ ଦେଖାଇ ନ ଥିଲେ। ସଞ୍ଜୁ ସାମ୍‌ସନ ନନ୍‌ଷ୍ଟ୍ରାଇକର ଏଣ୍ଡକୁ ଥ୍ରୋ କରିଥିଲେ ଏବଂ ଜାଡେଜା ଜାଣିଶୁଣି ବଲ୍‌କୁ ଅଟକାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ତୃତୀୟ ଅମ୍ପାୟର ରିପ୍ଲେ ଦେଖିବାପରେ ଜାଡେଜାଙ୍କୁ ଫିଲ୍ଡ ଅବ୍‌ଷ୍ଟ୍ରକ୍ଟ ନିୟମରେ ଆଉଟ ଘୋଷଣା କରିଥିଲେ। ଅସନ୍ତୁଷ୍ଟ ଥିଲେ ହେଁ ଜାଡେଜାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଆଇପିଏଲ୍‌ରେ କୌଣସି ଖେଳାଳି ଏପରି ଆଉଟ ହେବା ଏହା ପ୍ରଥମ। ପ୍ରଭାବୀ ବୋଲିଂ ପାଇଁ ଚେନ୍ନାଇର ସିମରଜିତ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୧/୫ (ରିୟାନ ପରାଗ-୪୭, ଧ୍ରୁବ ଜୋରେଲ-୨୮, ଯଶସ୍ୱୀ ଜୟସ୍ୱାଲ-୨୪, ଜୋଶ ବଟଲର-୨୧, ସିମରଜିତ ସିଂ-୩/୨୬, ତୁଷାର ଦେଶପାଣ୍ଡେ-୨/୩୦)। ଚେନ୍ନାଇ ସୁପର କିଙ୍ଗ୍ସ ୧୮.୨ ଓଭରରେ ୧୪୫/୫ (ଋତୁରାଜ ଗାଏକ୍ୱାଡ-୪୨*, ରାଚିନ ରବୀନ୍ଦ୍ର-୨୭, ରବିଚନ୍ଦ୍ରନ ଅଶ୍ୱିନ-୨/୩୫, ନନ୍ଦ୍ରେ ବର୍ଗର-୧/୨୧, ଯୁଜ୍‌ବେନ୍ଦ୍ର ଚହଲ-୧/୨୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଗୁଜରାଟ ବନାମ କୋଲକାତା
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରଖିଲା ଆରସିବି

**ବେଙ୍ଗାଲୁରୁ, ୧୨।୫:** ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌କୁ ୪୭ ରନରେ ଜିତି ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟରେ ଆରସିବି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟରେ ୧୮୭ ରନ୍ କରିଥିଲା ଜବାବରେ ଦିଲ୍ଲୀ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ କରିଥିଲା। ଆରସିବି ଅଧିନାୟକ ଫାଫ୍ ଡୁ ପ୍ଲେସି ମାତ୍ର ୬ ରନ୍ କରି ଦ୍ୱିତୀୟ ଓଭରରେ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଷ୍ଟାର ବ୍ୟାଟର ବିରାଟ କୋହଲି ମାତ୍ର ୧୩ ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୭ ରନ୍ କରିଥିଲେ। କୋହଲି ଆଉଟ ହେବା ପରେ ୱିଲ ଜ୍ୟାକ୍ସ(୪୧)ଙ୍କ ସହ ଯୋଗ ଦେଇ ରଜତ ପଟିଦାର ତୃତୀୟ ଉଇକେଟରେ ୮୮ ରନ୍ ଯୋଡିଥିଲେ। ପଟିଦାର ୩୨ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ମାରି ୫୨ ରନ୍ କରିଥିଲେ। ଅନ୍ୟ ପକ୍ଷରେ ୱିଲ୍ ଜ୍ୟାକ୍ସ ୨୯ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ମଧ୍ୟକ୍ରମରେ ମହିପାଲ ଲୋମରୋର ୧୩, ଦୀନେଶ କାର୍ତ୍ତିକ ୦ ଓ ସ୍ୱପ୍ନିଲ ସିଂ ୦ ନିରାଶ କରିଥିଲେ। କାମେରନ୍ ଗ୍ରୀନ୍ ୨୪ ବଲ୍ ଖେଳି ୧ ଚୌକା ଓ ୨ ଛକା ସହ ୩୨ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ଖଲିଲ ଅହମଦ ଓ ରଶିଖ୍ ଦର ସଲାମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୮୮ ରନ୍‌ର ଲକ୍ଷ୍ୟ ଚିନ୍ନାସ୍ୱାମୀ ଗ୍ରାଉଣ୍ଡରେ ସହଜ ହେବ ବୋଲି ଆଶା କରାଯାଉଥିଲା। ତେବେ ଆରସିବି ବୋଲର ସଠିକ୍ ଲାଇନ ଲେନ୍ଥରେ ବୋଲିଂ କରି ମ୍ୟାଚକୁ ଜିତି ନେଇଥିଲେ। ଦିଲ୍ଲୀ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ ସର୍ବାଧିକ ୫୭ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାଇ ହୋପ୍ ୨୯ ଓ ଜେକ୍ ଫ୍ରେଜର ମ୍ୟାକ୍‌ଗ୍ରୁକ ୨୧ରନ୍ କରିଥିଲେ। ଅକ୍ଷର ୩୯ ବଲ୍ ଖେଳି ୫ ଚୌକା ଓ ୩ ଛକା ମାରିଥିଲେ। ଆରସିବି ପକ୍ଷରୁ ଯଶ ଦୟାଲ ୩, ଲୋକି ଫର୍ଗୁସନ ୨, ସ୍ୱପ୍ନିଲ ସିଂ, ମହମ୍ମଦ ସିରାଜ ଓ କାମେରନ୍ ଗ୍ରୀନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଭୟ ଦଳ ସମାନ ୧୨ ପଏଣ୍ଟ ଲେଖାଏ ପାଇଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ବଡ ବ୍ୟବଧାନରେ ବିଜୟ ହାସଲ କଲେ ପ୍ଲେ ଅଫ୍ ଯିବାର ସମ୍ଭାବନା ରହିବ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୮୭/୯ (ରଜତ ପଟିଦାର-୫୨, ୱିଲ୍ ଜ୍ୟାକ୍ସ-୪୧, କାମେରନ୍ ଗ୍ରୀନ୍-୩୨*, ରଶିଖ ଦର ସଲାମ-୨/୨୩, ଖଲିଲ ଅହମଦ-୨/୩୧, ଇଶାନ୍ତ ଶର୍ମା-୧/୩୧)। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ୧୪୦/୧୦ (ଅକ୍ଷର ପଟେଲ-୫୭, ଶାଇ ହୋପ୍-୨୯, ଜେକ୍ ଫ୍ରେଜର ମ୍ୟାକ୍‌ଗ୍ରୁକ୍-୨୧, ଯଶ ଦୟାଲ-୩/୨୦, ଲୋକି ଫର୍ଗୁସନ୍-୨/୨୩, ସ୍ୱପ୍ନିଲ ସିଂ-୧/୯)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୨ | ୯ | ୩ | ୧୮ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୨ | ୮ | ୪ | ୧୬ | +୦.୩୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୧୪ | +୦.୫୨୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୧୨ | +୦.୩୮୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୭ | ୧୨ | -୦.୪୮୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ଗୁଜରାଟ ଟାଇଟନ୍ସ | ୧୨ | ୫ | ୭ | ୧୦ | -୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୮ | -୦.୨୭୧ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | -୦.୪୨୩ |

# ରମଣଦୀପଙ୍କୁ ଜରିମାନା

**କୋଲକାତା, ୧୨।୫ (ପି.ଟି.):** ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ମିଡିୟମ ପେସର ରମଣଦୀପଙ୍କୁ ତାଙ୍କ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି। ଏହି ୨୭ ବର୍ଷୀୟ କ୍ରିକେଟର ଆଇପିଏଲ୍ ଆଚରଣବିଧିଧାରା ୨.୨୦ରେ ଲେଭଲ-୧ ଅପରାଧ କରିଛନ୍ତି। ସେ ତାଙ୍କ ଦୋଷ ସ୍ୱୀକାର କରିବା ସହ ମ୍ୟାଚ ରେଫରିଙ୍କ ଦଣ୍ଡକୁ ଗ୍ରହଣ କରିଛନ୍ତି। ଆଚରଣବିଧିର ଧାରା-୧ ଉଲ୍ଲଂଘନ କଲେ ମ୍ୟାଚ ରେଫରିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ମାନିବାକୁ ବାଧ୍ୟତାମୂଳକ। ଶନିବାର ବର୍ଷାରେ ପ୍ରଭାବିତ ମ୍ୟାଚରେ କେକେଆର ୧୮ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଚଳିତ ସିଜନରେ ପ୍ରଥମ ଦଳ ଭାବେ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି।

# ଅନ୍ତିମ ମ୍ୟାଚ୍ ଜିତିଲା ଜିମ୍ବାୱେ

**ଢାକା, ୧୨।୫ (ପି.ଟି.):** ବାଂଲାଦେଶ ବିପକ୍ଷ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚକୁ ୮ ଉଇକେଟରେ ଜିତି ନେଇଛି ଜିମ୍ବାୱେ। ଏହା ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ହ୍ୱାଇଟ୍ ୱାଶ୍‌ରୁ ଦଳ ବର୍ତ୍ତି ଯାଇଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୨୦ ଓଭରରେ ୬ ଉଇକେଟ ହରାଇ ୧୫୭ ରନ୍ କରିଥିଲା। ଜବାବରେ ଜିମ୍ବାଓେ ସିକନ୍ଦର ରାଜା ଓ ବ୍ରାୟାନ ବେନେଟଙ୍କ ଅର୍ଦ୍ଧଶତକ ବଳରେ ୧୮.୩ ଓଭରରେ ୨ ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା।

ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ମାତ୍ର ୧୫ ରନ୍‌ରେ ୩ ଉଇକେଟ ହରାଇଥିଲା। ତାଞ୍ଜିଦ୍ ହସନ(୧), ସୌମ୍ୟ ସରକାର(୭) ଓ ତୋହିଦ୍ ହ୍ରିଦୟ(୧) ରନ୍ କରି ଆଉଟ ହୋଇଥିଲେ। ନଜମୁଲ ହୋସେନ ଶନ୍ତୋ(୩୬) ଓ ମହମ୍ମଦୁଲ୍ଲା(୫୪) ତୃତୀୟ ଉଇକେଟରେ ୬୯ ରନ୍ ଯୋଡିଥିଲେ। ଶନ୍ତୋ ୨୮ ବଲ୍ ଖେଳି ୫ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟପକ୍ଷରେ ମହମ୍ମଦୁଲ୍ଲା ୪୪ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଶକିବ ଅଲ ହସନ ୨୧ ଓ ଜାକେର ଅଲୀ ୨୪ ରନ୍ କରିଥିବା ବେଳେ ବାଂଲାଦେଶ ୧୫୭ ରନ୍‌ରେ ପହଞ୍ଚିଥିଲା। ଜିମ୍ବାୱେ ପକ୍ଷରୁ ବ୍ରାୟାନ ବେନେଟ ଓ ମୁଜାରବାନି ଦୁଇଟି ଲେଖାଏ ଏବଂ ୱେଲିଂଟନ ମାସାକାଜା ଓ ଲ୍ୟୁକ୍ ଜଙ୍ଗୱେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୫୭/୬ (ମହମ୍ମଦୁଲ୍ଲା-୫୪, ନଜମୁଲ ହୋସେନ୍ ଶନ୍ତୋ-୩୬, ଜାକେର ଅଲି-୨୪, ବ୍ରାୟାନ ବେନେଟ-୨/୨୦, ମୁଜାରବାନି-୨/୨୨, ୱେଲିଂଟନ ମାସାକାଜା-୧/୨୩)। ଜିମ୍ବାୱେ ୧୮.୩ ଓଭରରେ ୧୫୮/୨ (ସିକନ୍ଦର ରାଜା-୭୨*, ବ୍ରାୟାନ୍ ବେନେଟ୍-୭୦, ଶକିବ ଅଲ ହସନ-୧/୯, ମହମ୍ମଦ ସଫିଉଦ୍ଦିନ-୧/୪୫)।

# ଅଲିମ୍ପିକ୍ସ ଉପରେ ପୁସ୍ତକ ସିରିଜ୍




**ନୂଆଦିଲ୍ଲୀ, ୧୨।୫(ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପୂର୍ବରୁ ଅଲିମ୍ପିକ୍ସ ଉପରେ ଏକ ପୁସ୍ତକ ସିରିଜ୍ ରିଲିଜ୍ ହୋଇଛି। ଏହି ପୁସ୍ତକରେ ୧୮୯୬ ପରବର୍ତ୍ତୀ ସମସ୍ତ ଅଲିମ୍ପିକ୍ସ ଉପରେ ବର୍ଣ୍ଣନା ରହିଛି। ସମସ୍ତ ସମର ଅଲିମ୍ପିକ୍ସର ଷ୍ଟାର ଖେଳାଳି ଓ ଶ୍ରେଷ୍ଠ ପ୍ରଦର୍ଶନକାରୀ ଆଥ୍‌ଲେଟଙ୍କ ଉପରେ ଏହି ପୁସ୍ତକ ଆଧାରିତ। ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ତଥା ଲେଖକ ବିଜୟନ ବାଲା ଏହି ବହି ଲେଖିଛନ୍ତି। 'ଅଲିମ୍ପିକ୍ସ: ମଡର୍ନ ସମର ଗେମ୍ସ, ଇଟ୍‌ସ ଷ୍ଟାର୍ସ ଆଣ୍ଡ ଗ୍ରେଟ୍ ମୋମେଣ୍ଟ୍ସ' ନାମକ ଏହି ପୁସ୍ତକରେ ସମସ୍ତ ଦେଶ ତଥା ଏହାର ଖେଳାଳିଙ୍କ ସମ୍ପର୍କରେ ବିସ୍ତୃତ ଭାବେ ଲେଖା ଯାଇଛି। ଓଣ୍ଡର ହାଉସ୍ ପ୍ରକାଶନ ସଂସ୍ଥା ପକ୍ଷରୁ ଏହି ବହିରେ ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କରେ ଏକ ବିଶେଷ ଚାପ୍ଟର ରହିଛି। ଶହେବର୍ଷ ପରେ ପ୍ୟାରିସ୍‌କୁ ଅଲିମ୍ପିକ୍ସ ଫେରୁଥିବା ନେଇ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରାଯାଇଛି।

**Classified Everyday 0674-2580101, 2549949**




**SALE**

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଛାରୁ ବିକ୍ରିହେବ। **9827119799.** D-272

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955




Newly open full body massage all types massage available. 7749034655. D-76121

Newly open health benefits Spa special offer @999, Bapujinagar. 8018429809. D-76120

Relax, refresh your body, mind by expert therapist. Contact- 9938843929. D-76118

Newly opened central SPA full-body massage. Trend Therapist. 8456885600. D-75738

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

Monalisa massage Club:All types Body massage with hiprofile smart lady rooms service available. 9708545108. D-276

Newly open Jyoti Spa positively health benefits (Expert Therapist). 8458067955. D-76119

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before in the Court of Executive Magistrate, Bargarh I, Brundabati Ratha, W/o. Santosh Kumar Ratha, Ward No-16, Brahmachari, Bargarh, P.S./Dist.- Bargarh do hereby declared that in my Aadhaar Card bearing No- XXXXXXXX6610 my name has been mentioned mistakely as Reena Ratha in place of my original name Brundabati Ratha. That Brundabati Ratha and Reena Ratha both are same and one person namely myself.
-Brundabati Ratha
D-290

I, Manas Ranjan Nayak, S/o, Chaitanya Nayak, R/o have changed my name to Manas Nayak for all purposes. D-281

**ମନେ ପଡ଼ନ୍ତି**

ଦ୍ୱାଦଶାହ ଅବସରରେ ଅଶ୍ରୁପୂର୍ଣ୍ଣ ଭକ୍ତିଭରା ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦ୍ୱାରିକାନାଥ ଦାଶ**
ନେଳିଆ ଶାସନ, ଛତିଆ, ଯାଜପୁର
ଆବିର୍ଭାବ-୦୨।୦୨।୧୯୩୪
ତିରୋଧାନ- ୦୨।୦୫।୨୦୨୪
'ମୃତ୍ୟୁ' ନାମକ ସେ ଧ୍ରୁବ ସତ୍ୟକୁ
ମାନି ନ ପାରଇ କେହି,
ତଥାପି ସେ ସତ୍ୟ
ସେ ହିଁ ବାସ୍ତବ
ଚିରନ୍ତନ କଥା ଏହି।
ଶୋକସନ୍ତପ୍ତ: ପୁତ୍ର- ଗୁରୁ ପ୍ରସାଦ ଦାଶ, ବନ୍ଧୁ ଓ ପରିବାରବର୍ଗ।
ଧ-୨୮୯

**CLASSIFIED DISPLAY**
MORE SPACE • SAME PRICE

**ଆଡ୍‌ୱାର୍ଲ୍ଡ**
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୭୭, ସେକ୍ଟର ୫, ନୋଏଡ଼ା
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୧୩/୨୦୨୪ Bhubaneswar, Monday, May 13/ 2024



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଫେଡେରେଶନ କପ୍ ଆଥଲେଟିକ୍ସରେ ରବିବାର ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସ୍।

# ଭୀରପଲ, ସନ୍ତୋଷଙ୍କୁ ୪୦୦ମି. ହର୍ଡଲ୍ସ ସ୍ୱର୍ଣ୍ଣ

## କଳିଙ୍ଗରେ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଆରମ୍ଭ

■ ମହିଳା ୨୦୦ ମିଟର ଫାଇନାଲରେ ଶ୍ରାବଣୀ

ଭୁବନେଶ୍ୱର, ୧୨।୫
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ରବିବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ଓ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ଯଥାକ୍ରମେ ପଞ୍ଜାବର ଭୀରପଲ କୌର ଓ ତାମିଲନାଡୁର ସନ୍ତୋଷ କୁମାର ଟି. ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ୪୦୦ ମିଟର ହର୍ଡଲ୍ସରେ ଭୀରପଲ ୫୯.୪୩ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିବାବେଳେ କେରଳର ସାଲିନି ଭଲୁପରମବିଲ କ୍ରିସ୍ ୧:୦୦.୭୩ ଓ ପଞ୍ଜାବର ରମଣଦୀପ କୌର ୧:୦୧.୨୯ ସେକେଣ୍ଡ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ସେହିପରି ପୁରୁଷ ବିଭାଗରେ ସନ୍ତୋଷ ୫୦.୦୪, ପଞ୍ଜାବର ନିଖିଲ ଭରଦ୍ୱାଜ ୫୦.୯୨ ଓ ଗୁଜରାଟର ଧାଭଲ ମହେଶ ଉତେକର ୫୧.୧୩ ସେକେଣ୍ଡ ନେଇ ପ୍ରଥମ ତିନି ସ୍ଥାନ ପାଇଥିଲେ। ଓଡ଼ିଶାର ଶ୍ରାବଣୀ ନନ୍ଦ ମହିଳା ୨୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରିଲିମ୍ ହିଟ୍-୩ରେ ରେସ୍ କରିଥିବା ଶ୍ରାବଣୀ ୨୪.୧୮ ସେକେଣ୍ଡ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ସହ ତାମିଲନାଡୁର ଗିରିଧାରିଣୀ ରବିକୁମାର, ଆନ୍ଧ୍ରପ୍ରଦେଶର ଚେଲିମି, ଦିଲ୍ଲୀର ଶବ୍‌ନମ୍, କେରଳର ବିସ୍ମୟ ଭି.କେ., ଗୁଜରାଟର ଦିବ୍ୟନିବା ମହେନ୍ଦ୍ରସି, କର୍ଣ୍ଣାଟକର ଉନ୍ନଥି ଆୟାପ୍ପା ବୋଲାନ ଓ ତେଲଙ୍ଗାନାର ନିଥ୍ୟା ଗାନ୍ଧେ ଫାଇନାଲରେ ରେସ୍ କରିବେ। ପୁରୁଷ ପୋଲଭଲ୍ଟରେ ମଧ୍ୟପ୍ରଦେଶର ଦେବ କୁମାର ମୀନା ୫.୧୦, ଉତ୍ତର ପ୍ରଦେଶର ଶେଖର କୁମାର ପାଣ୍ଡେ ୪.୯୦ ଓ ତାମିଲନାଡୁର ହରିହରନ ୪.୦ ମିଟର କ୍ଲିୟର କରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା ଜାଭେଲିନ ଥ୍ରୋରେ ଆନ୍ଧ୍ର ପ୍ରଦେଶର ରଶ୍ମି କେ. ୫୪.୭୫, କର୍ଣ୍ଣାଟକର କରିସ୍ମା ଏସ୍. ୪୯.୯୧ ଓ ପଞ୍ଜାବର ରୁପିନ୍ଦର କୌର ୪୭.୬୬ ସେକେଣ୍ଡ ନେଇ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ମହିଳା ଟ୍ରିପଲ ଜମ୍ପରେ ଆନ୍ଧ୍ର ପ୍ରଦେଶର ଏମ୍. ଅନୁଶା ୧୩.୫୩, କେରଳର ଶିନା ଏନ.ଭି. ୧୩.୩୨ ଓ କେରଳର ଗାୟତ୍ରୀ ଶିବକୁମାର ୧୩.୦୮ ମିଟର ସହ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏସିଆନ ଗେମ୍ସ ମେଡାଲିଷ୍ଟ ତାମିଲନାଡୁର ଭିଥ୍ୟା ରାମରାଜ ବ୍ୟାକ୍‌ପେନ୍ ଯୋଗୁ ଏଠାରେ ମହିଳା ୪୦୦ ମିଟର ହର୍ଡଲ୍ସରେ ଅଂଶଗ୍ରହଣ କରିପାରି ନ ଥିଲେ।





**୪୦୦ ମିଟର ହର୍ଡଲ୍ସ:** ମହିଳା ଓ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ଭୀରପଲ କୌର ଓ ସନ୍ତୋଷ କୁମାର ଟି.।



ପୁରୁଷ ପୋଲଭଲ୍ଟରେ ସ୍ୱର୍ଣ୍ଣ ବିଜେତା ଦେବ କୁମାର ମୀନା।




ମହିଳା ଜାଭେଲିନ୍ ଥ୍ରୋର ପଦକ ବିଜେତାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।



ପୁରୁଷ ୪୦୦ ମିଟର ହର୍ଡଲ୍ସ ଅବସରରେ ପ୍ରତିଯୋଗୀମାନେ।

# ସ୍କୁଲ୍ସ ଓପନ ଚେସ୍: ଭିନିତ ଚାମ୍ପିୟନ

ଭୁବନେଶ୍ୱର, ୧୨।୫
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ତ୍ରିନାଥ ଦାସ ମେମୋରିଆଲ ସ୍କୁଲ୍ସ ଓପନ ଚେସ୍‌ରେ ବିଜେଇଏମ୍-୧ର ଭିନିତ ନାୟକ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୪.୫ ପଏଣ୍ଟ ସହ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱର ଷ୍ଟିଓ୍ୱାର୍ଟ ସ୍କୁଲର ଶାଶ୍ୱତ ମହାପାତ୍ର ଓ ସେଣ୍ଟ ଜାଭିୟର ହାଇସ୍କୁଲ (କେଦାରଗୌରୀ)ର ନମସ୍ୟ ନଳିନୀ ୪ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସାଇ ବିଦ୍ୟାଶ୍ରୀ, ଦିବ୍ୟାଂଶୁ ଦାସ, ସତ୍ୟ ନାରାୟଣ ସ୍ୱାଇଁ, ରୁଦ୍ର ପ୍ରତାପ ମିଶ୍ର, ହୃଦୟ ଶ୍ରୀନିବାସ, ଦିବ୍ୟାଂଶ ମହନ୍ତ ଓ ଆଦ୍ୟାଶ୍ରୀ ପଣ୍ଡା ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୬ ଖେଳାଳିଙ୍କୁ ଏଜ୍‌ଗ୍ରୁପ୍ ଏବଂ ୫ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଏହାର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ତ୍ରିନାଥ ଦାସଙ୍କ ଝିଅ ସବିତା ଦାସ, ସ୍ୱାଇଁ ଦେବବ୍ରତ ପଟ୍ଟନାୟକ, ନାତୁଣୀ ଦେବାଂଶୀ ପଟ୍ଟନାୟକ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଥିଲେ।



ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଅର୍ମାନ, ସାର୍ଥକଙ୍କ ହାଟ୍ରିକ୍

## ସବ୍‌ଜୁନିୟର ଲିଗ୍ ଫୁଟ୍‌ବଲ

ଭୁବନେଶ୍ୱର,୧୨।୫
(ସରୋଜ ଜେନା)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସବ୍‌ଜୁନିୟର ଲିଗ୍ ଫୁଟ୍‌ବଲରେ ରବିବାର କର୍ବେଟ୍ ଏଫ୍‌ସି, ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ଓ ଟିଡିମ୍ ରୋଡ୍ ଆଥଲେଟିକ୍ ୟୁନିୟନ ବିଜୟୀ ହୋଇଛନ୍ତି। ୩ ମ୍ୟାଚ୍‌ରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ଅଧିନାୟକ ଅର୍ମାନ ମହମ୍ମଦ ଓ ଦ ସ୍ପୋର୍ଟ୍ସ ସ୍କୁଲର ସାର୍ଥକ ଭଟ୍ଟରାୟ ହାଟ୍ରିକ୍ ଅର୍ଜନ କରିଥିଲେ।

ପ୍ରଥମ ମ୍ୟାଚ୍‌ରେ କର୍ବେଟ ଏଫ୍‌ସି ୭-୪ ଗୋଲରେ ପାରାପୁର ଏଫ୍‌ସିକୁ ପରାସ୍ତ କରିଛି। କର୍ବେଟ୍ ପକ୍ଷରୁ ବିଶାଲ ସିଂ ଭଣ୍ଡାରି ଡବଲ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗସ୍ତସ୍ୟ ଗୁପ୍ତା, ଦିବ୍ୟାଂଶ ସିଘେଂଲ, ଅଭିନବ ଡାଙ୍ଗି, ରିଶାନ୍ତ ରାଓ୍ୱତ ଓ ଦୀକ୍ଷାନ୍ତ ଯୋଶୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ୫-୧ ଗୋଲରେ ବେଲ୍‌ଗାମ ୟୁନାଇଟେଡ୍‌କୁ ପରାସ୍ତ କରିଥିଲା। ମୁମ୍ବାଇ ପକ୍ଷରୁ ଅଧିନାୟକ ଅର୍ମାନ୍ ମହମ୍ମଦ (୧୯,୪୭ ଓ ୫୦+୨) ମିନିଟରେ ସ୍କୋର କରି ହାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରିଉସ ଡାଡିବୁର୍ଜୋର ୨୦ ଓ ଶାବଲିନ ପିକାଲେ ୩୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଅନ୍ତିମ ମ୍ୟାଚ୍‌ରେ ଅଧିନାୟକ ସାର୍ଥକ ଭଟ୍ଟରାୟଙ୍କ ହାଟ୍ରିକ୍ ସତ୍ତ୍ୱେ ଟିଡିମ୍ ରୋଡ ଆଥଲେଟିକ୍ ୟୁନିୟନ ନିକଟରୁ ୬-୫ ଗୋଲରେ ପରାଜିତ ହୋଇଛି ଦ ସ୍ପୋର୍ଟ୍ସ ସ୍କୁଲ। ସାର୍ଥକ ଭଟ୍ଟରାୟ(୩୨,୩୪,୩୯, ୪୯) ଗୋଲ ଦେଇଥିଲେ। ଟିଡିମ୍ ରୋଡ ପକ୍ଷରୁ ଆହେବାମ ରୋନନଦେବ) ଓ ସିନମ ପାଇଖୋମ୍ବା ସିଂ ଡବଲ ଗୋଲ ଦେଇଥିଲେ। ଆବୋଚା ଚୁଙ୍ଗଖାମଓ ଟାମ୍ପାକମାୟୁମ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ସୁପରବେଟ୍ ଚେସ୍: କାର୍ଲସେନଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ

**ୱାରସ,୧୨।୫(ପି.ଟି.):** ପୋଲାଣ୍ଡରେ ଅନୁଷ୍ଠିତ ସୁପରବେଟ୍ ବ୍ଲିଜ୍ ଓ ରାପିଡ୍ ଚେସ୍ ଟୁର୍ନାମେଣ୍ଟରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ନରଓ୍ୱେର ମାଗ୍ନସ୍ କାର୍ଲସେନଙ୍କୁ ପରାସ୍ତ କରିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ। ଚାଇନାର ୱେଇ ୟି ୨୦.୫ ପଏଣ୍ଟ ସହ ଏକ ନମ୍ବର ସ୍ଥାନ ବଜାୟ ରଖିଥିବା ବେଳେ ୧୮ ପଏଣ୍ଟ ସହ କାର୍ଲସେନ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବ୍ଲିଜ୍ ଇଭେଣ୍ଟରେ ଆହୁରି ୯ ରାଉଣ୍ଡ ବାକି ରହିଥିବା ବେଳେ ପ୍ରଜ୍ଞାନନ୍ଦ ୧୪.୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଇରିଗାସୀ ୧୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ପୋଲାଣ୍ଡର ଡୁଡା ଜାନ କ୍ରିଷ୍ଟୋଫ୍(୧୩ ପଏଣ୍ଟ), ଉଜ୍‌ବେକିସ୍ତାନର ଡିର୍ବେକ ଅବଦୁସାଟ୍ଟୋରୋଭ(୧୨.୫ ପଏଣ୍ଟ), ଜର୍ମାନୀର କିରିଲ୍ ଶିଚେଭେଙ୍କୋ(୧୧ ପଏଣ୍ଟ) ଓ ନେଦରଲାଣ୍ଡ୍ସର ଅନିଶ ଗିରି (୧୦.୫ ପଏଣ୍ଟ) ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ତେବେ ଆଶ୍ଚର୍ଯ୍ୟଜନକ ଭାବେ କ୍ୟାଣ୍ଡିଡେଟ୍ସ ଚେସ୍ ଚାମ୍ପିୟନ ଡି. ଗୁକେଶ ୯.୫ ପଏଣ୍ଟ ସହ ଅନ୍ତିମ ସ୍ଥାନରେ ରହିଛନ୍ତି।



ପ୍ରଜ୍ଞାନନ୍ଦ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ